# ବିଶ୍ୱାସ ପାଇଁ ଖାଦ୍ୟ

*ଏକ ବାଇବଲ ସମ୍ବନ୍ଧୀୟ ପୁସ୍ତକ*

ରିଚାର୍ଡ. ଏ. ବେନେଟ୍ ବ୍ୟକ୍ତିଗତ ଭାବରେ ମଣ୍ଡଳୀଗୁଡ଼ିକରେ, ସଭାସମିତିଗୁଡ଼ିକରେ ଏବଂ ବାଇବଲ କଲେଜଗୁଡ଼ିକରେ ବିଶେଷ ଭାବରେ, ଆମେରିକା, କାନାଡା, ଇଉରୋପ ଏବଂ ଆଫ୍ରିକାରେ ଦୀର୍ଘ ପଇଁଚାଳିଶ ବର୍ଷ ଧରି ସେବା କାର୍ଯ୍ୟ କରିଥିଲେ । ପଇଁଚାଳିଶ ବର୍ଷ ମଧ୍ୟରୁ କୋଡିଏ ବର୍ଷ ପର୍ଯ୍ୟନ୍ତ ତାଙ୍କର ବାଇବଲ ଶିକ୍ଷା ନିୟମିତ ଭାବରେ ପାଞ୍ଚଟି ମହାଦେଶରେ, ଟ୍ରାନ୍ସୱାଲର୍ଡ ରେଡିଓ ମିଶନ୍ ରେଡିଓ ତରଫରୁ ଏବଂ ଫାର୍ ଇଷ୍ଟ ବ୍ରଡ଼କାଷ୍ଟିଙ୍ଗ କର୍ପୋରେସନ୍ ତରଫରୁ ପ୍ରଚାର କରାଯାଇଥିଲା । ମିଶ୍ନେରୀ ଯୋଜନା ମଧ୍ୟଦେଇ ରିଚାର୍ଡ ଏବଂ ତାଙ୍କ ସ୍ତ୍ରୀ ଡରଥିଙ୍କର ଅତିଶୟ ଆଗ୍ରହ ଲୋକମାନଙ୍କୁ ପୁନରୁତ୍ଥିତ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କୁ ଅଧିକ ନିବିଡ଼ ଭାବେ ଜାଣିବା ପାଇଁ ସାହାଯ୍ୟ ହେବ ।

"ଆଶାତୀତ ଲାଭ ପାଇଁ ଆତ୍ମିକ ଖାଦ୍ୟ ନିଶ୍ଚିତ ଭାବରେ ପ୍ରଶଂସାଯୋଗ୍ୟ, ଯୁକ୍ତି ସଂଗତ ଏବଂ ସମ୍ପୂର୍ଣ୍ଣ ଗ୍ରହଣ ଯୋଗ୍ୟ । ଡ଼. ବେନେଟ୍ ଆମକୁ ଦେଖାନ୍ତି ଯେ କିପରି ଏହା କାର୍ଯ୍ୟକାରୀ ହୋଇପାରିବ ।"

***ଡକ୍ଟର ଷ୍ଟିଫେନ୍. ଏଫ୍ ଅଫୋର୍ଡ***



0817362583351

Food for faith
(*Oriya*)

ବିଶ୍ୱାସ ପାଇଁ ଖାଦ୍ୟ

ବେନେଟ୍

# ବିଶ୍ୱାସ ପାଇଁ ଖାଦ୍ୟ



## ରିଚାର୍ଡ୍. ଏ. ବେନେଟ୍

www.ccim-media.com

# ବିଶ୍ୱାସ ପାଇଁ ଖାଦ୍ୟ

*ଈଶ୍ୱରଙ୍କ ସହିତ ସ୍ଥାୟୀ ଏବଂ ବାସ୍ତବ ସହଭାଗିତା ପାଇଁ ଏକ ବାଇବଲଭିତ୍ତିକ ନିର୍ଦ୍ଦେଶାବଳୀ*


**ରିଚାର୍ଡ଼. ଏ. ବେନେଟ୍**

*ଅନୁବାଦ : ଶ୍ରୀମତୀ ଜୟନ୍ତୀ ନନ୍ଦ*

ଏହି ପୁସ୍ତକଟି ‘‘କ୍ରସ୍ କରେଣ୍ଟ୍ ଇଣ୍ଟର୍‌ନ୍ୟାସନାଲ୍ ମିନିଷ୍ଟ୍ରିସ୍’’ ସଂସ୍ଥାର ପ୍ରତ୍ୟେକ ସୁସମାଚାର ପ୍ରଚାରକ, ଯେଉଁମାନେ ବିଶ୍ୱସ୍ତତାର ସହିତ ମୋର ଓ ମୋ’ ସ୍ତ୍ରୀଙ୍କ ସହିତ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଶ୍ରଦ୍ଧାର ସହିତ ସମର୍ପଣ କରୁଛି ।

‘‘ବିଶ୍ୱାସ ପାଇଁ ଖାଦ୍ୟ’’ ପୁସ୍ତକଟି ପୃଥିବୀର ଅନେକ ଭାଷାରେ ଯଥା— ଆରବୀ, ଫ୍ରେଞ୍ଚ, ଜର୍ମାନୀ, ହଂଗେରୀ, କୋରିଆ, ପର୍ତ୍ତୁଗାଲ୍ ଓ ଋଷିଆ ଭାଷାରେ ‘‘କ୍ରସ୍ କରେଣ୍ଟ୍ ଇଣ୍ଟର୍ ନ୍ୟାସ୍‌ନାଲ୍’’ ସେବାକାର୍ଯ୍ୟର ସଂସ୍ଥାର ଆଉ ଏକ ବିଭାଗ ଦ୍ୱାରା ମୁଦ୍ରଣ ହୋଇ ସାରିଛି ଓ ଆହୁରି ଅନେକ ପୁସ୍ତକର ଅନୁବାଦ ଓ ମୁଦ୍ରଣର କାର୍ଯ୍ୟ ବାକି ରହିଛି ।

# ସୂଚୀପତ୍ର


ଭୂମିକା 9

ମୂଖବନ୍ଧ 11

**୧. ପ୍ରତିଦିନର ଆନନ୍ଦ** 17

**୨. ମସ୍ତକ ଏବଂ ହୃଦୟ** 27

*ମସ୍ତକ* 30

*ହୃଦୟ* 34

**୩. ପ୍ରାର୍ଥନାପୂର୍ଣ୍ଣ ପ୍ରସ୍ତୁତିକରଣ** 43

*ତୁମର ଆଣ୍ଠୁଗୁଡ଼ିକୁ ଭାଙ୍ଗ* 46

*ତୁମର ହୃଦୟକୁ ଉନ୍ମୁକ୍ତ କର* 49

*ମୋର ସ୍ୱର୍ଗୀୟ ଦୃଷ୍ଟିକୋଣ* 64

*ମୋର ଜାଗତିକ ସମସ୍ୟା* 70

**୪. ଏକତ୍ର ସମୟ** 81

*ବାଧତାର ଉତ୍ତର* 84

*ବିଶ୍ୱାସର ଯୁକ୍ତିଯୁକ୍ତତା* 87

*ଉପାସନାର ବାସ୍ତବତା* 91

*ବାକ୍ୟର କମାଣ ପ୍ରୟୋଗକାରୀ ସେନା* 93

**୫. ବିଶ୍ୱାସର ଉପାଦାନ** 105

**୬. କହିବାକୁ ସମୟ** 119

*ଉଚ୍ଛୁଳି ଉଠୁଥିବା ସୁସମାଚାର* 124

**୭. ଫଳ କିମ୍ବା ଅଗ୍ନି** 133

*ଧଳା ପୃଷ୍ଠାଗୁଡ଼ିକ* 136

*ନଷ୍ଟ ହୋଇଥିବା ବର୍ଷଗୁଡ଼ିକ* 138

*ଅନନ୍ତ ଜ୍ୟୋତିଃ* 141

**୮. ଆସ ଏବଂ ଭୋଜନ କର** 145

*କ. ଏକତ୍ର ସମୟ* 166

*ଖ. ବାଇବଲ ଅଧ୍ୟୟନ* 167

*ଗ. ପ୍ରତିଦିନର ପ୍ରାର୍ଥନା ...* 168



# ଭୂମିକା

ରିଚାର୍ଡ଼.ଏ.ବେନେଟଙ୍କର ନୂତନ ପୁସ୍ତକ ''ବିଶ୍ୱାସ ପାଇଁ ଖାଦ୍ୟ'' *(Food for Faith)* ପୁସ୍ତକଟିକୁ ପ୍ରଶଂସା କରିବା ପାଇଁ ଏହା ଏକ ବଡ଼ ସୁଯୋଗ । ତାଙ୍କର ପୂର୍ବ ପ୍ରକାଶିତ ''ଈଶ୍ୱରଙ୍କ ପାଇଁ ତୁମର ଅନ୍ୱେଷଣ'' *(Your Quest for God)* ପୁସ୍ତକଟିର ଏକ ଉପଯୁକ୍ତ ପରିଶିଷ୍ଟ । ମନୁଷ୍ୟ ବିଶ୍ୱାସ ବିନା ଈଶ୍ୱରଙ୍କ ନିକଟକୁ ଆସି ପାରିବ ନାହିଁ । (ଏବ୍ରୀ ୧୧:୬) ଏବଂ ସେ ବିଶ୍ୱାସ ବିନା ଈଶ୍ୱରଙ୍କ ପାଇଁ ବଞ୍ଚି ପାରିବ ନାହିଁ (ରୋମୀ ୧: ୧୭) । ଏହି କାରଣରୁ ବିଶ୍ୱାସ ନିଶ୍ଚିତ ଭାବରେ ପ୍ରାଥମିକ ସ୍ତରରେ ବା ମୌଳିକ ଭାବରେ (ରୋମୀୟ ୧୦ : ୧୭) ଏବଂ ଲଗାତର ଭାବରେ (୧ମ ପିତର ୨ : ୧-୩) ଗ୍ରହଣ କରିବା ବା ଖାଇବା ଆବଶ୍ୟକ ହେବା ଉଚିତ୍ । (ଏବ୍ରୀ ୫ : ୧୨-୧୪) ପରିଶେଷରେ ବିଶ୍ୱାସ ବିଷୟରେ ପ୍ରଭୁ ଯୀଶୁ ଘୋଷଣା କରି କହିଲେ, *''ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ (ମାଥିଉ ୪ : ୪)* । ବହୁ ପୂର୍ବରୁ ଯିରିମିୟ ଭାବବାଦୀ ମଧ୍ୟ ଏ ବିଷୟରେ ଦୃଢ଼ ଭାବରେ ଅନୁମୋଦନ କରି ଏହି ନୀତି ଉପରେ ଲେଖିଥିଲେ, *''ତୁମ୍ଭର ବାକ୍ୟ ପ୍ରାପ୍ତ ହେଲା, ପୁଣି ମୁଁ ତାହା ଭୋଜନ କଲି । ଆଉ ତୁମର ବାକ୍ୟ ମୋର ଆନନ୍ଦ ଓ ଚିତ୍ତର ଆହ୍ଲାଦଜନକ ହେଲା । କାରଣ ହେ ସୈନ୍ୟାଧିପତି ସଦାପ୍ରଭୁ, ପରମେଶ୍ୱର, ମୁଁ ତୁମ୍ଭ ନାମରେ ଖ୍ୟାତ ଅଟେ (ଯିରିମିୟ ୧୫ : ୧୬)* ।

ଅଧିକରୁ ଅଧିକ ଅନୁଗ୍ରହ ଲାଭ ପାଇଁ ଆତ୍ମିକ ଖାଦ୍ୟ ପ୍ରଶଂସା ଯୋଗ୍ୟ, ଉପଯୁକ୍ତ ଏବଂ ତା'ପରେ ତାକୁ ଆପଣାର କରି ନେବା । ଡକ୍ଟର୍ ବେନେଟ୍, ଆମକୁ ଦେଖାନ୍ତି ଯେ, କିପରି ଏହି ପଦ୍ଧତିଗୁଡ଼ିକ ଈଶ୍ୱରଙ୍କ ସହିତ ଆମର ''ଏକତ୍ରୀକରଣ''ରେ ସ୍ଥାନ ପାଇଥାଏ । ଅଷ୍ଟମ ଅଧ୍ୟାୟଟି ବିଶେଷ ଭାବରେ ଏହି ପ୍ରସଙ୍ଗରେ ଅଧିକ ସାହାଯ୍ୟକାରୀ ହୋଇ ପାରିବ ।

ଆଜିର ଦିନରେ ଏଇ ଶତାବ୍ଦୀର ମାନବ ଜାତି ଯେତେବେଳେ ମୁଷ୍ଟିମେୟ ଖ୍ରୀଷ୍ଟିୟାନମାନଙ୍କର ମନକୁ ବୁଝେଇ ଭାବିଛନ୍ତି ଯେ, ଅର୍ନ୍ତବାସୀ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ନ କରି ମଧ ସେ ବଞ୍ଚି ପାରିବ (ଗାଲାତୀୟ ୨ : ୨୦)। ''ବିଶ୍ୱାସ ପାଇଁ ଖାଦ୍ୟ'' ପରି ଏକ ପୁସ୍ତକ ଆମ ସମସ୍ତଙ୍କ ପାଇଁ ସ୍ୱର୍ଗରୁ ଏକ ବାର୍ତ୍ତା । ଈଶ୍ୱର ଏହି ପୁସ୍ତକଟିର ସେବା କାର୍ଯ୍ୟ ଉପରେ ଆଶୀର୍ବାଦ କରନ୍ତୁ, ଯେପରି ଏହା ତାହା ଆଗରେ ଥିବା କାର୍ଯ୍ୟରେ ଆଗକୁ ଯିବ ।

ଡକ୍ଟର. ଷ୍ଟିଫେନ୍. ଏଫ୍. ଅଲଫୋର୍ଡ଼
ସ୍ଥାପୟିତା ଏବଂ ସଭାପତି
ବାଇବଲ ପ୍ରଚାର (ପାଇଁ) ଅନୁଷ୍ଠାନ
ମେମ୍ଫିସ୍, ଟେନେସେ



# ମୁଖବନ୍ଧ

ବିଶ୍ୱାସ ପାଇଁ ଖାଦ୍ୟପୁସ୍ତକଟି ପ୍ରକୃତରେ ''ଈଶ୍ୱରଙ୍କ ପାଇଁ ତୁମ ଅନ୍ୱେଷଣ'' ପୁସ୍ତକର ପରିଣାମ ବା ଶେଷ ଫଳ । ଗୋଟିଏ ପୁସ୍ତକ ମୁଁ ଓ ମୋର ସ୍ତ୍ରୀ ଡରଥି ଯେତେବେଳେ ଆମର ''ପଚିଶତମ ବିବାହ ବାର୍ଷିକୀକୁ ପାଦ ଦେଇଥିଲୁ, ସେତେବେଳେ ମୁଁ ଲେଖିଥିଲି । ସେହି ସମୟରେ ଆମେ ଚାହିଥିଲୁ ଏହି ପୁସ୍ତକଟିକୁ ଲେଖି, ଛପାଇ ଓ ପ୍ରକାଶ କରି ସୁସମାଚାର ବାର୍ତ୍ତା ଉପହାର ଦେଇ ଈଶ୍ୱରଙ୍କୁ ଆମର ଆଗତୁରା ଧନ୍ୟବାଦ ଜଣାଇଥାନ୍ତୁ ।

''ଈଶ୍ୱରଙ୍କ ପାଇଁ ତୁମ ଅନ୍ୱେଷଣ'' ପୁସ୍ତକଟି ପ୍ରଥମରେ ପଚିଶହଜାରଟି ପୁସ୍ତକ ମୁଦ୍ରଣ କରା ଯାଇଥିଲା । ତା'ପରେ ତାଙ୍କ ପାଇଁ ଆମର ଏହି ସରଳ ପ୍ରେମର ଉପହାରଟିକୁ ସେ ଉପଯୁକ୍ତ ଦେଖିଥିଲେ ଓ ଏହା ଏକ ଅଧିକ ଉଲ୍ଲେଖନୀୟ ଉପାୟ ବୋଲି ମନେ କରିଥିଲେ ।

ଆଜି ଦୁଇ ନିୟୁତରୁ ଅଧିକ ଖଣ୍ଡ ପୁସ୍ତକ ତିରିଶଟି ଭାଷାରେ ସାରା ପୃଥିବୀରେ ବଣ୍ଟା ସରିଲାଣି । ଏ ପୁସ୍ତକଟିର ଚାହିଦା ନାଟକୀୟ ଭାବରେ ଲଗାତର ବଢ଼ି ଚାଲିଛି । ଆମର ବଡ଼ ବଡ଼ ଆନନ୍ଦ ଗୁଡ଼ିକ ମଧ୍ୟରୁ ଏହା ଶୁଣି ଅଧିକ ଖୁସି ଲାଗୁଛି ଯେ, ଅଗଣିତ ଲୋକ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଅଗଣିତ ଲୋକ ଏହି ପୁସ୍ତକ ପାଠ କରି ପୁର୍ନଜନ୍ମ ଲାଭ କରିଛନ୍ତି ।

ତା'ପରେ ଆମେ ଆମର ପଞ୍ଚିତିରିଶତମ ବିବାହ ବାର୍ଷିକୀ ପାଳନ କରିବାକୁ ଥିବା ବେଳେ ଏହି ବର୍ଷର ମଧ୍ୟବର୍ତ୍ତୀ ସମୟରେ ସୁସମାଚାର ପ୍ରଚାର ପାଇଁ ଦ୍ୱାରଗୁଡ଼ିକ ଉନ୍ମୁକ୍ତ ଥିଲା । ସେଥିପାଇଁ ''ଈଶ୍ୱରଙ୍କ ପାଇଁ ତୁମର ଅନ୍ୱେଷଣ'' ପୁସ୍ତକଟି ଏତେ ପରିମାଣରେ ବଣ୍ଟନ କରାଯାଇଥିଲା ଯେ, ଦଶ ବର୍ଷ ପୂର୍ବରୁ ତାହା ଆମେ କେବେ ବି କଳ୍ପନା କରି ନ ଥିଲୁ । ଫଳତଃ ଆମେ ଚିନ୍ତା କଲୁ ଯେ, ଆମର ସ୍ୱର୍ଗୀୟ ପିତାଙ୍କୁ ଆମର ବୃଦ୍ଧି ପାଉଥିବା ପ୍ରେମ ଓ କୃତଜ୍ଞତା ଜଣାଇବା ପାଇଁ ''ବିଶ୍ୱାସ ପାଇଁ ଖାଦ୍ୟ'' ପୁସ୍ତକଟିକୁ ମୁଦ୍ରଣ ଓ ପ୍ରକାଶ କରିବା ଠାରୁ ଅନ୍ୟ ଉତ୍ତମ ବାଟ ନାହିଁ ।

''ଈଶ୍ୱରଙ୍କ ପାଇଁ ତୁମର ଅନ୍ୱେଷଣ'' ପୁସ୍ତକଟିକୁ ଈଶ୍ୱର ଯେପରି ଆଶୀର୍ବାଦ କରିଥିଲେ । ସେ ମଧ୍ୟ ଏହି ଦ୍ୱିତୀୟ ପୁସ୍ତକଟିକୁ ସେପରି ବ୍ୟବହାର କରନ୍ତୁ । ଉଭୟଠାରେ ଏଠାରେ ହେଉ ବା ସାରା ପୃଥିବୀର ବିଭିନ୍ନ ଦେଶରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ଜୀବନ ଖୋଜୁଛନ୍ତି, ସେମାନଙ୍କ ପାଇଁ ଏକ ସହାୟକ ପୁସ୍ତକ ହେଉ ।

ଯାହା ବି ହେଉ, ''ବିଶ୍ୱାସ ପାଇଁ ଖାଦ୍ୟ'' ପୁସ୍ତକଟି କେବଳ ''ଈଶ୍ୱରଙ୍କ ପାଇଁ ତୁମର ଅନ୍ୱେଷଣ'' ପୁସ୍ତକର ଉତ୍ତର (ପରିଶିଷ୍ଟ) ନୁହେଁ । ତଥାପି ମୁଁ ବିଶ୍ୱାସ କରୁଛୁ ଯେ, ପ୍ରତ୍ୟେକ ବିଶ୍ୱାସୀ ଯେଉଁମାନେ ପ୍ରଭୁଙ୍କ ସହିତ ଅଧିକ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ପାଇଁ ଆକାଂକ୍ଷା କରନ୍ତି, ଏହି ପୁସ୍ତକଟି ସେମାନଙ୍କୁ ବହୁଳ ଭାବରେ ସାହାଯ୍ୟ କରିବ । ଏହା ଏତେ ସଚ୍ଚୋଟ ବା ସାଧୁ ପ୍ରାର୍ଥନାର ସହିତ ଲେଖାଯାଇଛି ଯେ, ପ୍ରତ୍ୟେକେ ଯେ କେହି ଏ ପୁସ୍ତକ ପାଠ କରିବ, ସେ ତା'ର ଖ୍ରୀଷ୍ଟିୟ ଜୀବନରେ ବିଶେଷ ସାହାଯ୍ୟ ଓ ଉତ୍ସାହ ଖୋଜି ପାଇବ ।

''ବିଶ୍ୱାସ ପାଇଁ ଖାଦ୍ୟ'' ପୁସ୍ତକଟିର ପ୍ରକୃତ ଅଭିମତ ବା ଉଦ୍ଦେଶ୍ୟ ନୁହେଁ ଯେ, ପୁସ୍ତକଟିକୁ ସାଧାରଣ ପୁସ୍ତକ ଭାବେ ପଢ଼ିବା ଏବଂ ପଢ଼ି ସାରିଲା ପରେ ତାକୁ ଅଲଗା କରି ରଖି ଦେବା, ମାତ୍ର ଏହାର ଉଦ୍ଦେଶ୍ୟ ହେଉଛି ଯେ, ପୁସ୍ତକଟିକୁ ଯତ୍ନର ସହ ବା ଧ୍ୟାନର ସହିତ ପଢ଼ିବାକୁ ଓ ସବୁବେଳେ ପାଖରେ ରଖିବା ଉଚିତ, ଯେପରି ଏହା ଏକ ହାତରେ ବ୍ୟବହାର କରି ପାରୁଥିବା ନିର୍ଦ୍ଦେଶକ ହୋଇ ପାରିବ ଏବଂ ଏହି ପୁସ୍ତକରେ ଥିବା ନୀତିଗୁଡ଼ିକ ଆମର ଖ୍ରୀଷ୍ଟିୟ ଜୀବନ ଗୁଡ଼ିକରେ ବିଶ୍ୱସ୍ତତାର ସହିତ ପ୍ରୟୋଗ କରି ପାରିବ ପୁଣି ଖ୍ରୀଷ୍ଟଙ୍କ ସହିତ କିପରି ଅଧିକ ଘନିଷ୍ଠତା ଓ ସଂଗତି ବୃଦ୍ଧି ପାଇବ ତାହା ଶିଖି ପାରିବା ବା ଜାଣି ପାରିବା ।

ଆମ ମଧ୍ୟରେ ଅନେକ ଜଣ ବିଚାର କରନ୍ତି ଯେ, ମଝିରେ ମଝିରେ ଆମ ଶରୀରର ଏକ ଡାକ୍ତରୀ ପରୀକ୍ଷା କରାଇ ନେବା ଏକ ବୁଦ୍ଧିମାନର କାର୍ଯ୍ୟ ଏବଂ ସେହି କାର୍ଯ୍ୟ କରିବା ପାଇଁ କିଛି ଟଙ୍କା ଓ କିଛି ସମୟ ଉପଯୋଗ କରିଥାନ୍ତି । ଏହା ଦ୍ୱାରା ସଠିକ୍ ରୋଗ ନିରୂପଣ କରାଯାଇ ଶାରୀରିକ ସମସ୍ୟା ଯଦି କିଛି ଥାଏ, ସେ ବିଷୟରେ ଅବଗତ ହୋଇପାରନ୍ତି ଓ ତା'ର ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା



କରିଥାନ୍ତି । ଡାକ୍ତର ରୋଗ ନିରୂପଣ ଡାକ୍ତର ରୋଗୀକୁ ପ୍ରାଥମିକ ଭାବରେ ପଚାରୁଥିବା କିଛିଟା ପ୍ରଶ୍ନ ଉପରେ ନିର୍ଭର କରିଥାଏ । ଡାକ୍ତର ପଚାରୁଥିବା ପ୍ରଶ୍ନଗୁଡ଼ିକ ଓ ରୋଗୀମାନେ ଦେଉଥିବା ଉତ୍ତର ସଠିକ ରୋଗ ନିରୂପଣ କରି ଶାରୀରିକ ସମସ୍ୟା ବିଷୟରେ ଜାଣି ସାରିଲା ପରେ ତାର (ରୋଗୀ) ଉପଯୁକ୍ତ ଚିକିତ୍ସାର ଆବଶ୍ୟକତା ହୋଇଥାଏ । ଠିକ୍ ସେହିପରି ପ୍ରତ୍ୟେକ ଖ୍ରୀଷ୍ଟିୟାନ ପାଇଁ ମଧ୍ୟ ଏହା ଏକ ବୁଦ୍ଧିମାନର କାର୍ଯ୍ୟ ହେବ, ଯଦି ମଝିରେ ମଝିରେ ନିଜ ନିଜ ଆତ୍ମିକ ଜୀବନର ପରୀକ୍ଷା କରି ନେବା । ଆଉ ଏ ସମସ୍ତ ବିଷୟ କରିବା ପାଇଁ ଆବଶ୍ୟକ ହୁଏ ''ନିର୍ମଳ ସାଧୁତା'' ଏବଂ ସମୟର ଉପଯୋଗ ଆମକୁ ଖ୍ରୀଷ୍ଟଙ୍କ ସହିତ ଏକାକୀ ରହିବା ଦିଗକୁ ଟାଣି ନେଇଥାଏ । ପ୍ରତ୍ୟେକ ଅଧ୍ୟାୟର ଶେଷରେ ଆମେ କେତେଗୁଡ଼ିଏ ପ୍ରଶ୍ନ ରଖିଛୁ ଯେପରି ତୁମେ ନିଜେ ନିଜର ଆତ୍ମିକ ଜୀବନର ସମୀକ୍ଷା କରି ପାରିବ । ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ପ୍ରଶ୍ନ ଦ୍ୱାରା ତୁମେ ଅଡୁଆ ବା ଅସୁବିଧା ଅନୁଭବ କରି ପାର । କିନ୍ତୁ, ଦୟାକରି ମନେରଖ ଯେ, ଗୋଟିଏ ଶାରୀରିକ ପରୀକ୍ଷାରେ ଯେଉଁ ସ୍ଥାନଟି ଅଧିକ ଯନ୍ତ୍ରଣାପୂର୍ଣ୍ଣ ହୋଇଥାଏ, ସେହି ଅଭ୍ୟନ୍ତର ସାଧାରଣତଃ ଯେଉଁଠି ସମସ୍ୟା ରହିଥାଏ ।

ଏହି ପୁସ୍ତକଟି ଲେଖୁଥିବା ସମୟରେ ଗୋଟଏ ଘଟଣା ସ୍ମରଣ କରୁଥିଲି, ଯାହାକି ମୋର ବନ୍ଧୁ ସ୍ୱର୍ଗୀୟ ଡକ୍ଟର. ଜେ. ଏଡଓ୍ୱିନ୍. ଓର୍, ମତେ କହିଥିଲେ । ସେ କହିଥିଲେ ଯେ, ''ଜଣେ ଅତି ପରିଚିତ ପ୍ରଚାରକ ବା ବକ୍ତାଙ୍କୁ ତାଙ୍କ ସହିତ ଯୋଗ ଦେବା ପାଇଁ ନିମନ୍ତ୍ରିତ କରିଥିଲେ । ତାଙ୍କ ସହିତ ଅନ୍ୟ କେତେକ ବଛା ବଛା ଖ୍ରୀଷ୍ଟିୟାନ ନେତା ବୃନ୍ଦ ଜାତୀୟ ସ୍ତରରେ ଆୟୋଜିତ ହୋଇଥିବା ଏକ ''କ୍ରମାଗତ ପ୍ରାର୍ଥନା'' ସଭା ପାଇଁ ଏକତ୍ରିତ ହୋଇଥିଲେ । ସେ ଯାହା ବି ହେଉ, ସେହି ''ନାମବିହୀନ ବକ୍ତା'' ଯାହାଙ୍କୁ ଏଡ୍‌ଉଇନ୍ ନିମନ୍ତ୍ରଣ କରିଥିଲେ ସେହି ବକ୍ତା ଜଣକ ତାଙ୍କର ଅଧିକ ବ୍ୟସ୍ତତା ହେଉ ପ୍ରାର୍ଥନା ସଭାରେ ଯୋଗ ଦେଇ ପାରୁ ନାହାନ୍ତି ବୋଲି ଏଡ୍‌ଉଇନ୍ ନମ୍ର ଭାବରେ ଘୋଷଣା କରିଥିଲେ । ସେହି ସମାନ ସମୟରେ ଏଡଉଇନ୍ ଆହୁରି କହିଥିଲେ ଯେ, ବକ୍ତା ମହାଶୟ ଏଠିକୁ ଆସି ନ ପାରିବା ହେତୁ ଯେଉଁ ପତ୍ର ଦେଇଛନ୍ତି ସେଥିରେ ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ, ''ଏହିପରି

ଏକ ପ୍ରାର୍ଥନା ସଭାରେ ଯୋଗ ଦେଇ ବାକ୍ୟ ପ୍ରଚାର କରିବା କେତେ ଖୁସିର ବିଷୟ'' । ଏହି ବିଷୟ ଶୁଣି ମତେ ମୋର ହୃଦୟ କହୁଥିଲା, *''ସତରେ ପ୍ରାର୍ଥନା ନ କରି ପ୍ରାର୍ଥନା ବିଷୟରେ କିଛି କହିଦେବା ବା କିଛି ଦି ପଦ କହିଦେବା କେଡ଼େ ସହଜ ।''* ଏହି କଥା ମୁଁ ଏକ ବିଶେଷଜ୍ଞ ଭାବରେ ଲେଖୁ ନାହିଁ ମାତ୍ର ଏକ କ୍ଷୁଧିତ ମନୁଷ୍ୟ ଆଉ ଏକ କ୍ଷୁଧିତ ମନୁଷ୍ୟକୁ ପଚାରୁଛି, *''ଖାଇବା ପାଇଁ ଆମେ ରୋଟୀ କୋଉଠୁ ପାଇବା ?''*

''ବିଶ୍ୱାସ ପାଇଁ ଖାଦ୍ୟ'' ପୁସ୍ତକଟି ଲେଖିବାରେ ମୋର ସ୍ତ୍ରୀ ଡରଥି କେବଳ ମୋର ଉତ୍ସାହ ପ୍ରଦାନକାରୀ ନ ଥିଲେ, ମାତ୍ର ସେ ଥିଲେ ତା'ଠାରୁ ଅଧିକ । ସମସାମୟିକ ଭାବରେ ସେ ମୋର ଈଶ୍ୱରଙ୍କ ସହିତ ଏକାକୀ ସମୟକୁ ଜଗୁ ଥିଲେ ଓ ଉତ୍ସାହ ପ୍ରଦାନ କରୁଥିଲେ । ସି.ଟି. ଷ୍ଟଡ଼ଙ୍କର ଏକ ପ୍ରାର୍ଥନାକୁ କେତେ ସ୍ୱଷ୍ଟ ଭାବରେ ମୁଁ ମନେ ପକାଏ, ଯାହା ଡରଥିଙ୍କୁ ଭେଟିବା ପୂର୍ବରୁ ମୁଁ ମଧ୍ୟ ସେହିପରି ପ୍ରାର୍ଥନା କରିଥିଲି । ସେହି ପ୍ରାର୍ଥନାଟି ଏହିପରି କରାଯାଇଥିଲା – ପ୍ରଭୋ, ଯଦି ତୁମେ ମୋ ପାଇଁ ଏକ ସହଧର୍ମିଣୀ ରଖିଛ, ତେବେ ତାକୁ ଏ ପ୍ରକାର କର, ଯେପରି ଯେତେବେଳେ ମୁଁ ପ୍ରଲୋଭିତ ହୋଇ ଥକି ପଡ଼ିବି କି କୌଣସି କାମରେ ପଛଘୁଞ୍ଚା ଦେବି, ସେ ମତେ କାମ କରିବା ପାଇଁ ଉତ୍ତେଜିତ କରି ପାରୁଥିବ । ଏହା କିପରି ଏକ ସୁଯୋଗ ଯେ, ମୁଁ ଠିକ୍ ସେହି ପ୍ରକାର ସ୍ତ୍ରୀ ପାଇଛି । ଈଶ୍ୱରଙ୍କର ଧନ୍ୟବାଦ ହେଉ ।

ଆଜିକୁ ପଚାଶ ବର୍ଷ ଅତିକ୍ରମ କଲାଣି, ମୋର ଖ୍ରୀଷ୍ଟରେ ପିତା ଡକ୍ଟର ଷ୍ଟିଫେନ ଅଫୋର୍ଡ଼ ମତେ ମୋର ପରିତ୍ରାଣ କର୍ତ୍ତାଙ୍କ ପାଖକୁ ନେଇ ଆସିଥିଲେ । ମୁଁ ଆହୁରି ଧନ୍ୟବାଦୀ ଯେ ଷ୍ଟିଫେନ ମଧ୍ୟ ଏକ ନିୟମିତ ବାଇବଲ ପଠନ ଓ ପ୍ରାର୍ଥନାକୁ ଅତିଶୟ ଗୁରୁତ୍ୱପୂର୍ଣ୍ଣ ସହ ମୋ ସହିତ ଅଂଶୀ କରାଇଥିଲେ ।

ଏହିପରି ଅନେକଗୁଡ଼ିଏ ଚିନ୍ତାଧାରାକୁ ମୁଁ ଏ ପୁସ୍ତକରେ ପ୍ରକାଶ କରିଛି, ଯାହା ଦ୍ୱାରା ଈଶ୍ୱରଙ୍କ ବାକ୍ୟ ମୋର ବ୍ୟକ୍ତିଗତ ଜୀବନରେ ପ୍ରତିଫଳିତ ହୋଇପାରିଛି ।

ଅନେକ ଈଶ୍ୱରଙ୍କ ମନୋନୀତ ଦାସମାନଙ୍କର ବାଇବଲ ସମ୍ବନ୍ଧୀୟ ଅନ୍ୟାନ୍ୟ ସତ୍ୟଗୁଡ଼ିକୁ ମଧ୍ୟ ପ୍ରକାଶ କରାଯାଇଛି । ଯେଉଁମାନଙ୍କୁ କି ଈଶ୍ୱର ଅନୁଗ୍ରହରେ



ମୋ ଜୀବନର ପଥ ମଧ୍ୟକୁ ଆଣିଥିଲେ । ଯଦିବା ସେହି ବିଶ୍ୱସ୍ତ ଦାସ ଓ ଦାସୀମାନେ ସଂଖ୍ୟାରେ ଅନେକ ଏବଂ ସେମାନଙ୍କୁ ଏହି କ୍ଷୁଦ୍ର ବ୍ୟବହାରିକ ପ୍ରକାଶନରେ ସମସ୍ତଙ୍କୁ ପରିଚିତ କରାଇବା ସମ୍ଭବ ନୁହେଁ । ମାତ୍ର ସେ ସମସ୍ତଙ୍କ ପାଇଁ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଛି ।

ବର୍ତ୍ତମାନ ''ବିଶ୍ୱାସ ପାଇଁ ଖାଦ୍ୟ'' ପୁସ୍ତକର ପ୍ରକାଶନ ମାଧ୍ୟମରେ ସାଧୁ ପାଉଲ ତାଙ୍କ ବିଶ୍ୱାସର ପୁତ୍ର ତୀମଥିଙ୍କୁ ଦେଇଥିବା ମୃଦୁ ଭର୍ତ୍ସନାତ୍ମକ ଆଦେଶକୁ ମୁଁ ମାନି ପାରିବି । ସେ ଯାହା କହିଥିଲେ – *''ଆଉ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁସବୁ ବାକ୍ୟ ମୋ ଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ । ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହି ସବୁ ଅର୍ପଣ କର'' (୨ୟ ତୀମଥି ୨ : ୨)* ।

ଯଦିବା ଏହି ପୁସ୍ତକଟି ବିଶ୍ୱାସୀମାନେ ପ୍ରଭୁ ଯୀଶୁଙ୍କ ସହିତ ଏକ ସାମୟିକ ସହଭାଗିତାକୁ ଉପଭୋଗ କରିବା ପାଇଁ ଲିଖିତ ହୋଇଛି । ତଥାପି ଯେଉଁମାନେ ଏ ପୁସ୍ତକର ପୃଷ୍ଠାଗୁଡ଼ିକ ପାଠ କରିବେ, ଯେଉଁମାନେ ପାପ କ୍ଷମା ପାଇବାର ଆନନ୍ଦକୁ ଜାଣି ପାରିନାହାନ୍ତି କି ଅନନ୍ତଜୀବନର ଚମତ୍କାର ପ୍ରତିଜ୍ଞା ବିଷୟରେ ଜାଣି ନାହାନ୍ତି । ତୁମେ ଯଦି ଜଣେ ସେ ପ୍ରକାର ବ୍ୟକ୍ତି, ତେବେ ମୁଁ ତୁମକୁ କହେ, ତୁମେ ବାଇବଲର ଯୋହନଙ୍କ ଲିଖିତ ସୁସମାଚାର ପୁସ୍ତକକୁ ଖୋଲ । ସେଠାରେ ତୁମେ ପଢ଼ିବ କାହିଁକି ଏହି ସୁସମାଚାର ତୁମ ପାଇଁ ଅଧିକ ସାହାଯ୍ୟକାରୀ ହୋଇ ପାରିବ । *''କିନ୍ତୁ ତୁମେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏ ନିମନ୍ତେ ଏ ସମସ୍ତ ଲେଖାଯାଇଅଛି'' (ଯୋହନ ୨୦ : ୩୧)* ।

*ମୋ ତୁଣ୍ଡକୁ ତୁମରି ବାକ୍ୟ କିପରି ମଧୁର । ହଁ, ମୋ*
*ମୁଖକୁ ତାହା ମଧୁ ଅପେକ୍ଷା ମଧୁର ! . . .*
*ଏହେତୁ ମୁଁ ସୁବର୍ଣ୍ଣ ଓ ଶୁଦ୍ଧ ସୁବର୍ଣ୍ଣ ଅପେକ୍ଷା*
*ତୁମ୍ଭ ଆଜ୍ଞା ସମୂହକୁ ସ୍ନେହ କରେ ।*

*(ଗୀତ ସଂହିତା ୧୧୯ : ୧୦୩ , ୧୨୭)*



# ପ୍ରତିଦିନର ଆନନ୍ଦ

**କି**ଛି ସମୟ ପୂର୍ବରୁ ଜଣେ ଅତି ଦୟାଳୁ ଖ୍ରୀଷ୍ଟିୟାନ ମହିଳା ବିନୀତ ଅନୁରୋଧ କରି କହିଲେ, ଦୟାକରି ପ୍ରାର୍ଥନା କରନ୍ତୁ ଯେ, ମୁଁ ଯେପରି ଈଶ୍ୱରଙ୍କ ସହିତ ଅଧିକ ଘନିଷ୍ଠ ସମ୍ପର୍କ ରଖିପାରିବି । ହଁ, ଯେ କୌଣସି ବ୍ୟକ୍ତିଗତ ସମ୍ପର୍କର ଘନିଷ୍ଠତାର ବିଭିନ୍ନ ସୋପାନ ରହିଛି ଏବଂ ତାହା ବିଶେଷ ଭାବରେ ଖ୍ରୀଷ୍ଟିୟାନମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ସହିତ ସମ୍ପର୍କ ବିଷୟରେ ସତ୍ୟ ।

ଏପରିକି ମନୁଷ୍ୟର ସମ୍ପର୍କଗୁଡ଼ିକ ମଧ୍ୟରେ ଭାବ ବିହ୍ୱଳତାର ବନ୍ଧନ ପ୍ରକୃତ ବନ୍ଧନ ହୋଇଥାଏ ସେତେବେଳେ ହିଁ ତାହା ପ୍ରସ୍ଫୁଟିତ ହୋଇଥାଏ, ଯେତେବେଳେ ଏହା ମନଗୁଡ଼ିକର ମିଳନ, ମୂଲ୍ୟବୋଧର ବଣ୍ଟନ, ସର୍ବସାଧାରଣ ଆଗ୍ରହ ବିଷୟରେ ଆନନ୍ଦ ସତ୍ୟତା ସହ ମୁକ୍ତ ଭାବରେ ମତ ଜଣାଇବା ଓ ମନର ମିଳନ ହୋଇଥାଏ ।

ଉଦାହରଣ ସ୍ୱରୂପ, ନିକଟ ଅତୀତରେ ମୋ ସ୍ତ୍ରୀ ଡରଥି ଓ ମୁଁ ଏକ ଚିଠି ପାଇଥିଲୁ । ଯାହା ଆମ ଉଭୟଙ୍କୁ ଚମତ୍କାର ଆନନ୍ଦ ଆଣି ଦେଇଥିଲା । ଏହି ଚିଠିଟି ଦୁଇ ଜଣ ଆଫ୍ରିକୀୟ ଲୋକଙ୍କ ଠାରୁ ଆସିଥିଲା । ସେଥିରେ ଏହିପରି ଲେଖା ଥିଲା— ଗତକାଲି ଆମେ ଶିଶୁ ଡରଥିକୁ ଡାକ୍ତରଖାନାରୁ ଘରକୁ ଆଣିଛୁ । ତାର ନାମ କରଣ ଅନୁସାରେ ସେ ନିୟାମୁବର୍ତ୍ତିତା ହେବାକୁ ସ୍ଥିର କରିଥିଲା । ଶିଶୁ ଡରଥି ନିରାପଦରେ ଓଜନ ହୋଇ ଆସିଥିଲା ଆଉ ତାର ଓଜନ ଥିଲା ତିନି କିଲୋଗ୍ରାମ ବା 6.1/2lbs ଯାହା ସେମାନଙ୍କ ପାଇଁ ଓ ତାର ପରିବାର ବର୍ଗଙ୍କ ପାଇଁ ଅବର୍ଣ୍ଣନୀୟ ବା ଅକଥନୀୟ ଆନନ୍ଦ ଥିଲା ।

ଯେତେବେଳେ ସେହି ଗର୍ବିତା ପିତାମାତା ତାଙ୍କର ନବ ଜନ୍ମିତ ଶିଶୁ ସନ୍ତାନଟିକୁ ଧରି ଫେରୁଥିଲେ ତାଙ୍କର ଆନନ୍ଦକୁ ଜାଣିବା କେତେ ସହଜ ଥିଲା । ଆଉ ତାଙ୍କର ଆନନ୍ଦ ଲାଗି ରହିଥାଏ ଯେତେବେଳେ ପିଲାଟି ମଧ୍ୟ ବଢ଼ି ଚାଲିଥାଏ । ଆମେ ଆନନ୍ଦରେ ବିଭୋର ହୋଇ ଯାଉଥିଲୁ ଯେତେବେଳେ ଶିଶୁଟି ତାର ପାଦ ହଲାଇ ଖେଳୁଥିଲା, ହସୁଥିଲା, ଯେତେବେଳେ ସେ ଆଣ୍ଠେଇ ଗୁରୁଣ୍ଡୁ ଥିଲା, ତା'ର କୁନି କୁନି ପାଦ ପକାଇ ପ୍ରଥମ କରି ଚାଲିବା ଆରମ୍ଭ କରିଥିଲା ଏବଂ ସବୁଠାରୁ ଉତ୍କଣ୍ଠାର ମୂହୁର୍ତ୍ତ ଥିଲା ଯେତେବେଳେ ସେ ଆମେ ପ୍ରଥମ କରି ଦାଦା, ମାମା ଡାକ ଶୁଣିଥିଲୁ ।

ନିଶ୍ଚିତ ଭାବରେ ଏକ ନୂତନ ଶିଶୁର ଏହି ସମସ୍ତ ଅର୍ନ୍ତନିହିତ ଗୁଣଗୁଡ଼ିକ ତାର ବୃଦ୍ଧିରେ ଦେଖା ଯାଇଥାଏ, ଏହା ଅତି ଆଶ୍ଚର୍ଯ୍ୟ ଯାହାକି ମନୁଷ୍ୟର ବୋଧର ଅଗମ୍ୟ । ଏପରିକି ଏହାଠାରୁ ମଧ୍ୟ ଅଧିକ ଚମତ୍କାର ଯେତେବେଳେ ଏକ ବ୍ୟକ୍ତି ସଦ୍ୟ ପୁର୍ନଜନ୍ମ ପାଇଥାଏ । ଜଣେ ଯେ କି ତାର ପ୍ରଥମ ପାଦ ତାର ଆତ୍ମିକ ଜୀବନର ଜନ୍ମଠାରୁ ଆଧ୍ୟାତ୍ମିକ ପରିପକ୍ୱତା ଆଡକୁ ଯାତ୍ରା ଆରମ୍ଭ କରିଥାଏ ।

ଦୁର୍ଭାର୍ଗ୍ୟବଶତଃ, ଯେପରିକି ମନୁଷ୍ୟ ଜୀବନ ତା'ର ଜନ୍ମଠାରୁ ବୟସ ପ୍ରାପ୍ତ ହୋଇ ପରିପକ୍ୱତା ଲାଭ କରିବା ପର୍ଯ୍ୟନ୍ତ କେବଳ ସୁଖର ପଥ ତାକୁ ଅନୁସରଣ କରି ନ ଥାଏ ବା ଶିଶୁଟିଏ ଜନ୍ମ ଲାଭ କଲେ ସମସ୍ତଙ୍କ ମନକୁ ଆନନ୍ଦିତ କରେ ମାତ୍ର ସେହି ଆନନ୍ଦ ସବୁ ସମୟ ପାଇଁ ରହି ନ ଥାଏ । କାରଣ ଯେଉଁ ସପ୍ତାହ ଶିଶୁ ଡରଥି ଜନ୍ମ ହେବାର ଖବର ଶୁଣିଥିଲୁ ସେହି ସମାନ ସପ୍ତାହ ମଧ୍ୟ ଏକ ଦୁଃଖର ସମ୍ବାଦ ମଧ୍ୟ ଶୁଣିବାକୁ ମିଳିଥିଲା । ଓହିଓ ଦେଶର ସିନ୍‌ସିନାଟି ସହରରେ ବାସ କରୁଥିବା ଆମର ବହୁଦିନର ଏକ ପୁରୁଣା ବନ୍ଧୁଙ୍କର ଏକୋଇଶି ବର୍ଷର ଝିଅଟି ମୃତ୍ୟୁବରଣ କରିଥିଲା । ଦୁଃଖର ବିଷୟ ଏହି ଯେ, ସେହି ଏକୋଇଶ ବର୍ଷର ଝିଅଟିର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ଶାରୀରିକ, ମାନସିକ ଏବଂ ସାମାଜିକ ଭାବରେ କୌଣସି ଅଭିବୃଦ୍ଧି ଘଟି ନ ଥିଲା । ଯଦିଓ ଝିଅଟିର ପିତାମାତା ପ୍ରେମରେ ତାର ନାମ କ୍ୟାରୋଲ (ଆନନ୍ଦର ସଙ୍ଗୀତ) ରଖିଥିଲେ । ଯେତେବେଳେ ସେ ମୃତ୍ୟୁବରଣ କରିଥିଲା, ସେତେବେଳେ ମଧ୍ୟ ସେ ଏକ ଏକୋଇଶ ବର୍ଷର ଶିଶୁ ପରି ଥିଲା ।



ଏକୋଇଶ ବର୍ଷ ବୟସର ଶିଶୁ ! ତାର ଅନ୍ତର୍ନିହିତ ଗୁଣ ବା ପିତାମାତାଙ୍କ ସହିତ ତାର କଥୋପକଥନ ସ୍ତବ୍ଧ ହୋଇ ଯାଇଥିଲା । ଏକ ମାନବିକ ଦୃଷ୍ଟି କୋଣରୁ ତା'ର ଜୀବନଯାତ୍ରା ବିଶେଷ ଭାବରେ ନଷ୍ଟ ହୋଇ ଯାଇଥିଲା ବା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥିଲା ଏବଂ ଯେପରି କ୍ୟାରୋଲ ତାର ଶୈଶବାବସ୍ଥାରୁ କେବେବି ପରିପକ୍ୱତା ଲାଭ କରି ପାରି ନ ଥିଲା । ସେହିପରି ଆଜି ମଧ୍ୟ ଲୋକ ମଣ୍ଡଳୀର ଅନେକ ଲୋକ ସେମାନଙ୍କର ଆତ୍ମିକ ଜୀବନର ଶୈଶବା ବସ୍ଥାରୁ ଆଦୌ ବୃଦ୍ଧିଲାଭ କରିଥିବା ଦେଖା ଯାଆନ୍ତି ନାହିଁ । ଯଦିବା ସେମାନେ ଅନେକ ବର୍ଷ ହେଲାଣି ଖ୍ରୀଷ୍ଟିୟାନ ହୋଇ ସାରିଛନ୍ତି । ସେମାନେ ବାସ୍ତବରେ କେବେବି ପ୍ରଭୁରେ ବୃଦ୍ଧିଲାଭ କରି ନାହାନ୍ତି । ଖ୍ରୀଷ୍ଟ ସେମାନଙ୍କୁ ଆତ୍ମିକ ପୁଷ୍ଟିସାର ଯୋଗାଇ ଥିଲେ । ଯଦି ସେମାନେ ଠିକ୍ ଭାବରେ ତାକୁ ହଜମ କରିଥାନ୍ତେ ବା ତାହା ଉତ୍ତମ ରୂପେ ପରିପାକ ହୋଇଥାନ୍ତ । ତେବେ ପ୍ରତ୍ୟେକ ଈଶ୍ୱରଙ୍କଠାରେ ପୁର୍ନଜନ୍ମ ଲାଭ କରିଥାନ୍ତେ ଓ ସନ୍ତାନ ଆତ୍ମିକ ଅଭିବୃଦ୍ଧି ପାଇଁ ଉଦ୍ଦୀପିତ ହୋଇ ଥାନ୍ତେ ।

ବାଇବଲ ହେଉଛି ଈଶ୍ୱରଙ୍କର ସେହି ପୁଷ୍ଟି ସାଧକ । ଯାହା ତୁମର ଖ୍ରୀଷ୍ଟିୟ ଜୀବନ ଅଭିବୃଦ୍ଧି ସ୍ଥଗିତ ରହିଯାଇଥିବା ଜୀବନକୁ ନିୟନ୍ତ୍ରଣ କରିଥାଏ । ଯଦି ତୁମେ ଆତ୍ମିକ ଜୀବନର ଶୈଶବାବସ୍ଥାର କୌତୁହଳଠାରୁ ଯୌବନର ଆତ୍ମିକ ସ୍ଥିରତାକୁ ଏବଂ ଶେଷରେ ବୟସପ୍ରାପ୍ତ ସମୟର ଆତ୍ମିକ ପରିପକ୍ୱତାରେ ବୃଦ୍ଧି ପାଉଛ ତେବେ ଏହା ଜଣାଯାଏ ଯେ, ତୁମେ ଈଶ୍ୱରଙ୍କ ବାକ୍ୟ ରୂପ ପୁଷ୍ଟିସାର ପ୍ରତିଦିନ ବାଇବଲରୁ ଗ୍ରହଣ କରୁଛ ଏବଂ ବାଇବଲ ପଠନ କରିବା ଦ୍ୱାରା ଈଶ୍ୱରଙ୍କ ଦ୍ୱାରା ତୁମେ ସ୍ଥିରୀକୃତ ହୋଇଥାଅ ଓ ଏହା ତୁମର ଏକ କର୍ତ୍ତବ୍ୟରୁ ଅଧିକ ହୋଇଥାଏ । ଏହା ବୁଝାଏ ଯେ ପ୍ରତ୍ୟେକ କ୍ଷୁଧିତ ଖ୍ରୀଷ୍ଟିୟାନ ଯେ ଈଶ୍ୱରଙ୍କର ପ୍ରସ୍ତୁତ ଭୋଜନର ଅଂଶୀ ହୋଇଥାଏ ସେ ଜୀବନରେ ସତେଜ ଓ ଅସୀମ ଆନନ୍ଦ ଲାଭ କରିଥାଏ ।

ହଁ, ବାସ୍ତବରେ ଈଶ୍ୱରଙ୍କ ବାକ୍ୟ ଏକ ସ୍ଥାୟୀ ଝର ବା ଉପାୟ ଏବଂ ବୃଦ୍ଧି ପାଉଥିବା ଆନନ୍ଦ ହୋଇ ପାରିବ । ଯେତେବେଳେ ତୁମେ ବୁଝିପାରିବ କିପରି ତୁମେ ତୁମର ଆତ୍ମିକ ପୁଷ୍ଟିସାରକୁ ପରିପାକ ବା ହଜମ କରି ପାରିବ ।

ଯିଶାୟ ଭବିଷ୍ୟତ ବକ୍ତାଙ୍କ ମଧ୍ୟ ଦେଇ ଦୟାରେ ସେ ପ୍ରତ୍ୟେକଙ୍କୁ ନିମନ୍ତ୍ରଣ ଜଣାନ୍ତି । ଯେ କେହି ଆତ୍ମିକ ଖାଦ୍ୟ ପାଇଁ କ୍ଷୁଧିତ ଓ ତୃଷିତ ସମସ୍ତେ ତାଙ୍କର ନିଜର ସଜ୍ଜିତ ମେଜରେ ତାଙ୍କ ସହିତ ଭୋଜନ କରିବା ପାଇଁ ।

*''ହେ ତୃଷିତ ଲୋକ ସକଳ, ତୁମ୍ଭେମାନେ ଜଳ ନିକଟକୁ ଆସ, ପୁଣି ଯାହାର ଅର୍ଥ ନାହିଁ ସେ ଆସୁ, ତୁମ୍ଭେମାନେ ଆସ କିଣ ଓ ଭୋଜନ କର, ହଁ ଆସ ଅର୍ଥ ଓ ମୂଲ୍ୟ ବିନା ଦ୍ରାକ୍ଷାରସ ଓ ଦୁଗ୍ଧ କିଣ । ଅଖାଦ୍ୟ ଦ୍ରବ୍ୟ ନିମନ୍ତେ ତୁମ୍ଭେମାନେ କାହିଁକି ରୂପା ବ୍ୟୟ କରୁଅଛ ? ଓ ଯାହା ତୃପ୍ତିକର ନୁହେଁ ତହିଁ ପାଇଁ କାହିଁକି ତୁମ୍ଭେମାନେ ପରିଶ୍ରମ କରୁଅଛ ? ମନୋଯୋଗ କରି ଆମ୍ଭର କଥା ଶୁଣ ଓ  ଉତ୍ତମ ଦ୍ରବ୍ୟ ଭୋଜନ କର ଓ ପୁଷ୍ଟିକର ଦ୍ରବ୍ୟରେ ତୁମ୍ଭମାନଙ୍କର ପ୍ରାଣକୁ ସନ୍ତୁଷ୍ଟ ହେବାକୁ ଦିଅ । କର୍ଣ୍ଣ ଡେର ଓ ଆମ୍ଭ ନିକଟକୁ ଆସ, ଶୁଣ, ତୁମ୍ଭମାନଙ୍କର ପ୍ରାଣ ବଞ୍ଚିବ ପୁଣି ଆମ୍ଭେ ତୁମ୍ଭମାନଙ୍କର ସହିତ ଏକ ନିୟମ, ଅର୍ଥାତ୍, ଦାଉଦଙ୍କ ପ୍ରତି ନିଶ୍ଚିତ ଦୟା ସ୍ଥିର କରିବେ (ଯିଶାୟ ୫୫ : ୧-୩) ।*

କାରଣ ଅନେକ ଲୋକ ବୁଝିପାରନ୍ତି ନାହିଁ ଯେ, ସେମାନେ କିପରି ସେମାନଙ୍କର ବିଶ୍ୱାସ ପାଇଁ ଖାଦ୍ୟ ଗ୍ରହଣ କରିବେ । ଯେପରି ସେମାନେ ସିଧା ସଳଖ ଈଶ୍ୱରଙ୍କ ବାକ୍ୟ ପଢ଼ିବା ଦ୍ୱାରା । ସେମାନେ ଦେଖନ୍ତି ଯେ, ସିଧାସଳଖ ପଢ଼ିବା ଅପେକ୍ଷା ବାଇବଲ ସମ୍ବନ୍ଧୀୟ ବା ବାଇବଲ ବିଷୟରେ ପଢ଼ିବା ସହଜ ଅଟେ । ତୁମ ହାତରେ ଥିବା ଏହି ପୁସ୍ତକଟି ବାଇବଲକୁ ବର୍ଣ୍ଣନା କରେ ନାହିଁ ମାତ୍ର ଏହା ପରିବର୍ତ୍ତେ ଏ ପୁସ୍ତକଟି ବାଇବଲ ପଢ଼ିବା ନିମନ୍ତେ ଉତ୍ସାହ ପ୍ରଦାନ କରିଥାଏ ଯେପରି ସେ ନିଜେ ତା ବର୍ଣ୍ଣନା କରିଥାଏ । ଏହା ଫଳରେ ତୁମେ ତୁମ ସ୍ୱର୍ଗୀୟ ପିତାଙ୍କର ସହିତ ଘନିଷ୍ଠ ସହଭାଗିତା ଓ ଏକ ସ୍ୱଚ୍ଛ ଜୀବନ କାଟିବାରେ ବୃଦ୍ଧି ଲାଭ କରି ପାରିବ ।

ମୁଁ ବେଳେବେଳେ ସେହି ଲୋକମାନଙ୍କୁ କହୁଥିଲି, ଯେଉଁମାନେ ସେମାନଙ୍କର ବିଶ୍ୱାସ ପାଇଁ ଖାଦ୍ୟ ସ୍ୱରୂପେ ବାଇବଲ ପାଠ କରିବା ଆରମ୍ଭ କରିଥାନ୍ତି ।

**ଯାହା ତୁମେ ବୁଝି ପାରୁଛ ତାହା ପଢ଼ ତେବେ ତୁମେ ଅତିଶୀଘ୍ର  କିଛି ବୁଝି ପାରୁ ନ ଥିବା ବିଷୟକୁ ଆସି ପାରିବ । ତୁମ ପଢ଼ାକୁ ବନ୍ଦ କର ନାହିଁ**



**ଚାଲୁ ଜାରି ରଖିଥାଅ । ତା'ପରେ ତୁମେ କିଛି ବୁଝି ପାରିବା। ଅବସ୍ଥାକୁ ଆସି ପାରିବ । ଧୀରେ ଧୀରେ ଯାହା ତୁମେ ବୁଝି ପାରିଛ, ତାହା ତୁମେ ଯାହା ବୁଝି ପାରି ନାହଁ ତାହା ବୁଝିବା ପାଇଁ ତୁମକୁ ସାହାଯ୍ୟ କରିବ !**

ଯାହା କୁହାଗଲା ତାହା ବୁଝି ପାରିଲ କି ? ଅନ୍ୟ ପକ୍ଷରେ ବାଇବଲ ପାଠ କରିବା ପରିତ୍ୟାଗ କର ନାହିଁ ।

ସାରା ପୃଥିବୀରେ – ଶ୍ରେଣୀ ଗୃହମାନଙ୍କରେ, କଲେଜରେ ଶିକ୍ଷା ଦାନ କରାଯାଉଥିବା ପ୍ରକୋଷ୍ଠ ଗୁଡ଼ିକରେ, ପୁସ୍ତକାଗାର ଗୁଡ଼ିକରେ ଲୋକମାନେ ବୈଷୟିକ ସୂଚନାଗୁଡ଼ିକ ଗ୍ରହଣ କରି ଚାଲିଛନ୍ତି ସେଗୁଡ଼ିକ ସେମାନଙ୍କୁ ସେମାନଙ୍କର ''ଚିନ୍ତାଧାରା ପାଇଁ ଖାଦ୍ୟ'' ଯୋଗାଇ ଥାଏ । ଯଦି ଆମେ ସେହି ପ୍ରକାରେ କେବଳ ଏକ ଧର୍ମ ସମ୍ବନ୍ଧୀୟ ପାଠ୍ୟ ପୁସ୍ତକ ଭାବି ବାଇବଲର ନିକଟବର୍ତ୍ତୀ ହେବା । ଆମେ ସମସ୍ତେ କେବଳ ''ଚିନ୍ତାଧାରା ପାଇଁ ଖାଦ୍ୟ'' ଗ୍ରହଣ କରିବା ଯେ ପର୍ଯ୍ୟନ୍ତ ବାଇବଲ ନିଜେ ଆମକୁ ସତର୍କ ନ କରିଛି, ତେବେ *''ଆମ ସମସ୍ତଙ୍କର ଜ୍ଞାନ ଅଛି ବୋଲି ତୁମ୍ଭେମାନେ ଯାହା କହୁଅଛ, ତାହା ଆମେ ଜାଣୁ । ଜ୍ଞାନ ଅହଙ୍କାର ଜନ୍ମାଏ, କିନ୍ତୁ ପ୍ରେମରୁ ନିଷ୍ଠାଜାତ ହୁଏ'' (୧ମ କରନ୍ଥୀୟ ୮:୧) ।*

ହଁ ଯେପର୍ଯ୍ୟନ୍ତ ଆମେ ବୁଝି ନାହୁଁ କିପରି ଈଶ୍ୱରଙ୍କ ବାକ୍ୟକୁ ଉପଯୁକ୍ତ ଭାବରେ ହଜମ କରିବ ? ତେବେ ଏପରିକି ବାଇବଲ ସତ୍ୟର ଗୋଟିଏ ଜ୍ଞାନ ଆମକୁ ବୌଦ୍ଧିକ ଗର୍ବରେ ପବନ ବା ଧୂଆଁର ଏକ ଦଲକାରେ ଉଡ଼ାଇ ଦେବ ମାତ୍ର ଆତ୍ମିକ ଜୀବନର କୌଣସି ପ୍ରକାରେ ଗଠନ ହୋଇ ପାରିବ ନାହିଁ । ଈଶ୍ୱରଙ୍କ ସହିତ ଆମର ପ୍ରତ୍ୟେକ ଦିନର ଏକତ୍ର ସମୟରେ କେବଳ ଜ୍ଞାନ ଲାଭ ପାଇଁ ବାଇବଲ ପଠନ କରିବା ପରିବର୍ତ୍ତେ ଆମେ ସେହି ପୁଷ୍ଟିସାର ଯାହା ତାଙ୍କର ସଜ୍ଜିତ ମେଜରେ ଆମ ''ବିଶ୍ୱାସ ପାଇଁ ଖାଦ୍ୟ'' ଯାହା ଆମକୁ ସେ ଯୋଗାଇବେ ତାହା ଆବଶ୍ୟକ କରିବା ।

ଏହି ପ୍ରକାର ଅନେକ ବିପରୀତ ବିଷୟ ମନକୁ ଆନ୍ଦୋଳିତ କରିଥାଏ । ଯେଉଁମାନେ ବାଇବଲକୁ କେବଳ ଏକ ପାଠ୍ୟ ପୁସ୍ତକର ଅଭ୍ୟାସ ରୂପେ ପାଠ କରନ୍ତି ସେମାନଙ୍କ ମଧ୍ୟରୁ ଅନେକ ଆନନ୍ଦିତ ବିଶ୍ୱାସୀମାନେ ଈଶ୍ୱରଙ୍କ ବାକ୍ୟରୁ

ପାଠ କରିବାର ସତ୍ୟତାକୁ ଆବିଷ୍କାର କରି ପାରିଛନ୍ତି ଯେପରି ତାହା ସେମାନଙ୍କ ଆତ୍ମିକ ଜୀବନ ପାଇଁ ସତ୍ୟ, ଆତ୍ମିକ ପରିପୁଷ୍ଟତା ଲାଭ କରିବା ପାଇଁ ଏହି ଉପାୟ ସତ୍ୟ ଓ ଜୀବନ୍ତ ଉପାୟ ହୋଇଥାଏ । ଏହି ଖ୍ରୀଷ୍ଟିୟାନମାନେ ସତ୍ୟରେ ବୃଦ୍ଧି ଲାଭ କରିବାର ଅନୁଭୂତି । ଈଶ୍ୱରଙ୍କ ସହଭାଗିତା ଏବଂ ଉପଯୁକ୍ତ ଉପାସନାର ବାଟ ଜାଣି ପାରି ଫଳପୂର୍ଣ୍ଣ ସେବା କରିବା ବିଷୟ ଆବିଷ୍କାର କରିଥାନ୍ତି ।

ପ୍ରତ୍ୟେକ ପୁର୍ନଜନ୍ମ ପାଇଥିବା ଈଶ୍ୱରଙ୍କର ସନ୍ତାନ ପ୍ରତ୍ୟେକ ଦିନ ଗୁପ୍ତ ଭାବରେ ଏବଂ ବ୍ୟକ୍ତିଗତ ଭାବରେ ଏକ ଖୋଲା ବାଇବଲ ଏବଂ ଖୋଲା ହୃଦୟରେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ଏହା ଏକ ଅପୂର୍ବ ସୁଯୋଗ ହୋଇଥାଏ ।

ତୁମେ ହୁଏତ ଏହି ପ୍ରଶ୍ନ ପଚାରି ପାର ତେବେ ବାଇବଲ ପାଠ କରିବା ପାଇଁ ସବୁଠାରୁ ଉତ୍ତମ ଉପାୟ କ'ଣ ? ଯାହା ମୋର ଆତ୍ମାକୁ ପରିପୁଷ୍ଟ କରିବ ଓ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମ ଓ ଜ୍ଞାନରେ ବୃଦ୍ଧି ଲାଭ କରିବା ପାଇଁ ସକ୍ଷମ କରାଇ ପାରିବ ? ଏହି ଗୁପ୍ତ ରହସ୍ୟ ଯାହାକୁ ଆମେ *''ଏକତ୍ର ସମୟ''* ବୋଲି କହୁଛୁ ।

*''ଏକତ୍ର ସମୟ''* ପ୍ରକୃତରେ ହେଉଛି, ଆମ ଜୀବିତ ଈଶ୍ୱରଙ୍କ ସହିତ ଉଭୟ ପକ୍ଷର କଥୋପୋକଥନ । ବାଇବଲ, ତାଙ୍କ ବାକ୍ୟ ମଧ୍ୟ ଦେଇ ଈଶ୍ୱର ତାଙ୍କର ସନ୍ତାନମାନଙ୍କୁ କଥା କହିଥାନ୍ତି, ଯେପରି ଆମେ ନିର୍ଭୁଲ୍ ଭାବରେ ଏବଂ ବ୍ୟକ୍ତିଗତ ଭାବରେ ସେ ଯାହା କହିଥାନ୍ତି ତାର ଉତ୍ତର ଦେଇ ପାରିବ । ଆମେ କିପରି ବାଇବଲ ଅନୁଯାୟୀ ପ୍ରାର୍ଥନା କରିବା ଓ ଆଶାନୁରୂପ ବିଶ୍ୱାସର ସହିତ ପ୍ରାର୍ଥନା କରିବା ଜାଣି ପାରିବା ?

''ବାଇବଲ ଅନୁଯାୟୀ'' ପ୍ରାର୍ଥନା କରିବା ବିଷୟ ଯେତେବେଳେ ମୁଁ କହେ, ତାହା ମୁଁ ବୁଝାଏ । ଆମେ ଯେତେବେଳେ ପ୍ରାର୍ଥନାରେ ଆମ ଈଶ୍ୱରଙ୍କୁ ଉତ୍ତର ଦେଇଥାଉ ଆମେ ସେହିସବୁ ଶବ୍ଦ ବ୍ୟବହାର କରିଥାଉ ଯାହା ଆମେ ଶାସ୍ତ୍ରରୁ ପାଠ କରିଥାଉ । ଆମେ ଯେତେବେଳେ ବାଇବଲ ସମ୍ବନ୍ଧୀୟ ଶବ୍ଦଗୁଡ଼ିକ ବ୍ୟବହାର



କରି ପ୍ରାର୍ଥନା କରିଥାଉ, ସେତେବେଳେ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ପ୍ରାର୍ଥନାରେ ବୃଦ୍ଧି ପାଇବାର ଭରସା ପାଇଥାଉ ।

ଯେପରି ପବିତ୍ର ଆତ୍ମା ଈଶ୍ୱରଙ୍କ ବାକ୍ୟକୁ ଆମ ପାଇଁ ଜୀବନ୍ତ କରିଥାନ୍ତି, ଆମେ ବାଇବଲର ବା ଶାସ୍ତ୍ରର ସେହି ଆକ୍ଷରିକ ଶବ୍ଦଗୁଡ଼ିକ ବ୍ୟବହାର କରିଥାଉ ଏବଂ ସେଗୁଡ଼ିକୁ ସଂପୃକ୍ତ ସ୍ଥାନରେ ସଂଯୋଗ କରିଥାଉ ଯେପରି ତାହା ଆମର ହୃଦୟକୁ ଖୋଲି ପାରିବ । ଏହି ପ୍ରକାରେ ପ୍ରାର୍ଥନା କରିବା ଦ୍ୱାରା, ଗତାନୁଗତିକ ପ୍ରଣାଳୀରେ ପ୍ରାର୍ଥନା କରିବାରୁ ରକ୍ଷା ପାଇଥାଉ ।

ଏହା ପରିବର୍ତ୍ତେ ଆମେ ଯେତେବେଳେ ବାଇବଲ ଅନୁଯାୟୀ ପ୍ରାର୍ଥନା କରିବା ଆମେ ଈଶ୍ୱରଙ୍କ ସହିତ ସହଭାଗିତାର ସୁଯୋଗକୁ ଉପଭୋଗ କରି ପାରିବା । ଯେପରି ଆମେ ଆମ ଜୀବନରେ ତାଙ୍କର ସମ୍ପର୍କୀୟ ଏବଂ ତାଙ୍କର ଉଦ୍ଦେଶ୍ୟର ବୃଦ୍ଧି ପାଉଥିବା ବୁଝାମଣା ଭିତରକୁ ପ୍ରବେଶ କରି ପାରିବା ।

ଈଶ୍ୱରଙ୍କ ଇଚ୍ଛାକୁ ନିଜ ଇଚ୍ଛାରେ ନତ ହେବାକୁ ପ୍ରକୃତ ପ୍ରାର୍ଥନା ନୁହେଁ । ମାତ୍ର ଏହା ହେଉଛି ମୋର ଇଚ୍ଛାକୁ ତାଙ୍କ ଇଚ୍ଛାରେ ନତ କରାଇବା । ଯିହୋଶୂୟ ବସନ୍ତ ଋତୁର ବନ୍ୟାରେ ଇସ୍ରାଏଲ ସନ୍ତାନମାନଙ୍କୁ ଆଶ୍ଚର୍ଯ୍ୟ ଭାବରେ ଯର୍ଦ୍ଦନ ପାର କରାଇବା ପରେ ଯିହୋଶୂୟ ଏକ ଅଜଣା ବ୍ୟକ୍ତିର ସମ୍ମୁଖବର୍ତ୍ତୀ ହୋଇଥିଲେ । ଯିହୋଶୂୟ ଜାଣିଥିଲେ ଯେ, କିଣାନରେ ଈଶ୍ୱରଙ୍କଠାରୁ ତାଙ୍କ ପାଇଁ ଆଦେଶ ଥିଲା ସେହି ଦେଶକୁ ଜୟ କରି ସେଥିରେ ଥିବା ସମସ୍ତ ମୂର୍ତ୍ତିପୂଜା ଠାରୁ ତାକୁ ପରିଷ୍କୃତ କରିବ । ସେଥିପାଇଁ ସେହି ଅଜଣା ବ୍ୟକ୍ତିଙ୍କୁ ଯାହାଙ୍କ ହାତରେ ଏକ ଖଣ୍ଡା ଥିଲା ତାଙ୍କୁ ପଚାରିଥିଲେ ''ତୁମେ ଆମ ସପକ୍ଷରେ ନା ଆମ ବିପକ୍ଷରେ ? ସେହି ଅଜଣା ପୁରୁଷ ଯିହୋଶୂୟଙ୍କୁ ଉତ୍ତର ଦେଇଥିଲେ, 'ନା' କିମ୍ବା ଯେପରି NIV ବାଇବଲରେ ଅନୁବାଦ କରାଯାଇଛି, "Neither" । ଯିହୋଶୂୟ ଏହି ଉତ୍ତରରୁ ଜାଣିପାରିଥିଲେ ଯେ, ଏହି ଅଜଣା ବ୍ୟକ୍ତି ଅନ୍ୟ ପକ୍ଷ ନେବେ ନାହିଁ । ତା'ପରେ ସେହି ଶବ୍ଦଟିର ଉତ୍ତର ବାଖ୍ୟା କରିଥିଲେ ଯେଉଁ ଉତ୍ତର ସେହି ଅଜଣା ବ୍ୟକ୍ତିଙ୍କ ଦ୍ୱାରା କୁହା ଯାଇଥିଲା –

ସେହି ସମୟରୁ ଯିହୋଶୂୟ ସଠିକ୍ ଭାବରେ ଜାଣି ପାରିଥିଲେ ଯେ, ତାଙ୍କ ବିପକ୍ଷ ଦଳର ସହାୟ କରିବା ପରିବର୍ତ୍ତେ ସେ ଯୁଦ୍ଧକୁ ନିୟନ୍ତ୍ରଣ କରିବେ ବୋଲି କହିଥିଲେ । ତହିଁରେ ଯିହୋଶୂୟ ଭୂମିରେ ମୁହଁ ମାଡ଼ି ପଡ଼ି ପ୍ରଣାମ କରିଥିଲେ । ଯିହୋଶୂୟ ଜାଣିଥିଲେ ଯେ, ସେ ପ୍ରଭୁଙ୍କର ସୈନ୍ୟମାନଙ୍କର ସେନାପତିଙ୍କର ଉପସ୍ଥିତିରେ ଅଛନ୍ତି, ତୁମେ ଯେଉଁ ସ୍ଥାନ ପାଇଁ ଠିଆ ହୋଇଛ ତାହା ପବିତ୍ର (ଯିହୋଶୂୟ ୫ : ୧୩-୧୫) ।

ସେହିପରି ଆମ ନିଜର ପ୍ରାର୍ଥନାର ସମୟରେ ଆମେ ନିଜର କାର୍ଯ୍ୟସୂଚୀ ଈଶ୍ୱରଙ୍କ ପାଖକୁ ଆଣିବା ଉଚିତ୍ ନୁହେଁ ଏବଂ ତାଙ୍କୁ କହିବା ଆମ ସହିତ ରହିଥାଅ, କହିବା ପରିବର୍ତ୍ତେ ତାଙ୍କ ପବିତ୍ର ଉପସ୍ଥିତିରେ ନତ ହୋଇ ତାଙ୍କ ଉଦ୍ଦେଶ୍ୟଗୁଡ଼ିକରେ ତାଙ୍କ ଯୋଜନା ଗୁଡ଼ିକରେ ଏବଂ ତାଙ୍କ ଶକ୍ତିରେ ଆମ ନିଜ ସ୍ୱର ମିଳାଇ ଦେବା ଉଚିତ୍ ।

ତେଣୁ ବାଇବଲ ଅନୁଯାୟୀ ପ୍ରାର୍ଥନା କରିବା ହେଉଛି, ତାଙ୍କର ଉଦ୍ଦେଶ୍ୟଗୁଡ଼ିକୁ ଓ ତାଙ୍କ ଇଚ୍ଛାକୁ ଆମ ଜୀବନରେ ପ୍ରାଧାନ୍ୟ ଦେବ ଏବଂ ଆମର ଇଚ୍ଛାକୁ ତାଙ୍କଠାରେ ନତ କରିବା । ଯେପରି ତାହା ଆମ ପ୍ରତ୍ୟେକଙ୍କର ବୃଦ୍ଧି ପାଉଥିବା ଅନୁଭୂତି ହୋଇ ପାରିବ । ଯେପରି ଆମେ ଯେଉଁଠି ବା ଯେତେବେଳେ ପ୍ରାର୍ଥନା କଲେ ମଧ୍ୟ ଆମେ ନିଜକୁ ଈଶ୍ୱରଙ୍କ ସହିତ ପର୍ଯ୍ୟାୟଭୁକ୍ତ କରିବା ପାଇଁ ଶିକ୍ଷା ଲାଭ କରିବା ।

ହଁ, ଯେତେବେଳେ ତୁମେ ପ୍ରାର୍ଥନାର ସହିତ ବାଇବାଇ ପଠନ କରିବା ସହିତ ଉପଯୁକ୍ତ ଆଶା ନେଇ ଈଶ୍ୱରଙ୍କଠାରୁ ଶ୍ରବଣ କରିବ, ତେବେ ତୁମେ ବୃଦ୍ଧି ପାଇବ । *''ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ଜ୍ଞାନରେ ବୃଦ୍ଧି ପାଅ'' (୨ୟ ପିତର ୩ : ୧୮) ।*

ଯେପରି ଆମେ ଯିଶାୟ କହିଥିବା କଥାକୁ ନିରୀକ୍ଷଣ କରି ସାରିଛୁ ତାହା ହେଉଛି, ଯେତେବେଳେ ଆମେ ଆମର କର୍ଣ୍ଣକୁ ଉନ୍ମୁକ୍ତ କରିବା ତାଙ୍କର ରବ ପ୍ରକୃତରେ ଶୁଣିବାକୁ ତା'ପରେ ଯାଇ ଆମେ ଆନନ୍ଦିତ ହୋଇ ପାରିବା ଯାହା ସେ କହିବାକୁ ଚାହାନ୍ତି ତାହା ଶୁଣିବାକୁ ।



## ଆତ୍ମିକ ଜୀବନର ପରୀକ୍ଷା ବା ସମୀକ୍ଷା

୧. ଏପର୍ଯ୍ୟନ୍ତ କେତେ ସମୟ ହୋଇଛି, ଯେବେ ମୁଁ ପ୍ରଥମ କରି ଏକ ପୁନର୍ଜନ୍ମ ପ୍ରାପ୍ତ ଖ୍ରୀଷ୍ଟିୟାନ ହୋଇଥିଲି ?

୨. ମୁଁ କେବେ ଈଶ୍ୱରଙ୍କ ସହିତ ଏତେ ଘନିଷ୍ଠ ସହଭାଗିତାକୁ ଉପଭୋଗ କରିଥିଲି କି ? ଯେପରି ମୁଁ ବର୍ତ୍ତମାନ କରୁଛି ?

୩. ପାଞ୍ଚ ବର୍ଷ ପୂର୍ବର ମୋର ଜୀବନକୁ ବର୍ତ୍ତମାନର ଜୀବନ ସହିତ ତୁଳନା କରି :

ମୁଁ ଈଶ୍ୱରଙ୍କ ସହିତ ଏକାକୀ ଅଧିକ ସମୟ କଟାଉ ଅଛି କି ?

ମୋର ନିଜର ଅଭିଳାଷଗୁଡ଼ିକ ଠାରୁ ଈଶ୍ୱରଙ୍କର ନିର୍ଦ୍ଦେଶନାର ପ୍ରଭେଦକୁ ଉତ୍ତମ ରୂପେ ଜାଣି ପାରୁଛି କି ?

*ପ୍ରଭୋ, ଶୁଣିବାକୁ ମତେ ଶିଖାଅ । ସମୟଗୁଡ଼ିକ କୋଳାହଳମୟ ଏବଂ ମୋର କର୍ଣ୍ଣଗୁଡ଼ିକ ହଜାର ହଜାର କର୍କଶ ଶବ୍ଦଗୁଡ଼ିକ ଶୁଣି ଶୁଣି ଅବସନ୍ନ ହୋଇ ଯାଇଛି, ଯାହାକି ଲଗାତର ଭାବରେ ସେମାନଙ୍କୁ ଆକ୍ରମଣ କରି ଚାଲିଛି । ମତେ ବାଳକ ଶାମୁୟେଲର ଆତ୍ମା ପ୍ରଦାନ କର । ଯେତେବେଳେ ସେ ତୁମକୁ କହିଥିଲେ, ‘‘କୁହନ୍ତୁ ଆପଣଙ୍କ ଦାସ ଶୁଣୁଅଛି’’ । ମତେ ତୁମର କଥା ମୋର ହୃଦୟରେ ଶୁଣିବାକୁ ଦିଅ । ତୁମ ରବର ଶବ୍ଦକୁ ମତେ ବ୍ୟବହାର କରିବାକୁ ଦିଅ । ଯେପରି ତାହାର ସ୍ୱରରେ ଆତ୍ମିୟତା ଆସି ପାରିବ । ଯେତେବେଳେ ଜଗତରେ ମୃତ୍ୟୁର ଶବ୍ଦଗୁଡ଼ିକ ଥିବ ଏବଂ କେବଳ ତୁମର କହିବାର ରବ ସଙ୍ଗୀତ ମୂର୍ଚ୍ଛନାର ସ୍ୱର ପରି ଶୁଣା ଯାଉଥିବ । ଆମେନ୍ ।*

*ଏ. ଡବ୍ଲିଉ. ଟୋଜର୍*



# ମସ୍ତକ ଏବଂ ହୃଦୟ

ଅନେକ ବର୍ଷ ପୂର୍ବେ କେନିଆର ଉତ୍ତରାଞ୍ଚଳରେ ଜାତୀୟ ସ୍ତରରେ ପାଳକ ଓ ସେମାନଙ୍କର ସହଧର୍ମିଣୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏକ ସମ୍ମିଳନୀରେ ପ୍ରଭୁଙ୍କର ବାକ୍ୟ ଶିକ୍ଷା ଦେବା ପାଇଁ ମୁଁ ଓ ମୋର ସ୍ତ୍ରୀ ଡରଥି ସୁଯୋଗ ପାଇଥିଲୁ ।

ନିର୍ଦ୍ଦେଶ ପାଇଥିବା ସମୟ ଅନୁଯାୟୀ ଆମେ ଯେତେବେଳେ ସନ୍ଧ୍ୟା ସାତ ଘଣ୍ଟା ସମୟରେ ସେଠାରେ ପହଞ୍ଚିଥିଲୁ, ସେତେବେଳେ ଜାଣିବାକୁ ପାଇଲୁ ଯେ, ସେମାନଙ୍କ ମଧ୍ୟରୁ କେତେ ଜଣ ପାଳକ ଏହି ସମ୍ମିଳନୀକୁ ଆସିବା ପାଇଁ ସେହିଦିନ ସକାଳ ୪ ଘଣ୍ଟାଠାରୁ ଯାତ୍ରା  ଆରମ୍ଭ କରିଥିଲେ । ବାଇବଲ ବିଷୟରେ ଅଧିକ ଜାଣିବା ପାଇଁ ତାଙ୍କର ଉତ୍ସୁକତା ଓ ଆକାଂକ୍ଷା ସେମାନଙ୍କୁ ଦୃଢ଼ ଭାବରେ ପରିଚାଳିତ କରିଥିଲା । ତେଣୁ ସେମାନେ ଏତେ ଲମ୍ବା ରାସ୍ତା ଚାଲି ଚାଲି ଆସିଥିଲେ । ସେମାନଙ୍କ ଯାତ୍ରା ବିଷୁବ ମଣ୍ଡଳୀୟ ନିଷ୍ଠୁର ରୌଦ୍ରତାପର ତଳେ ଥିଲା ଯେଉଁ ରୌଦ୍ରତାପ ସେମାନଙ୍କର ଦେଶକୁ ମରୁଡ଼ି ଓ ଦୁର୍ଭିକ୍ଷ୍ୟ ଦ୍ୱାରା ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଥିଲା ।

ଏହା ଆମ ପାଇଁ ଏକ ଆଘାତ ଯେପରି ହୋଇଥିଲା ଯେତେବେଳେ ଆମେ ଜାଣିଥିଲୁ ଯେ, ସେହି ଜାତୀୟ ସ୍ତରର ପାଳକମାନଙ୍କ ମଧ୍ୟରୁ ଷାଠିଏରୁ ସତୁରୀ ଭାଗ ପାଳକମାନଙ୍କ ହାତରେ ବାଇବଲ ଖଣ୍ଡେ ମଧ୍ୟ ନ ଥିଲା । ଯଦିବା ସେମାନଙ୍କ ମଧ୍ୟରୁ ଅନେକ ଜଣ ଉତ୍ସର୍ଗୀକୃତ ନେତାଗଣ ଅତି ନିକଟରେ ଦୁଇ ତିନି ବର୍ଷ ତଳେ ପରିବର୍ତ୍ତିତ ହୋଇଥିଲେ । ସେମାନଙ୍କ ନିଜ ଲୋକମାନଙ୍କ ମଧ୍ୟରେ ସେମାନଙ୍କର

ଉଜ୍ଜ୍ୱଳ ସାକ୍ଷ୍ୟଗୁଡ଼ିକ ଆଫ୍ରିକାରେ ଥିବା ଅନେକ ଛୋଟ ଛୋଟ ମଣ୍ଡଳୀଗୁଡ଼ିକର ଲୋକମାନଙ୍କ ଜୀବନକୁ ଈଶ୍ୱରଙ୍କ ଦ୍ୱାରା ଆସିଥିଲା ।

ସମ୍ମିଳନୀ ଆରମ୍ଭ କରିବା ସମୟରେ, ଆମେ ପ୍ରତ୍ୟେକ ପାଳକମାନଙ୍କ ହାତରେ ଖଣ୍ଡିଏ ଲେଖାଏଁ ବାଇବଲ ଦେବା ପାଇଁ ସକ୍ଷମ ହୋଇ ପାରିଥିଲୁ ।

ତାପରେ ନିର୍ଦ୍ଦେଶ ଅନୁଯାୟୀ ମୁଁ ଆଗେଇ ଚାଲିଥିଲି । ମୋର ପ୍ରସଙ୍ଗ ଏହା ଥିଲା – ''ବର୍ତ୍ତମାନ ତୁମ ହାତରେ ଏକ ବାଇବଲ ଅଛି । ଏହା ତୁମ ପାଇଁ ଆଶୀର୍ବାଦ ହୋଇ ପାରିବ ନାହିଁ ଯେ ପର୍ଯ୍ୟନ୍ତ ଏହା ତୁମ ହାତରୁ ଯାଇ ତୁମ ମସ୍ତକରେ ନ ପହଞ୍ଚିଛି ଏବଂ ତାହା ମଧ୍ୟ ତୁମ ପାଇଁ ପୂର୍ଣ୍ଣ ଆଶୀର୍ବାଦ ଆଣି ପାରିବ ନାହିଁ, ଯେଉଁ ଉଦ୍ଦେଶ୍ୟ ଈଶ୍ୱର ଏହି ସବୁ ଦିନଗୁଡ଼ିକରେ ତୁମ ପାଇଁ ରଖିଛନ୍ତି । କେବଳ ଯେତେବେଳେ 'ବାଇବଲ' ଈଶ୍ୱରଙ୍କ ବାକ୍ୟ ରୂପେ ତୁମ ହୃଦୟରେ ବାସ କରିବା ଆରମ୍ଭ କରିବ ସେତେବେଳେ ଏହି ସମ୍ମିଳନୀ ତୁମ ପାଇଁ ଏକ ଚିରସ୍ଥାୟୀ ଆଶୀର୍ବାଦ ହୋଇ ପାରିବ । ଏହା ତୁମର କର୍ତ୍ତବ୍ୟ ଯେ, କିପରି ବାଇବଲ ତୁମ ହାତରୁ ଯାଇ ତୁମ ମସ୍ତକରେ ପହଞ୍ଚିବ ଓ ତା'ପରେ ତୁମ ମସ୍ତକରୁ ଯାଇ ହୃଦୟରେ ପହଞ୍ଚିପାରିବ ତାହା ଶିକ୍ଷା କରି ପାରିବ ।

ଅତି ନିକଟରେ, ଇଂଲଣ୍ଡରେ ସେହି ଘରଟି ଦେଖିଥିଲି, ଯେଉଁ ଘରେ ମୁଁ ବାସ କରୁଥିଲି, ମୋର teen age ର ଶେଷ ଆଡ଼କୁ ମୁଁ ଖ୍ରୀଷ୍ଟଙ୍କ ନିକଟକୁ ପରିବର୍ତ୍ତିତ ହୋଇଥିଲି । ଆମ ଘରର ଅଳ୍ପ ଦୂରରେ ଏକ ବତୀଖୁଣ୍ଟ ଥିଲା ଆଉ ସେହି ବତୀ ଖୁଣ୍ଟ ତଳେ ବବ୍ ଫ୍ଲିଣ୍ଟ୍ ନାମରେ ଚଉଦ ବର୍ଷ ବୟସ୍କ ଗୋଟିଏ ଯୁବକ ଥିଲା । ସେ ମଧ୍ୟ ଈଶ୍ୱରଙ୍କୁ ଗ୍ରହଣ କରିଥିଲା । ବବ୍‌ଙ୍କର ପରିବର୍ତ୍ତନ ନାଟକୀୟ ଭାବରେ ତାଙ୍କର ସାରା ଜୀବନକୁ ପରିବର୍ତ୍ତିତ କରି ଦେଇଥିଲା । କାରଣ ସେ ତାର ସ୍କୁଲ୍‌ର ପାଠ ପଢ଼ା ଛାଡ଼ି ସାରିଥିଲା ଓ ଏକ ଘର ତିଆରି ଚାଲିଥିବା ଜାଗାରେ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲା । ସେ ସମୟରେ ଯୁବକ ବବ୍ ତାଙ୍କ ଜୀବନରେ ନିଶ୍ଚିତ ଭାବରେ ଏକ ବିଦ୍ୱାନ ନ ଥିଲେ ।

ବବ୍ ଖ୍ରୀଷ୍ଟିୟାନ ହେବାର ଠିକ୍ ପରେ ପରେ ପ୍ରତ୍ୟେକ ଦିନ କାର୍ଯ୍ୟକୁ ଯିବା ପୂର୍ବରୁ ବାଇବଲ ପାଠ କରିବା ପାଇଁ ମୁଁ ତାଙ୍କୁ ପ୍ରବର୍ତ୍ତାଇ ଥିଲି । ଯଦିବା ତାଙ୍କର



ପ୍ରଚ୍ଛଦ ପଟରେ କୌଣସି ମଣ୍ଡଳୀ ଆଦୌ ନ ଥିଲା ତଥାପି ବବ୍ ଅତିଶୀଘ୍ର ଜାଣି ପାରିଥିଲେ କିପରି ତାଙ୍କର ଆତ୍ମିକ ଜୀବନର ପରିପୁଷ୍ଟତା ପାଇଁ ବ୍ୟକ୍ତିଗତ ଭାବରେ ଈଶ୍ୱରଙ୍କ ବାକ୍ୟକୁ ତାଙ୍କର ''ଦୈନନ୍ଦିନ ଏକତ୍ର ସମୟ'' ଦ୍ୱାରା ଆୟତ୍ତ କରି ପାରିଥିଲେ ।

ତାପରେ ଏହା ଟିକେ ଆଶ୍ଚର୍ଯ୍ୟ ବିଷୟ ଥିଲା ଯେ, ସତର ବର୍ଷ ବୟସରେ ବବ୍ ପତ୍ର ବିନିମୟ ମାଧ୍ୟମରେ ବାଇବଲ ପାଠ ପଢ଼ିବା ପାଇଁ ନାମ ଲେଖାଇ ଥିଲେ । ତାଙ୍କ ପାଠ ପଢ଼ାରେ ସେ ''ଦାନିଏଲ ପୁସ୍ତକ'' ଉପରେ ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିଲେ । କେତେ ରୋମାଞ୍ଚକର ! ତା'ପରେ ମୁଁ ଶୁଣିଥିଲି ଯେ ଅଠର ବର୍ଷ ବୟସରେ ସେ ଯେତେବେଳେ ସୈନ୍ୟ ବିଭାଗରେ ଯୋଗ ଦେଇଥିଲେ ପ୍ରଭୁଙ୍କ ପାଇଁ ତାଙ୍କର ଉତ୍ସାହ ଆଗ୍ରହକୁ ମଧ୍ୟ ବଜାୟ ରଖିଥିଲେ । ଏପରିକି ''ବୁଟ୍‌କ୍ୟାମ୍ପ୍'' ର ପ୍ରଥମ ଆଠ ସପ୍ତାହ ମଧ୍ୟରେ ସେ ତାଙ୍କ ''ବ୍ୟାରାକ୍''ରେ ଥିବା ଅନ୍ୟ ସତର ଜଣଙ୍କ ସହିତ ବ୍ୟକ୍ତିଗତ ଭାବରେ ପ୍ରାର୍ଥନା କରୁଥିଲେ । ଯେପରି ସେମାନେ ଫେରି ଖ୍ରୀଷ୍ଟଙ୍କଠାରେ ପହଞ୍ଚି ପାରିବେ ଏବଂ ତା'ପରେ ସେ ତାଙ୍କର ସୈନ୍ୟ ବିଭାଗର କାର୍ଯ୍ୟକୁ ବନ୍ଦ କରିଦେଇଥିଲେ । ବବ୍ ଅନୁଭବ କରିଥିଲେ ଯେ, ମିଶ୍‌ନେରୀ ଟ୍ରେନିଂ ଆରମ୍ଭ କରିବା ପାଇଁ । ଯେତେବେଳେ ସେ ତାଙ୍କର ଶେଷ କାର୍ଯ୍ୟ ଜର୍ମାନୀରେ କରିବା ପାଇଁ ଉଡ଼ାଜାହାରେ ଯାତ୍ରା କରୁଥିଲେ । ତାଙ୍କର ସେ ସୈନ୍ୟ ବିଭାଗର ବିମାନଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ଏବଂ ବବ୍ ତାଙ୍କ ପ୍ରଭୁଙ୍କ ଗୃହକୁ ତାଙ୍କ ସହିତ ବାସ କରିବା ପାଇଁ ଯାଇଥିଲେ ବା ମୃତ୍ୟୁବରଣ କରିଥିଲେ ।

ବିମାନଟି ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଅଞ୍ଚଳରେ ବବ୍‌ଙ୍କର ପଛପଟ ବ୍ୟାଗ୍‌ରେ ଥିବା ସୁସମାଚାର ପତ୍ରିକାଗୁଡ଼ିକ ଜର୍ମାନୀର ସେହି ଗ୍ରାମ୍ୟ ଅଞ୍ଚଳର ଚାରିଆଡ଼େ ବିଛେଇ ହୋଇ ପଡ଼ିଥିଲା । ପ୍ରକୃତରେ ପ୍ରଭୁଙ୍କ ବାକ୍ୟ ଆଗତୁରା ବବ୍‌ଙ୍କର ହାତରୁ ଯାଇ ମସ୍ତକରେ ପହଞ୍ଚିଥିଲା ଏବଂ ତା'ପରେ ତାଙ୍କ ମସ୍ତକରୁ ଯାଇ ତାଙ୍କ ହୃଦୟରେ ଏବଂ ପରିଶେଷରେ ତାଙ୍କ ହୃଦୟରୁ ଯାଇ ଅନ୍ୟମାନଙ୍କ ହୃଦୟରେ ପହଞ୍ଚିଥିଲା ଏବଂ ଯେତେବେଳେ 'ବବ୍' ମୃତ୍ୟୁବରଣ କରିଥିଲେ ସେ କେବଳ ଏକ ଜୀବନ୍ତ

ମନୁଷ୍ୟର ଡାକରା ପାଇଥିଲେ, ପୃଥିବୀରେ ଆବଦ୍ଧ ଥିବା ଈଶ୍ୱରଙ୍କ ଉପସ୍ଥିତିରେ ଥିବା ସହଭାଗିତା ଠାରୁ ଆହୁରି ଅଧିକ ସୌନ୍ଦର୍ଯ୍ୟପୂର୍ଣ୍ଣ ତାଙ୍କ ପ୍ରଭୁଙ୍କ ସହିତ ବାସ କରିବାକୁ ଯାଇଥିଲେ ।

ବବ୍‌ଙ୍କ ପରି ଅନେକ ଲୋକମାନଙ୍କର ପ୍ରସ୍ତୁତ ଜୀବନ, ନିୟମିତ ବାଇବଲ ଅଧ୍ୟୟନ ଓ ତାଲିମ ରହିଛି ଯାହାକି ସେମାନଙ୍କୁ ଖ୍ରୀଷ୍ଟଙ୍କ ପଥରେ ଚାଲିବା ପାଇଁ ଉତ୍ସାହିତ କରିପାରିବ ବା ପ୍ରେରଣା ଯୋଗାଇ ଦେବ । ତାଛଡ଼ା ସେହି ଉତ୍ସାହୀ ଆଫ୍ରିକୀୟ ପାଳକମାନଙ୍କ ପରି ଆମ ମଧ୍ୟରୁ ଅନେକ ଜଣଙ୍କୁ ଈଶ୍ୱରଙ୍କ ବାକ୍ୟ ଶୁଣି, ଶିକ୍ଷା କରିବା ପାଇଁ ସେହି ବିଷୁବ ମଣ୍ଡଳୀୟ ରୌଦ୍ର ତାପରେ ପନ୍ଦର ଘଣ୍ଟା କାଳ ଚାଲିବାକୁ ପଡ଼ିବ ନାହିଁ । ମାତ୍ର ଆମର ପରିସ୍ଥିତି ଯାହା ହେଉ ନା କାହିଁକି ଆମ ସମସ୍ତଙ୍କର ଜାଣିବା ଉଚିତ୍, କିପରି ପରିବର୍ତ୍ତନ ହେବାକୁ ହେବ — ହଁ **ପରିବର୍ତ୍ତନ** — ବାଇବଲର ଜ୍ଞାନକୁ ହୃଦୟ ଅନୁଭୂତିରେ ପରିବର୍ତ୍ତନ ।

## ମସ୍ତକ

### ବାଇବଲ ଅଧ୍ୟୟନ : ଏହାର ଉଦ୍ଦେଶ୍ୟ ଓ ଏହାର ସମସ୍ୟା ।

ସତ୍ୟବାକ୍ୟ ଯଥାର୍ଥ ରୂପେ ବ୍ୟବହାର । ଯେଉଁ କାର୍ଯ୍ୟକାରୀର ତାହା ବୋଧ କରିବା ଆବଶ୍ୟକ ନୁହେଁ; ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର (୨ୟ ତୀମଥି ୨ : ୧୫) ।

ନିୟମିତ ବାଇବଲ ଅଧ୍ୟୟନ ଦ୍ୱାରା ତୁମେ ତା'ର ବିଷୟବସ୍ତୁ ବା ସୂଚୀପତ୍ର ସହିତ ଅବଗତ ହୋଇପାରିବ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ପାଇଁ ଏହା ଏକ ଉତ୍କଣ୍ଠା ଓ ଆବଶ୍ୟକୀୟ ସମୟ ଉପଯୋଗ ହୋଇ ପାରିବ । ଯେତେବେଳେ ସମ୍ଭବ ଈଶ୍ୱରଭକ୍ତ ପାଳକମାନଙ୍କର ଏବଂ ବାଇବଲ ଶିକ୍ଷକମାନଙ୍କର ଉପାସନା ଓ ଶିକ୍ଷାଗୁଡ଼ିକର ପୂର୍ଣ୍ଣ ସୁଯୋଗ ନିଅ ଏବଂ ବାଇବଲ ବାଖ୍ୟା ପୁସ୍ତକଗୁଡ଼ିକ ତୁମକୁ ଈଶ୍ୱରଙ୍କ ବାକ୍ୟ ଅଧିକ ଜାଣିବାକୁ ସାହାଯ୍ୟ କରିବ । ଏହିପରି ସାମାନ୍ୟ ସୂଚନା ବା ସମ୍ବାଦ ତୁମକୁ



ଈଶ୍ୱରଙ୍କ ସହିତ ଏକାକୀ ସମୟ କଟାଇବା ପାଇଁ ତୁମକୁ ଈଶ୍ୱରଙ୍କ ଆଡ଼କୁ ଟାଣିନେବ ।

ସର୍ବୋପରି ପାଳକ ଓ ଶିକ୍ଷକମାନେ ହେଉଛନ୍ତି ନିଜ ମଣ୍ଡଳୀ ପାଇଁ ''ଈଶ୍ୱରଙ୍କ ଦାନ'' । ଜଣେ ପାଳକର ସର୍ବୋତ୍ତମ ସେବାକାର୍ଯ୍ୟ ହେଉଛି ବିଶ୍ୱାସୀମାନଙ୍କୁ ବାଇବଲର ବିଭିନ୍ନ ପୁସ୍ତକଗୁଡ଼ିକର ବିଷୟଗୁଡ଼ିକୁ ପୂର୍ବାପର ସମ୍ପର୍କ ବିଭିନ୍ନ ପରିସ୍ଥିତିରେ ଶ୍ରୋତାମାନଙ୍କର ମନତୃପ୍ତି ପର୍ଯ୍ୟନ୍ତ ଶିକ୍ଷାଦାନ କରିବା । ଅଧ୍ୟାୟ ପରେ ଅଧ୍ୟାୟ ଏବଂ ପୁସ୍ତକ ପରେ ପୁସ୍ତକର ଗଠନ ମୂଳକ କାର୍ଯ୍ୟ ଦ୍ୱାରା ଜଣେ ପାଳକ ତାଙ୍କ ମଣ୍ଡଳୀର ସଭ୍ୟମାନଙ୍କୁ ଏକ ଈଶ୍ୱର ପରାୟଣ ଜୀବନ କାଟିବାକୁ ଉପଦେଶ ଦେଇ ପାରିବେ । ଯେପରି ତାଙ୍କର ବାକ୍ୟ ଲୋକମାନଙ୍କର ଅର୍ନ୍ତତୃପ୍ତିକର ହୋଇ ପାରିବ ଓ ଦୁଃଖିତ ଆତ୍ମାମାନଙ୍କ ପାଇଁ ଶାନ୍ତି ଆଣି ଦେବ ।

ମୋ ପୂର୍ବରୁ ୫ ଟି ଭାଷଣ ଏପରି ଜଣେ ପାଳକଙ୍କ ଦ୍ୱାରା ଦିଆଯାଇଥିବାର ରେକର୍ଡ଼ ରହିଛି । ଅନେକଗୁଡ଼ିଏ ବର୍ଷ ପୂର୍ବରୁ ପାଳକ ଉଇଲିୟମ୍ ଷ୍ଟିଲ୍ ଏକ ଅନ୍ତଃ-ବିଶ୍ୱବିଦ୍ୟାଳୟର ପରମାର୍ଥ ଛାତ୍ରମାନଙ୍କୁ ସମ୍ମିଳନୀରେ ଏହି ଭାଷଣଗୁଡ଼ିକ ପ୍ରଦାନ କରିଥିଲେ । ସ୍କଟଲାଣ୍ଡର ଆବରଡିନ୍ ମଣ୍ଡଳୀରେ ଦୀର୍ଘ ପଇଁତାଳିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ପାଳକୀୟ କାର୍ଯ୍ୟ କରିବା ପରେ ମଧ ସେ ପୂର୍ବପରି ଥିଲେ ଯେପରି ସ୍ପନ୍ଦନ ସୃଷ୍ଟିକାରୀ ଓ ଜୀବନ ପ୍ରଦାନକାରୀ ପାଳକ ଏବଂ ବିନା ପ୍ରଶ୍ନରେ ତାଙ୍କର ପାଳକୀୟ ସେବାକାର୍ଯ୍ୟ ସେହି ମଣ୍ଡଳୀଠାରୁ ଅନେକ ଦୂର ପର୍ଯ୍ୟନ୍ତ ସ୍କଟ୍‌ଲାଣ୍ଡରେ ବିଭିନ୍ନ ସ୍ଥାନରେ ପହଞ୍ଚିଥିଲା । ଏପରିକି ଆଜି ମଧ ଗୋଟିଏ ଛୋଟ ସୈନିକର ପରିବର୍ତ୍ତନ ହେଉ ବା ଅନ୍ୟମାନଙ୍କର ହେଉ, ଯେଉଁମାନେ ବି ତାଙ୍କର ପ୍ରଚାର ଦ୍ୱାରା ଓ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇ ସମଗ୍ର ପୃଥିବୀରେ ଖ୍ରୀଷ୍ଟଙ୍କର ସେବା କାର୍ଯ୍ୟ କରୁଛନ୍ତି । ତାଙ୍କର ଭାଷଣଗୁଡ଼ିକରେ ସେ ଅନ୍ତଃ-ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପାଳକ ଷ୍ଟିଲ୍ ଏହି କଥା କହିଥିଲେ ।

ପାଳକ ତାର ପଲର ମେଷମାନଙ୍କୁ ଭୋଜନ କରାଇବା ପାଇଁ ଆହ୍ୱାନ ପାଇଥାଏ । ଏପରିକି ଯଦିବା ମେଷ ଭୋଜନ କରିବା ପାଇଁ ଚାହିଁ ନ ଥାଏ । ସେ

ନିଶ୍ଚିତ ଭାବରେ ଛେଳିମାନଙ୍କର ଏକ ଆମୋଦ ପ୍ରଦାନକାରୀ ହେବ ନାହିଁ । ଛେଳିମାନଙ୍କୁ ଛେଳିମାନଙ୍କ ଆମୋଦ ପ୍ରଦାନକାରୀ ହେବାକୁ ଦିଅ ଏବଂ ତାହା ଛେଳିମାନଙ୍କୁ ଛେଳି ସ୍ୱଭାବକୁ ପରିତୃପ୍ତ କଲେ ମଧ୍ୟ ମେଷରେ ପରିଣତ କରି ପାରିବ ନାହିଁ । ସବୁଠାରୁ ଫଳପୂର୍ଣ୍ଣ ପାଳକୀୟ କର୍ତ୍ତବ୍ୟ ହେଉଛି ସବୁ ପ୍ରକାର ଭିନ୍ନ ଦେଖାଯାଉଥିବା ମେଷମାନଙ୍କୁ ଏକତ୍ର ବାସ କରିବାକୁ ଦେବା ଏବଂ ସେମାନଙ୍କୁ ଦେଖାଇବା, କିପରି ଏହି ଜଗତରେ ଛେଳିମାନଙ୍କ ମଧ୍ୟରେ ବାସ କରୁଥିଲେ ମଧ୍ୟ ଆମେ ଛେଳିମାନଙ୍କ ପରି ହେବା ନାହିଁ ।

ତୁମେ ଯେତେବେଳେ ପୂର୍ନଜନ୍ମ ପାଇ ସାରିଛ, ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ, ତୁମେ ମଣ୍ଡଳୀର ଏକ ଅଂଶ ହୋଇଛ । ଯେଉଁଠାରେ ତୁମେ ଏ ପ୍ରକାର ବିଶ୍ୱାସପୂର୍ଣ୍ଣ ପାଳକୀୟ ସେବାକାର୍ଯ୍ୟ ମାଧ୍ୟମରେ ଆଶିର୍ବାଦ ପାଇ ପାରିବ ।

ଦୁଃଖର ବିଷୟ ଏହି ଯେ, ତୁମମାନଙ୍କ ମଧ୍ୟରୁ କିଛି ଜଣ ଯେଉଁମାନେ ଏହି ପୁସ୍ତକ ପାଠ କରୁଛନ୍ତି । ଏହି ପ୍ରକାର ପାଳକୀୟ ନିଦର୍ଶନର ସାନିଧ ଲାଭ କରି ପାରନ୍ତି ନାହିଁ । ଯାହାବି ହେଉ ତୁମେ ଯଦି ଏହିପରି ସୁଯୋଗ ଅଧିକାରୀ ହୋଇଛ ପୁଣି ଜଣେ ବିଶ୍ୱସ୍ତ ପାଳକ-ଶିକ୍ଷକଙ୍କୁ ସାହାଯ୍ୟ କରିବାକୁ ଏବଂ ବାଇବଲ ବାଖ୍ୟାଗୁଡ଼ିକର ସାନ୍ନିଧ୍ୟ ଲାଭ କରିବାକୁ ପ୍ରସ୍ତୁତ ଅଛ, ତେବେ ତୁମେ ସବୁବେଳେ ସାବଧାନ ରହିବା ଉଚିତ୍ । କେବେ ବି ଆସିପାରିବା ବିପଦ ଯାହାକି ତୁମ ଜୀବନରେ ଆସିବା ପାଇଁ ଚେଷ୍ଟା କରୁଥାଏ ତୁମେ ତୁମର ଆତ୍ମିକ ଖାଦ୍ୟ ଦ୍ୱାରା ତୁମର ଈଶ୍ୱରଙ୍କ ଇଚ୍ଛାରେ ତୁମର ପ୍ରତିଦିନ ''ଏକତ୍ର ସମୟ'' ମାଧ୍ୟମରେ ଶିକ୍ଷାଲାଭ କରିପାରିବ ।

ନା ଆମେ ନିଶ୍ଚିତ ଭାବରେ ଜାଣି ରଖିବା ଉଚିତ୍ ଯେ, ଜଣେ ବିଶ୍ୱସ୍ତ ପାଳକଙ୍କଠାରୁ ଲାଭ କରିଥିବା ବାଇବଲର ଜ୍ଞାନ କିମ୍ବା ଆମର ନିଜର ବୌଦ୍ଧିକ ଜ୍ଞାନ ଦ୍ୱାରା ଆହରଣ କରିଥିବା ଈଶ୍ୱରଙ୍କ ବାକ୍ୟ ଆତ୍ମିକ ଖାଦ୍ୟର ସ୍ଥାନ ନେଇ ପାରିବ ନାହିଁ । ମାତ୍ର ପବିତ୍ର ଆତ୍ମା ଆମ ହୃଦୟରେ ଏବଂ ଜୀବନଗୁଡ଼ିକରେ ପ୍ରୟୋଗ କରିବେ ଯେପରି ଆମେ ତାଙ୍କ ସହିତ ଏକ ବିଶେଷ ''ଏକତ୍ର ସମୟ''ରେ ଯୋଗ ଦେଇ ପାରିବା ।



ବାସ୍ତବରେ ଯେପରି ଜଣେ ବାଇବଲ ଶିକ୍ଷକଙ୍କର ଏକ ବ୍ୟକ୍ତିଗତ ''ଏକତ୍ର ସମୟର'' ବିକଳ୍ପ ନାହିଁ । ତେଣୁ ଏକ ବ୍ୟକ୍ତିଗତ ''ଏକତ୍ର ସମୟ'' ର କରିବାରେ ଅବହେଳା ସୁଯୋଗକୁ ଅବହେଳା କରିବାରେ କ୍ଷମା ନାହିଁ । ଯାହା ଈଶ୍ୱର ଆମକୁ ଦେଇଥାନ୍ତି ତାଙ୍କର ବାକ୍ୟ ଅଧ୍ୟୟନ କରିବା ପାଇଁ ଏବଂ ବିଫଳତା ପାଇଁ । ବାଇବଲ ବିଶ୍ୱାସ କରୁଥିବା ମଣ୍ଡଳୀର ଏକ ଅଂଶ ହେବା ପାଇଁ ।

ତୁମର ପାରିପାର୍ଶ୍ୱିକ ପରିସ୍ଥିତି ଯାହା ହୋଇଥାଉ ନା କାହିଁକି ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ନିୟମିତ ବାଇବଲ ଅଧ୍ୟୟନର ଅଧିକ ପୁରସ୍କାରପ୍ରାପ୍ତ ପ୍ରଣାଳୀ ତୁମକୁ ସାହାଯ୍ୟ କରି ପାରିବ ।

ଏକ ଦୀର୍ଘ ସମୟ ପୂର୍ବରୁ, ମାଇଲେସ୍ କଭରଡେଲ୍ ଏହିସବୁ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରିଥିଲେ । ଯେପରି ଈଶ୍ୱରଙ୍କ ବାକ୍ୟର ଅଧ୍ୟୟନ ସହଜ, ବୋଧଗମ୍ୟ ଓ ସାହାଯ୍ୟକାରୀ ରୂପେ ବ୍ୟବହୃତ ହୋଇ ପାରିବ । ଏହା ହେଉଛି ତାହା ଯାହା ସେ ଲେଖିଥିଲେ, ତାର ବିଶଦ୍ ବିବରଣୀ ।

ଏହା ତୁମକୁ ଧର୍ମଶାସ୍ତ୍ର ବୁଝିବାରେ ବହୁଳ ରୂପରେ ସାହାଯ୍ୟ କରିବ । ଯଦି ତୁମେ କେବଳ ଯାହା କୁହାଯାଇଛି ତାକୁ ଲେଖି ରଖିବ ମାତ୍ର ଯାହା ଲେଖା ଯାଇଛି ତାହା ମଧ୍ୟ ଲେଖି ରଖିବ ।

**ଏହି ଅଂଶଟି** କାହା ବିଷୟରେ କହୁଛି ?

**କାହାକୁ** ଏହି ଅଂଶଟି ନିର୍ଦ୍ଦେଶ କରାଯାଇଛି ?

**କେଉଁ ବିଶେଷ** ଶବ୍ଦଗୁଡ଼ିକ ଲେଖକ ବ୍ୟବହାର କରିଛନ୍ତି ?

**କେଉଁ ସମୟରେ** ଏ ଅଂଶଟି ଲେଖା ଯାଇଛି ?

**କେଉଁଠାରୁ** ଏ ବିଷୟଟି ଲେଖା ଯାଇଛି ?

**କେଉଁ ଉଦ୍ଦେଶ୍ୟରେ** ଏହି ଅଂଶଟି ଲେଖା ଯାଇଛି ?

**କେଉଁ ପରିସ୍ଥିତିରେ** ଏହି ଅଂଶଟି ଲେଖା ଯାଇଛି ?

କିପରି ଏହି ଅଂଶଟି ପ୍ରଯୁର୍ଯ୍ୟ ହୋଇ ପାରିବ ? ପୂର୍ବରୁ କ'ଣ ହୋଇଥିଲା ଏବଂ ଏହା ପରେ କ'ଣ ଆସିବ ?

ଯେତେବେଳେ ତୁମେ ଏ ପ୍ରକାର ପ୍ରଶ୍ନଗୁଡ଼ିକର ଉତ୍ତର ଦେବାର ଅଭ୍ୟାସ ପାଇଁ ଏକ ଢାଞ୍ଚା ତୁମର ନିୟମିତ ବାଇବଲ ଅଧ୍ୟୟନ ଦ୍ୱାରା ପ୍ରସ୍ତୁତ କରିବ । (ଯେଉଁଠି ସମ୍ଭବ କରରେ ନିର୍ଦ୍ଦେଶ ଦିଆଯାଇଥିବା ବାଇବଲ ବ୍ୟବହାର କରିବା) ତୁମେ ତୁମର ବୃଦ୍ଧିଲାଭ କରୁଥିବା ଆଶ୍ଚର୍ଯ୍ୟ ରକମର ସତ୍ୟତାରେ ରୋମାଞ୍ଚିତ ହେବ । ଯାହା ସାରା ବାଇବଲ ମଧ୍ୟ ଦେଇ ଐକ୍ୟସ୍ଥାପନ କରାଇ ପାରିବ । ଧୀରେ ଧୀରେ ତୁମେ ଈଶ୍ୱର ପ୍ରକଟିତ ସତ୍ୟ ଯାହା ଭବିଷ୍ୟତ ବାଣୀ ରୂପେ ସ୍ଥାନ ପାଇଛି ତାର ଅଗଣିତ ଉପସ୍ଥାପନା ଜାଣି ମୋହିତ ହୋଇଯିବ । ସେହି ଭବିଷ୍ୟତବାଣୀ ମଧ୍ୟରୁ କିଛି ଭାଗ ସଫଳ ହୋଇ ସାରିଲାଣି । ଆଉ କିଛି ସଫଳ ହେବା ପାଇଁ ପ୍ରତୀକ୍ଷା କରି ରହିଛି ।

ଆଉ ତୁମେ ମଧ୍ୟ ବହୁଳ ଭାବରେ ଆଶୀର୍ବାଦ ପ୍ରାପ୍ତ ହେବ ଯେପରି ତୁମର ଚକ୍ଷୁଗୁଡ଼ିକ ବୃଦ୍ଧିଲାଭ କରି ଓ ଆଶ୍ଚର୍ଯ୍ୟ ପୂର୍ଣ୍ଣ ତୁମର ଚକ୍ଷୁ ତୁମର ଅନନ୍ତ ଈଶ୍ୱରଙ୍କ ପ୍ରତି ଉନ୍ମୁକ୍ତ ହେବ । ସୃଷ୍ଟି ମଧ୍ୟରେ ତାଙ୍କର ଉଦ୍ଦେଶ୍ୟ । ଇତିହାସରେ ତାଙ୍କ ସ୍ଥାନ । ତାଙ୍କ ପରିତ୍ରାଣର ତତ୍ତ୍ୱ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଭାବରେ ତାଙ୍କର ଜଗତକୁ ଆଗମନ ତୁମ ଓ ଆମ ପରି ଖ୍ରୀଷ୍ଟିୟାନମାନଙ୍କ ପାଇଁ ତାଙ୍କର ନିର୍ଦ୍ଦେଶ ଏପରିକି ଏଇ ବର୍ତ୍ତମାନ ସମୟରେ ଏ ପ୍ରକାର ବାଇବଲ ଜ୍ଞାନ ହେଉଛି ପ୍ରକୃତରେ ମନକୁ ଶୋଭିତ କରିପାରେ ଏବଂ ଏହା ପ୍ରତ୍ୟେକ ବିଶ୍ୱାସୀମାନଙ୍କର ଅଧ୍ୟବ୍ୟସାୟର ପଶ୍ଚାତଧାବନ ହେବା ଉଚିତ୍ ।

## ହୃଦୟ

### ଏକତ୍ର ସମୟ – ଏହାର ସଂଶୋଧନ ଓ ଏହାର ପରାମର୍ଶ

ଈଶ୍ୱର ଚାହାନ୍ତି ତାଙ୍କର ପ୍ରତ୍ୟେକ ସନ୍ତାନ ସତ୍ୟ ଓ ଆତ୍ମାରେ ତାଙ୍କର ଉପାସନା କରନ୍ତୁ । ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, *ଆତ୍ମାରେ* ଓ *ସତ୍ୟରେ* ଉପାସନା କରିବା ଉଚିତ୍ (ଯୋହନ ୪ : ୨୪) । ଆମର **ମସ୍ତକ** ଓ **ହୃଦୟ** ଉଭୟ ହେଉଛନ୍ତି ତାଙ୍କ ସହିତ ଆମର ବ୍ୟକ୍ତିଗତ ''ଏକତ୍ର ସମୟର'' ଏକତ୍ରୀକରଣ ।



ଯଦି ତୁମର ନିୟମିତ ବାଇବଲ ଅଧ୍ୟୟନ ତୁମକୁ କେବଳ ବାଇବଲର ବିଷୟଗତ ଜ୍ଞାନ ପ୍ରଦାନ କରିଥାଏ । ତେବେ ଏ ପ୍ରକାର ଜ୍ଞାନ କେବଳ ତୁମର ଅଳ୍ପ ଉପକାରରେ ଲାଗି ପାରିବ । ବାସ୍ତବରେ ଏହି ମସ୍ତକଗତ ଜ୍ଞାନକୁ ଠିକ୍ ଭାବରେ ବା ସାଧୁତାର ସହିତ ଜୀବନରେ ପ୍ରୟୋଗ ନ କଲେ ଜୀବନରେ ନାନା ପ୍ରକାର ବଡ଼ ବଡ଼ ସମସ୍ୟା ସୃଷ୍ଟି କରିଥାଏ ।

ଦୁଃଖର ବିଷୟ ଏହି ଯେ, ଏହିପରି ଅନେକ ଲୋକ ଅଛନ୍ତି । ଯେଉଁମାନଙ୍କର ଈଶ୍ୱରଙ୍କ ବାକ୍ୟ ବିଷୟରେ ଅଗାଧ ଜ୍ଞାନ ଥାଇ ମଧ୍ୟ ସେମାନେ ସେହି ସୁନ୍ଦର ଜ୍ଞାନର ଆଲୋକରେ ବାସ କରନ୍ତି ନାହିଁ । ତା' ପରିବର୍ତ୍ତେ ସେମାନେ ସେହି ବାଇବଲ ଜ୍ଞାନକୁ ନିଜ ମସ୍ତିଷ୍କରେ ତାଲା ପକାଇ ରଖିଦେଇଥାନ୍ତି ସେମାନେ ନିଜ ମନରେ ମୂର୍ଖତାର ସହିତ ଜଗତର ପଥସବୁକୁ ଆଦରି ନେଇଥାନ୍ତି । ଏହା କେଡ଼େ ଦୁଃଖର ବିଷୟ ! ଈଶ୍ୱରଙ୍କ ବାକ୍ୟ ପାଇଁ ସେମାନଙ୍କ ଚିନ୍ତାଧାରା ଓ ସେମାନଙ୍କ ଜୀବନ ଶୈଳୀରେ ଆଦୌ ସାମଞ୍ଜସ୍ୟ ଦେଖା ଯାଇ ନ ଥାଏ ।

ନିଜ ମନକୁ ଜଗତ ସହିତ ସାମିଲ କରି ଦେଇ ଈଶ୍ୱରଙ୍କ ବାକ୍ୟର ନିକଟବର୍ତ୍ତୀ ହେବା ଏବଂ ତା'ପରେ ଶାସ୍ତ୍ର ସହିତ ଦର୍ଶନକୁ ସମାନ କରିବାକୁ ଚେଷ୍ଟା କରିବା କିମ୍ବା ମାନବ ପ୍ରକୃତିର ମନୋବିଜ୍ଞାନ ଅନୁଯାୟୀ ବୌଦ୍ଧିକ ବିଶ୍ୱସ୍ତତା ଏବଂ ନୈତିକ ସଂହତିର ପ୍ରତ୍ୟେକ ନିୟମକୁ ଅମାନ୍ୟ କରିବାକୁ ଚେଷ୍ଟା କରିବା ଠିକ୍ ନୁହେଁ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଏହି ବର୍ତ୍ତମାନର ମନ୍ଦ ଜଗତରୁ ଉଦ୍ଧାର କରିବା ପାଇଁ ଏକ ବିରାଟ ମୂଲ୍ୟ ପ୍ରଦାନ କରିଅଛନ୍ତି ତେଣୁ, ନିଶ୍ଚିତ ଭାବରେ ଈଶ୍ୱରଙ୍କ ବାକ୍ୟ ଏକ ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରୁଥିବା ସମସାମୟିକ ବ୍ୟକ୍ତିମାନଙ୍କର ଚିନ୍ତାଧାରାର ଶୈଳୀକୁ ଖଣ୍ଡନ କରିବ ।

କାରଣ ଈଶ୍ୱରଙ୍କ ବାକ୍ୟ କେବେ ମଧ୍ୟ ମାନବୀୟ ସଂସ୍କୃତି ସଦୃଶ ହୋଇ ନ ଥାଏ ବା ଅନୁକାରୀ ହୋଇ ନ ଥାଏ । ଯେତେବେଳେ ଆମେ କ'ଣ ହେବା ଉଚିତ୍ ବୋଲି ଈଶ୍ୱର ଚାହାନ୍ତି, ତାହା ଜାଣି ଏକ ମହତ୍ ଆକାଂକ୍ଷାର ସହିତ ବାଇବଲ ପାଠ କରିଥାଉ, ବାସ୍ତବରେ ସେତେବେଳେ ତାହା ଏକ ବିପ୍ଳବାତ୍ମକ ଜୀବନ

ପରିବର୍ତ୍ତନକାରୀ ଅନୁଭୂତି ହୋଇଥାଏ । ଏହା ହେଉଛି ମଧ୍ୟ ହୃଦୟ ସଂକ୍ଲିଷ୍ଟ । ଏହା ନୁହେଁ କେବଳ ଏକ ମସ୍ତକଗତ ଜ୍ଞାନ ଯାହା ଈଶ୍ୱର ତାଙ୍କ ପ୍ରତ୍ୟେକ ସନ୍ତାନମାନଙ୍କ ଠାରୁ ଆବଶ୍ୟକ କରିଥାନ୍ତି ।

ଗୀତସଂହିତା ପୁସ୍ତକର ରଚୟିତା ବା ଲେଖକ କହିନାହାନ୍ତି ଯେ, ''ମୁଁ ତୁମ୍ଭବାକ୍ୟ ମୋର ମସ୍ତକରେ ଲୁଚାଇ ରଖିଅଛି । ମାତ୍ର ସେ କହିଛନ୍ତି, *ମୁଁ ଆପଣା ହୃଦୟ ମଧ୍ୟରେ ତୁମର ବାକ୍ୟ ସଞ୍ଚୟ କରି ରଖିଅଛି । ''ମୁଁ ଯେପରି ତୁମ ବିରୁଦ୍ଧରେ ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମର ବାକ୍ୟ ସଞ୍ଚୟ କରି ରଖିଅଛି ।''* (ଗୀତସଂହିତା ୧୧୯ : ୧୧) ଏପରିକି ଏଡଲଫ୍ ହିଟ୍‌ଲର୍ ସେହି ସମୟ ଗୁଡ଼ିକରେ ସେ ତାଙ୍କ ସର୍ବସାଧାରଣ ଭାଷଣ ଦେବା ସମୟରେ ବାଇବଲର ପଦଗୁଡ଼ିକୁ ଉଦ୍ଧୃତ କରୁଥିଲେ, ମାତ୍ର ଏହି ନିର୍ଦ୍ଦିଷ୍ଟ କେତେଗୁଡ଼ିଏ ବାଇବଲ ପଦଗୁଡ଼ିକର ଜ୍ଞାନ ତାଙ୍କୁ ତାଙ୍କର ନୈତିକ ପସନ୍ଦଗୁଡ଼ିକରେ ସାହାଯ୍ୟ କରି ନ ଥିଲା କିମ୍ୱା ତାଙ୍କୁ ଅନନ୍ତ ଜୀବନ ଲାଭ କରିବାରେ ସାହାଯ୍ୟ କରି ନ ଥିଲା । ଏହା ନିଶ୍ଚିତ ଯେ, ତାଙ୍କର ଜ୍ଞାନ ତାଙ୍କର ହୃଦୟ ମଧ୍ୟକୁ ପ୍ରବେଶ କରି ନ ଥିଲା ।

ହୁଏତ ତୁମେ ପଚାରି ପାର – ''ମୁଁ ତୁମର ବାକ୍ୟ ମୋ ହୃଦୟ ମଧ୍ୟରେ ସଞ୍ଚୟ କରି ରଖିଅଛି ।'' ଦାଉଦଙ୍କର ଏହି ଉକ୍ତିଟିର ଅର୍ଥ କ'ଣ ବୁଝାଏ ? ନିଶ୍ଚିତ ଭାବରେ ସେ ଏହା କହି ନ ଥିଲେ ଯେ, ''ଆମ ମାଂସପେଶୀ ମଧ୍ୟରେ ଥିବା ଗାତ, ଯାହାକୁ ଚିପିଲେ ରକ୍ତ ତାର ଶିରାରୁ ଯାଇ ଧମନୀରେ ପହଞ୍ଚିବ ବାସ୍ତବରେ ଈଶ୍ୱରଙ୍କ ବାକ୍ୟ କେହି ହେଲେ ସେ ସ୍ଥାନରେ ଲୁଚାଇ ରଖି ପାରିବ ନାହିଁ । ମାତ୍ର ଏହା ନିର୍ଦ୍ଦେଶନା ଦେଉଥିବା ଅର୍ନ୍ତଆତ୍ମାର କେନ୍ଦ୍ରସ୍ଥଳ । ଯେତେବେଳେ ଆମେ ବାଇବଲ ପାଠ କରୁ ଏବଂ ଈଶ୍ୱରଙ୍କ ବାକ୍ୟ ଆମ ହୃଦୟର ସେହି କେନ୍ଦ୍ର ସ୍ଥଳରେ ଲୁଚାଇ ରଖୁ ତାପରେ ଆମ ଭିତରେ ବାସ କରୁଥିବା ଖ୍ରୀଷ୍ଟଙ୍କର ଶକ୍ତି ଦ୍ୱାରା ଲଗାତର ଭାବରେ ପବିତ୍ରତାକୁ ଉପଭୋଗ କରିଥାଉ ଏବଂ ଈଶ୍ୱରଙ୍କ ବାକ୍ୟର ପରିପୁଷ୍ଟତା ଲାଭ କରିବା ପାଇଁ ସକ୍ଷମ ହୋଇଥାଉ ।



ଯେତେବେଳେ ମୋର ସୁଯୋଗ ଥିଲା ନିୟମିତ ବାଇବଲ ଅଧ୍ୟୟନ କରିବା ପାଇଁ ପରମାର୍ଥର ଏକ ପୂର୍ଣ୍ଣ ସମୟର ଛାତ୍ର ଥିଲି, ସେତେବେଳେ ବାଇବଲ ସମ୍ୱନ୍ଧୀୟ ସତ୍ୟଗୁଡ଼ିକୁ ସଂଗ୍ରହ କରିବା ବିଷୟ ଶିକ୍ଷା ପାଇଥିଲି ଯାହାର କୌଣସି ବିକଳ୍ପ ନାହିଁ । ଈଶ୍ୱରଙ୍କ ସହିତ ଏକାକୀ ରହି ସେ ତାଙ୍କ ବାକ୍ୟ ମଧ୍ୟ ଦେଇ ମତେ କ'ଣ କହିବାକୁ ଚାହିଁଥିଲେ ତାହା ଶୁଣିବା ବିଷୟ ଜାଣିପାରିଥିଲି । ଆହୁରି ମଧ୍ୟ ମୁଁ ଆବିଷ୍କାର କରିଥିଲି ଯେ, ''ଈଶ୍ୱରଙ୍କ ବାକ୍ୟ ଦ୍ୱାରା ବିଚାରିତ ହେବା ଅପେକ୍ଷା, ଈଶ୍ୱରଙ୍କ ବାକ୍ୟକୁ ବିଚାର କରିବା ମୋ ପକ୍ଷରେ ସହଜକର'' ।

କଲେଜରେ ପଢୁଥିବା ଦିନଗୁଡ଼ିକରେ, ଯେତେବେଳେ ଆମେ ଏକ ଶ୍ରେଣୀ ଗୃହରେ ଭାଷଣ ଶୁଣୁଥିଲୁ, ମାତ୍ର ଭାଷଣ ବୁଝି ନ ପାରି ଆମର ଗୁରୁତ୍ୱହୀନ ଚିନ୍ତାଧାରା ପାଇଁ ହସୁଥିଲୁ । ଆମେ କହୁଥିଲୁ, ଏକ ଭାଷଣମାନେ ଯେଉଁଠାରେ ପ୍ରଫେସରଙ୍କର ଟିପାଖାତାରୁ ପାଠ ବିଷୟ ଗତ ଭାବେ ଯାଇ ଛାତ୍ରମାନଙ୍କର ଟିପାଖାତାରେ ପହଞ୍ଚିଥାଏ । ମାତ୍ର ତାହା କାହାର ମୁଣ୍ଡକୁ ପଶି ପାରି ନ ଥାଏ ।

ଆହୁରି ଦୁଃଖର ବିଷୟ ଏହି ଯେ, ଏହି ପରିସ୍ଥିତିରେ ଯେଉଁ ବାଇବଲ ଶିକ୍ଷା ପାଳକଙ୍କର ମସ୍ତକ ମଧ୍ୟ ଦେଇ ଉପସ୍ଥିତ ଜନତାଙ୍କ ମସ୍ତକରେ ପହଞ୍ଚୁଥାଏ ମାତ୍ର ଏହା କାହାରି ହୃଦୟ ମଧ୍ୟକୁ ପ୍ରବେଶ କରି ନ ଥାଏ । ତୁମେ ସ୍ମରଣ କରି ପାରିବ ଯାହା ଈଶ୍ୱର କହିଛନ୍ତି – ''କାରଣ ସେମାନଙ୍କ ନିକଟରେ ଯେପରି । ଆମ୍ଭମାନଙ୍କ ନିକଟରେ ମଧ୍ୟ ସେହିପରି, ସୁସମାଚାର ପ୍ରଚାରିତ ହୋଇଅଛି, କିନ୍ତୁ ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶ୍ରୁତ ବାକ୍ୟ ନିଜସ୍ୱ ନ କରିବାରୁ ତାହା ସେମାନଙ୍କ ପକ୍ଷରେ ଲାଭଜନକ ହେଲା ନାହିଁ ।'' (ଏବ୍ରୀ ୪ : ୨)

କେବଳ ଯେତେ ବେଳେ ଆମେ ଯିରିମିୟ ଭାବବାଦୀଙ୍କ ସାକ୍ଷ୍ୟ ସହିତ ପରିଚିତ ହୋଇ ପାରିବା ସେତେବେଳେ ଈଶ୍ୱରଙ୍କ ବାକ୍ୟ ଆମ ଜୀବନଗୁଡ଼ିକ ପାଇଁ ଆଶୀର୍ବାଦ ଆଣିବା ପାଇଁ ମନସ୍ଥ କରି ପାରିବ । ଯିରିମିୟ କହିଛନ୍ତି, ''ତାହାଙ୍କ ବାକ୍ୟ ମୋ ହୃଦୟରେ ପ୍ରଜ୍ୱଳିତ ଅଗ୍ନି ସଦୃଶ ମୋର ଅସ୍ଥିରେ ରୁଦ୍ଧ ଥିଲା ପରି ରହିଅଛି (ଯିରିମିୟ ୨୦ : ୯) । ଆଜି ଅନେକ ବିଶ୍ୱାସୀମାନଙ୍କ ଜୀବନରେ ଈଶ୍ୱରଙ୍କ

ବାକ୍ୟ ବିଷୟରେ ଏକ ପ୍ରଜ୍ୱଳିତ ଦଣ୍ଡାଜ୍ଞା ବା ହୃଦ୍‌ବୋଧର ପୀଡ଼ା କ୍ଷୟ ପାଇ ଯାଉଛି । ଏହା ଫଳରେ ଆମେ କ'ଣ ଜାଣୁ ଓ କ'ଣ କରୁ ମଧ୍ୟରେ ବା ଆମର ଜାଣିବା ଓ କରିବା ମଧ୍ୟରେ ଅତି ଅଳ୍ପ ପରିମାଣରେ ସମ୍ପର୍କ ରହିଛି ।

ଯେତେବେଳେ ତୁମ ହୃଦୟକୁ ବାଇବଲ ଶିକ୍ଷା ପ୍ରକୃତରେ ପ୍ରବେଶ କରିପାରିବ ବା ହୃଦୟକୁ ଆଲୋକିତ କରିବ ଏହା ନିଶ୍ଚିତ ଭାବରେ ତୁମ ଜୀବନକୁ ପରିବର୍ତ୍ତିତ କରି ଦେବ । ଯେତେବେଳେ ଏହା ଘଟେ, ତୁମେ ନିଜକୁ ଦେଖିପାରିବ ଯେ ତୁମେ ଖୁବ୍ କମ୍ ମାନବ ସହାୟତା ପ୍ରଣାଳୀ ଉପରେ ନିର୍ଭର କରୁଛ । ଯେପରି ପରିବାରର ପରାମର୍ଶଦାତାଗଣ ଏବଂ ଉତ୍ତମ ଭାବରେ ପ୍ରସ୍ତୁତ କରାଯାଇଥିବା ସେମିନାରଗୁଡ଼ିକ ପାଇଁ ତୁମେ ଆବିଷ୍କାର କରିପାରିବ କିପରି ଈଶ୍ୱର ତୁମ ପାଇଁ ବ୍ୟକ୍ତିଗତ ଭାବରେ ତାଙ୍କ ବାକ୍ୟ ମଧ୍ୟରେ ତୁମ ପାଇଁ କରିଥିବା ପ୍ରତିଜ୍ଞାଗୁଡ଼ିକ ସଫଳ କରିବେ ବା ପ୍ରକାଶ କରିବେ । ତାପରେ ତୁମ ମଧ୍ୟରେ ବାସ କରୁଥିବା ପବିତ୍ରଆତ୍ମାଙ୍କର ଶକ୍ତିରେ ଯୀଶୁଖ୍ରୀଷ୍ଟଙ୍କର ସ୍ୱଷ୍ଟ ଆଦେଶଗୁଡ଼ିକ ମାନିବା ପାଇଁ ସକ୍ଷମ ହୋଇ ପାରିବ ।

ଥରେ, ମୁଁ ପ୍ରଚାର କରି ସାରିବା ପରେ, ଲୋକମାନଙ୍କ ଭିତରୁ ଜଣେ ଦୟାଳୁ ବ୍ୟକ୍ତି ମତେ ଖୋଜି ଏହା କହିବା ଦ୍ୱାରା ମତେ ଉତ୍ସାହିତ କରିଥିଲେ, ସେ କହିଥିଲେ – ''ତୁମେ ନିଶ୍ଚିତ ଭାବରେ ମତେ ଚିନ୍ତା କରିବାକୁ କିଛି ବିଷୟ ଦେଇଛ । ଯେତେବେଳେ ମୁଁ ଏହା ଶୁଣିଲି ମୁଁ ଜାଣିଲି ଶିକ୍ଷାଟିର ପ୍ରକୃତ ଉଦ୍ଦେଶ୍ୟଟି ସଫଳ ହୋଇ ପାରି ନାହିଁ । ପ୍ରଚାର ପରେ ଯେପରି ହୋଇଥାନ୍ତା ବୋଲି ଭାବିଥିଲି ସେପରି ହୋଇ ନ ଥିଲା । ଈଶ୍ୱରଙ୍କ ବାକ୍ୟ ପ୍ରଚାରରେ କରତାଳି ଦ୍ୱାରା ପ୍ରଶଂସା ପାଇବାଠାରୁ ଏହାକୁ ଏକ ଜୀବନ ପରିବର୍ତ୍ତନକାରୀ ଭାବେ ତାକୁ ବ୍ୟବହାର କରିବା ମଧ୍ୟରେ ଅନେକ ପ୍ରଭେଦ ରହିଛି । ପ୍ରକୃତରେ, ଶିକ୍ଷାଗୁଡ଼ିକ ଏପରି ହେବା ଉଚିତ୍ ଯେପରି ତାହା ଲୋକମାନଙ୍କ ଉପରେ କାର୍ଯ୍ୟ କରିବ କେବଳ ତା' ବିଷୟରେ ଭାବିବାକୁ ନୁହେଁ ।

ସମଭାବରେ ଯଦି ଗୋଟିଏ 'ଏକତ୍ର ସମୟ' ତୁମକୁ ଏକ ସକ୍ରିୟ ବିଶ୍ୱାସର ଉତ୍ତର କିମ୍ବା ବାଧ୍ୟତାଆଡ଼କୁ ପୁଣି ପାପସ୍ୱୀକାର ଏବଂ ଉପାସନାର ଏକ



ମନୋଭାବର ନେତୃତ୍ୱ ନ ଦେଇଛି, ତେବେ ଏହା ଏକ ଫଳପ୍ରଦ ''ଏକତ୍ର ସମୟ'' ହୋଇ ପାରିବ ନାହିଁ ।

ଅପର ପକ୍ଷରେ ଯେତେବେଳେ ଏକ ଈଶ୍ୱରଙ୍କ ସନ୍ତାନ ଈଶ୍ୱରଙ୍କ ସନ୍ତାନ ଈଶ୍ୱରଙ୍କ ବାକ୍ୟର ଜ୍ଞାନରେ ତାର ମସ୍ତିକ ପୂର୍ଣ୍ଣ କରିଥାଏ ବା ଈଶ୍ୱରଙ୍କ ବାକ୍ୟ ରୂପ ଜ୍ଞାନ ଆହରଣ କରିଥାଏ ଏବଂ ତା'ର ହୃଦୟ ପବିତ୍ରଆତ୍ମାଙ୍କର ପରିଚାଳନା ପାଇଁ ଆନ୍ଦୋଳିତ ହେଉଥିବେ ସେହିଁ ପ୍ରକୃତରେ ପରିତ୍ରାଣ କର୍ତ୍ତାଙ୍କ ସହିତ ଜୀବନ୍ତ ସହଭାଗିତାକୁ ଉପଭୋଗ କରି ପାରିବ ।

ଏପରିକି ଆଜି ମଧ୍ୟ ମୁଁ ଯେତେବେଳେ ବାଇବଲ କଲେଜଗୁଡ଼ିକୁ ଅତିଥି ଶିକ୍ଷକ ରୂପେ ଯାଇଥାଏ । ମୁଁ ମୋର ଛାତ୍ରମାନଙ୍କୁ କହିଥାଏ, ତୁମେ ବାଇବଲ ଅଧ୍ୟୟନ ପାଇଁ ଆସି ନାହଁ ମାତ୍ର କେବଳ ବାଇବଲକୁ ଜାଣିବା ପାଇଁ ଆସିଅଛ । ତୁମେ ଏଠାରେ ବାଇବଲକୁ ଅଧ୍ୟୟନ କରି ବାଇବଲର ଈଶ୍ୱରଙ୍କୁ ଜାଣିବା ପାଇଁ ଆସିଛ ।

ଆତ୍ମିକ ଅପରିପକ୍ୱତା ବିଶ୍ୱାସୀମାନଙ୍କ ମଧ୍ୟରେ ଏକ ମୂକ ସାକ୍ଷ୍ୟ ସ୍ୱରୂପ । ଶକ୍ତି ସାମର୍ଥ୍ୟହୀନ କେତେଗୁଡ଼ିଏ ବାକ୍ୟାଂଶ ଏବଂ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିବା ବାଇବଲ ସମ୍ବନ୍ଧୀୟ ଆଉଟ୍ ଲାଇନ୍ ମାତ୍ର । ଅନ୍ୟ ଯେକୌଣସି ବିଷୟ ସେହି ଅସାଧାରଣ ଅନୁଭୂତିର ସ୍ଥାନ ନେଇ ପାରିବ । ଏହା ତୁମକୁ ଈଶ୍ୱରଙ୍କଠାରୁ ଅନ୍ୟ ଆଡ଼କୁ ନେଇ ଯିବ ଏବଂ ତୁମର ବାଇବଲ ଖୋଲି ପାଠ କରିବା ହ୍ରାସ ପାଇବ । ଏପରିକି ଈଶ୍ୱରଙ୍କ ସହିତ ତୁମର ଘନିଷ୍ଠତା ଓ ବ୍ୟକ୍ତିଗତ ସହଭାଗିତାର ସମ୍ଭାବନା ମଧ୍ୟ ବିନଷ୍ଟ ହେବ ।

ଯେତେବେଳେ ଜଣେ ଖ୍ରୀଷ୍ଟିୟାନ ଈଶ୍ୱରଙ୍କର ପବିତ୍ର ଉପସ୍ଥିତିର ସ୍ୱଚ୍ଛ ଆଲୋକର ସମ୍ମୁଖୀନ ହେବ ସେତେବେଳେ ପ୍ରଭୁଙ୍କ ସହିତ ତାର ପ୍ରକୃତ ସହଭାଗିତା କେବଳ ଦେଖାଯାଇ ପାରିବ । ଏହି ପ୍ରକାର ଆଲୋକ ଅଧିକ ପ୍ରକାଶିତ ହେଲେ, ତୁମର ଓ ତୁମ ସ୍ୱର୍ଗୀୟ ପିତାଙ୍କ ମଧ୍ୟରେ ନମ୍ରତା ଓ ସ୍ୱଷ୍ଟବାଦୀତାର ଖୋଲା ଖୋଲି ଭାବେ ଯୋଗାଯୋଗ ସ୍ଥାପନ ହୋଇପାରିବ । ଯଦି ତୁମେ କେତେବେଳେ ତାଙ୍କ ବାକ୍ୟ ପାଠ କରିବ ତୁମର ହୃଦୟ ବାଧ୍ୟତାର ସହିତ ତାହା ପାଠ କରିବ ତୁମର

ହୃଦୟ ବାଧ୍ୟତାର ସହିତ ତାଙ୍କ ସତ୍ୟତାକୁ ପ୍ରକାଶ କରିବ । ଯେଉଁ ସତ୍ୟ ତୁମ ଆତ୍ମା ପାଇଁ ପୁଷ୍ଟିକର ହୋଇପାରିବ ଏବଂ ତୁମେ ତୁମ ପ୍ରଭୁଙ୍କର ଜ୍ଞାନ ଓ ବୁଦ୍ଧିରେ ବୃଦ୍ଧିଲାଭ କରିବ । ଗୀତରଚକ ଏହା ପରୀକ୍ଷା କରି କରି ଦେଖିଛନ୍ତି, *''ତୁମର ଦୀପ୍ତିରେ ଆମେ ଦୀପ୍ତି ଦର୍ଶନ କରୁ'' ।* (ଗୀତସଂହିତା ୩୬ : ୯) ଏହି ପ୍ରାଚୀନ କଥାଟି ଏପର୍ଯ୍ୟନ୍ତ ସମାନ ପରିମାଣରେ ସତ୍ୟତା ରହିଛି ।

ଆଲୋକର ବାଧ୍ୟ ହେଲେ ଅଧିକ ଆଲୋକ ଆସେ;
ଆଲୋକର ଅବାଧ୍ୟ ହେଲେ ଘନ ଅନ୍ଧକାର ଆସେ ।

ମୁଁ ନିଶ୍ଚିତ ଯେ, ମୁଁ ଯେପରି ପାଇଛି ତୁମେ ମଧ୍ୟ ସେପରି ଖୋଜି ପାଇଛ ।ଏହା ଯେ କୌଣସି ବ୍ୟକ୍ତିକୁ ପରାମର୍ଶ ଦେବା ସହଜ ହେବ ମାତ୍ର ତୁମ ନିଜର ପରାମର୍ଶ ନିଜ ଉପରେ କାର୍ଯ୍ୟକାରୀ କରିବା କଷ୍ଟକର ହେବ । ଯାହାବି ହେଉ, ପ୍ରଭୁ ଯୀଶୁ ଯିଶାୟଙ୍କ ଦ୍ୱାରା ଯେପରି ବର୍ଣ୍ଣନା କରିଛନ୍ତି, *ଆଶ୍ଚର୍ଯ୍ୟ ମନ୍ତ୍ରୀ ବା ଅଦ୍ଭୁତ ପରାମର୍ଶ ଦାତା (ଯିଶାଇୟ ୯ : ୬)* ଏହା ଅସାଧାରଣ । ସେ କେବଳ ପରାମର୍ଶ ଦିଅନ୍ତି ନାହିଁ ମାତ୍ର ସେ ମଧ୍ୟ ଜଣେ ହୁଅନ୍ତି ଯେ କି ସେହି ପରାମର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ଆମକୁ ସକ୍ଷମ କରାନ୍ତି ।

ପ୍ରତ୍ୟେକ ସକାଳେ ତୁମର ''ଏକତ୍ର ସମୟ'' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯାହାକି ତୁମକୁ ଦିନର ପରବର୍ତ୍ତୀ ସମୟ ତୁମଠୁ କ'ଣ ଅପେକ୍ଷା କରିଛି, ତାହା କରିବା ପାଇଁ ତୁମକୁ ପ୍ରସ୍ତୁତ କରିବ । ତାଙ୍କର ବାକ୍ୟପଠନ କରୁଥିବା ମଧ୍ୟରେ ସେ ତୁମକୁ ତାଙ୍କର ପରାମର୍ଶ ଦେବେ ତଦ୍ୱାରା ତୁମେ ନିଶ୍ଚିତ ହୋଇ ପାରିବ ଯେ, ପ୍ରଭୁ ଯୀଶୁ ମଧ୍ୟ ତୁମ ମଧ୍ୟରେ ପ୍ରଚୁର ଭାବରେ ବାସ କରିବେ ଏବଂ ସବୁ ସମୟରେ ତୁମର ପଥ ପ୍ରଦର୍ଶକ ହେବେ ।



## ଆତ୍ମିକ ଜୀବନର ସମୀକ୍ଷା

୧. ମୁଁ ଯେତେବେଳେ ବାଇବଲ ପାଠ କରେ, ମୋର ମସ୍ତିଷ୍କ ଯେଉଁପରି ଭାବେ ଗ୍ରହଣ କରେ, ମୋର ହୃଦୟ ତଦନୁସାରେ ଉତ୍ତର ଦିଏ କି ?

୨. ଯେତେବେଳେ ମୁଁ ପ୍ରାର୍ଥନା କରେ, ଈଶ୍ୱରଙ୍କ ସହିତ ମୋର ଦୁଇ ପକ୍ଷରେ ପ୍ରକୃତ ଯୋଗାଯୋଗ ହୋଇଥାଏ କି ?

୩. ମୋର ଆତ୍ମିକ ଜୀବନରେ । ମୁଁ ପ୍ରଥମେ ମଣିଷଠାରୁ ପରାମର୍ଶ ଚାହିଁଥାଏ ନା ଈଶ୍ୱରଙ୍କଠାରୁ ? (ତାଙ୍କ ବାକ୍ୟ ମଧ୍ୟ ଦେଇ) (ସତର୍କତା ପାଇଁ : *ସେମାନେ ତାଙ୍କ କର୍ମ ସକଳ ଶୀଘ୍ର ପାସୋରି ଗଲେ, ସେମାନେ ତାଙ୍କ ମନ୍ତ୍ରଣାର ଅପେକ୍ଷା କଲେ ନାହିଁ (ଗୀତସଂହିତା ୧୦୬ : ୧୩) ।*

୪. ମୋର ଖ୍ରୀଷ୍ଟିୟ ସେବାକାର୍ଯ୍ୟରେ, ଅନ୍ୟମାନଙ୍କ ପାଇଁ ମୋର ପରାମର୍ଶ ଈଶ୍ୱରଙ୍କ ପ୍ରେମରେ ପ୍ରଜ୍ୱଳିତ ହୃଦୟରୁ ଓ ଈଶ୍ୱରଙ୍କ ବାକ୍ୟରେ ପରିପୂର୍ଣ୍ଣ ଏକ ମନ ଭିତରୁ ଆସିଥାଏ କି ? (ସତର୍କତା ପାଇଁ : *ଅନେକ ଥର ସେ ସେମାନଙ୍କୁ ଉଦ୍ଧାର କଲେ, ମାତ୍ର ସେମାନେ ଆପଣା ମନ୍ତ୍ରଣାରେ ବିଦ୍ରୋହୀ ହେଲେ ଓ ଆପଣା ଆପଣା ଅଧର୍ମରେ କ୍ଷୀଣ ହେଲେ (ଗୀତସଂହିତା ୧୦୬ : ୪୩) ।*

## ପାପଗୁଡ଼ିକ ଏହିପ୍ରକାର

*ଅଗଣିତ ପାପକୁ ସ୍ୱୀକାର କରୁଛି;*

*ଉପାସନା ମଧ୍ୟରେ ଜଗତର ଚିନ୍ତା,*
*କାର୍ଯ୍ୟରେ ନିଜର ସ୍ୱାର୍ଥ ଚେଷ୍ଟା*
*ଈଶ୍ୱରଙ୍କ ବିଷୟରେ ଗର୍ବ*
*ଅନେକ ଆତ୍ମା ଅନ୍ଧକାରରେ, ମୃତ୍ୟୁବରଣ କରିବା ବେଳେ,*
*ନିଜ ଜୀବନରେ ଆଳସ୍ୟ ଦେଖାଇ ଥାଏ ;*

*ଈଶ୍ୱର ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ସୁଦ୍ଧା,*
*ଜଗତର ଖାଦ୍ୟ ପ୍ରତି ମୋର ହୋଇଥାଏ କ୍ଷୁଧା ।*
*ଈଶ୍ୱରଙ୍କ ଉପସ୍ଥିତିରେ ଥାଇ ମଧ୍ୟ,*
*ଶାରିରୀକ ଅଭିଳାଷ ପ୍ରତି ହୁଏ ଆକୃଷ୍ଟ ।*

*ଏହିସବୁ ପାପଦ୍ୱାରା ହୃଦୟ ମୋର ହୁଏ ପ୍ରତାରିତ*
*ଏବଂ ଏହା କରିଥାଏ ତୁମ୍ଭଙ୍କୁ ଦୁଃଖିତ ।*
*ପ୍ରତ୍ୟେକ ଦିନର ପାପକୁ ମୋର*
*ଅନୁତପ୍ତ ହୃଦୟରେ ମୁହିଁ ନ କରି ସ୍ୱୀକାର ।*
*ରାତ୍ରି ମୋର ଅବହେଳାରେ କଟିଛି ମୋର;*
*ସେହି କଳଙ୍କିତ ହୃଦୟକୁ ନେଇ,*
*ନୂଆ ସକାଳରେ କରିଛି ସେବାକାର୍ଯ୍ୟ ତୁମର ।*

*ତଥାପି ତୁମ ସାନ୍ତ୍ୱନା ଅଟେ ଚିରସ୍ଥାୟୀ,*
*ତଥାପି ତୁମ ସୁସ୍ଥକାରୀ ହସ୍ତକୁ, ମୋ ଉପରେ କର ବିସ୍ତାର ।*

*ମୋ ହୃଦୟର ବ୍ୟାକୁଳତାକୁ ସ୍ମରଣ କର*
*ତୁମ ଦୟା ଗୁଣେ, ମତେ ଦୟା କର ।*
*ପିତା, ତୁମ ପୁତ୍ରଙ୍କ ଦ୍ୱାରା ମତେ ଦୟା କର,*
*ଯେତେ ସବୁ ପାପ, କରିଛି ମୁଁ ତୁମ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ*
*ତୁମ କ୍ଷମା ଗୁଣେ ମତେ କ୍ଷମା କର ।*



# ପ୍ରାର୍ଥନାପୂର୍ଣ୍ଣ ପ୍ରସ୍ତୁତିକରଣ

**ଯେ**ତେବେଳେ ମୁଁ ପ୍ରଥମେ ପରିବର୍ତ୍ତିତ ହୋଇଥିଲି, ସେତେବେଳେ ବାଇବଲ ସମ୍ବନ୍ଧରେ ମୋର ଖୁବ୍ ଅଳ୍ପ ଜ୍ଞାନ ଥିଲା । ମାତ୍ର ଅତିଶୀଘ୍ର ମୋର ବିଚାରବୁଦ୍ଧି ଆସିଲା ଯେତେବେଳେ ମୁଁ ବାଇବଲର ପୃଷ୍ଠାଗୁଡ଼ିକ ପଢ଼ି ଚାଲିଥିଲି । ପ୍ରକୃତରେ ମୁଁ ଈଶ୍ୱର ବାକ୍ୟକୁ ପାଠ କରୁଥିଲି । ସେହିସବୁ ଦିନଗୁଡ଼ିକରେ ମୁଁ ଆନନ୍ଦିତ ଥିଲି ଏବଂ ଅନୁଭବ କରୁଥିଲି ଯେ, ପ୍ରଭୁ ଯୀଶୁ ମୋର ହୃଦୟରେ କଥା କହି ଚାଲିଛନ୍ତି, ଯେତେବେଳେ ମୁଁ ତାଙ୍କ ବାକ୍ୟ ପାଠ କରୁଛି ।

ଜଣେ ନୂତନ ଖ୍ରୀଷ୍ଟିୟାନ ଭାବରେ, ମୁଁ ଶିକ୍ଷା କରିଥିଲି ଯେ, ଯେତେବେଳେ ମୁଁ ମୋର ବାଇବଲ ଖୋଲୁଥିଲି, ପବିତ୍ରଆତ୍ମା ମୋ ହୃଦୟରେ ବାସ କରିବା ଇଚ୍ଛା ପ୍ରକାଶ କରୁଥିଲେ । ତେଣୁ ମୁଁ ମୋର ''ଏକତ୍ର ସମୟ'' ଏକ ଛୋଟ ପ୍ରାର୍ଥନା ଦ୍ୱାରା ଆରମ୍ଭ କରୁଥିଲି, ଯାହା ମୁଁ ଏକ ଗୀତ ପରି ଶିକ୍ଷା କରିଥିଲି ବା ମୁଖସ୍ଥ କରିଥିଲି ।

ହେ ଈଶ୍ୱରଙ୍କ ଆତ୍ମା ମୋର ଶିକ୍ଷକ ହୁଅ,

ଖ୍ରୀଷ୍ଟଙ୍କର ବିଷୟ ସବୁ ମୋଠାରେ ପ୍ରକାଶ କର ।

ମୋର ହାତରେ ସେ ଅଦ୍ଭୁତ ଚାବି ଦିଅ,

ଯାହା ମୋର ବନ୍ଧନସବୁ ଖୋଲି ଦେବ ଓ ମତେ ମୁକ୍ତ କରିବ ।

ତାଙ୍କର ଶିଷ୍ୟମାନଙ୍କୁ ପରିତ୍ୟାଗ କରି ସ୍ୱର୍ଗରେ ଥିବା ତାଙ୍କ ପିତାଙ୍କ ନିକଟକୁ ଯିବା ପୂର୍ବରୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ପ୍ରତିଜ୍ଞା କରିଥିଲେ, ସେ, *ଅର୍ଥାତ୍ ସତ୍ୟମୟ ଆତ୍ମା*

*ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ । ସେହିସବୁ କହିବେ, ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ (ଯୋହନ ୧୬ : ୧୩)* । ଅବଶେଷରେ ଏହା ନିରାଟ ସତ୍ୟ ଯେ, କେବଳ ଜଣେ ମାତ୍ର ଶିକ୍ଷକ – **ସେ ହେଉଛନ୍ତି ପବିତ୍ର ଆତ୍ମା ଏବଂ ଯଦି ପବିତ୍ରଆତ୍ମା ଆମ ଜୀବନଗୁଡ଼ିକରେ କାର୍ଯ୍ୟ କରିବା ପାଇଁ ସ୍ୱାଧୀନତା ପାଇବେ ନାହିଁ । ତେବେ ଆମର ଈଶ୍ୱରଙ୍କ ବାକ୍ୟ ପଢ଼ିବାର କୌଣସି ମୂଲ୍ୟ ରହିବ ନାହିଁ ।**

ଜନ୍ ୱେ୍ସ୍ଲୀ (ଯେ କି ଅଷ୍ଟାଦଶ ଶତାବ୍ଦୀରେ ଈଶ୍ୱରଙ୍କ ପାଇଁ ଶକ୍ତିଯୁକ୍ତ ଭାବରେ ବ୍ୟବହୃତ ହୋଇଥିଲେ, ତାଙ୍କ ପ୍ରଚାରରେ ବିଟ୍ରିଶରେ ଉଦ୍ଧୀପନା ଆସିଥିଲା । ତାହା ଅନେକ ଐତିହାସିକମାନଙ୍କର ଆସ୍ଥା ସହିତ ବିପ୍ଳବରୁ ଇଂଲଣ୍ଡକୁ ରକ୍ଷା କରିଥିଲା) ମଧ୍ୟ ତାଙ୍କର 'ଏକତ୍ର ସମୟ'ର ମୂଲ୍ୟ ସେ ଜାଣିଥିଲେ । ସେ ବୁଦ୍ଧିର ସହିତ ଏକ ବିଷୟ ଶିକ୍ଷା କରିଥିଲେ ଯେ, ଆମେ ନିଶ୍ଚିତ ଭାବରେ ସମସ୍ତେ ସମାନ ହେବା ପାଇଁ ଭଲରେ କରି ପାରିବା । ୱେ୍ସ୍ଲୀ ସନ୍ଧ୍ୟାବେଳେ ଶୀଘ୍ର ବିଛଣାକୁ ଯିବାରେ ଓ ଶୀଘ୍ର ଉଠିବାରେ ନିଜକୁ ଶୃଙ୍ଖଳିତ କରିଥିଲେ । ଏଇ ନିକଟରେ ୱେ୍ସ୍ଲୀ ଯେଉଁ ଷ୍ଟୁଲ୍ ନିକଟରେ ଭୋର ୪ଟା ରୁ ଆଣ୍ଠେଇ ପ୍ରାର୍ଥନା କରି ଈଶ୍ୱରଙ୍କୁ ସାକ୍ଷାତ୍ କରୁଥିଲେ ମୁଁ ମଧ୍ୟ ସେଇ ସମାନ ଷ୍ଟୁଲ୍ ନିକଟରେ ଆଣ୍ଠୋଇ ଏକାକୀ ପ୍ରାର୍ଥନା କରିଥିଲି । ଯେତେବେଳେ ମୁଁ ସେଇ କୋଠରୀରେ ପଦଚାରଣ କରୁଥିଲି ତାଙ୍କ ଡାଏରୀ ଲେଖାଥିବା ଏହି ପ୍ରବାଦଟିକୁ ପାଠ କରିଥିଲି, **''ମୁଁ ଏକୁଟିଆ ବସୁଥିଲି... କେବଳ ଈଶ୍ୱର ଏଠାରେ ଅଛନ୍ତି । ତାଙ୍କର ଉପସ୍ଥିତିରେ ମୁଁ ଖୋଲେ, ମୁଁ ତାଙ୍କ ପୁସ୍ତକ ପଢ଼େ ଏବଂ ମୁଁ ଯାହା ପଢ଼େ ମୁଁ ଶିକ୍ଷା ଦିଏ ।''**

ଏହି ପ୍ରକାରେ ପୁର୍ନଜନ୍ମପ୍ରାପ୍ତ ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରେରିତ ଯୋହନ ନିଶ୍ଚିତ କରିଛନ୍ତି ଯେ, ପବିତ୍ରଆତ୍ମାଙ୍କର ପ୍ରାଚୁର୍ଯ୍ୟତା ଈଶ୍ୱରଙ୍କ ବାକ୍ୟ ମଧ୍ୟ ଦେଇ ସେମାନଙ୍କର ହୃଦୟଗୁଡ଼ିକୁ ସ୍ପର୍ଶ କରିବ । ଏପରିକି ଯେତେବେଳେ ସେମାନଙ୍କ



ପାଖରେ ଅନ୍ୟ କୌଣସି ଲୋକ ଶାସ୍ତ୍ରକୁ ବୁଝାଇବା ପାଇଁ ସାହାଯ୍ୟକାରୀ ସ୍ୱରୂପେ କେହି ନ ଥିବେ ସେହିମାନଙ୍କ ପାଖକୁ ସେ ଲେଖିଥିଲେ, *''କିନ୍ତୁ ତୁମ୍ଭେମାନେ ତାହାଙ୍କ ଠାରୁ ଯେଉଁ ଅଭିଷେକ ପାଇଅଛ, ତାହା ତୁମ୍ଭମାନଙ୍କଠାରେ ରହିଅଛି, ପୁଣି ଯେ କେହି ତୁମ୍ଭମାନଙ୍କୁ ଶିକ୍ଷା ଦେବ । ଏହା ତୁମ୍ଭମାନଙ୍କର ଆବଶ୍ୟକ ନାହିଁ । ମାତ୍ର ତାହାଙ୍କଠାରୁ ସେହି ଅଭିଷେକ ତୁମ୍ଭମାନଙ୍କୁ ସମସ୍ତ ବିଷୟରେ ଯେଉଁ ଶିକ୍ଷା ଦିଏ, ତାହା ସତ୍ୟ ଅଟେ, ମିଥ୍ୟା ନୁହେଁ । ଏଣୁ ସେହି ଶିକ୍ଷା ଅନୁସାରେ ତାହାଙ୍କଠାରେ ରୁହ (୧ମ ଯୋହନ ୨ : ୨୭)* । ଯେତେବେଳେ ତୁମେ ସଚେତନତାର ସହିତ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବ, ସେହି ଆଲୋକ ତୁମ ଉପରେ ସଂଯୋଜିତ ହେବ ଓ ସେ ତାକୁ ସତ୍ୟରେ ପରିଣତ କରି ତୁମ ହୃଦୟରେ ବାସ କରିବେ ।

ଯଦି ତୁମେ ପ୍ରକୃତରେ ଏକ ଉଚ୍ଚକୋଟୀର, ଫଳପୂର୍ଣ୍ଣ ଓ ନିୟମିତ ''ଏକତ୍ର ସମୟ'' କରିବାକୁ ଇଚ୍ଛା ପ୍ରକାଶ କରିଛ, ତେବେ ଏକ ନିର୍ଜନସ୍ଥାନ ଖୋଜି ବାହର କର ଓ ଏକ ନିର୍ଦ୍ଦିଷ୍ଟ ସମୟରେ ନିଜକୁ ପୃଥକ କରି ତୁମର ବାଇବଲ ମେଲା କରି ଈଶ୍ୱରଙ୍କ ସହିତ ଯୋଗାଯୋଗ କର । ଯଦି ତୁମେ ଈଶ୍ୱରଙ୍କ ସହିତ ଏକାକୀ ସମୟ କାଟିବ ତେବେ ଈଶ୍ୱର ପ୍ରତ୍ୟାଶାର ଆନନ୍ଦରେ ତୁମ ହୃଦୟକୁ ରୋମାଞ୍ଚିତ କରିବେ । ଆହୁରି ମଧ୍ୟ ତୁମର ସେହି ଦିନଗୁଡ଼ିକ ଯେତେବେଳେ ତୁମ ପରିବାର, ତୁମର ବ୍ୟବସାୟ, କିମ୍ୱା ତୁମର ଅନ୍ୟାନ୍ୟ ଆଗ୍ରହର ବିଷୟଗୁଡ଼ିକ ତୁମର ଧ୍ୟାନ ପାଇ ଶୀର୍ଷ ସ୍ଥାନରେ ପହଞ୍ଚିବେ ସେତେବେଳେ ଏହିଗୁଡ଼ିକ ତୁମ ପାଇଁ ଈଶ୍ୱରଙ୍କ ସହିତ ଏକାକୀ ସମୟ କାଟିବା ପାଇଁ ବାଧା ସୃଷ୍ଟି କରିବ । ଏପ୍ରକାର ଦିନଗୁଡ଼ିକ ପ୍ରକୃତ ଶୃଙ୍ଖଳା ଆବଶ୍ୟକ କରେ ଯଦି ତୁମେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ପ୍ରେମ ଓ ଜ୍ଞାନରେ ବୃଦ୍ଧି ପାଉଥିବ । ମନେରଖ, ଏକ ଅବହେଳିତ ବାଇବଲ ଏପରି ଅଦରକାରୀ ଯେପରି ତୁମ ପାଖରେ ବାଇବଲଟିଏ ନାହିଁ ।

ଇସ୍ରାଏଲମାନେ ଯେପରି ପ୍ରତ୍ୟେକ ଦିନ ମାନ୍ନା ସଂଗ୍ରହ କରିବା ପାଇଁ ପ୍ରସ୍ତୁତ ହେଉଥିଲେ ଯାହା ଈଶ୍ୱର ସ୍ୱର୍ଗରୁ ସେମାନଙ୍କର ଶାରୀରୀକ ପରିପୋଷକ ପାଇଁ

ଈଶ୍ୱରଙ୍କ ପ୍ରତିଜ୍ଞାତ ଦେଶକୁ ଯିବା ବାଟରେ ଯୋଗାଇ ଥିଲେ, ସେହି ପ୍ରକାରେ ଈଶ୍ୱରଙ୍କର ବାକ୍ୟକୁ ଗ୍ରହଣ କରିବା ପାଇଁ ଆମେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ।

**ପ୍ରଥମରେ –** ତୁମେ ଯେତେବେଳେ ଈଶ୍ୱରଙ୍କ ସହିତ ଏକାକୀ ଥାଇ ବାଇବଲ ମେଲା କରୁଛ, ତୁମର ପ୍ରକୃତ **ଆଣ୍ଠୁ ଭାଙ୍ଗିବା** ତୁମ ପାଇଁ ନିଶ୍ଚିତ ସାହାଯ୍ୟକାରୀ ହୋଇ ପାରିବ ।

**ଦ୍ୱିତୀୟରେ –** ତୁମେ ଯେତେବେଳେ ତାଙ୍କ ପାଖକୁ ଆସୁଛ, ଯେ କି ଅନନ୍ତ ଜ୍ୟୋତିଃ । ତାଙ୍କର ପବିତ୍ର ଉପସ୍ଥିତିରେ **ତୁମର ହୃଦୟକୁ ସର୍ବଦା ଖୋଲା** ରଖିବା ଆବଶ୍ୟକ । ତୁମେ କୌଣସି ବିଷୟ ତାଙ୍କଠାରୁ ଲୁଚାଇ ପାରିବ ନାହିଁ, ତେବେ କାହିଁକି ଲୁଚାଇବା ପାଇଁ ଚେଷ୍ଟା କରିବା ?

ଯଦି ଥରେ ତୁମେ ଈଶ୍ୱରଙ୍କ ସହିତ ସାକ୍ଷାତ୍ କରିବା ପାଇଁ ନିଜକୁ ପ୍ରସ୍ତୁତ କର । ବାଇବଲ ପ୍ରଜ୍ୱଳିତ ସତ୍ୟତା ସହ ତାହା ଜୀବନ୍ତ ହୋଇଯିବ । ଏବଂ ତୁମେ ଆବିଷ୍କାର କରିବାକୁ ଆରମ୍ଭ କରିବ, କିପରି ଈଶ୍ୱରଙ୍କ ବାକ୍ୟ ତୁମର ମସ୍ତିଷ୍କଠାରୁ ତୁମର ହୃଦୟକୁ ଗତି କରୁଛି ।

## ତୁମର ଆଣ୍ଠୁଗୁଡ଼ିକୁ ଭାଙ୍ଗ

**ଜୀବନ୍ତ ସହଭାଗିତା ଏକ ଗର୍ବୀ ଆତ୍ମା ସହିତ ଏକତ୍ର ବିଦ୍ୟମାନ ହୋଇ ପାରିବେ ନାହିଁ ।**

ବାଇବଲରେ ଆମେ ଅନେକ ଈଶ୍ୱର ପରାୟଣ ବ୍ୟକ୍ତିମାନଙ୍କ ବିଷୟରେ ପାଠ କରିଛୁ । ଯେଉଁମାନେ କି ସେମାନଙ୍କର ଭକ୍ତି ଓ ସମର୍ପଣକୁ ଈଶ୍ୱରଙ୍କ ନିକଟରେ ଆଣ୍ଠୁ ଭାଙ୍ଗିବା ଅବସ୍ଥାରେ ସ୍ୱୀକାର କରିଛନ୍ତି । ଯଦିବା ଖ୍ରୀଷ୍ଟିୟାନମାନଙ୍କର ଉପାସନା ପଦ୍ଧତି ଏବଂ ମୁସଲମାନମାନଙ୍କର ପଦ୍ଧତି ସର୍ବସାଧାରଣ ପ୍ରାର୍ଥନା ସଭାଗୁଡ଼ିକରେ ଆଣ୍ଠେଇବା ଏକ ଅଭ୍ୟାସରେ ପରିଣତ ହୋଇଥାଏ । ଏପ୍ରକାର ଭାବଭଙ୍ଗୀର ପ୍ରାର୍ଥନା ଆବଶ୍ୟକ ଅନୁଯାୟୀ ଜୀବନ୍ତ ସହଭାଗିତାକୁ ସୂଚାଏ ନାହିଁ । ଯାହାବି ହେଉ, ଯେତେବେଳେ ଆମେ ଆମର ଅନନ୍ତ ଈଶ୍ୱର ଓ ସୃଷ୍ଟିକର୍ତ୍ତାଙ୍କ ପାଖକୁ



ଆସିଥାଉ । ଆମର ମନ ଓ ହୃଦୟର ମନୋଭାବ ଅଧିକ ଭାବରେ ସାହାଯ୍ୟକାରୀ ହୋଇ ପାରିବ ଯଦି ଆମେ ତାଙ୍କ ସମ୍ମୁଖରେ ଆଣ୍ଠେଇବା ।

ଗେସ୍‌ମନୀ ଉଦ୍ୟାନରେ, ଯେତେବେଳେ ପ୍ରଭୁ ଯୀଶୁଖ୍ରୀଷ୍ଟ ତାଙ୍କ କ୍ରୁଶୀୟ ମୃତ୍ୟୁଭୋଗର ଯନ୍ତ୍ରଣାଦାୟକ ବା ମରଣାନ୍ତକ ମୁହୂର୍ତ୍ତର ନିକଟବର୍ତ୍ତୀ ହେଉଥିଲେ । ସେ ଦେଖିଥିଲେ ଯେ, ତାଙ୍କର ଶିଷ୍ୟମାନେ ଶୀଘ୍ର ଶୋଇ ପଡ଼ିଥିଲେ । ସେ ଶିଷ୍ୟମାନଙ୍କଠାରୁ କିଛି ଦୂରକୁ ଯାଇ *ଯୀଶୁ ଆଣ୍ଠୁପାତି ପ୍ରାର୍ଥନା କରିଥିଲେ (ଲୂକ ୨୨ : ୪୧)* । ଯୀଶୁ ତାଙ୍କ ପିତାଙ୍କ ସହିତ ଏକାକୀ ଥିଲେ । ସେଠାରେ ପ୍ରାର୍ଥନା କରିବାକୁ ଆଣ୍ଠେଇ ଥିଲେ । ସେହିପରି ଆମେ ଯେତେବେଳେ ଆମ ନିଜକୁ ଆମ ଆମର ବନ୍ଧୁମାନଙ୍କଠାରୁ ଆମର ପରିବାରଠାରୁ ପୃଥକ୍ ହୋଇ ଈଶ୍ୱରଙ୍କ ସହିତ ଏକାକୀ ରହୁ । ଆମେ ମଧ୍ୟ ଦେଖି ପାରିବା ଏହା ଈଶ୍ୱରଙ୍କୁ ଆମର ଭକ୍ତି ପ୍ରକାଶ କରିବାରେ ସାହାଯ୍ୟ କରିବ ଏବଂ ଆମେ ଯେତେବେଳେ ଆଣ୍ଠେଇ ଥିଲେ । ସେହିପରି ଆମେ ଯେତେବେଳେ ଆମ ନିଜକୁ ଆମର ବନ୍ଧୁମାନଙ୍କ ଠାରୁ ଆମର ପରିବାରଠାରୁ ନିଜକୁ ପୃଥକ୍ କରି ଈଶ୍ୱରଙ୍କ ସହିତ ଏକାକୀ ରହୁ । ଆମେ ମଧ୍ୟ ଦେଖି ପାରିବା ଏହା ଈଶ୍ୱରଙ୍କୁ ଆମର ଭକ୍ତି ପ୍ରକାଶ କରିବାରେ ସାହାଯ୍ୟ କରିବ ଏବଂ ଆମେ ଯେତେବେଳେ ଆଣ୍ଠେଇ ପ୍ରାର୍ଥନା କରିବା ଦ୍ୱାରା ତାଙ୍କ ଇଚ୍ଛାରେ ଆମର ସମର୍ପଣ ହୋଇ ପାରିବ ।

ଯେତେବେଳେ ସାଧୁ ପାଉଲ ତାଙ୍କର ସର୍ବସାଧାରଣ ସେବା କାର୍ଯ୍ୟର ନିକଟବର୍ତ୍ତୀ ହେଉଥିଲେ । ସେ ସ୍ଥାପନ କରିଥିବା ଏଫିସୀୟ ମଣ୍ଡଳୀର ସଭ୍ୟମାନଙ୍କୁ ବିଦାୟ ଜଣାଇବା ପାଇଁ ଏକ ସ୍ଥାନ ପ୍ରସ୍ତୁତ କରିଥିଲେ । ଆମେ ପାଠ କରୁ କିପରି *ସେ ଆଣ୍ଠେଇ ପଡ଼ିଥିଲେ ଓ ସେ ସମସ୍ତଙ୍କ ସହିତ ପ୍ରାର୍ଥନା କରିଥିଲେ (ପ୍ରେରିତ ୨୦ : ୩୬)* । ଆଉ ଏକ ଅନ୍ୟ ସମୟରେ ସମୁଦ୍ର କୂଳରେ ପାଉଲ ତାଙ୍କର ଶିଷ୍ୟମାନଙ୍କୁ, ସେମାନଙ୍କ ସ୍ତ୍ରୀ ଓ ସନ୍ତାନମାନଙ୍କୁ ବିଦାୟ ଜଣାଇଥିଲେ । ଶାସ୍ତ୍ର ଲିପିବଦ୍ଧ କରେ ଯେ, ପୁଣି ସେମାନେ ସମସ୍ତେ ସ୍ତ୍ରୀ ଓ ପିଲାପିଲିଙ୍କ ସହିତ ନଗରର

ବାହାର ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ଛାଡ଼ିବା ନିମନ୍ତେ ଆସିଲେ, *''ଆଉ ସମୁଦ୍ର କୂଳରେ ଜାନୁପାତି କରି ଆମ୍ଭେମାନେ ପ୍ରାର୍ଥନା କଲୁ (ପ୍ରେରିତ ୨୧ : ୫ ଓ ୬ )* । ଆଜି ଅନେକେ ନିଶ୍ଚିତ ଭାବନ୍ତି ଯେ, ଏକ ସାଧାରଣ ସ୍ଥାନରେ ସ୍ତ୍ରୀ ଓ ପିଲାମାନେ ଆଣ୍ଠେଇ ପ୍ରାର୍ଥନା କରିବା ଦୃଶ୍ୟ ପାଖରେ ଠିଆ ହୋଇଥିବା ଧର୍ମାନ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ଭୁଲ୍ ଅର୍ଥ ପ୍ରକାଶ କରିଥିବ । ଆଜି ଆମେ ଯେତେବେଳେ ଅତ୍ୟଧିକ ଧର୍ମ ବିଶ୍ୱାସ କରୁଥିବା ଲୋକମାନଙ୍କ ଦ୍ୱାରା ଦୋଷରେ ଦୋଷୀ ସାବ୍ୟସ୍ତ ହେବା ପାଇଁ ଭୟ କରୁ । ଆମେ ମଧ ବେଳେ ବେଳେ ସାଧାରଣ ପ୍ରାର୍ଥନା ସଭାଗୁଡ଼ିକରେ ସାମାୟିକ ଆରାମ ବା ସୁବିଧା ପାଇଁ ଚେଷ୍ଟା କରିଥାଉ । ନିଶ୍ଚିତ ଭାବରେ ପାଉଲଙ୍କ ଦିନଗୁଡ଼ିକରେ ଶିଷ୍ୟମାନଙ୍କର କିମ୍ୱା ଶିଶୁ ଓ ସ୍ତ୍ରୀଲୋକମାନଙ୍କର ଆଣ୍ଠୁପାତି ପ୍ରାର୍ଥନା କରିବା ବିଷୟରେ ଏ ପ୍ରକାର ସମସ୍ୟା ନ ଥିଲା । ଆମର ମଧ ରହିବା ଉଚିତ୍ ନୁହେଁ । ଆମେ ଏକ ସାଧାରଣ ପ୍ରାର୍ଥନା ସଭାରେ ଥାଉ ବା ଈଶ୍ୱରଙ୍କ ସହିତ ଏକାକୀ ଥାଉ, ଆମର ଆଣ୍ଠୁପାତି ପ୍ରାର୍ଥନା କରିବା ଆବଶ୍ୟକ ।

ଏହା ନିଶ୍ଚିତ ଭାବରେ ସ୍ମରଣ ରଖିବା ଉଚିତ୍ ଯେ, ଯାହାବି ହୋଇଥାଉ ମୂଖ୍ୟ ବିଷୟ ଏହି ଯେ, ଈଶ୍ୱରଙ୍କ ସହିତ ଆମର ଗୁପ୍ତ ଯୋଗାଯୋଗର ଆମର ଭାବଭଙ୍ଗୀ ଦ୍ୱାରା ହୋଇ ନ ଥାଏ । ଏହା ହେଉଛି ଆମର ମସ୍ତିଷ୍କର ମନୋଭାବ । ବାଇବଲ ସ୍ମରଣ କରାଇ ଦିଏ ଯେ, ଆମେ ଯେତେବେଳେ ପ୍ରାର୍ଥନା କରୁ, ଆମର ମାନସିକ ମନୋଭାବ ଠିକ୍ ରହିବା ଆବଶ୍ୟକ । *ଈଶ୍ୱର ଅହଙ୍କାରୀମାନଙ୍କୁ ପ୍ରତିରୋଧ କରନ୍ତି, କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି । ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କ ବଶୀଭୂତ ହୁଅ । ଶୟତାନକୁ ପ୍ରତିବାଧା କର, ତାହା ହେଲେ ସେ ତୁମ୍ଭମାନଙ୍କଠାରୁ ପଳାଇ ଯିବ । ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ । ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ (ଯାକୁବ ୪ : ୬-୮)* ।

କାରଣ କୌଣସି ଶାରିରୀକ ସମସ୍ୟା  ହେତୁ, ଅଧିକ ସମୟ ହେଉଥିବା ପ୍ରାର୍ଥନା ସଭାରେ କେତେ ଲୋକମାନଙ୍କ ପାଇଁ ଅଧିକ ସମୟ ଆଣ୍ଠୁପାତି ପ୍ରାର୍ଥନା



କରିବା ଅସମ୍ଭବ ହୋଇଥାଏ । ଈଶ୍ୱର ସନ୍ତୋଷରେ ଆମର ପ୍ରତ୍ୟେକଙ୍କ ହୃଦୟ ଦେଖିଥାନ୍ତି । ନିଶ୍ଚିତ ଭାବରେ ଆମର ଶାରିରୀକ ଭାବଭଙ୍ଗୀ ଅପେକ୍ଷା ଆମର ହୃଦୟର ମନୋଭାବ ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ମାତ୍ର ଯେଉଁମାନେ ସକ୍ଷମ । ସେମାନଙ୍କ ପାଇଁ ଆଣ୍ଠୋଇ ପ୍ରାର୍ଥନା କରିବା ତାଙ୍କର ସତ୍ୟତା ସୂକ୍ଷ୍ମ ରୂପେ ବୁଝିବା ପାଇଁ ସାହାଯ୍ୟ ସ୍ୱରୂପ ହୋଇପାରିବ, କାରଣ ଆମେ ଯେତେବେଳେ ପ୍ରାର୍ଥନା କରୁ ଆମେ ଆମର ସୃଷ୍ଟିକର୍ତ୍ତାଙ୍କ ସହିତ ଜଣେ ବନ୍ଧୁ ଆଉ ଜଣେ ବନ୍ଧୁ ସହିତ କଥା ହେବା ପରି ତାଙ୍କ ସହିତ କଥା ହେବା ପାଇଁ ସୁଯୋଗ ପାଇଥାଉ । ଆମ ସମସ୍ତଙ୍କ ପାଇଁ ବାଇବଲ ସମ୍ବନ୍ଧୀୟ ମୃଦୁ ଭର୍ତ୍ସନା ହେଉଛି, *''ପ୍ରଭୁଙ୍କ ଛାମୁରେ ଆପଣା ଆପଣାକୁ ନତ କର । (ଯାକୁବ ୪ : ୧୦)* ଆଉ ଯେମିତି ଆମେ ତାଙ୍କର ଏହି ଆଦେଶର ଉତ୍ତର ଦେବା ବା ଆଦେଶକୁ ମାନ୍ୟ କରିବ । ଈଶ୍ୱର ତା' ସହିତ ଏକ ସୁନ୍ଦର ପ୍ରତିଜ୍ଞା ପ୍ରଦାନ କରନ୍ତି । *ତାହାହେଲେ ସେ ତୁମ୍ଭମାନଙ୍କୁ ଉନ୍ନତ କରିବେ (ଯାକୁବ ୪ : ୧୦)* ।

## ତୁମର ହୃଦୟକୁ ଉନ୍ମୁକ୍ତ କର

**ଜୀବନ୍ତ ସହଭାଗିତା ଈଶ୍ୱରଙ୍କ ସିଂହାସନରେ ଆରମ୍ଭ ହୁଏ ।**

ଏପରିକି ପ୍ରଭୁ ଯୀଶୁ କ୍ରୁଶରେ ମୃତ୍ୟୁଭୋଗ କରିବା ପୂର୍ବରୁ, ଈଶ୍ୱର ତାଙ୍କର ମହାନ୍ ଦୟା ଓ ପ୍ରେମ ହେତୁ ପାପର ପ୍ରାୟଶ୍ଚିତ କରିବା ପାଇଁ ତାଙ୍କର ଏକ ମାତ୍ର ପୁତ୍ରଙ୍କୁ କ୍ରୁଶରେ ମୃତ୍ୟୁଭୋଗ କରିବା ପାଇଁ ମନୋନୀତ କରିଥିଲେ । ଯେପରି ପାପ ପଥରେ ଯାଇଥିବା ମନୁଷ୍ୟ ତାଙ୍କ ସହିତ ନୂତନ ସହଭାଗିତା ସ୍ଥାପନ କରିବାରେ ସକ୍ଷମ ହୋଇ ପାରିବ । ଆମ ପରିତ୍ରାଣ କର୍ତ୍ତାଙ୍କର କ୍ରୁଶୀୟ ମୃତ୍ୟୁଭୋଗ ପୂର୍ବରୁ ଈଶ୍ୱର ଘୋଷଣା କରିଥିଲେ ଯେ, ଏହା ଥିଲା ସେହି ଦୟା ସିଂହାସନ ଯେଉଁଠି ସେ ତାଙ୍କ ଦାସମାନଙ୍କୁ ସାକ୍ଷାତ୍ କରିବେ । *ଆଉ ଆମ୍ଭେ ତୁମ୍ଭ ସହିତ ସାକ୍ଷାତ୍ କରିବ ଓ ପାପାଚ୍ଛାଦନର ଉପରି ଭାଗରୁ ଅର୍ଥାତ୍ ସାକ୍ଷ୍ୟ ସିନ୍ଦୁକର ଉପରିସ୍ଥ କିରୂବ ଦ୍ୱୟ ମଧ୍ୟରୁ ତୁମ ସଙ୍ଗେ ଆଳାପ କରିବା (ଯାତ୍ରା ୨୫ : ୨୨)* ।

ଆଜି ଆମର ପାପ ପାଇଁ ତାଙ୍କର ତ୍ୟାଗ ଇତିହାସର ଏକ ଅଂଶ ହୋଇଛି । ପ୍ରଭୁ ଯୀଶୁଙ୍କର ବହୁମୂଲ୍ୟ ରକ୍ତ ଆମ ତରଫରୁ ବା ଆମ ପାଇଁ ପାଦିତ ହୋଇଛି । ତେଣୁ ଯୀଶୁଙ୍କ ମୃତ୍ୟୁ ମଧ୍ୟ ଦେଇ ଆମ ପାଇଁ ଏକ ନୂତନ ଓ ଜୀବନ୍ତ ପଥ ତାଙ୍କ ସହିତ ସମ୍ବନ୍ଧ ସ୍ଥାପନ ପାଇଁ ଯୋଗାଇ ଦିଆ ଯାଇଛି । ତାଙ୍କର ସେହି ଅତୁଳନୀୟ ପ୍ରେମ ଆମକୁ ଆନନ୍ଦର ସହିତ କହିବା ପାଇଁ ସକ୍ଷମ କରିଛି । *''ଅତଏବ ଆସ, କୃପାପ୍ରାପ୍ତି ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉ'' (ଏବ୍ରୀ ୪ : ୧୬) ।*

**ଦୟା** କହିଲେ ବୁଝାଏ ଯେ, ଆମର ପ୍ରେମିକ ପିତା, ଆମେ ଯାହା କରି ପାଇବାର ଯୋଗ୍ୟ ତାହା ଆମକୁ ଦିଅନ୍ତି ନାହିଁ । **ଅନୁଗ୍ରହ** ଅର୍ଥ ଏହା ଯେ, ଆମର ମହାନ ଈଶ୍ୱର ତାହା ଆମକୁ ଦିଅନ୍ତି, ଯାହା ଆମେ ପାଇବାର ଯୋଗ୍ୟ ନୋହୁଁ । ଆମ ଈଶ୍ୱରଙ୍କର ସହିତ **ଦୟା** ଓ **ଅନୁଗ୍ରହ**ର ସହଭାଗିତାରେ ଚାଲିବା କେତେ ଚମତ୍କାର !

ପ୍ରତ୍ୟେକ ଝଡ଼ବାତ୍ୟା, ବହିଯିବା ମଧ୍ୟରେ,
ପ୍ରତ୍ୟେକ ଫୁଲିଉଠିଥିବା ଜୁଆର ମଧ୍ୟରେ,
ସେଠାରେ ରହିଛି ଏକ ନୀରବତା, ପୁଣି ଏକ
ନିଶ୍ଚିତ ପ୍ରତ୍ୟାବର୍ତ୍ତନ,
ତାହା ମିଳେ କେବଳ ତାଙ୍କ ଦୟା ସିଂହାସନ ତଳେ ।

ସେଠି ଏକ ସ୍ଥାନ ଅଛି, ଯେଉଁଠି ଯୀଶୁ
ଆନନ୍ଦିତ ତୈଳ ଆମ ମସ୍ତକରେ ଢ଼ାଳିଥିଲେ ।
ସେ ସ୍ଥାନଟି ଯାହା ମୋ' ପାଇଁ ଅତି ମିଷ୍ଟତମ
ତାହା ଅଟେ ତାଙ୍କ ସେହି ରକ୍ତକ୍ରୀତ ଦୟା ସିଂହାସନ ।

ତାହା ଏକ ସ୍ଥାନ ଯେଉଁଠି ଆତ୍ମା ବାସ କରନ୍ତି
ଯେଉଁଠାରେ ବନ୍ଧୁ ସହିତ ବନ୍ଧୁତ୍ୱର ସହଭାଗିତା ଅଛି,



ଯଦିବା ତାହା ଅଟେ ବହୁ ଦୂର,
ମାତ୍ର ବିଶ୍ୱାସ ଦ୍ୱାରା ସେଠି ହୋଇ ପାରେ ସାକ୍ଷାତ
ତାହା ସେହି ଦୟା ସିଂହାସନ, ଯାହା ରହିଛି ଚତୁର୍ଦ୍ଦିଗେ ଆମ

ଆହା, କେଉଁସ୍ଥାନକୁ ଆମେ ଉପଚାର ଯିବା ?
ଯେତେବେଳେ ପରୀକ୍ଷିତ, ଏକାନ୍ତ ପୁଣି ହତାଶ ହେବା ?
କିମ୍ବା, ପୁଣି, 'ନରକର ଦୂତ' କିପରି ହେବ ପରାଜିତ ?
କଷ୍ଟ ସହ୍ୟ କରୁଥିବା ସାଧୁମାନଙ୍କ ପାଇଁ କି ଦୟାସିଂହାସନ ନ ଥିବ ?
ସେହିଠାରେ, ହିଁ ସେହିଠାରେ ଉତ୍କ୍ରୋଶ ପକ୍ଷୀର
ପକ୍ଷରେ ଆମେ ଉର୍ଦ୍ଧ୍ୱକୁ ଉଠିବା, ସମୟ ଓ ଇନ୍ଦ୍ରିୟ ଜ୍ଞାନ, ସେଠି ଆଉ
କିଛି ନ ଥିବ,
ଆମ ପ୍ରାଣକୁ ଅଭିନନ୍ଦନ ଜଣାଇବାକୁ
ସ୍ୱର୍ଗ ତଳକୁ ଅଣାଯିବ ।
ତାଙ୍କ ଦୟା ସିଂହାସନ ମହିମାରେ ପୂର୍ଣ୍ଣ ହେବ ।

## ଜୀବନ୍ତ ସହଭାଗିତା ସହିତ ଅଶୁଚି ବିବେକ ଏକତ୍ର ରହିପାରନ୍ତି ନାହିଁ

ବାଳକଟିଏ ପରିବାରରେ ଜନ୍ମ ହେବା ପରେ, ସେ ସବୁଦିନ ପାଇଁ ତାର ପିତାମାତାଙ୍କର ପୁତ୍ର ହୋଇ ରହିଥାଏ । ସେ କେବେ ବି ଅଜନିତ ହୋଇ ପାରିବ ନାହିଁ । ଭବିଷ୍ୟତରେ ଯଦି ସେ ପିଲାଟି ଦୁଷ୍ଟ ହେବ ତେବେ ଦିନେ ଏପରି ସମୟ ଆସିବ,ଯେତେବେଳେ ପିତାମାତାଙ୍କ ସହିତ ତାର ଖୋଲା ମେଳା ସମ୍ପର୍କ ବାଧାପ୍ରାପ୍ତ ହେବ । ସମ୍ପର୍କ ରହିଥିବ ମାତ୍ର ସହଭାଗିତା ବିଚ୍ଛିନ୍ନ ହୋଇଯିବ । ଏହା ଅତ୍ୟନ୍ତ ଦୁଃଖଦାୟକ ହେବ ।

ଏହା ଆମ ପାଇଁ ଆଶ୍ଚର୍ଯ୍ୟଜନକ ଯେ, ଆମେ ଯେଉଁ ମୂହୁର୍ତ୍ତରେ ପୁର୍ନଜନ୍ମ ପାଇଥିଲୁ ଆମେ ସେହି ଜ୍ଞାନରେ ଜାଣିପାରିଥିଲୁ ଯେ ଆମର ସ୍ୱର୍ଗୀୟ ପିତାଙ୍କ

ସହିତ ଏକ ଅନନ୍ତକାଳୀନ ସମ୍ପର୍କ ସ୍ଥାପିତ ହୋଇଥିଲା । ଯଦି ଆମେ ବିଶ୍ୱସ୍ତତାର ସହିତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଆମ ହୃଦୟ ମଧ୍ୟରେ ଗ୍ରହଣ କରିବା ଆମେ ଈଶ୍ୱରଙ୍କର ସନ୍ତାନ ହୋଇ ପାରିବା । ଏକ ସମ୍ପର୍କ ଯାହା ଅନନ୍ତ କାଳ ପାଇଁ ରହି ପାରିବ, ମାତ୍ର ଯେତେବେଳେ ଆମେ ପାପ ପଥରେ ଯିବା ଆମ ପିତାଙ୍କ ସହିତ ଆମ ସମ୍ପର୍କ ଦୁଃଖଦାୟକ ଭାବେ ବିଚ୍ଛିନ୍ନ ହୋଇଯିବ ।

କାରଣ ଆମର ଅବାଧ୍ୟତା ହେତୁ ଆମେ ଆଉ ତାଙ୍କର ସେହିପୂର୍ବ ପରି ସମାନ ଆଶୀର୍ବାଦ ଲାଭ କରି ପାରିବା ନାହିଁ ଯାହା ଆମ ଜୀବନଗୁଡ଼ିକରେ ତାଙ୍କର ସେହି ମଧୁର ହସକୁ ଉପଭୋଗ କରିଥିଲୁ ମାତ୍ର ତାହା ତାଙ୍କ ସହିତ ଆମର ସ୍ୱଚ୍ଛ ସହଭାଗିତାକୁ ଭାଙ୍ଗି ଦେଇଥାଏ । ଆମେ ଅଳ୍ପକାଳ ବଞ୍ଚୁ ବା ଅଧିକ ସମୟ ବଞ୍ଚିଥାଉ । ଆମେ ନିଶ୍ଚିତ ଭାବରେ ଈଶ୍ୱରଙ୍କୁ ଆଉ ଦୋଷାରୋପ କରି ପାରିବା ନାହିଁ କିମ୍ବା ଆମ ପ୍ରତି ତାଙ୍କର ମନୋଯୋଗକୁ ହରାଇବା ବିଷୟ କହି ପାରିବା ନାହିଁ । ଈଶ୍ୱର ଓ ଆମ ମଧ୍ୟରେ ଏହି ଫାଟ ସବୁବେଳେ କେବଳ ଆମ ନିଜର କଳୁଷିତ ବିବେକ ହେତୁରୁ ହୋଇଥାଏ । ଈଶ୍ୱରଙ୍କ ସହିତ ଆମ ସମ୍ପର୍କର ଯେ କୌଣସି ବ୍ୟାଘାତର କାରଣ ଆମେ ନିଜେ ହିଁ ହୋଇଥାଉ ।

### *ଏକ ଅଶୁଚି ବିବେକ*

ଜନ୍ ବେନିୟାନ୍ ଥରେ କହିଥିଲେ, ‘‘ପାପ ମତେ ବାଇବଲଠାରୁ ଦୂରରେ ରଖିବ ଏବଂ ବାଇବଲ ମତେ ପାପଠାରୁ ଦୂରରେ ରଖିବ । ଯେତେବେଳେ ଜଣେ ବ୍ୟକ୍ତି ପବିତ୍ରଆତ୍ମାଙ୍କୁ ଦୁଃଖ ଦେଇଥାଏ ଏବଂ ଜାଣିଶୁଣି ପାପକୁ ତା ଜୀବନରେ ଆଲିଙ୍ଗନ କରିଥାଏ । ସେ ମଧ୍ୟ ଈଶ୍ୱରଙ୍କ ବାକ୍ୟ ପ୍ରତି ତାର କ୍ଷୁଧାକୁ ହରାଇଥାଏ । ଏକ ଶୁଚି ବିବେକ ନିଶ୍ଚିତ ଭାବରେ ଖ୍ରୀଷ୍ଟିୟାନମାନଙ୍କ ପାଇଁ ଆବଶ୍ୟକ, ଏକ ଆଲୋଡ଼ନ ଓ ଆଶାତୀତ ବିଶ୍ୱାସ ପାଇଁ । ଯେତେବେଳେ ସେ ଈଶ୍ୱରଙ୍କ ବାକ୍ୟ ମଧ୍ୟକୁ ଫେରିଥାଏ, ବାଇବଲ କହେ, *‘‘ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ । କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀ ମାନଙ୍କର ପୁରସ୍କାର ଦାତା । ଏହା ତାହାଙ୍କ ଛାମୁକୁ ଆସିବା ଲୋକଙ୍କର ବିଶ୍ୱାସ କରିବା ଆବଶ୍ୟକ (ଏବ୍ରୀ ୧୧ : ୬) ।*



କିନ୍ତୁ ଆମେ ଯଦି ଆମର ପାପକୁ ଅସ୍ୱୀକାର କରିବା ପାଇଁ ଦୃଢ଼ ରହିବା ବା ଅବିଚଳିତ ରହିବା । ତେବେ ଯେତେବେଳେ ଆମେ ବାଇବଲ ପଢ଼ିବା ଆମର ବିଶ୍ୱାସ ଲୋପ ପାଇବ । କାରଣ ଆମର ବିବେକ ପବିତ୍ର ଆତ୍ମାଙ୍କର ସ୍ୱର ସହିତ ଆଉ ସ୍ୱର ମିଳାଇ ପାରିବ ନାହିଁ ।

### *ଏକ ଶୁଚି ବିବେକ*

ଆମେ ପାପ କରି ସାରିବା ପରେ ଈଶ୍ୱରଙ୍କ ସହିତ ସହଭାଗିତା ପୁନଃସ୍ଥାପନ କରିବା ପାଇଁ ଆମର ଦୋଷ ଦୁର୍ବଳତା ଓ ପାପରେ ଭାରାକ୍ରାନ୍ତ ବିବେକକୁ ଶୁଚି କରିବା ଆବଶ୍ୟକ । ନିଜକୁ ପାପର ବୋଝରୁ ମୁକ୍ତ କରିବାକୁ ହେଲେ, କଳୁଷିତ ଖ୍ରୀଷ୍ଟିୟାନ ନିଜର ପାପକୁ ସ୍ୱୀକାର କରିବା ପାଇଁ ଈଶ୍ୱରଙ୍କ ସମ୍ମୁଖରେ ନିଜର ହୃଦୟକୁ ନିଶ୍ଚିତ ଭାବରେ ଉନ୍ମୁକ୍ତ କରିବା ଆବଶ୍ୟକ । ପ୍ରେରିତ ଯୋହନ ଲେଖିଛନ୍ତି, *‘‘ଯଦି ଆମେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି (୧ମଯୋହନ ୧ : ୯) ।*

ମୋର ବାଇବଲରେ ଏହି ଅଂଶଟିରେ ମୁଁ ଏକ ପ୍ରାର୍ଥନା ଲେଖି ରଖିଥିଲି ଯେପରି ଏହା F.A. Krummacher ଙ୍କ ଦ୍ୱାରା ପ୍ରାର୍ଥନା କରାଯାଇଥିଲା । ଯେତେବେଳେ ମୁଁ ମୋର ବିଫଳତା ଏବଂ ପାପରେ ସତର୍କ ହୋଇଥାଏ, ସେତେବେଳେ ଈଶ୍ୱରଙ୍କ ଦୟା ସିଂହାସନ ସମ୍ମୁଖରେ ସେହି ନିର୍ଦ୍ଦିଷ୍ଟ ପାପଗୁଡ଼ିକର ନାମ ଧରି ପ୍ରାର୍ଥନା କରିଥାଏ, ତାପରେ ମୁଁ କିଛି ସମୟ Krummacher ଙ୍କର ସେହି ପ୍ରାର୍ଥନା କରିଥାଏ । ଯେପରି ଏହା ମୋର ନିଜର ଗୁପ୍ତ ପାପକୁ ସ୍ୱୀକାର କରିବା ପାଇଁ ସାହାଯ୍ୟ କରିବ ।

‘‘ହେ ପ୍ରଭୋ, ମୋର ଈଶ୍ୱର, ମୁଁ ତୁମ ବିରୁଦ୍ଧରେ ପାପ କରିଛି ଏବଂ ଏହା ଦ୍ୱାରା ତୁମକୁ ମୁଁ ଦୁଃଖିତ କରିଛି । ମୁଁ ନିଜେ ବିଚାର କରିଛି ଓ ନିଜକୁ ଦୋଷୀ

ବୋଲି ଜାଣି ପାରିଛି । ମାତ୍ର ତୁମର ଦୟା ମହତ୍ ଏବଂ ମୁଁ ସେଥିରେ ଭରସା କରେ । ତୁମର ପ୍ରାୟଶ୍ଚିତର ରକ୍ତ ମୋର ବିବେକରେ ସିଞ୍ଚନ କର ଏବଂ ବିଶ୍ୱାସ ଦ୍ୱାରା ମତେ ସକ୍ଷମ କର । ମୋର ଏହି ପାପ ପାଇଁ ଯେଉଁ ଦଣ୍ଡ ଉପଯୁକ୍ତ ଭାବି ମୋ ପାଇଁ ରଖିଛ ତାକୁ ଭୋଗିବା ପାଇଁ ମତେ ସକ୍ଷମ କର । ''

ଆମେ ଆମର ପାପକୁ ବିଡ଼ା ବାନ୍ଧି ସ୍ୱୀକାର କରିବା ନାହିଁ, ତେବେ କାହିଁକି ସେଗୁଡ଼ିକୁ ସ୍ୱୀକାର କରିବା ପାଇଁ ସାଧାରଣ ଭାବରେ ଈଶ୍ୱରଙ୍କ ପାଖେ ରଖିବା ? ''ଈଶ୍ୱରଙ୍କୁ କହିବା, ଆମର ସମସ୍ତ ପାପ ପାଇଁ ଆମକୁ କ୍ଷମା କର'' । ଏହିପରି ଏକାଥରକେ କହି ଦେବା ପାଇଁ ପଦକ୍ଷେପ ନେବା । ଆମର ଗର୍ବିତ ହୃଦୟଗୁଡ଼ିକ ପାଇଁ ଏହା ସହଜ ଉପାୟ ମାତ୍ର ଈଶ୍ୱର ଚାହାନ୍ତି ଆମେ ପ୍ରକୃତ ଅନୁତାପର ସହିତ ତାକୁ ପ୍ରକାଶ କରିବା ଏବଂ ତାଙ୍କର ଇଚ୍ଛାକୁ ସଫଳ କରିବା । ଆମର ପଦକୁ ତାଙ୍କ ଆଡ଼କୁ ଫେରାଇବା । ଏହିପ୍ରକାର ଏକାଥରକେ ଦୋଷ ସ୍ୱୀକାର କରିବା ଆମ ଦୋଷୀକୃତ ବିବେକକୁ ଅଳ୍ପ ପରିଷ୍କୃତ କରେ । ଯେତେବେଳେ ପବିତ୍ରଆତ୍ମା ଆମ ମନକୁ ଜଣେଇ ଥାନ୍ତି ଯେ, ଏହା ପାପ, ଆମେ ନିଶ୍ଚିତ ଭାବରେ ଆମର ସେହି ଅବାଧ୍ୟତା କାର୍ଯ୍ୟର ନାମ ଧରିବା ସହିତ ସେହି ସମାନ ବାକ୍ୟ ଯାହା ବାଇବଲରେ ଏହିପ୍ରକାର ପାପ ପାଇଁ ବ୍ୟବହାର କରାଯାଇଛି । ''ଏକ ସଫେଦ୍ ମିଛ ନୁହେଁ, ମାତ୍ର ଗୋଟିଏ ମିଛ । ଗୋଟିଏ କଳ୍ପନା କରିଯାଇଥିବା ମନ ନୁହେଁ, ମାତ୍ର ଏକ ବ୍ୟଭିଚାରୀ ମନ । ବିଚାର ଶୂନ୍ୟ ଭାବେ କୁହାଯାଇଥିବା କଥା ନୁହଁ ମାତ୍ର ହତ୍ୟାକାରୀ ପ୍ରତି ଘୃଣାରେ ପରିପୂର୍ଣ୍ଣ ଏକ ହୃଦୟ ।''

କାରଣ ପ୍ରକୃତ ଦୋଷ କିମ୍ବା କେବଳ ଏକ ଦୋଷୀ ମନୋଭାବ ଆମର ସମସ୍ୟା ନୁହେଁ । ସେଠାରେ କୌଣସି ମନୋବିଜ୍ଞାନର ଦ୍ୱିଅର୍ଥ ପ୍ରକାଶ କରୁଥିବା କଥା ହେବା ଉଚିତ୍ ନୁହେଁ କିମ୍ବା ମାନବିକ କ୍ଷମା, ଯେତେବେଳେ ଆମେ ଈଶ୍ୱରଙ୍କ ଉପସ୍ଥିତିର ଆଲୋକକୁ ଆସିଥାଉ । ଯେତେବେଳେ ବିଶ୍ୱସ୍ତ ଓ ନମ୍ର ଭାବରେ ତୁମର ପାପଗୁଡ଼ିକର ନାମ ତାଙ୍କ ସମ୍ମୁଖକୁ ଆଣିଥାଉ । ଈଶ୍ୱର ତାଙ୍କ ଅନୁଗ୍ରହ ସିଂହାସନରେ ତୁମ ପାପସ୍ୱୀକାରୋକ୍ତିର ଉତ୍ତର ଥାନ୍ତି । ଏହା ହେଉଛି ଈଶ୍ୱରଙ୍କର ଅଦ୍‌ଭୁତ ଦୟା ।



ଦାଉଦ ତାଙ୍କ ଦୁଃଖପୂର୍ଣ୍ଣ ପାପ ସ୍ୱୀକାର କରି ସାରିବା ପରେ ସେ ଆନନ୍ଦିତ ହୋଇଥିଲେ । ଯାହା ପ୍ରତିଫଳିତ ହୋଇଥିଲା, ''ହେ ପରମେଶ୍ୱର, ଆପଣା ସ୍ନେହ ପୂର୍ଣ୍ଣ କରୁଣାନୁସାରେ ମୋ ପ୍ରତି ଦୟା କରି ତୁମ କୃପାର ବାହୁଲ୍ୟ ଅନୁସାରେ ମୋହର ଅଧର୍ମ ମାର୍ଜନା କର (ଗୀତସଂହିତା ୫୧ : ୧) । ବାଇବଲର ଗୀତସଂହିତା ୫୧ ଗୀତରେ ଦେଖାଇ ଦିଆ ଯାଇଛି ଯେ, ଦାଉଦ ଯେତେବେଳେ ଈଶ୍ୱରଙ୍କ ନିକଟକୁ ଫେରିଥିଲେ । ଏହି ଭଗ୍ନ ଓ ହୃଦୟ ବିଦାରିତ ମନୁଷ୍ୟ କେବଳ ତାଙ୍କ ପାପ ସ୍ୱୀକାରରେ ବିଶ୍ୱସ୍ତ ବା ସରଳ ନ ଥିଲେ ମାତ୍ର ସେ ତାଙ୍କର ଅନୁତାପ ମଧ୍ୟ ଉପଯୁକ୍ତ ଥିଲା । ଯଦି ତୁମେ ଅନୁତାପ କର (ତୁମେ ତୁମ ନିଜର ପଥ ବାଛିଛ ନା ଈଶ୍ୱର ତାହା ଜାଣିବାର ଆବଶ୍ୟକ କିମ୍ବା ଈଶ୍ୱରଙ୍କର ବିଶୁଦ୍ଧ ଓ ପବିତ୍ର ପଥକୁ ଫେରିବାର ଇଚ୍ଛା) ଏବଂ ତା'ପରେ ତୁମର ଜ୍ଞାତ ଥିବା ପାପଗୁଡ଼ିକ ନମ୍ରତାର ଓ ବିଶ୍ୱସ୍ତତାର ସହିତ ସେଗୁଡ଼ିକର ନାମ ଧରି ଈଶ୍ୱରଙ୍କ ସମ୍ମୁଖରେ ସ୍ୱୀକାର କର । ତେବେ ତୁମେ ମଧ୍ୟ ଈଶ୍ୱରଙ୍କ ଅପାର କରୁଣାରେ ଆନନ୍ଦିତ ହୋଇ ପାରିବ । ତା'ପରେ ଯାଇ ତୁର ବିବେକ ଶୁଚି ବା ପରିଷ୍କୃତ ହୋଇ ପାରିବ ଏବଂ ତୁମେ ପୁନର୍ବାର ପବିତ୍ର ଈଶ୍ୱରଙ୍କ ସହିତ ସହଭାଗିତା ସ୍ଥାପନ କରିପାରିବ ।

ଯେତେବେଳେ ତୁମର ବିବେକ ଏକ ପ୍ରେମିକ ଈଶ୍ୱରଙ୍କର ଅନୁଗ୍ରହ ଦ୍ୱାରା ପରିଷ୍କୃତ ହେବ । ତୁମେ ଦେଖିବାକୁ ପାଇବ ଯେ, ତୁମ ପ୍ରାର୍ଥନାରେ ଏକ ନୂତନ ସାହସିକତା ରହିଛି । *''ଅତଏବ ହେ ଭାଇମାନେ, ଯୀଶୁ ବିଚ୍ଛେଦ ବସ୍ତ୍ର, ଅର୍ଥାତ୍ ଆପଣା ଶରୀର ଦ୍ୱାରା ଯେଉଁ ନୂତନ ଓ ଜୀବନଦାୟକ ପଥ ଆମ୍ଭମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି... । ଆସ ଆମ୍ଭେମାନେ ହୃଦୟ ପ୍ରକ୍ଷାଳନ ଦ୍ୱାରା କଳୁଷିତ ବିବେକରୁ ଶୁଚୀକୃତ ଓ ନିର୍ମଳ ଜଳରେ ଧୌତ ଶରୀର ହୋଇ ସରଳ ହୃଦୟ, ପୂର୍ଣ୍ଣ ବିଶ୍ୱାସରେ, ଈଶ୍ୱରଙ୍କର ନିକଟବର୍ତ୍ତୀ ହେଉ (ଏବ୍ରୀ ୧୦ : ୧୯ ଓ ୨୨)* ପ୍ରକୃତ ବା ସତ୍ୟ ସାହସିକତା ଈଶ୍ୱରଙ୍କ ସମ୍ମୁଖରେ ଏକ ପରିଷ୍କୃତ ବିବେକରୁ ପ୍ରବାହିତ ହୋଇଥାଏ । ତା'ପରେ ଏକ ସ୍ୱଚ୍ଛ ବା ନିର୍ମଳ ସତ୍ୟପୂର୍ଣ୍ଣ ହୃଦୟ ଦୃଢ଼ ବିଶ୍ୱାସ ପ୍ରଦାନ

କରିଥାଏ, ଯାହାକି ଏକ ଧାର୍ମିକତାର ଆବଶ୍ୟକତା ଈଶ୍ୱରଙ୍କ ସହିତ ଜୀବନ୍ତ ସହଭାଗିତାକୁ ପୂର୍ଣ୍ଣ ଭାବରେ ଉପଭୋଗ କରି ପାରିବାରେ ସାହାଯ୍ୟ କରିଥାଏ ।

ଯେତେବେଳେ ତୁମେ ଜାଣିବ ଯେ ତୁମର ହୃଦୟ ପରିଷ୍କୃତ ହୋଇଛି । ପୂର୍ବରୁ କରିଥିବା ପାପର ସ୍ମରଣ ତୁମର ବିବେକକୁ ବାଧା ହେବା ପାଇଁ ଆଉ ସକ୍ଷମ ହୋଇ ପାରିବ ନାହିଁ । ନିଶ୍ଚିତ ଭାବରେ ଶୟତାନ ତୁମକୁ ଦୋଷୀ କରିବା ପାଇଁ ଚେଷ୍ଟା କରିବ ମାତ୍ର ତାର ଦୃଢ଼ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ, ଶୟତାନକୁ ତୁମର ଉତ୍ତର ନିଶ୍ଚିତ ଭାବରେ ଏପରି ହେବା ଆବଶ୍ୟକ ଯେପରି ଈଶ୍ୱରଙ୍କ ଉତ୍ତର ତୁମର ଦୋଷୀକୃତ ବିବେକ ପ୍ରତି ଥିଲା । ତାହା ହେଉଛି, ଯୀଶୁଙ୍କର ବହୁମୂଲ୍ୟ ରକ୍ତର ଶକ୍ତି । ପ୍ରକାଶିତ ବାକ୍ୟରେ ସାଧୁଗଣ, ଯେଉଁମାନେ ଶୟତାନ ଦ୍ୱାରା ସେମାନଙ୍କ ପାପ ପାଇଁ ଦୋଷୀକୃତ ହୋଇଥିଲେ ପୁଣି ଈଶ୍ୱର ସେମାନଙ୍କୁ କ୍ଷମା କରିଥିଲେ । ମନେରଖ ସେହି ବହୁମୂଲ୍ୟ ରକ୍ତର ଅସୀମ ଶକ୍ତି, ସେମାନଙ୍କର ଯାହା ଲିପିବଦ୍ଧ କରାଯାଇଛି । *''ଆଉ, ସେମାନେ ତାକୁ (ଶୟତାନ-ଯେ କି ଭାଇମାନଙ୍କୁ ଦୋଷୀକୃତ କରିଥିଲା) ମେଷଶାବକଙ୍କ ରକ୍ତରେ ପରାଜିତ କରିଥିଲେ (ପ୍ରକାଶିତ ୧୨ : ୧୧) ।* ସେମାନେ କେବଳ ଏକ ପରିଷ୍କୃତ ବିବେକର ଆଶୀର୍ବାଦ ଉପଭୋଗ କରି ନ ଥିଲେ ମାତ୍ର ସେମାନେ କେବଳ ଏକ ପରିଷ୍କୃତ ବିବେକର ଆଶୀର୍ବାଦ ଉପଭୋଗ କରି ନ ଥିଲେ ମାତ୍ର ସେମାନେ ମଧ୍ୟ ବାଧ୍ୟତା ଜନ୍ମାଇ ପାରି ନ ଥିବ । ଏକ ବିବେକର ଗୁପ୍ତ ରହସ୍ୟ ଜାଣି ପାରିଥିଲେ । ହାଲ୍ଲେଲୁୟା !

**ଜୀବନ୍ତ ସହଭାଗିତା, ଭୁଲ୍ ମନୋଭାବ ସହ ଏକତ୍ର ରହିପାରିବ ନାହିଁ ।**

ଏଠାରେ ଏକ ଗୁପ୍ତ ବା ଲୁକ୍‌କାୟିତ କାରଣ ରହିଛି, କାହିଁକି ଲୋକମାନଙ୍କର ଈଶ୍ୱରଙ୍କ ବାକ୍ୟ ରୂପ ପରମାର୍ଥିକ ଦୁଗ୍ଧ ପାନ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । କେବେ ତୁମର ଏପ୍ରକାର ଜ୍ୱର ହୋଇଛି କି ? ଯାହା ଦ୍ୱାରା ତୁମର କ୍ଷୁଧା ହରାଇଥିଲ । ଖାଦ୍ୟ କେତେ ସୁସ୍ୱାଦୁ ହୋଇଛି ନା ନାହିଁ ସେଥିରେ କିଛି ଯାଏ ଆସେ ନାହିଁ । ତୁମର ଖାଇବାରେ ଆଦୌ ଆଗ୍ରହ ନ ଥିଲା । ଠିକ୍ ସେହିପରି ଯେପରି ତୁମେ



ଅସୁସ୍ଥ ଥିବା ସମୟରେ କେବଳ ଏକ ପୁଷ୍ଟିକର ଖାଦ୍ୟ ତୁମକୁ ଆକର୍ଷଣ କରି ପାରେ ନାହିଁ । ସେହିପରି ବାଇବଲ ମଧ୍ୟ 'କଳ୍ପନା'କୁ ଧରିରଖି ପାରେ ନାହିଁ । ଯେତେବେଳେ ଗୋଟିଏ ଭୁଲ୍ ମନୋଭାବ ତୁମର ଆତ୍ମିକ କ୍ଷୁଧାକୁ ଲୋପ କରିଥାଏ ।

ଯଦିବା ପିତର ଆମକୁ ସେହି *ପରମାର୍ଥିକ ଦୁଗ୍ଧ ପାନ କରିବା ପାଇଁ ଉତ୍ସାହିତ କରିଛନ୍ତି (୧ମ ପିତର ୨:୨) ।* ସେ ପ୍ରଥମରେ ଆମକୁ ସତର୍କ କରାଇଛନ୍ତି ସେହିସବୁ ଆଚରଣଗୁଡ଼ିକ ଯାହା ଈଶ୍ୱରଙ୍କ ବାକ୍ୟ ପାଇଁ ଆମର ଆଗ୍ରହକୁ ଲୋପ କରିଥାଏ । ସ୍ପଷ୍ଟ ଭାବରେ ବା କର୍କଶ ସ୍ୱରରେ ସେ ମଧ୍ୟ ଲିପିବଦ୍ଧ କରିଛନ୍ତି ଯେ, ଏହିସବୁ ବାଧାଗୁଡ଼ିକରୁ ଦୂରରେ ରହିବା ପାଇଁ ଏକ ମାତ୍ର ଉପାୟ ହେଉଛି ଏକ ପୁଷ୍ଟି ସାଧକ ''ଏକତ୍ର ସମୟ'' । ସମସ୍ତ ବାଧାଗୁଡ଼ିକ ଦୂର କରିବା ପାଇଁ ଗୋଟିଏ ମାତ୍ର ''ଆତ୍ମିକ କ୍ଷୁଧା'' ଆବଶ୍ୟକ କୁତ୍ସିତ ମନୋଭାବ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତିତ ହେବା ଦରକାର । ଯଦି ଏକ ଉତ୍ତମ କ୍ଷୁଧା ଈଶ୍ୱରଙ୍କୁ ଅର୍ପଣ କରାଯାଏ । ଏହା ଆଉ ଏକ ଉପାୟ 'ଅନୁତାପ' ଜଣାଇବାରେ ।

*ତାହାହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କରି, ନବଜାତ  ଶିଶୁ ତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କର । (୧ମ ପିତର ୨ : ୧-୨)*

ଧର୍ମଶାସ୍ତ୍ର ଜୋର୍ ଦେଇ କୁହେ ଯେ, (ପୂର୍ବରୁ ଆତ୍ମିକ ଅସୁସ୍ଥତା ବିଷୟ କୁହାଯାଇଥିବା) ଯେ ପର୍ଯ୍ୟନ୍ତ ଆତ୍ମିକ ଅସୁସ୍ଥତା ଭୋଗ ନ କରିଛୁ ଆମେ କେବେ ବି ଈଶ୍ୱରଙ୍କ ବାକ୍ୟର ଅମିଶ୍ରିତ ଦୁଗ୍ଧ ପାନ କରିବା ପାଇଁ ଇଚ୍ଛା ପ୍ରକାଶ କରି ନ ଥାଉ । ଆତ୍ମିକ ଅସୁସ୍ଥତା ଆମର ଆତ୍ମିକ କ୍ଷୁଧାକୁ ନଷ୍ଟ କରି ଦେଇଥାଏ । ସେଗୁଡ଼ିକ ବିଷୟରେ ଜାଣିବାକୁ ଚାଲ ସେଗୁଡ଼ିକ ଏଇ ସମୟରେ ବିଚାର କରି ଦେଖିବା ।

**ଈର୍ଷା :** ଆମର ରାଗ ବା କ୍ରୋଧ ପାଇଁ ଅନ୍ୟମାନଙ୍କ ଦ୍ୱାର ଯେଉଁପ୍ରକାରେ ବିବେଚିତ ହୋଇ ଆସୁଛୁ ବା ବ୍ୟବହାର ପାଇ ଆସୁଥାଉ, ତାହା ଏକ କ୍ଷମା ଦେଇପାରୁ ନ ଥିବା ଆତ୍ମାର ଅଧିକାରୀ ହୋଇଥାଉ ।

କୋରି ଟେନ୍ ବୁମ୍ ରିଭେନ୍ସ ବ୍ରୁକ୍ର ''ନାଜି ଏକତ୍ରୀକରଣ'' ଶିବିରରେ ''କୁଖ୍ୟାତ ମୂଳୋତ୍ପାଟନ'' କେନ୍ଦ୍ରରେ ଅସହ୍ୟ ଯନ୍ତ୍ରଣା ସହ୍ୟ କରିଥିଲେ । ତାଙ୍କ ପାଇଁ ଆହୁରି ଦୁଃଖଦାୟକ ଥିଲା ଯେ ତାଙ୍କର ନିଜର ପ୍ରିୟ ଓ ସାଧୁ ସ୍ୱଭାବ ଅଧିକାରିଣୀ ଭଉଣୀ ''ଏବ୍'' ଙ୍କ ଜୀବନ ସେହି ଅମାନୁଷିକ ଓ ଯନ୍ତ୍ରଣାଦାୟକ ପରିବେଶରେ ତାଙ୍କର ମୃତ୍ୟୁର ଚାକ୍ଷୁସ ସାକ୍ଷୀ ଥିଲେ । ସେହି ନିଷ୍ଠୁର ପ୍ରହରୀମାନେ, ଯେଉଁମାନେ ଏପ୍ରକାର ଯନ୍ତ୍ରଣା ଦେବାରେ ଦାୟୀ ଥିଲେ, ସେମାନଙ୍କ ବିଷୟରେ କହିଥିଲେ । କୋରୀ ଟେନ୍ ବୁମ୍ ପରେ ସାକ୍ଷ୍ୟ ଦେଇଥିଲେ । କିପରି ସେ ସେମାନଙ୍କୁ ପ୍ରକୃତରେ କ୍ଷମା ଦେଇଥିଲେ ଏବଂ କହିଥିଲେ, ''କ୍ଷମା ଦେବା ହେଉଛି ଏକ ଇଚ୍ଛାଶକ୍ତିର କାର୍ଯ୍ୟ ଏବଂ ଏହି ଇଚ୍ଛା ଶକ୍ତି, ହୃଦୟର ତାପମାତ୍ରାର ଅମନୋଯୋଗୀତା କାର୍ଯ୍ୟ କରିବା ପାଇଁ ମନୋନୟନ କରିବ ।

ତୁମେ ଯଦି ଏକ କ୍ଷମାପ୍ରଦାନ କରୁ ନ ଥିବା ଆତ୍ମାକୁ ଆଶ୍ରୟ ଦେଇ ଅନ୍ୟକାହାକୁ କ୍ଷମା ଦେଇ ନ ପାର ତେବେ – ସେପ୍ରକାର ବ୍ୟକ୍ତି ହାତରେ ତୁମେ କେତେ ପରିମାଣରେ ଯନ୍ତ୍ରଣା ପାଇବ ସେ ବିଷୟରେ କିଛି ଯାଏ ଆସେ ନାହିଁ । ତୁମ କ୍ଷମା ଦେଇ ନ ପାରିବା ଗୁଣ ସେମାନଙ୍କର କୌଣସି କ୍ଷତି କରିବ ନାହିଁ ମାତ୍ର ଏହା ତୁମର ଆତ୍ମିକ ଜୀବନର ଶାସ୍ୱନଳୀକୁ ନିଶ୍ଚିତ ଭାବରେ ରୁଦ୍ଧ କରିଦେବ ଏବଂ ତୁମେ ସେହି ପ୍ରକାର ବ୍ୟକ୍ତିଠାରେ ବନ୍ଧା ହୋଇ ରହିଯିବ । ଯେ ପର୍ଯ୍ୟନ୍ତ ସେମାନଙ୍କୁ କ୍ଷମା ଦେବାର ମନୋଭାବ ତୁମ ଭିତରେ ଜାଗ୍ରତ ନ ହୋଇଛି ତୁମେ ସେହି ଲୋକମାନଙ୍କର ଅଧୀନରେ ରହିଥିବ । ତାପରେ କେବଳ ତୁମେ ସେହି ପ୍ରାର୍ଥନା କରି ପାରିବ ଯାହା ଆମର ପ୍ରଭୁ ଆମକୁ ଶିଖାଇଛନ୍ତି । *ଆମ୍ଭମାନଙ୍କ ପାପସବୁ କ୍ଷମା କର, କାରଣ ଆମ୍ଭେମାନେ ମଧ୍ୟ ଆପଣା ଆପଣା ପ୍ରତ୍ୟେକ ଅପରାଧୀକି କ୍ଷମା କରୁ (ଲୂକ ୧୧-୪)* । ତୁମେ ଯଦି ତୁମ ହୃଦୟରେ ଏକ କ୍ଷମା ଦେବାକୁ ପସନ୍ଦ କର, ଯେପରି ତୁମେ ଏକାକୀ ଈଶ୍ୱରଙ୍କ ସହିତ ସମୟ କଟାଇ ପାରିବ । ତା'ପରେ ଯାଇ ତୁମେ ନିଷ୍କପଟ ଭାବେ ଈଶ୍ୱରଙ୍କ ପ୍ରେମକୁ ସେମାନଙ୍କ ପ୍ରତି ପ୍ରକାଶ କରିବାରେ ସକ୍ଷମ ହେବ ।



**କପଟତା :** ଆମେ ଆମର ପାପକୁ ସ୍ୱୀକାର କରିବା ପରିବର୍ତ୍ତେ ଆମର ବିଫଳତା ବିଷୟରେ ଯୁକ୍ତି ବାଢ଼ି ଥାଉ । ବିଶ୍ୱସ୍ତତାର ସହିତ ଜୀବନ କାଟିବା ପରିବର୍ତ୍ତେ ପ୍ରବଞ୍ଚନାର ଜୀବନ କାଟିଥାଉ ।

**ଛଳନା :** ଗର୍ବ ମନୋଭାବ ବା ଆକାଂକ୍ଷା ନେଇ ଆମେ ନିଜକୁ ଭୁଲ୍ ଭାବରେ ପ୍ରକାଶିତ କରିଥାଉ । ଆମେ ଯାହା ନୋହୁ, ସେହିପରି ଭାବେ କାହାକୁ ଭାବେ କାହାକୁ ବା କୌଣସି ବିଷୟକୁ ଦେଖାଇବାର ଛଳନା କରିଥାଉ ।

**ଶତ୍ରୁତା :** ଅନ୍ୟର ଆଶୀର୍ବାଦଗୁଡ଼ିକରେ ସେମାନଙ୍କ ସହିତ ପ୍ରକୃତରେ ଆନନ୍ଦିତ ହେବା ପରିବର୍ତ୍ତେ ସେମାନଙ୍କ ଆଶିର୍ବାଦରେ ସନ୍ଦେହ ଭାବେ ପ୍ରତିକ୍ରିୟା କରିଥାଉ । ଅନ୍ୟର ଲାଭ କରିଥିବା ଜିନିଷକୁ ଲୋଭ କରିଥାଉ ।

**ପରନିନ୍ଦା :** ଅନ୍ୟକୁ ଆଘାତ ଦେବା ପାଇଁ ଆମର ଜିହ୍ୱାକୁ ବ୍ୟବହାର କରିଥାଉ କିମ୍ୱା ଅନ୍ୟର କୁତ୍ସାରଟନା କରିଥାଉ କିମ୍ବା ଅନ୍ୟର କିଛି କଥା ଶୁଣି ଥାଉ ଯେପରି ତାହା ଅନ୍ୟର ଚରିତ୍ରର ଅପବାଦ କରିଥାଉ । ଅନ୍ୟ ବ୍ୟକ୍ତିମାନଙ୍କର ଜୀବନର ପାପଗୁଡ଼ିକ ନିର୍ଦ୍ଦେଶ କରି ବା ଅଙ୍ଗୁଳି ଉଠାଇବା ଦ୍ୱାରା ନିଜର ବ୍ୟକ୍ତିଗତ ଦୋଷ ଦୁର୍ବଳତାକୁ ଘୋଡ଼ାଇବାକୁ ଚେଷ୍ଟା କରିଥାଉ । ଏହା ହେଉଛି ସେହିସବୁ ବିଷୟ । ଯାହା ଆମକୁ ଦୂର କରିବାକୁ ହେବ । ଆମେ ଯଦି ପ୍ରକୃତରେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପରିପୁଷ୍ଟ ହେବାକୁ ଇଚ୍ଛା କରିଥାଉ । ତା'ପରେ ଯେପରି ଏକ ନୂତନ ଜନ୍ମିତ ଶିଶୁର ସେବା ପାଇବାର ସମୟ ଆସିଥାଏ, ସେହି ଶିଶୁ ଜୀବନ ଦାନକାରୀ ଦୁଗ୍ଧ ଅନ୍ୱେଷଣ କରିବାର ଆବଶ୍ୟକ ହୋଇ ନ ଥାଏ । ତେଣୁ ଯେତେବେଳେ ତୁମେ ତୁମର ବାଇବଲ ଖୋଲିବା ପାଇଁ ଏକ ସୁଯୋଗ ପାଉଛ, *ତେବେ ତୁମେ ସମସ୍ତ ପ୍ରକାର ଦୁଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କର (୧ମ ପିତର ୨ : ୨)* ।

**ଜୀବନ୍ତ ସହଭାଗିତା ଏକ ଆତ୍ମକୈନ୍ଦ୍ରିକ ଜୀବନ ସହିତ ଏକତ୍ର ରହି ପାରନ୍ତି ନାହିଁ ।**

ଅତି ନିକଟରେ ଜଣେ ମହିଳା ମିଶନେରୀଙ୍କଠାରୁ ପାଇଥିବା ଚିଠିଟିକୁ ଗୋପନ କରି ରଖିଥିଲି । ମହିଳା ମିଶ୍‌ନେରୀ ଜଣକ ବହୁବର୍ଷ ଧରି ଜାପାନରେ ମିଶ୍‌ନେରୀ

କାର୍ଯ୍ୟ କରି ଆସୁଥିଲେ । ସେ ଏପରି ଲୋକମାନଙ୍କ ପାଖରେ ସେବାକାର୍ଯ୍ୟ କରୁଥିଲେ । ଯେଉଁମାନଙ୍କ ପାଖରେ ଅନ୍ୟ କେହି ପହଞ୍ଚି ପାରୁ ନ ଥିଲେ, ସେ ଲୋକମାନେ ହେଉଛନ୍ତି, ଯେଉଁମାନେ ସରକାରରେ ଥିଲେ ଏବଂ କୁଟନୀତିଜ୍ଞ ପରିବେଶରେ ଥିଲେ ଏବଂ ଅନ୍ୟମାନେ ଉଚ୍ଚ ସମ୍ଭ୍ରାନ୍ତ ଶ୍ରେଣୀର ଥିଲେ । ସେ ଲେଖିଥିଲେ :

> ନିଜକୁ ଅସ୍ୱୀକାର କରିବାର ଶିକ୍ଷା ଦ୍ୱାରା ଯାହା କିଛି ବି ଘଟୁନା କାହିଁକିଏବଂ ନିଜର କ୍ରୁଶ ପ୍ରତ୍ୟେକ ଦିନ ବହନ କରିବା ଆବଶ୍ୟକ । ଖ୍ରୀଷ୍ଟିୟାନ ଜୀବନର ସମ୍ବନ୍ଧ ଥିବା ପୁସ୍ତକଗୁଡ଼ିକ ସଜାଡୁଥିବା ସମୟରେ କିଛି ବିଷୟ ମୋର ଧ୍ୟାନକୁ ଆସିଥିଲା । ପୁସ୍ତକଗୁଡ଼ିକର ଅଧିକାଂଶ ପ୍ରସଙ୍ଗ ଗତ କୋଡ଼ିଏ ବର୍ଷ କିମ୍ବା ତହିଁରୁ ଅଧିକ ବର୍ଷ ମଧ୍ୟରେ ଜାଣି ପାରିଥିଲି । ସେମାନଙ୍କ ମଧ୍ୟରୁ ''ଏହାକୁ ନିଜେ କର'' ଥିଲା । ଖ୍ରୀଷ୍ଟିୟାନ ଜୀବନର ବୃଦ୍ଧିଲାଭ ପାଇଁ । ଏକ ପୁସ୍ତକରେ କିନ୍ତୁ ମୁଁ ମନେ ପକାଏ ଯେ, ମୋର ଖ୍ରୀଷ୍ଟୀୟ ଜୀବନରେ ଆରମ୍ଭରେ ଏହି ପୁସ୍ତକଗୁଡ଼ିକ ଏହିସବୁ ବିଷୟରେ ଥିଲା ତାହା ହେଉଛି, ''ନିଜକୁ ଅସ୍ୱୀକାର କର'', ''ପ୍ରତ୍ୟେକ ଦିନ ନିଜର କ୍ରୁଶ ବହନ କର'' ''ଏକ ପବିତ୍ର ଜୀବନରେ ବାସ କରିବା'', ''ଖ୍ରୀଷ୍ଟଙ୍କ ସହିତ ଆବଦ୍ଧ ହୋଇ ରୁହ'' ଏବଂ ମୋ ମଧ୍ୟରେ ବାସ କରିବା ପାଇଁ ତାଙ୍କୁ ଅନୁମତି ଦେବା ଏହି ଶିକ୍ଷାଗୁଡ଼ିକ ଧୀରେ ଧୀରେ ଦେଖା ଯାଉନାହିଁ କିମ୍ବା ମୁଁ ଏହାକୁ କଳ୍ପନା କରୁଛି ?

ଏହା ହୋଇପାରେ ଯେ, ଜଣେ ଚୀନ ଦେଶର ନେତା ହଂକଂରେ ଥିଲା ବେଳେ କଅଣ ବୁଝିଥିଲେ, ଯେତେବେଳେ ସେ ଲେଖିଥିଲେ -ପାଶ୍ଚାତ୍‌ରେ କିମ୍ବା ସମଗ୍ର ମୁକ୍ତ ବା ସ୍ୱାଧୀନ ପୃଥିବୀରେ ମୁଁ ଦେଖିଛି ମଣ୍ଡଳୀଗୁଡ଼ିକ ଯୀଶୁଙ୍କର ପୁନରୁତ୍‌ଥିତର ଶକ୍ତି ପୂର୍ଣ୍ଣ ବିଜୟ ସହିତ ପରିଚିତ ହୋଇଥାନ୍ତି । ସେମାନେ ସେହିପ୍ରକାର ସମ୍ପର୍କ ଚାହିଁଥାନ୍ତି । ସେମାନେ ସଫଳତା ପାଇଁ, ସମୃଦ୍ଧି ପାଇଁ ଉତ୍ଥିତ ପୁତ୍ରଙ୍କର ଉତ୍ତମ ବିଷୟଗୁଡ଼ିକର ସୂକ୍ଷ୍ମ ରୂପେ ଚାହିଁଥାନ୍ତି । କିଛି ଜଣ ଖ୍ରୀଷ୍ଟଙ୍କର ଦୁଃଖଭୋଗର ସହଭାଗିତାର ଅଂଶୀ ହୋଇଥାନ୍ତି । ଯାହାବି ହେଉ, ଏସିଆର ମଣ୍ଡଳୀଗୁଡ଼ିକରେ  ମୁଁ ଏହାର ବିପରୀତ ବିଷୟ ଦେଖିଛି । ନିର୍ଦ୍ଦିଷ୍ଟ ଭାବରେ ସେହି ଦେଶଗୁଡ଼ିକରେ, ଯେଉଁଠାରେ ପରିସ୍ଥିତିଗୁଡ଼ିକ ସୀମିତ ଓ ସୀମା ବନ୍ଧ ହୋଇ ରହିଛି । ସେହି ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କର ଦୁଃଖଭୋଗର ସହଭାଗିତାକୁ ଅଧିକ ଆଗ୍ରହ ଦେଖାଇଥାନ୍ତି । ସେମାନଙ୍କ ପାଇଁ, ଖ୍ରୀଷ୍ଟଙ୍କର ଦୁଃଖଭୋଗର ସହଭାଗିତା ହେଉଛି ସେମାନଙ୍କର ବଡ଼ ପୁରସ୍କାର ଓ ସୁଯୋଗ ।



ପ୍ରେରିତ ପାଉଲ ନିଜେ ପ୍ରାର୍ଥନା କରିଥିଲେ, *ଯେପରି ମୁଁ ତାହାଙ୍କୁ ତାହାଙ୍କ ପୁନରୁତ୍ଥାନର ଶକ୍ତି ଓ ମୃତ୍ୟୁ ଭୋଗରେ ତାହାଙ୍କ ତୁଲ୍ୟ ହୋଇ ତାହାଙ୍କ ଦୁଃଖଭୋଗର ସହଭାଗିତା ଜ୍ଞାତ ହୁଏ (ଫିଲିପ୍ପୀୟ ୩ : ୧୦)* । ଆମୋଷ ଭବିଷ୍ୟତ ବକ୍ତା ପାଉଲଙ୍କ ଦ୍ୱାରା କୁହାଯାଇଥିବା ଆଦର୍ଶ ଲକ୍ଷ୍ୟକୁ ଆହୁରି ଅଧିକ ଦୃଢ଼ ରୂପେ ଜାବୁଡ଼ି ଧରିବା ପାଇଁ କହିଛନ୍ତି । ଯେତେବେଳେ ସେ ପଚାରିଥିଲେ; *''ଏକ ପରାମର୍ଶ ନ ହେଲେ କି ଦୁଇଜଣ ଏକତ୍ର ଗମନ କରିବେ (ଆମୋଷ ୩ : ୩)* ।

ଯଦି ଆମେ ତାଙ୍କର ପୁନରୁତ୍‌ଥାନର ଶକ୍ତିରେ ଚାଲିବାକୁ ଆଗ୍ରହ ପ୍ରକାଶ କରୁ ତେବେ ଆମେ ମଧ୍ୟ ତାଙ୍କ ଦୁଃଖଭୋଗର ସହଭାଗିତାର ଅଂଶୀ ହେବା ପାଇଁ ନିଶ୍ଚିତ ଭାବରେ ସମ୍ମତ ହେବା ଉଚିତ୍ । ଅସମ୍ପୂର୍ଣ୍ଣ ଚୁକ୍ତି ପ୍ରକୃତରେ ଆଦୌ ଚୁକ୍ତି ନ ହେବା ସହିତ ସମାନ ।

କୌଣସି ସ୍ଥାନରେ ପାଉଲ ତାଙ୍କର ଅପୂରଣୀୟ ପ୍ରେମର ମହାନ ଯନ୍ତ୍ରଣାକୁ ସୂକ୍ଷ୍ମ ଭାବରେ ନିର୍ଦ୍ଦେଶ କରିଥିଲେ । ଯେତେବେଳେ ସେ ଯେଉଁମାନଙ୍କୁ ନିଜେ ପରିବର୍ତ୍ତନ କରିଥିବା ଲୋକମାନଙ୍କୁ ଲେଖିଥିଲେ, ଯେଉଁମାନେ ତାଙ୍କର ପ୍ରେରିତିକ ଅଧିକାରକୁ ବିଦ୍ରୋହୀ ହେବା ପାଇଁ ଆରମ୍ଭ  କରିଥିଲେ, *''ଆଉ ମୁଁ ତୁମ୍ଭମାନଙ୍କ ଆତ୍ମା ନିମନ୍ତେ ମହାନନ୍ଦରେ ବ୍ୟୟ କରିବ, ହଁ ମୋହର ପ୍ରାଣ ସୁଦ୍ଧା ବ୍ୟୟ କରିବି ।*

*ମୁଁ ତୁମ୍ଭମାନଙ୍କୁ ଅଧିକ ପ୍ରଚୁର ରୂପେ ପ୍ରେମ କରୁଅଛି ବୋଲି କଅଣ ଊଣା ପ୍ରେମ ପ୍ରାପ୍ତ ହେଉଅଛି (୨ୟ କରନ୍ଥୀୟ ୧୨ : ୧୫)* । କୌଣସି ସ୍ଥାନରେ ସେ ବିଶୁଦ୍ଧ ପ୍ରେମ ବିଷୟରେ ବାଖ୍ୟା କରିଥିଲେ ଓ ଦୃଢ଼ତାର ସହିତ ଘୋଷଣା କରିଥିଲେ । *ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଂକାର କରେ ନାହିଁ, ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ (୧ମ କରନ୍ଥୀୟ ୧୩ : ୪-୫)* । ଏପ୍ରକାର ପବିତ୍ର ପ୍ରେମ, ଯାହାକି ଉଭୟ ଦୀର୍ଘ ସହିଷ୍ଣୁ ଏବଂ ନିଃସ୍ୱାର୍ଥପର ଅଦ୍ଭୁତ ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବ୍ୟକ୍ତିତ୍ୱକୁ ବ୍ୟକ୍ତି ଭିତରେ ପ୍ରକାଶ କରିଥାଏ ।

ଯେତେବେଳେ ପ୍ରଭୁ ଯୀଶୁ ଏକ ପ୍ରେମ ବିହୀନ ଜଗତ ମଧ୍ୟକୁ ଆସିଥିଲେ । ସେ ମାନବିକ ଗଠନ ଅନୁସାରେ ପ୍ରେମକୁ ସଠିକ୍ ଭାବରେ ପ୍ରଦର୍ଶନ କରି ପାରିଥିଲେ । ତାଙ୍କର କାର୍ଯ୍ୟଗୁଡ଼ିକ, ତାଙ୍କର ବାକ୍ୟଗୁଡ଼ିକ, ତାଙ୍କର ଅନ୍ତର୍ନିହିତ ଚିନ୍ତାଧାରା । ତାଙ୍କର ସମସ୍ତ ପ୍ରକାର ସମର୍ପଣ ତାଙ୍କ ପିତାଙ୍କର ଇଚ୍ଛା ସମସ୍ତକୁ ତାଙ୍କର ପ୍ରେମକୁ ଏକ ଚମତ୍କାର ଛବିରେ ଚିତ୍ରିତ କରାଯାଇଥିଲା । ଯେଉଁ ପ୍ରେମ କେବେହେଲେ ଆତ୍ମ ସେବା ହୋଇ ନ ଥିଲା । ଅନ୍ୟ ଭାଷାରେ ତାଙ୍କ ଜନ୍ମଠାରୁ କ୍ରୁଶୀୟ ମୃତ୍ୟୁର ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରଭୁଯୀଶୁ ପ୍ରେମରେ ଅତ୍ୟଧିକ ସୁବିଧା ସୁଯୋଗସବୁକୁ ଅଗ୍ରାହ୍ୟ କରିଥିଲେ ଯାହାସବୁ ତାଙ୍କର ବ୍ୟକ୍ତିଗତ ଲାଭ ପାଇଁ ତାଙ୍କର ବ୍ୟକ୍ତିଗତ ଉତ୍ତମତାକୁ ଅନ୍ୱେଷଣ କରୁ ନ ଥିଲା ।

ଏହିପରି ଭାବରେ ତାଙ୍କର ତେତିଶ ବର୍ଷର କାର୍ଯ୍ୟକାଳ ମଧ୍ୟରେ । ପ୍ରଭୁ ଯୀଶୁ ଲଗାତାର ଭାବରେ ଅନ୍ୟ ଲୋକମାନଙ୍କର *ମଙ୍ଗଳ ପାଇଁ ତାଙ୍କର ପ୍ରାଣ ଦାନ କରୁଥିଲେ (୧ମ ଯୋହନ ୩ : ୧୬)* । ତା'ପରେ ଯେମିତି ସେ କ୍ରୁଶୀୟ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ ଆମେ ପାଠ କରୁ, *''ଏହି ଜଗତରୁ ପିତାଙ୍କ ନିକଟକୁ ଆପଣାର ପ୍ରୟାଣ କରିବାର ସମୟ ଉପସ୍ଥିତ ଜାଣି । ଜଗତରେ ଥିବା ନିଜର ଯେଉଁ ଲୋକମାନଙ୍କୁ ସେ ପ୍ରେମ କରି ଆସୁଥିଲେ, ସେମାନଙ୍କ ପ୍ରତି ଚୂଡ଼ାନ୍ତ ପ୍ରେମ ପ୍ରକାଶ କଲେ (ଯୋହନ ୧୩ : ୧)* । ହଁ, ତାଙ୍କ ପ୍ରେମ ନିଶ୍ଚିତ ଭାବରେ ଅଧିକ ଯନ୍ତ୍ରଣାଭୋଗ କରିଥିଲା ।



ଯଦି ଆମେ ଆମର ପରିତ୍ରାଣକର୍ତ୍ତାଙ୍କ ସହିତ ପ୍ରକୃତ ସହଭାଗିତା ରଖିବୁ । ତେବେ ଏହି ହୃଦୟ ଅନ୍ୱେଷଣକାରୀ ନିଶ୍ଚିତ ଭାବରେ ନିଜକୁ ଆମେ ପଚାରି ପାରିବୁ ଯେପରି –

ମୋର ନିଜର ଲାଭ ପାଇଁ ଈଶ୍ୱର ଦେଇଥିବା ସୁବିଧା ସୁଯୋଗଗୁଡ଼ିକୁ ମୋ ଜୀବନରେ ବ୍ୟବହାର କରେ କି ? କିମ୍ବା ମୋର ଜୀବନକୁ ଅନ୍ୟ ଲୋକମାନଙ୍କ ପାଇଁ ସେହି ପ୍ରକୃତ ପ୍ରେମକୁ ଜଣାଇବାକୁ ମୁଁ ପ୍ରସ୍ତୁତ ଅଛି କି ? ଯଦିବା ଏହି ପ୍ରକାର ଜୀବନଧାରାରେ ଦୁଃଖଭୋଗ ସଂଯୁକ୍ତ ହୋଇ ରହିଛି ?

ଈଶ୍ୱରଙ୍କ ପ୍ରେମର ଏକ ଚିତ୍ର ଆଙ୍କିବା ବର୍ତ୍ତମାନ ଯୁଗର ପୀଢ଼ିପାଇଁ ଏକ ବିପରୀତ ଧର୍ମୀ କାର୍ଯ୍ୟ, ସାହାସ ଦମ୍ଭର ସହିତ ଘୋଷଣା କରେ ଯେ, ଆତ୍ମ-ପ୍ରେମ ହେଉଛି ଏକ ଧର୍ମ ଏବଂ ତାହା ଜଣକର ଅଧିକାରଗୁଡ଼ିକଠାରୁ ଅନ୍ୟମାନଙ୍କର ମଙ୍ଗଳ ବିଷୟଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ହେଉଛି ତାହା ନିଜର ସେଇ ପ୍ରକାର ଉପାସନା ଯାହା ଶାସ୍ତ୍ରରେ ପ୍ରକାଶିତ ହୋଇଛି ଯେପରି ସେହି ଶେଷ ଦିନଗୁଡ଼ିକରେ ଦେଖାଯିବା ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ – *''କାରଣ ଲୋକମାନେ ଆତ୍ମପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଂକାରୀ, ନିନ୍ଦକ, ପିତାମାତାଙ୍କର ଅବାଧ୍ୟ, ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ ଓ ଈଶ୍ୱରପ୍ରିୟ ନ ହୋଇ ବରଂ ବିଳାସ ପ୍ରିୟ ହେବେ । (୨ୟ ତୀମଥି ୩ : ୨-୪)*

ଏହା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ, ତା'ପରେ ଯାହା ଆଲେକ୍‌ଜାଣ୍ଡର ମାକ୍‌ଲାରେବ ଜୋର୍ ଦେଇ କହିଥିଲେ ଯେ, ଉଚ୍ଚତର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟପ୍ରାପ୍ତି ପାଇଁ ହେଉଛି କ୍ଷତବିକ୍ଷତ ଆତ୍ମପ୍ରେମର ରକ୍ତ ରଞ୍ଜିତ ପଦଚିହ୍ନର ଦାଗ ।

ପାପ, କାର୍ଯ୍ୟଦ୍ୱାରା ହେଉ ବା ଚିନ୍ତାଧାରା ଦ୍ୱାରା ହେଉ ଯାହା ଦ୍ୱାରା ପ୍ରକାଶିତ ହେଉ ନା କାହିଁକି । ଏହା ଆମ ଆତ୍ମକୈନ୍ଦ୍ରିକତାର ଉତ୍ତରାଧିକାରରେ ପାଇଥିବା

ଆମର ସ୍ୱଭାବ ବା ପ୍ରକୃତିକୁ ପ୍ରକାଶ କରିଥାଏ । ଓସ୍‌ୱାଲ୍ ଚେମ୍ବରସ୍ ଥରେ କହିଥିଲେ । ଏହି ସ୍ୱାର୍ଥପରତା ଏପରି ''ମୋର ଅଭିଯୋଗରୁ ମୋର ଅଧିକାରକୁ ଓ ଅଧିକାରରୁ ମୋର ନିଜ ପାଖକୁ ଢଳିଥାଏ ଏବଂ ଘୋଷଣା କରିଥାଏ ଯେ, ଏହି ଦୁଇଟି ସମ ପରିମାଣରେ ବିପଦଜନକ । ଏହା ''ସମ୍ମାନସ୍ୱଦ ନୈତିକତା'' ମଧ୍ୟରେ କିମ୍ବା ''ପାପମୟ ବା ଇତର ନୈତିକତା'' ମଧ୍ୟରେ କାର୍ଯ୍ୟକାରୀ ହୋଇଥାଉ । ସ୍ୱାର୍ଥପରତା ଚୋରି କରିବାର ସତ୍ୟତା ଏବଂ କାର୍ଯ୍ୟରେ ଲଗାଇବା ସତ୍ୟତାକୁ ପ୍ରକାଶ କରିବା ଅତି ସହଜ କିନ୍ତୁ ଆମର ମଧ୍ୟ ଜାଣି ରଖିବା ଆବଶ୍ୟକ ଯେ, ମନୁଷ୍ୟର ପାପ ପୂର୍ଣ୍ଣ ଆତ୍ମକୈନ୍ଦ୍ରିକତା ସେହିପରି ଆହୁରି ଅଧିକ ରହସ୍ୟପୂର୍ଣ୍ଣ ଭାବରେ ପ୍ରକାଶ ହୋଇଥାଏ ।

ଏହା ମଧ୍ୟ ଆଶ୍ଚର୍ଯ୍ୟଜନକ ନୁହେଁ କାରଣ ପ୍ରତ୍ୟେକ ଘରୋଇ ସମସ୍ୟାଗୁଡ଼ିକର କେନ୍ଦ୍ରରେ । ସାମାଜିକ ବ୍ୟସ୍ତତା ମଧ୍ୟରେ ଏବଂ ଏପରିକି ମଣ୍ଡଳୀଗୁଡ଼ିକର ସମସ୍ୟାଗୁଡ଼ିକର କେନ୍ଦ୍ରରେ ମୋର ଅଧିକାରରୁ ମୋର ଧୂର୍ତ୍ତତା ବିଷୟରେ ଅଭିଯୋଗ କରିଥାଏ – ମୋର ସମୟ, ମୋର ଅର୍ଥ, ମୋର ଉପାୟ ବା ମୋର ପଥ, ମୋର ଅଭିଳାଷ, ମୋର ଇଚ୍ଛା, ବାସ୍ତବରେ ଯେକୌଣସି ବିଷୟ ହେଉ ତାହା ଈଶ୍ୱରଙ୍କ ପ୍ରେମକୁ ପ୍ରତିଫଳିତ କରି ନ ଥାଏ । ଏହା ନିଜର କିଛି ଅନ୍ୱେଷଣ କରେ ନାହିଁ, ମାତ୍ର ଏହା ଏକ ମନୁଷ୍ୟ ଉତ୍ତରାଧିକାର ଭାବେ ପାଇଥିବା ସ୍ୱାର୍ଥ ପରତାର ପରିପ୍ରକାଶ କରିଥାଏ ।

## ମୋର ସ୍ୱର୍ଗୀୟ ଦୃଷ୍ଟିକୋଣ

ଗୋଟିଏ ମାତ୍ର ପଥ ଦ୍ୱାରା ଆମେ ଜାଣି ପାରିବା ଯେ ଆତ୍ମକୈନ୍ଦ୍ରିକତା ହେଉଛି ଈଶ୍ୱରଙ୍କ ଦୃଷ୍ଟିକୋଣରେ ଆମ ନିଜକୁ ନ ଦେଖିବା । ଜେ. ବି. ଫିଲିପ୍ସ ତାଙ୍କର ''ନୂତନ ମଣ୍ଡଳୀମାନଙ୍କୁ ପାଇଁ ତାଙ୍କର ପତ୍ରଗୁଡ଼ିକରେ ପାଉଲର ପ୍ରାର୍ଥନାକୁ ଅନୁବାଦ କରାଯାଇଛି । ଯାହା କଲସୀୟ ମଣ୍ଡଳୀର ଲୋକମାନଙ୍କ ପାଇଁ ଏହିପରି ଭାବରେ କୁହାଯାଇଛି, ''ଆମେ ଈଶ୍ୱରଙ୍କୁ ପଚାରୁ ଯେ, ତୁମେ *ତାଙ୍କର ଦୃଷ୍ଟିକୋଣରୁ*



*ବିଷୟଗୁଡ଼ିକ ଦେଖିପାର* । *ଏଣୁ ତାହା ଶୁଣିବା ପରଠାରୁ, ଆମ୍ଭେମାନେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା ଓ ବିନତି କରିବାକୁ କ୍ଷାନ୍ତ ହେଉ ନାହୁଁ, ଯେପରି ତୁମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଅଭିମତ ଜ୍ଞାତ ହୋଇପାର (କଲସୀ ୧:୯) ।* କେବଳ ଯେପରି ଆମେ ପାଉଲଙ୍କର ଉଦାହରଣକୁ ଅନୁକରଣ କରିବା ଏବଂ ପ୍ରାର୍ଥନା କରିବା ଈଶ୍ୱର ଆମର ଆତ୍ମିକ ଚକ୍ଷୁକୁ ଉନ୍ମୁକ୍ତ କରିବେ । ଯେପରି ଆମେ ଆମର ବ୍ୟକ୍ତିଗତ ଜୀବନରେ ପ୍ରକୃତ ପରିସ୍ଥିତିଗୁଡ଼ିକୁ ଦୃଷ୍ଟି ରଖିବା ଆରମ୍ଭ କରିବୁ । ଆମର ଆତ୍ମକୈନ୍ଦ୍ରିକ ସ୍ଥିତିର  ଚକ୍ଷୁ ମଧ୍ୟ ଦେଇ ନୁହେଁ ମାତ୍ର ଈଶ୍ୱରଙ୍କର ସ୍ୱର୍ଗୀୟ ଦୃଷ୍ଟିକୋଣରୁ କେବଳ ଏହି ପ୍ରକାରେ ତାଙ୍କର ଆତ୍ମିକ ପ୍ରିଜିମ୍ ମଧ୍ୟ ଦେଇ ଆମ ଜୀବନର ବାସ୍ତବତାକୁ ଦେଖିପାରିବ ।

ଡରଥି ଓ ମୋର ଦୀର୍ଘ ଦିନର ଜଣେ ବନ୍ଧୁ ଶ୍ରୀମତୀ ସାଇଲେନ୍ସ ପ୍ରଚୁର ସାନ୍ତ୍ୱନାପ୍ରାପ୍ତ ହୋଇଥଲେ ଯେତବେଳେ ସେ ପ୍ରାର୍ଥନାର ସହିତ ଓ ବାଧ୍ୟତାର ସହିତ ଏକ ସ୍ୱର୍ଗୀୟ ଦୃଷ୍ଟିକୋଣରୁ ଗୋଟିଏ ପରିବାରର ସଙ୍କଟ ସମୟରେ ସେମାନଙ୍କର ସମ୍ମୁଖୀନ ହୋଇଥିଲେ । ସେ ରାତି ପ୍ରାୟ ୨ଟା ସମୟରେ ଏକ ଟେଲିଫୋନ୍ ଡାକରେ ଉଠି ପଡ଼ିଥିଲେ । ତୁମେ କହି ପାରିବ କି ? ତୁମର କାରଟିକୁ ଆଜି ରାତିରେ କିଏ ଚଳାଉଥିଲେ ? ଟେଲିଫେନ୍‌ରେ ପଚାରିଥିଲେ ଜଣେ ପୋଲିସ ଅଫିସର । ସେ ଅତିଶୟ ଭୟଭୀତ ହୋଇ ଉତ୍ତର ଦେଇଥିଲେ, ହଁ ମୋର ଦୁଇଟି ପୁଅ ଚଳାଉଥିଲେ । ସେମାନେ ଗୋଟିଏ ''ଯୁବକ ବାଇବଲ ଶିବିରରୁ'' ଫେରୁଥିଲେ । ଏହା ଶୁଣିବା ପରେ ପୋଲିସ ଅଫିସର ଜଣକ କହିଥିଲେ, ଠିକ୍ ଅଛି, ତୁମ ପାଇଁ ଏକ ଦୁଃଖର ଖବର ଅଛି, ତୁମ ଗାଡ଼ିଟିର ଡ୍ରାଇଭର ଶୋଇ ପଡ଼ିଥିଲା ଏବଂ ଗାଡ଼ିଟି ଯାଇ ରାସ୍ତାରେ ଥିବା ଗୋଟିଏ ଗଛ ଦେହରେ ବାଡ଼େଇ ହୋଇଯିବାରୁ ଘଟଣା ସ୍ଥଳରେ ଡ୍ରାଇଭରଟିର ମୃତ୍ୟୁ ଘଟିଛି ଏବଂ ଗାଡ଼ିରେ ଥିବା ଅନ୍ୟ ଦୁଇଜଣ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ସେମାନଙ୍କର ମଧ୍ୟ ବଞ୍ଚିବାର ଆଶା ନାହିଁ । ଏ ପ୍ରକାର ଏକ ଦୁଃଖଦାୟକ ଖବରରେ କିଂକର୍ତ୍ତବ୍ୟବିମୂଢ଼ ମାଆଟି ସ୍ଥାଣୁ ପାଲଟି

ଯାଇଥିଲେ । ଯାହାଙ୍କର ହୃଦୟଟି ସବୁବେଳେ ନିଜ ପିଲାମାନଙ୍କ ପ୍ରତି ବାସଲ୍ୟ ମମତାରେ ପରିପୂର୍ଣ୍ଣ ଥିଲା ।

ଟେଲିଫୋନ୍‌ଟିକୁ ତଳେ ରଖି ଦେଇ ଶ୍ରୀମତୀ ସାଇଲେନ୍ସ୍ ଅତିଶୟ କ୍ରନ୍ଦନ କରି ତାଙ୍କର ସ୍ୱର୍ଗୀୟ ପିତାଙ୍କୁ କହିଥିଲେ । ''ହେ ପ୍ରଭୋ, ଏକ ସମୟରେ ଏପରି ଘଟଣା ସବୁ ଘଟିଲେ ମାଆଟି କଅଣ କରିବ ? ସୌଭାଗ୍ୟର ବିଷୟ ଏହି ଯେ, ସେ ମାଆଟି ପ୍ରାର୍ଥନା କରିବା ଶିଖିଥିଲେ ଓ ବାଇବଲ ଅନୁଯାୟୀ ଚିନ୍ତା କରିବା ଜାଣିଥିଲେ । ମତେ ସେ ପରେ କହିଥିଲେ ଯେ, ଶାସ୍ତ୍ରରେ ଯାହା ଆଦେଶ ଦିଆଯାଇଛି, ତାହା ଉପରେ ସେ ଦୃଷ୍ଟିପାତ କରିଥିଲେ । *''ସର୍ବ ଅବସ୍ଥାରେ ଧନ୍ୟବାଦ ଦିଅ'' । (୧ମ ଥେସଲନୀକୀୟ ୫ : ୧୮)* ଶ୍ରୀମତୀ ସାଇଲେନ୍ସ କହିଚାଲିଥିଲେ, ମାତ୍ର ପ୍ରଭୁ ତୁମେ ଜାଣିଛ ମୋର ହୃଦୟ ଧନ୍ୟବାଦ ଦେଇ ପାରୁନାହିଁ । ଏହା ଅତିଶୟ ଆଘାତପ୍ରାପ୍ତ ହୋଇଛି । ଶୀତଳ ଓ ଶୂନ୍ୟ ହୋଇଯାଇଛି । ମାତ୍ର ଆଜି ଏହି ଭୟଙ୍କର ରାତ୍ରିରେ ମୁଁ ତୁମର ବାକ୍ୟର ବାଧ ହେବି । ଯେମିତି ମୁଁ ତାହା କରିବି, ଦୟାକରି ମୋ ହୃଦୟରେ ଏକ ଆଶ୍ଚର୍ଯ୍ୟ କର୍ମ କର । ଯେତେବେଳେ ମୁଁ ତୁମର ବାଧ ହେବି ଏବଂ 'ଧନ୍ୟବାଦ' ବୋଲି କହିପାରିବି । ତୁମେ ଏହାକୁ ବାସ୍ତବ କରିଦିଅ । କାରଣ ଏହିପ୍ରକାର ଦୁଃଖଦ ସମୟରେ, ମୁଁ ଆଦୌ ଧନ୍ୟବାଦ ଦେବାକୁ ଅନୁଭବ କରିପାରୁ ନାହିଁ । ଏହି ପ୍ରକାରେ ଶ୍ରୀମତୀ ସାଇଲେନ୍ସ ତାଙ୍କର ବିଶ୍ୱାସକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିଥିଲେ ।

ଏହି କୋମଳ ହୃଦୟା ମାଆ ଜଣକ ମତେ କହିଥିଲେ ଯେ, ଯେତେବେଳେ ସେ ପ୍ରଥମେ ''ଧନ୍ୟବାଦ ପିତା, ଯାହା ତୁମର ପ୍ରାପ୍ୟ'' କହିଲା ପରେ ମଧ୍ୟ ତାଙ୍କର ସ୍ଥାଣୁ ହୃଦୟଟି ଶୀତଳ ଓ ଶୂନ୍ୟ ହୋଇ ରହିଥିଲା । ମାତ୍ର ଯେତେବେଳେ ସେ ବିଶ୍ୱସ୍ତତାର ସହିତ ତାଙ୍କର ଧନ୍ୟବାଦ ପ୍ରଦାନକୁ ପୁନରାବୃତ୍ତି କରିଥିଲେ । ପବିତ୍ରଆତ୍ମା ତାଙ୍କର ଅଦ୍ଭୁତ ଆଶ୍ଚର୍ଯ୍ୟ କର୍ମ କରିଥିଲେ । ସେ ସେହି ମାଆଟିର ହୃଦୟ ସାନ୍ତ୍ୱନା ଓ ପ୍ରକୃତ ଧନ୍ୟବାଦୀ ହୃଦୟରେ ପରିପୂର୍ଣ୍ଣ କରିଥିଲେ । ହଁ, ସେହିସବୁ



ରାତ୍ରିଗୁଡ଼ିକର ଅନ୍ଧକାରାଚ୍ଛନ୍ନ ସମୟ ଗୁଡ଼ିକରେ ଈଶ୍ୱରଙ୍କ ସାନ୍ତ୍ୱନାଦାତା ପବିତ୍ରଆତ୍ମା ଶ୍ରୀମତୀ ସାଇଲେନ୍ସଙ୍କର ବିଶ୍ୱାସ ଓ ବାଧ୍ୟତାର ଉତ୍ତର ପ୍ରଦାନ କରିଥିଲେ । ସେ ଈଶ୍ୱରଙ୍କ ଅପରିବର୍ତ୍ତନୀୟ ପ୍ରେମ ତାଙ୍କୁ ଓ ତାଙ୍କ ପରିବାରକୁ ପୁନର୍ବାରେ ପ୍ରଦାନ କରିଥିଲେ । ଯେତେବେଳେ ସକାଳ ହୋଇଥିଲା, ସେ ପର୍ଯ୍ୟନ୍ତ ମଧ୍ୟ ତାଙ୍କ ଆଖି ଦ୍ୱୟ ଲୁହରେ ପରିପୂର୍ଣ୍ଣ ଥିଲା । ଏହାର ସନ୍ଦେହ ନାହିଁ ମାତ୍ର ସେଇ ସମାନ ସମୟରେ ମଧ୍ୟ ସେ ଅନୁଭବ କରିଥିଲେ ଯେ ଈଶ୍ୱରଙ୍କର ଅବର୍ଣ୍ଣନୀୟ ସାନ୍ତ୍ୱନା ଓ ଶାନ୍ତି ତାଙ୍କ ହୃଦୟରେ ରାଜତ୍ୱ କରୁଛି ।

ଏହା ଈଶ୍ୱରଙ୍କ ଦୟାର ଏକ ଅଦ୍ଭୁତ ସାକ୍ଷ୍ୟ । ଯେପରି ଈଶ୍ୱର ତାଙ୍କ ଅନନ୍ତ ପ୍ରେମର ମଧ୍ୟକୁ ଏକ ଦୁଃଖିତ ମାତାକୁ କୋଳେଇ ନେଇଥିଲେ । ଗଭୀର ଓ ସ୍ଥିର ଦୃଢ଼ତାର ସହ ଶ୍ରୀମତୀ ସାଇଲେନ୍ସ୍ କହିଥିଲେ, କିପରି ସେହି କାଳ ରାତ୍ରିରେ ଈଶ୍ୱରଙ୍କ ଶାନ୍ତି ଲାଭ କରିଥିଲେ । ଯାହା ମାନବର ବୁଝିପାରିବା ଶକ୍ତି ଅନୁଯାୟୀ ଗତି କରିଥାଏ । ତାହା ତାଙ୍କ ଆତ୍ମାରେ ଉଚ୍ଛୁଳି ଉଠିଥିଲା । ଶ୍ରୀମତୀ ସାଇଲେନ୍ସ ଖ୍ରୀଷ୍ଟଙ୍କ ସହିତ ତାଙ୍କ ଚାଲିବା ବିଷୟକୁ ସେଦିନ ସେ ପ୍ରମାଣିତ କରିଥିଲେ । ଯେତେବେଳେ ସମସ୍ୟା ଆସିଥାଏ, ସେତେବେଳେ ଜଣେ ମଣିଷର ସମସ୍ୟା ଏବଂ ଏକ ସ୍ୱର୍ଗୀୟ ଦୃଷ୍ଟି କୋଣ ମଧ୍ୟରେ ସମ୍ପୂର୍ଣ୍ଣ ପାର୍ଥକ୍ୟ ଲକ୍ଷ୍ୟ କରାଯାଇଥାଏ ।

ଯେତେବେଳେ ତୁମେ ଈଶ୍ୱରଙ୍କ ସହିତ ଘନିଷ୍ଠ ସହଭାଗୀତା ଉପଭୋଗ କରିବ, ସେତେବେଳେ ତୁମେ ମଧ୍ୟ ଜାଣିପାରିବ ଯେ, ବିଶ୍ୱାସ ଓ ଧନ୍ୟବାଦ ପ୍ରଦାନ ମଧ୍ୟରେ ପରସ୍ପର ସହିତ ସମ୍ପର୍କ ରହିଛି । ଯେତେବେଳେ ବିଶୁଦ୍ଧ ବିଶ୍ୱାସର ସହିତ ଧନ୍ୟବାଦ ପ୍ରଦାନ କରିବ ତୁମ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଯିବ । ଈଶ୍ୱର ସେତେବେଳେ ତୁମକୁ ସକ୍ଷମ କରାଇବେ ଯେପରି ତୁମେ ତୁମ ଜୀବନରେ ପରିବର୍ତ୍ତନ ହେଉଥିବା ପରିସ୍ଥିତିଗୁଡ଼ିକୁ ଦେଖିପାରିବ । ତାଙ୍କର ଦୃଷ୍ଟିକୋଣଗୁଡ଼ିକ ଉତ୍ତମ ଭାବରେ ପ୍ରକାଶିତ ହେଉ ବା ଖରାପ ଭାବରେ ପ୍ରକାଶିତ ହେଉ । ଏ ପ୍ରକାର ସ୍ୱର୍ଗୀୟ ଦୃଷ୍ଟିକୋଣଠାରୁ ଈଶ୍ୱର ନିଶ୍ଚିତ ଭାବରେ ତୁମର ଆଘାତପ୍ରାପ୍ତ ହୃଦୟକୁ

ଭରସା ଦେବେ କାରଣ, *''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଙ୍କଳ୍ପ ଅନୁସାରେ ଆହୂତ ହୋଇଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ (ରୋମୀୟ ୮ : ୨୮)* । ଏହି ପଦଟିରେ ଥିବା ସାନ୍ତ୍ୱନା ମୂଳକ କଥା । ଏକ ଶୀତଳ, ଶୂନ୍ୟ ଓ ଏକ ଭରସାହୀନ ସତ୍ୟକୁ ପ୍ରକାଶ କରି ନ ଥାଏ । ଈଶ୍ୱର ଆମକୁ ଏ ପ୍ରକାର ଆଶ୍ଚର୍ଯ୍ୟ ପ୍ରତିଜ୍ଞାମାନ ଦେଇଛନ୍ତି ଯେ ଏହା ଆମ ପ୍ରତ୍ୟେକ ହୃଦୟରେ ଅଦ୍‌ଭୁତ ବା ଅଲୌକିକ ବାସ୍ତବତା ସହିତ ଆବଦ୍ଧ ହୋଇ ରହିପାରିବ । ଯେତେବେଳେ ତୁମେ ଏ ପ୍ରକାର ଅନୁଭବ କରୁଛ ସେତେବେଳେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅ । ଯେତେବେଳେ ତୁମେ ଏପ୍ରକାର ଅନୁଭବ କରୁନାହଁ, ସେତେବେଳେ ମଧ୍ୟ ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ଏବଂ ତୁମେ ଧନ୍ୟବାଦ ଦେଇ ଚାଲିଥାଅ ଯେ ପର୍ଯ୍ୟନ୍ତ ତୁମେ ସେ ପ୍ରକାର ଅନୁଭବ କରି ନାହଁ । ତେବେ ତୁମ ଓ ମୋ ଜୀବନରେ ଏ ପ୍ରକାର ପରିସ୍ଥିତି ଆସିବ ନାହିଁ, ଯେତେବେଳେ ଏହା ଈଶ୍ୱରଙ୍କୁ ଧନ୍ୟବାଦ ଦେବା ପାଇଁ ମଧ୍ୟ ସୁଯୋଗ ଆସିବ ନାହିଁ । ଏଇ ନିକଟରେ ମୁଁ ଓ ଡରଥି ବହୁଦିନ ଧରି ମିଶ୍ନେରୀ ଥିବା କେତେ ଜଣ ମିଶ୍ନେରୀମାନଙ୍କ ଠାରୁ ଏକ ଚିଠି ପାଇଥିଲୁ । ଏହି ମିଶ୍ନେରୀମାନେ ବିଶ୍ୱସ୍ତ ଭାବରେ ପୁଣି ଫଳପ୍ରଦ ଭାବରେ ଖ୍ରୀଷ୍ଟଙ୍କ ପାଇଁ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକର କଟକଣା ପରିସ୍ଥିତି ଥିବା ଅଞ୍ଚଳରେ ମିଶ୍ନେରୀ ସେବା କାର୍ଯ୍ୟ କରିଥିଲେ । ଷ୍ଟାନ୍ ତାଙ୍କ ଚିଠିରେ ଲେଖିଥିଲେ । ମୁଁ କରିପାରିବି ଏବଂ ନିଶ୍ଚିତ ଭାବରେ ଧନ୍ୟବାଦ ଦେବି । ମୋର ସାନ୍ତ୍ୱନା ପାଇଁ ନୁହେଁ ମାତ୍ର ତାଙ୍କର ଗୁଣର ଭିତ୍ତିମୂଳ ପାଇଁ । କୋରି, ଟେନ ବୁମ୍‌ଙ୍କର କ୍ଷମାପ୍ରଦାନକାରୀ ଉକ୍ତିକୁ ବଢ଼ାଇବାକୁ ଆମେ ମଧ୍ୟ ତାଙ୍କ ଇଚ୍ଛାର କାର୍ଯ୍ୟ ଅନୁଯାୟୀ ଧନ୍ୟବାଦ ଦେଇ ଚାଲିଥିବା । ଇଚ୍ଛା ଶକ୍ତି ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଏକ ଦାୟିତ୍ୱ ହୀନ ହୃଦୟର ତାପମାତ୍ରାକୁ ମନୋନୀତ କରିପାରିବ । ସେ ନିଶ୍ଚିତ ଭାବରେ ତାଙ୍କର ଅର୍ନ୍ତପ୍ରଜ୍ୱଳିତ ଶାନ୍ତି ଆମକୁ ପ୍ରଦାନ କରିବେ ଏବଂ ଆମର ପରିସ୍ଥିତି ଯାହା ହୋଇ ଥାଉ ନା କାହିଁକି ସେ ତାଙ୍କର ଅପରିବର୍ତ୍ତିତ ପ୍ରେମରେ ବାନ୍ଧି ରଖିବାର ଭରସା ମଧ୍ୟ ପ୍ରଦାନ କରିବେ ।



ମନେରଖ, ଆମେ ତାଙ୍କୁ ପ୍ରତ୍ୟେକ ଜିନିଷ ପାଇଁ ଧନ୍ୟବାଦ ଦେବା ପାଇଁ କହିବା ନାହିଁ । ମାତ୍ର ପ୍ରତ୍ୟେକ ବିଷୟରେ ତାଙ୍କୁ ଧନ୍ୟବାଦ ଦେବ । *ଉପଯୁକ୍ତ ବା ବିଶୁଦ୍ଧ ଧନ୍ୟବାଦ ଯାହା ଆମର ସ୍ୱର୍ଗୀୟ ଦୃଷ୍ଟିକୋଣର ପରିଚୟରୁ ପ୍ରବାହିତ ହୋଇଥାଏ । ଏହା ବିଶ୍ୱାସର ଏକ ମୌଳିକ ଉପାଦାନ ଯାହା ଗଭୀର ଦୁଃଖକୁ ଆତ୍ମକରୁଣାଠାରୁ ଅଲଗା କରିଥାଏ । ମନେରଖ, ଏହାହିଁ ସତ୍ୟ, ଆମେ ଏକ ଗୀର୍ଜାଘରେ ଥାଉ ବା ଏକ ଡାକ୍ତରଖାନାରେ ଥାଉ ।*

ଏପରିକି ଯେତେବେଳେ ଜୀବନର ଝଡ଼ ଆମକୁ ବିବ୍ରତ କରିଥାଏ । ଯଦିବା ଏକ ଜଗତଜଡ଼ିତ ହୃଦୟ ସହଜ ବିଷୟ ଖୋଜିଥାଏ । ''ମତେ ଦୟାକର'' ବୋଲି କେବଳ ଥରେ ଉଚ୍ଚାରଣ କରିଥାଏ ମାତ୍ର ଏକ ଖ୍ରୀଷ୍ଟକୈନ୍ଦ୍ରିକ ହୃଦୟ ଶେଷ ପର୍ଯ୍ୟନ୍ତ ଧନ୍ୟବାଦ ଦେଇ ଚାଲିଥାଏ ।

ଆମ ମଧ୍ୟରୁ ଅନେକ ଜଣ ପ୍ରଥମରୁ ପାପରେ ପଡ଼ିଯାଇ ପ୍ରଥମରୁ ଯନ୍ତ୍ରଣାର ଦୁଃଖରେ ଜର୍ଜରିତ ହୋଇଥାନ୍ତି । ଆମେ ଈଶ୍ୱରଙ୍କର ଉଦ୍ଦେଶ୍ୟଗୁଡ଼ିକର ପ୍ରବେଶ ପଥରେ ଆତ୍ମକରୁଣା ଓ ଖେଦର ସହିତ ବସି ପଡ଼ିଥାଉ । ଏପରିକି ଏପ୍ରକାର କୁହାଯାଉଥିବା ଖ୍ରୀଷ୍ଟିୟାନଙ୍କର ଅନୁକମ୍ପାର ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଚେଷ୍ଟା କରିଥାନ୍ତି । ମାତ୍ର ଈଶ୍ୱର ତାଙ୍କ ମହାନ୍ ପ୍ରେମରେ ଈଶ୍ୱର ତାହା କେବେ ବି କରିବାକୁ ଦିଅନ୍ତି ନାହିଁ । ମାତ୍ର ସେ ତାଙ୍କ ପୁତ୍ରଙ୍କର କଣ୍ଟାବିନ୍ଧା ହାତରେ ଜାବୁଡ଼ି ଧରି ଧରନ୍ତି ଏବଂ କହନ୍ତି – ମୋ ସହିତ ମୋ ସହଭାଗିତାକୁ ପ୍ରବେଶ କର । ଉଠ ଏବଂ ଆଲୋକ ପ୍ରଦାନ କର । ଈଶ୍ୱର ଏକ ଭଗ୍ନ ହୃଦୟ ମଧ୍ୟ ଦେଇ ତାଙ୍କ ଉଦ୍ଦେଶ୍ୟକୁ ଜଗତକୁ ପ୍ରେରଣ କରି ପାରନ୍ତି । ସେଥିପାଇଁ ତାଙ୍କୁ ଧନ୍ୟବାଦ ଦିଅ ତୁମର ହୃଦୟକୁ ଭଗ୍ନ କରିଥିବା ହେତୁ । (ଓସ୍‌ୱାର୍ଡ଼ ଚେମ୍ବର୍ସ୍ My ulmost for High Highest) ରୁ ଆନୀତ ।

ହଁ, ଯଦି ଆମେ ବୁଝିବା କିପରି ଈଶ୍ୱର ଆମକୁ ତାଙ୍କଠାରୁ ଏକ ଗୌରବମୟ ସ୍ୱାଧୀନତା ପ୍ରଦାନ କରି ଅଛନ୍ତି । ତେବେ, ଏକ ସ୍ୱର୍ଗୀୟ ଦୃଷ୍ଟିକୋଣରୁ ଆମର

ଜୀବନକୁ ଦେଖି ଜାଣି ପାରିବା । ଏକ ଆତ୍ମ-କୈନ୍ଦ୍ରିକ ଜୀବନକୁ ଈଶ୍ୱରଙ୍କ ଉତ୍ତର ବୃଦ୍ଧି କରି ପାରି ନ ଥାଏ ବା ଶିକ୍ଷିତ ମଧ୍ୟ କରି ପାରି ନ ଥାଏ । ମାତ୍ର ଶେଷରେ ମୃତ୍ୟୁ ଆଣିଥାଏ ! ଆମ୍ଭେମାନେ ଜଗତରେ ବାସ କରୁଥିବା ସମୟରେ ଆତ୍ମକୈନ୍ଦ୍ରିକ ଜୀବନର ମାଧ୍ୟାକର୍ଷଣ ଶକ୍ତିର ସମ୍ମୁଖୀନ ହୋଇଥାଉ । ମାତ୍ର ଉପଯୁକ୍ତ ବିଶ୍ୱାସ ଈଶ୍ୱରଙ୍କ ଅନନ୍ତ ସତ୍ୟତାରେ ଆନନ୍ଦିତ ହେବା ପାଇଁ ସକ୍ଷମ ହୋଇଥାଏ, *''କାରଣ ତୁମେ ମରିଅଛ, ଆଉ ତୁମ୍ଭମାନଙ୍କର ଜୀବନ ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହିତ ଗୁପ୍ତ ଅଛି'' (କଲସୀୟ ୩ : ୩) ।*

*କାରଣ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ଈଶ୍ୱରଙ୍କଠାରେ ଗୁପ୍ତ ହୋଇ ରହିଛୁ । ଏହି ପ୍ରକ୍ରିୟା ମାଧ୍ୟମରେ ମୃତ୍ୟୁ, ସମାଧି ପ୍ରାପ୍ତ ଏବଂ ପୁନରୁତ୍ଥାନ । (ରୋମୀ ୬ : ୨-୪)* । ଯେତେବେଳେ ଆମେ ସମ୍ପୂର୍ଣ୍ଣ ଭାବରେ ଜଗତର ବନ୍ଧନଠାରୁ ଏହା ସହିତ ଆତ୍ମକୈନ୍ଦ୍ରିକ ମନୋବୃତ୍ତିଠାରୁ ପୃଥକ୍ ହୋଇଅଛୁ । ସେତେବେଳେ ଯାଇ ଆମେ ଜୀବନରେ ଆମର ନୂତନ ଦୃଷ୍ଟିକୋଣକୁ ଉପଭୋଗ କରିପାରିବା ।

ପୁରାତନ ସୃଷ୍ଟିରୁ ମୃତ ହୋଇ ପ୍ରକୃତ ଖ୍ରୀଷ୍ଟିୟାନ ଈଶ୍ୱରଙ୍କର ନୂତନ ସୃଷ୍ଟିର ଅଂଶ ହୋଇ ପାରିବ । ଏହା ହେଉଛି ତାହା ଯାହା ଆମର ପରିତ୍ରାଣ ବିଷୟରେ କହେ –

ଖ୍ରୀଷ୍ଟଙ୍କଠାରେ ମୃତ, ମୁଁ ଖ୍ରୀଷ୍ଟଙ୍କଠାରେ ଉତ୍‌ଥିତ,
ଖ୍ରୀଷ୍ଟଙ୍କଠାରେ ମୁଁ ବିଜୟୋଲ୍ଲସିତ, ଶତ୍ରୁ ମୋର ପରାଜିତ,
ଖ୍ରୀଷ୍ଟଙ୍କଠାରେ ସ୍ୱର୍ଗରେ ମୁଁ ମୋର ସ୍ଥାନ ଗ୍ରହଣ କରିବି,
ଏବଂ, ସ୍ୱର୍ଗରେ ଆନନ୍ଦିତ ହେବି, ନରକର ଯନ୍ତ୍ରଣାକୁ ପରାଜିତ କରିବି ।

## ମୋର ଜାଗତିକ ସମସ୍ୟା

ବର୍ତ୍ତମାନ ଆମେ ହୃଦୟ ଅନ୍ୱେଷଣକାରୀ ପ୍ରଶ୍ନଗୁଡ଼ିକ ନିଜକୁ ପଚାରିବା ଉଚିତ୍ । ଜଗତରେ ମୋର ଜୀବନ ବାସ୍ତବରେ ଖ୍ରୀଷ୍ଟକୈନ୍ଦ୍ରିକ ହୋଇଛି ନା ଏ ପର୍ଯ୍ୟନ୍ତ ଆତ୍ମକୈନ୍ଦ୍ରିକ ହୋଇ ରହିଛି ?



ନିଶ୍ଚିତ ଭାବରେ ଏକ ଆତ୍ମ କୈନ୍ଦ୍ରିକ ଜୀବନ ଅତିଶୀଘ୍ର କୌଣସି ବ୍ୟକ୍ତିର ଶତ୍ରୁ ହୋଇ ଯାଇପାରେ କିମ୍ବା ଯେ କୌଣସି ପରିସ୍ଥିତିରେ ରାଗି ଯାଇପାରେ କାରଣ ତାହା ତାର ନିରାପତ୍ତାକୁ, ତାର ଅହଙ୍କାର, ତାର ଆରାମ ଏବଂ ତାର ସୁଖ ବା ଆନନ୍ଦ ଉପରେ ବାଧା ଆଣି ଦେଇ ଥାଏ । G. Compbell Morgan ଏହି ପ୍ରକାରେ ଲେଖନ୍ତି, ''ଆତ୍ମକୈନ୍ଦ୍ରିକତା ହେଉଛି ପାପର ମୂଳ ସୂତ୍ରଧାର । ଶତ୍ରୁତାର ଆଭ୍ୟନ୍ତରିଣ ବିଷୟର ଉପାଦାନଗୁଡ଼ିକ, ଯେଉଁଥିରେ କି ନର୍କ ତିଆରି ହୋଇଥାଏ । (ହୋଶେୟ–ହୃଦୟ ଏବଂ ଈଶ୍ୱରଙ୍କର ପବିତ୍ରତା)

ଗୋଟିଏ ସନ୍ଧ୍ୟାର ଏକ ପ୍ରାର୍ଥନା ସଭାରେ ଜଣେ ମହିଳା ଅସାଧାରଣ ଓ ଅକପଟ ଭାବରେ ପ୍ରାର୍ଥନା କରିବାର ଶୁଣିଥିଲି । ଯେଉଁପରି ଭାବରେ ସେ ପ୍ରାର୍ଥନା କରୁଥିଲେ ନିଶ୍ଚିତ ଭାବରେ ସେ ଈଶ୍ୱରଙ୍କୁ ଦର୍ଶନ କରୁଥିଲେ ଏବଂ ଏକ ନୂତନ ଜୀବନ ପରିବର୍ତ୍ତନ ରେ ପହଞ୍ଚିଥିଲେ । ସେ ଏହିପରି ଭାବରେ ପ୍ରାର୍ଥନା କରିଥିଲେ ।'' ''ପ୍ରଭୁ ଯୀଶୁ ତୁମର ପ୍ରେମର ବାହୁ ଦୁଇଟି ମୋ ଉପରେ ପକାଅ । କ୍ରୁଶର ନିକଟକୁ ମତେ କଢ଼ାଇ ନିଅ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ମତେ ପ୍ରେମ କର । ମୁଁ ଯାହା ମଧ୍ୟରେ ବାସ କରେ, ତା' ମଧ୍ୟରେ ଆଉ ବାସ କରିବା ପାଇଁ ଚାହୁଁ ନାହିଁ ମାତ୍ର ଖ୍ରୀଷ୍ଟ ମୋ ଭିତରେ ବାସ କରନ୍ତୁ ବୋଲି ଚାହେଁ । ସେହି ମହିଳାଙ୍କର ପ୍ରାର୍ଥନା ମତେ ବିଶେଷ ଭାବରେ ପ୍ରଭାବିତ କରିଥିଲା ।

ଯଦିବା ଏହି ମହିଳା ଜଣକ ଜାଣିଥିଲେ ଯେ, ସେ ଖ୍ରୀଷ୍ଟଙ୍କର ମରଣର ଓ ପୁନରୁତ୍‌ଥାନ ମଧ୍ୟ ଦେଇ ଯାଇ ଖ୍ରୀଷ୍ଟଙ୍କ ସହିତ ସ୍ୱର୍ଗରେ ବାସ କରିବା ପାଇଁ ସମର୍ପିତ ହୋଇ ସାରିଛନ୍ତି । ସେ ମଧ୍ୟ ସଚେତନ ଥିଲେ ଯେ, ତାଙ୍କର ଶରୀର ଏ ପର୍ଯ୍ୟନ୍ତ ଜଗତ ମଧ୍ୟରେ ରହିଛି ବୋଲି ତାଙ୍କ ପ୍ରାର୍ଥନାରୁ ସ୍ପଷ୍ଟ ଜଣା ପଡୁଥିଲା । ତାଙ୍କର ଶରୀର ଏଠାରେ ଥିବା ସମୟର ସ୍ୱାର୍ଥପର କାର୍ଯ୍ୟଗୁଡ଼ିକର ଓ ବାକ୍ୟଗୁଡ଼ିକର ସମାଧାନ ଈଶ୍ୱରଙ୍କଠାରୁ ହେଉ ବୋଲି ଅନ୍ୱେଷଣ କରୁଥିଲେ । ତାଙ୍କର ଏପ୍ରକାର ଅର୍ଥପୂର୍ଣ୍ଣ ପ୍ରାର୍ଥନା ଈଶ୍ୱରଙ୍କ ସହିତ ଆହୁରି ନିବିଡ଼ ସହଭାଗିତା ଓ ଉତ୍ସୁକତା ଆଗ୍ରହ ଭାବ ପ୍ରକାଶ

କରୁଥିଲା । ତା'ପରେ ଯେତେବେଳେ ମୁଁ ସେହି ପ୍ରାର୍ଥନା ଉପରେ ଆଲୋକପାତ କରୁଥିଲି ମୁଁ ଜାଣି ପାରିଥିଲି ଯେ, ପାଉଲ ମଧ୍ୟ ଏ ପ୍ରକାର ଏକ ହୃଦୟ ବିଦାରକ ନିବେଦନ ବାଇବଲ ଉପରେ ପର୍ଯ୍ୟବେସିତ କରି ଦେଇଥିଲେ । ଯେତେବେଳେ ସେ ଲେଖିଥିଲେ – *''କାରଣ ଯଦି ଶାରିରୀକ ଭାବାନୁସାରେ ତୁମ୍ଭେମାନେ ଜୀବନ ଯାପନ କର । ତେବେ ଅବଶ୍ୟ ମରିବ କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ (ରୋମୀୟ ୮ : ୧୩) ।*

ମୋର ପାଠକ ପାଠିକା ମଧ୍ୟରୁ କିଛି ଜଣ ଏହି ପଦ ଉପରେ ଗଭୀର ଭାବେ ଧ୍ୟାନ କରି ପରବର୍ତ୍ତୀ ଚିନ୍ତାଧାରାଗୁଡ଼ିକ ଖୋଜି ବାହାର କରିବାରେ ସାହାଯ୍ୟ ସ୍ୱରୂପ ହୋଇପାରେ । ଯେତେବେଳେ ଅନ୍ୟମାନେ ତା'ପରବର୍ତ୍ତୀ ପାରାଗ୍ରାଫ୍‌ରେ ଥିବା ଉଦାହରଣ ଖୋଜି ବାହାର କରି ପାରନ୍ତି ଯେପରି ଏହା ତାଙ୍କ ପାଇଁ ଅଧିକ ସାହାଯ୍ୟ ସ୍ୱରୂପ ଓ ବ୍ୟବହାରିକ ହୋଇ ପାରିବ । ଯେଉଁମାନେ ଗ୍ରୀକ୍ ଭାଷା ସହିତ ପରିଚିତ ବା ଗ୍ରୀକ୍ ଭାଷା ଜାଣିଥିବେ ସେମାନେ ଆମକୁ ଏକ ମୁକ୍ତିପ୍ରଦାନକାରୀ ସତ୍ୟ ଯାହା ନିମ୍ନଲିଖିତ ପଦରେ ଅଛି ତାହା ବୁଝିବା ପାଇଁ ସାହାଯ୍ୟ କରିବେ । ଯାହା ନିମ୍ନରେ ଚିନ୍ତା କରିବା ପାଇଁ ଉଲ୍ଲେଖ କରାଗଲା ।

> *କାରଣ ଯଦି ତୁମେ ଶାରିରୀକ ଭାବାନୁସାରେ ଜୀବନ ଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ଶରୀରର କର୍ମ ସବୁକୁ ବିନାଶ କର, ତେବେ ଜୀବିତ ହେବ (ରୋମୀୟ ୮ : ୧୩) ।*

**ପ୍ରଥମ–** ଆକ୍ଷରିକ ଗ୍ରୀକ୍ ଭାଷାରେ 'ତୁମେ' (you) ଶବ୍ଦଟି ହେଉଛି ବାର୍ତ୍ତା । ଅବଶ୍ୟ ମରିବ (put to death) ବାକ୍ୟାଂଶର 'ତୁମେ' (you) ହେଉଛି କର୍ତ୍ତା । ଏହା ଏକ 'ସକର୍ମକ କ୍ରିୟା' ବାକ୍ୟରେ ଲିଖିତ ହୋଇଛି ।

*ବାଇବଲ ସମ୍ବନ୍ଧୀୟ ସତ୍ୟ :* ଯଦି ମୁଁ ନିଜକୁ ଶାରୀରିକ ଅଭିଳାଷରୁ ନିଜକୁ (ମୋର ଆତ୍ମକୈନ୍ଦ୍ରିକ ଜୀବନରୁ) ପୃଥକ୍ କରେ ତେବେ ମୁଁ ନିଶ୍ଚୟ ସକ୍ରିୟତାରେ ଓ ନିଶ୍ଚିତ ଭାବରେ ଈଶ୍ୱରଙ୍କ ସହିତ ସହଯୋଗ କରେ ।



**ଦ୍ୱିତୀୟ –** ଏହି ବାକ୍ୟମଧ୍ୟ ଆମକୁ କହେ ଯେ, ଆତ୍ମାଙ୍କ ମଧ୍ୟ ଦେଇ, ଯାହା (ଈଶ୍ୱରଙ୍କ ସ୍ୱର୍ଗୀୟ ବିନାଶକାରୀ) ସେ ତାଙ୍କର ଅଦ୍‌ଭୁତ ଶକ୍ତି ଦ୍ୱାରା ବନ୍ଦୋବସ୍ତ କରିଛନ୍ତି ଯାହା ଦ୍ୱାରା ଆମେ ଆମର ସ୍ୱାର୍ଥପରତା, ଜଗତ ଜଡ଼ିତ କାର୍ଯ୍ୟଗୁଡ଼ିକ ଉପରେ ବିଜୟ ଲାଭ କରି ପାରିବା ।

*ବାଇବଲ ସମ୍ବନ୍ଧୀୟ ସତ୍ୟ :* ଯଦିବା ମୁଁ ଦୃଢ଼ ଭାବରେ ପ୍ରାର୍ଥନାର ସହିତ ଏବଂ ସକ୍ରିୟତାର ସହିତ ନିଜ ଦ୍ୱାରା ଏହି ପ୍ରକ୍ରିୟାରେ ସଂକ୍ଲିଷ୍ଟ ଥାଏ । ମୁଁ ମୋର ଶାରିରୀକ କାର୍ଯ୍ୟସବୁକୁ ନିଜ ଶକ୍ତିରେ ବିନାଶ କରି ପାରିବି ନାହିଁ । ଯେତେବେଳେ ମୁଁ ଏହି ଜଗତରେ ଥାଏ, ସେତେବେଳେ କେବଳ ପବିତ୍ର ଆତ୍ମା ଯେ କି ମୋର ଏହି ଆତ୍ମକୈନ୍ଦ୍ରିକ କାର୍ଯ୍ୟସବୁରୁ ସମ୍ପୂର୍ଣ୍ଣ ଭାବରେ ପୃଥକ୍ କରି ପାରିବେ ।

**ତୃତୀୟ –** ଏହା ମଧ୍ୟ ଏକ କୌତୁହଳର ବିଷୟ ଯେ, ପଦଟିକୁ ନିରୀକ୍ଷଣ କଲେ ଦେଖାଯାଏ, ଏହି ପଦଟି ବର୍ତ୍ତମାନ କାଳରେ ଲେଖା ଯାଇଛି । ବ୍ୟବହାରିକ ପରିପ୍ରେକ୍ଷୀ ଭିତରେ ବର୍ତ୍ତମାନ କାଳର ବ୍ୟବହାର ଏହା ସୂଚନା ଦିଏ ଯେ, ଖ୍ରୀଷ୍ଟଙ୍କ ସହିତ ମୋର ପ୍ରାର୍ଥନା ପୂର୍ଣ୍ଣ ଓ ସକ୍ରିୟ ସହଯୋଗ ନିଶ୍ଚିତ ଭାବରେ ଲାଗି ରହିଥିବା ଦରକାର ।

*ବାଇବଲ ସମ୍ବନ୍ଧୀୟ ସତ୍ୟ* – ଯଦିଓ ଏହା ଏକ ଜୀବନ ପରିବର୍ତ୍ତନକାରୀ ଅନୁଭୂତି ହୋଇ ପାରିବ; ଯେତେବେଳେ ପ୍ରଥମ ଥର ଜଣେ ଖ୍ରୀଷ୍ଟିୟାନ ପବିତ୍ର ଆତ୍ମାଙ୍କୁ କହି ପାରିବ - ତା' ଜୀବନରେ ଭଲ ପାଉଥିବା ବିଷୟସବୁର ବିନାଶ କରିବାକୁ । ଏହା ଏମିତି କୌଣସି ଏକ ବିଷୟ ନୁହେଁ, ଯାହାକୁ ଥରେ ମାତ୍ର କରା ଯାଇ ପାରିବ ନା, ଯେତେବେଳେ ଆମର ବ୍ୟକ୍ତିଗତ ଜୀବନ ତାର ଭୟଙ୍କରତା ମସ୍ତକ ଉପରକୁ ଉଠେଇବ । ସେତେବେଳେ ଆମର ଗଭୀର ପ୍ରାର୍ଥନା ତାଙ୍କ ସହିତ ସହଯୋଗ ସ୍ଥାପନ ସହିତ ପବିତ୍ରଆତ୍ମାଙ୍କର କାର୍ଯ୍ୟକାରୀ ସେବାକାର୍ଯ୍ୟ ଉପରେ ଆମର ସ୍ୱାର୍ଥପରତା କାର୍ଯ୍ୟସବୁକୁ ପବିତ୍ରଆତ୍ମାଙ୍କ ନିକଟକୁ ବିନାଶ ପାଇଁ ଆଣି ପାରିବ । ''ଈଶ୍ୱର ଚାହାନ୍ତି ଯେ, ଆମର ଏହି ବିଶ୍ୱାସର ଆଚରଣ ନିରବଚ୍ଛିନ୍ନ, ପୁଣି ସର୍ବବିଦ୍ୟାମାନ ଅନୁଭୂତି ହେବା ଉଚିତ୍ ।

ଏହା ବାଖ୍ୟା କରିବାକୁ ଚାଲ କଳ୍ପନାରେ ଏକ ବିଚାରାଳୟକୁ ଯିବା । ସେଠାରେ ଜଣେ ମନୁଷ୍ୟ ନରହତ୍ୟା ଦୋଷରେ ଧରା ପଡ଼ିଛ । ବିଚାର ସମ୍ବନ୍ଧୀୟ ସମସ୍ତ ତଥ୍ୟାବଳୀକୁ କୋର୍ଟକୁ ହସ୍ତାନ୍ତର କରାଯାଇଛି । ଲୋକଟି ଦୋଷୀ ବୋଲି ସାବ୍ୟସ୍ତ ହୋଇଛି ଏବଂ ବର୍ତ୍ତମାନ ବିଚାରକର୍ତ୍ତାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ବିଚାରିତ ବାକ୍ୟଟିକୁ ଘୋଷଣା କରିବାକୁ ପ୍ରକୋଷ୍ଠରେ ଏକ ନୀରବତା ବିରାଜମାନ କରିଥିଲା । ବିଚାରକର୍ତ୍ତା ଗମ୍ଭୀର ସ୍ୱରରେ କହିଲେ, ଲୋକଟି ନରହତ୍ୟା ଦୋଷରେ ଦୋଷୀ ବୋଲି ପ୍ରମାଣିତ ହୋଇଛି ଏବଂ ସେଇଥିପାଇଁ ତାକୁ ''ମୃତ୍ୟୁଦଣ୍ଡ'' ର ଆଦେଶ ଦିଆଯାଇଛି ।

ବିଚାରକର୍ତ୍ତାଙ୍କର ଏ ପ୍ରକାର କାର୍ଯ୍ୟର ଘୋଷଣା ସାରିବା ପରେ, ଯଦି ବିଚାରକର୍ତ୍ତା ସେହି ଘୋଷଣା ନାମାକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କର ବେଞ୍ଚ ତଳୁ ଏକ ପିସ୍ତଲ ନେଇ, ସେହି ନରହତ୍ୟାକାରୀକୁ ଗୁଳି କରିବେ । ତେବେ ବିଚାରକର୍ତ୍ତା ନିଜେ ସେ ପ୍ରକାର ଏକ ନରହତ୍ୟାକାରୀ ପାଲଟି ଯିବେ । ତେଣୁ ମୃତ୍ୟୁଦଣ୍ଡର ଘୋଷଣାନାମା ଜାରୀ କରିବା ପରେ ସମସ୍ତ ବିଚାର କର୍ତ୍ତାଗଣ ଦୋଷୀ ସାବ୍ୟସ୍ତ ହୋଇଥିବା ମନୁଷ୍ୟକୁ ଘାତକମାନଙ୍କ ହସ୍ତରେ ସମର୍ପଣ କରିବେ ।

ସମ ଭାବରେ ଆମର ବ୍ୟକ୍ତିଗତ ଜୀବନର ସ୍ୱାର୍ଥପରତା ଗୁଣ ଜାଣିବା ଓ ସ୍ୱୀକାର କରିବା ଛଡ଼ା ଆମେ ଆଉ କିଛି କରି ପାରିବା ନାହିଁ । ବିଚାରାଳୟର ପ୍ରକୋଷ୍ଠ ମଧ୍ୟରେ ବିଚାରକର୍ତ୍ତାଙ୍କ ପରି ଆମର ସମସ୍ତ ସ୍ୱାର୍ଥପର କାର୍ଯ୍ୟସବୁକୁ ବିନାଶ କରିବା ପାଇଁ ଆଦେଶ ଦେଇ ପାରିବା । ମାତ୍ର ଯେପରି ବିଚାରକର୍ତ୍ତା ନରହତ୍ୟାକାରୀର ଜୀବନ ନେଇ ପାରନ୍ତି ନାହିଁ ସେହିପରି ଆମେ ମଧ୍ୟ ଆମର ସ୍ୱାର୍ଥପରତା କାର୍ଯ୍ୟଗୁଡ଼ିକୁ ବିନାଶ କରିବା ପାଇଁ ଆମର ଶକ୍ତି ନାହିଁ କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ସେ ଏକ ସ୍ୱର୍ଗୀୟ ଘାତକକୁ ଯୋଗାଇ ଦେଇଛନ୍ତି । ସେ ହେଉଛନ୍ତି ପବିତ୍ରଆତ୍ମା । କେବଳ ସେହି ପବିତ୍ରଆତ୍ମା ଯେକି ଆମ ଜୀବନର ସ୍ୱାର୍ଥପରତା କାର୍ଯ୍ୟ ସବୁକୁ ନ କରେଇବା ପାଇଁ ଶକ୍ତି ପ୍ରଦାନ କରନ୍ତି ।



ହଁ, ଈଶ୍ୱରଙ୍କର ଦୟା ହେତୁରୁ, ଆତ୍ମାଙ୍କ ମଧ୍ୟ ଦେଇ ଆମର ଶାରିରୀକ ଅଭିଳାଷଗୁଡ଼ିକ ବା ଶାରିରୀକ କାର୍ଯ୍ୟସବୁକୁ ବିନାଶ କରିବା ପାଇଁ ସକ୍ଷମ ହୋଇ ପାରିବା, ଯେପରି ଆମେ ସେହି ଅପୂର୍ବ ସୁଯୋଗକୁ ଏକ ଲଗାତାର ଓ ଯତ୍ନପୂର୍ବକ କାମରେ ଲଗାଇ ପାରିବା । ତା'ପରେ ଆମେ ଏକ ବାସ୍ତବ ଖ୍ରୀଷ୍ଟକୈନ୍ଦ୍ରିୟ ଜୀବନର ସ୍ୱାଧୀନତାର ଅନୁଭବରେ ଆସିପାରିବା ।

ଏ ପ୍ରକାର ସ୍ପଷ୍ଟ ଆତ୍ମିକ ଶିକ୍ଷା ଏବଂ ଏ ପ୍ରକାର ଅନୁନୟ ପ୍ରାର୍ଥନାଗୁଡ଼ିକର କାର୍ଯ୍ୟକାରୀ ଶିକ୍ଷାଗୁଡ଼ିକ, ପ୍ରାର୍ଥନା ସଭାରେ ସେହି ମହିଳାଙ୍କ ମୁଖରୁ ଯେମିତି ଏ ପ୍ରକାର ପ୍ରାର୍ଥନା ମୁଁ ଶୁଣିଲି । ମୁଁ ମଧ୍ୟ ଅନେକ ସମୟରେ ସେହି ସମାନ ପ୍ରକାରେ ପ୍ରାର୍ଥନା କରିଥିଲି । *''ପ୍ରଭୁ, ତୁମର ପବିତ୍ରଆତ୍ମାଙ୍କ ଦ୍ୱାରା, ମତେ ତୁମ କ୍ରୁଶ ତଳେ ଧରି ରଖ । ମୋର ବ୍ୟକ୍ତିଗତ ଜୀବନକୁ ବିନାଶରୁ ରକ୍ଷା କର । ମୁଁ ଚାହେଁ ମୁଁ ଆଉ ମୋ ପରି ବଞ୍ଚିବି ନାହିଁ ମାତ୍ର ଖ୍ରୀଷ୍ଟ ମୋ ମଧ୍ୟରେ ବାସ କରନ୍ତୁ ।''*

ଏହା ଭାବିବା ସହଜ ଯେ, ଆମର ପରିପୁଷ୍ଟ ହେବାର ମୌଳିକ ଉଦ୍ଦେଶ୍ୟ ଏହା ଯେ, ନିଜର ବ୍ୟକ୍ତିଗତ ଜୀବନର ଆତ୍ମତୃପ୍ତି ପାଇଁ ଈଶ୍ୱରଙ୍କ ବାକ୍ୟରେ ନିଜକୁ ଶିକ୍ଷିତ କରାଇବା ଏବଂ ଏହାର ଶେଷ ଉଦ୍ଦେଶ୍ୟ ଏହି ଯେ, ଆମେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପୁଷ୍ଟିସାଧିତ ଓ ପ୍ରତିପାଳିତ ହେବା ମାତ୍ର ଏହା ସେପରି ନୁହେଁ । ପୁରାତନ ନିୟମର ଯାଜକଗଣ ନିଜେ ପରିପୁଷ୍ଟ ହେଉଥିଲେ ଓ ତାଙ୍କର ନିଜ ମେଷ ପଲକୁ ମଧ୍ୟ ପରିପୁଷ୍ଟ କରୁଥିଲେ । କେବଳ ଏକ ଉତ୍ତମ ଆଦର୍ଶ କାର୍ଯ୍ୟକାରୀ ହେବା ପାଇଁ । ଅପର ପକ୍ଷରେ ଯେପରି ଉଇଲିୟମ୍ ଷ୍ଟିଲ୍ ନିର୍ଦ୍ଦେଶ କରିଛନ୍ତି, ସେମାନେ ହେଉଛନ୍ତି ସେହି ସମାନ ମେଷ ଯେଉଁମାନେ କି ହତ୍ୟା ହେବା ପାଇଁ ଆବଶ୍ୟକ ହୁଅନ୍ତି । ସେମାନେ ଜନ୍ମରୁ ଉତ୍ସର୍ଗୀକୃତ ହେବା ଉଦ୍ଦେଶ୍ୟରେ ଅଛନ୍ତି ।

ବେଳେବେଳେ ଖ୍ରୀଷ୍ଟିୟାନମାନେ ଭୁଲ୍ ମତ ପ୍ରକାଶ କରନ୍ତି, ଯେପରି ସେମାନଙ୍କ ସଙ୍ଗୀତ କିମ୍ବା ଭାଷଣ ଦେବାର କ୍ଷମତାଗୁଡ଼ିକ କିପରି ଖ୍ରୀଷ୍ଟଙ୍କୁ ସନ୍ତୁଷ୍ଟ କରି ପାରିବ ? ଯେପରି ସେହି ସୁସମାଚାର ପ୍ରଚାରକଗଣ ଶ୍ରୋତାଗଣଙ୍କ ସମ୍ମୁଖରେ

ସ୍ୱର୍ଣ୍ଣାପଦାଧିକାରୀ ହେବା ପାଇଁ ଉଦ୍ୟମ କରିଥାନ୍ତି । ମାତ୍ର ଈଶ୍ୱର ତାଙ୍କ ବାକ୍ୟର ପ୍ରେମଭରା ସୁଯୋଗ ସହିତ ଆମକୁ ପରିପୁଷ୍ଟ କରିଥାନ୍ତି । ତାଙ୍କର ଉଦ୍ଦେଶ୍ୟ ଏହା ନୁହେଁ ଯେ, ଆମେ ଆମ ନିଜ ପାଇଁ ଏକ ଉତ୍ତମ ସ୍ଥାନ ପ୍ରସ୍ତୁତ କରିବା ଯାହା ଦ୍ୱାରା ନିଜର ଚେହେରାକୁ ପରିଚିତ କରାଇ ପାରିବା । ମାତ୍ର ସେ ଚାହାଁନ୍ତି ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ତାଙ୍କର ସ୍ୱାର୍ଥତ୍ୟାଗର ବେଦୀ ନିକଟରେ ସମର୍ପି ଦେବା । ଏସବୁକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସେ ଚାହାନ୍ତି ଆମ ଭିତରେ ଥିବା ସମସ୍ତ ମନ୍ଦ ବିଷୟକୁ ପ୍ରଥମେ ବିନାଶ କରିବା ଆବଶ୍ୟକ । ଆମର ଆତ୍ମ କରୁଣା, ଆମର ଆତ୍ମ ପ୍ରାଚୁର୍ଯ୍ୟତା, ଆମର ଆତ୍ମକୈନ୍ଦ୍ରିକତା, ଆମର ଆତ୍ମ ସନ୍ତୋଷ, ଆମର ଆତ୍ମଯଥାର୍ଥତା ଏହିପରି ତାଲିକା ଲମ୍ବି ଚାଲିଥିବ । ଏସବୁକୁ ବିନାଶ କରିବାକୁ ହେବ ।

ଏକ ଯନ୍ତ୍ରଣା ଜର୍ଜରିତ ହୃଦୟ ସହିତ ସାଧୁ ପାଉଲ ଏହା ଉଦ୍ଧୃତ କରିଥିଲେ ଯେ, ସେ ତୀମଥିଙ୍କଠୁ ପୃଥକ୍ ହେବା ପରେ ଆଉ କୌଣସି ବ୍ୟକ୍ତି ପାଇ ନ ଥିଲେ ଯେ କି କଲସୀୟ ମଣ୍ଡଳୀର ତତ୍ତ୍ୱାବଧାନ କରି ପାରିବ, କାରଣ ସେହି ସହରର ଅନେକ ଖ୍ରୀଷ୍ଟିୟାନ ଜାଣି ନ ଥିଲେ ଖ୍ରୀଷ୍ଟଙ୍କ ପ୍ରେମ ବିଷୟରେ ମାତ୍ର ନିଜ ଅନୁଭୂତି ମଧ ଦେଇ ସେ କୁହନ୍ତି ଯେଉଁ ପ୍ରେମ ନିଜର ସ୍ୱାର୍ଥ ଅନ୍ୱେଷଣ କରେ ନାହିଁ । ଆମେ ପାଠ କରୁ କିପରି ପାଉଲ ଦୁଃଖର ସହିତ ଏହା ଆଲୋକ ପାତ କରିଥିଲେ, *''ଯେଣୁ ସମସ୍ତେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟ ଚେଷ୍ଟା ନ କରି, ନିଜ ସ୍ୱାର୍ଥ ଚେଷ୍ଟା କରନ୍ତି (ଫିଲିପ୍ପୀ ୨ : ୨୧) ।*

*ବାଇବଲରେ 'ମୃତ୍ୟୁ' ଅର୍ଥ କେବେ ବି 'ନିର୍ବାଣ' ବୋଲି ବୁଝାଇ ନ ଥାଏ, ମାତ୍ର ''ପୃଥକୀକୃତ'' ବୋଲି ବୁଝାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ, ଶାରିରୀକ ମୃତ୍ୟୁ ହେଉଛି ଶରୀରଠାରୁ ଆତ୍ମାର ପୃଥକୀକରଣ ଏବଂ ଅନନ୍ତ ମୃତ୍ୟୁ ହେଉଛି ଅନନ୍ତକାଳ ପାଇଁ ଆତ୍ମା ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହେବା । ଏକ ସମାନ ଅର୍ଥବୋଧରେ ବ୍ୟକ୍ତିଗତ ଜୀବନର ବିନାଶ ହେଉଛି ମାନବିକ ବ୍ୟବହାରିକ ପ୍ରକୃତିରୁ ସ୍ୱାର୍ଥପରତାର



କାର୍ଯ୍ୟଗୁଡ଼ିକକୁ ପୃଥିକ କରିବା ଏବଂ ଏହା କେବଳ, ଈଶ୍ୱରଙ୍କର ପବିତ୍ର ଆତ୍ମାଙ୍କର ଶକ୍ତିରେ ସମ୍ପାଦିତ ହୋଇ ପାରିବ ।

ସେମାନଙ୍କର ନିଜର ଅନୁଭୂତି କହେ ଯାହା ପ୍ରେମ '' ତାହା ନିଜର ସ୍ୱାର୍ଥ ଚେଷ୍ଟା କରେ ନାହିଁ । ଆମେ ପଢ଼ିଛୁ କିପରି ପାଉଲ ଦୁଃଖର ସହିତ ଆଲୋକ ପାତ କରିଥିଲେ । *''ଯେଣୁ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ବିଷୟ ଚେଷ୍ଟା ନ କରି ନିଜ ସ୍ୱାର୍ଥ ଚେଷ୍ଟା କରନ୍ତି । (ଫିଲିପ୍ପୀୟ ୨ : ୨୧) ।*

ଆଜି କୁଆଡ଼େ ଗଲେ ସେହି ଖ୍ରୀଷ୍ଟିୟାନମାନେ ? ଯେଉଁମାନେ ବାସ୍ତବରେ ପୃଥିବୀର ଅନେକ ଅଞ୍ଚଳରେ ଥିବା ଯନ୍ତ୍ରଣା ଭୋଗ କରୁଥିବା ମଣ୍ଡଳୀଗୁଡ଼ିକ ବିଷୟରେ ଚିନ୍ତିତ ହେଉଥିଲେ ? ତେଣୁ ଆମେ କ'ଣ ପୂର୍ବରୁ ଜୀବନ ଦ୍ୱାରା ଅଧିକୃତ ହୋଇ ସାରିଛୁ ଯେପରି ଏହା ଆମକୁ ପ୍ରଭାବିତ କରି ପାରିବ ନାହିଁ । କାରଣ ଆମର ସମୟ ନାହିଁ ଲୋକମାନଙ୍କୁ ପ୍ରେମ କରିବାକୁ । ଯେଉଁମାନଙ୍କର କେହି ନାହାନ୍ତି ସେମାନଙ୍କ ବିଷୟ ଚିନ୍ତା କରିବାକୁ ତାଙ୍କୁ କିପରି ଆମର ପ୍ରେମ ପ୍ରକାଶ କରିପାରିବା ? ଏହା ଆମର ମନେ ରଖିବା ଉଚିତ୍ ଯେ, କେବଳ ଯୀଶୁଙ୍କ ପ୍ରେମ ଯାହା ନିଜର ସ୍ୱାର୍ଥ ଚେଷ୍ଟା କରେ ନାହିଁ ଏବଂ ଏହା ଦ୍ୱାରା ଅନେକ ଦୁଃଖଭୋଗ ମଧ କରିଥାନ୍ତି । ଉଦାହରଣ ସ୍ୱରୂପ ଯେପରି କେବଳ ଗୋଟିଏ କପ୍ ଭିନେଗାର୍ (ସିର୍କା) କମଳା ରସର ମିଷ୍ଟତା ଆଣିବା ପୂର୍ବରୁ ତିକ୍ତତା ଆଣିଥାଏ । ତେଣୁ ଯୀଶୁଙ୍କ ପ୍ରେମ ପ୍ରଦର୍ଶନ କରିବାକୁ ହେଲେ ପ୍ରଥମେ ଆମକୁ ଆମର ବ୍ୟକ୍ତିଗତ ଜୀବନକୁ ବିନାଶ କରିବାକୁ ହେବ ତା'ପରେ ଯାଇ ଆମେ ଈଶ୍ୱରଙ୍କ ପ୍ରେମରେ ପରିପୂର୍ଣ୍ଣ ହୋଇ ପାରିବା । ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ଆମ ଜୀବନରେ ଏହି ସେବାକାର୍ଯ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କର ଦୟାପୂର୍ଣ୍ଣ କାର୍ଯ୍ୟର ଏକ ଅଂଶ ଅଟେ ।

ଆମ ଅନ୍ତର ମଧକୁ ଆମ ସମସ୍ତଙ୍କ ପାଇଁ ଏହା କେତେ ଆବଶ୍ୟକ ଯେ, ଆମେ ପବିତ୍ରଆତ୍ମାଙ୍କୁ ସର୍ବଦା ଆହ୍ୱାନ କରୁଥିବା ଯେପରି ସେ ଆମର ବ୍ୟକ୍ତିଗତ ଜୀବନର ଶାରିରୀକ ଅଭିଳାଷ ସବୁକୁ ସମ୍ପୂର୍ଣ୍ଣ ରୂପେ ବିନାଶ କରି ତା' ବଦଳରେ

ଈଶ୍ୱରଙ୍କ ପ୍ରେମରେ ଆମକୁ ପରିପୂର୍ଣ୍ଣ କରି ଉଚ୍ଛୁଳାଇ ଦେବେ। *କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ରଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି (ରୋମୀୟ ୫:୫)।*

ଯେତେବେଳେ ଏହି ସତ୍ୟଗୁଡ଼ିକ ତୁମର ''ଏକତ୍ର ସମୟ'' ରେ ତୁମ ହୃଦୟରେ ଆନ୍ଦୋଳିତ ହେବାକୁ ଆରମ୍ଭ କରିବ। ପବିତ୍ରଆତ୍ମା ଈଶ୍ୱରଙ୍କ ବାକ୍ୟରୁ ତୁମ ପାଇଁ ନୂତନ ସତ୍ୟ ମାନ ଦେଖିବା ପାଇଁ ତୁମର ଚକ୍ଷୁକୁ ଖୋଲିଦେବେ।

ଏହା ଅତି ସୁନ୍ଦର ଭାବରେ କୁହାଯାଇଛି ଯେ, ପ୍ରତ୍ୟେକ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ସହିତ ଏକ ଛୋଟ ଚୁକ୍ତି ବା ସର୍ତ୍ତ ରଖିବା ଉଚିତ୍। ତୁମେ ନିଶ୍ଚିତ ହୋଇ ଦେଖ ଯେ, ଏପରି କୌଣସି ବିଷୟ ନାହିଁ ଯାହା ତାଙ୍କ ସହିତ ଆମର ନିବିଡ଼ ସହଭାଗିତାକୁ ବିଚ୍ଛିନ୍ନ କରି ପାରିବ।



## ଆତ୍ମିକ ଜୀବନର ସମୀକ୍ଷା

୧. ମୋର ଏମିତି କୌଣସି ଜାଣିଥିବା ପାପ ଅଛି ଯାହା ପାଇଁ ଅନୁତାପ କରି ନାହିଁ କି ମୋର ଈଶ୍ୱରଙ୍କ ଉପସ୍ଥିତିରେ ତାହା ସ୍ୱୀକାର କରି ନାହିଁ।

୨. ମୋର ଏ ସବୁ ବିଷୟରେ କୌଣସି ସମସ୍ୟା ଅଛି କି ?
ଏକ କ୍ଷମା ଦେଇ ପାରୁ ନ ଥିବା ଆତ୍ମା ?
ପ୍ରେମିକ ଲୋକ, ଯେଉଁମାନଙ୍କୁ ମୁଁ ପସନ୍ଦ କରେ ନାହିଁ ?
ନିଜର ଉତ୍ତମ ପ୍ରତିମୂର୍ତ୍ତି ଆଣିବା ପାଇଁ ଲୋକମାନଙ୍କୁ ପ୍ରତାରଣା କରୁଛି କି ?
ଅନ୍ୟ ବ୍ୟକ୍ତିର ଉପହାର କିମ୍ବା ଅଧିକାର ଉପରେ ମୋର ଲୋଭ ରହିଛି କି ?
ସମାଲୋଚନାରେ ଅସନ୍ତୋଷ ଭାବ ପ୍ରକାଶ କରୁଛି କି ?

୩. ଏକ ଆଶାନ୍ୱୀତ ବିଶ୍ୱାସର ମୁଁ ଅଭ୍ୟାସ କରି ପାରୁଛି କି ? କାରଣ ମୋର ବିବେକ ପରିଷ୍କୃତ ହେବାକୁ ଅଛି ?

୪. ଜଗତରେ ମୋର ଜୀବନ ବାସ୍ତବରେ ଖ୍ରୀଷ୍ଟ କୈନ୍ଦ୍ରିକ ହୋଇଛି ନା ଏ ପର୍ଯ୍ୟନ୍ତ ଆତ୍ମକୈନ୍ଦ୍ରିକ ହୋଇ ରହିଛି କି ?

*ବର୍ତ୍ତମାନ ତୁମେ ଆଉ ଥରେ William Maclardie Bunting ଙ୍କ ପ୍ରାର୍ଥନା ଫେରିଯାଉ। (ପୃଷ୍ଠା ) ଏବଂ ତା'ପରେ ସ୍ଥିର ଭାବରେ ଏବଂ ଚିନ୍ତାପୂର୍ଣ୍ଣ ସହିତ ଆଉ ଥରେ ତୁମେ ପ୍ରାର୍ଥନା କର।*

*ଈଶ୍ୱରଙ୍କ ବାକ୍ୟାନୁସାରେ, ଯେବେ ଆମେ*
*ତାଙ୍କ ସହିତ ଗମନ କରୁ,*
*ସେ ଆମର ପଥରେ, ତାଙ୍କର ମହିମା ପ୍ରକାଶ କରନ୍ତି,*
*ଯେ ତାଙ୍କୁ ଭରସା କରେ, ତାଙ୍କର ବାଧ୍ୟ ହୋଇଥାଏ ।*
*ତାଙ୍କର ମଙ୍ଗଳମୟ ଇଚ୍ଛାକୁ ସାଧନ କରେ,*
*ଈଶ୍ୱର ଥାଆନ୍ତି ସେମାନଙ୍କ ସଙ୍ଗରେ ।*

*ତାଙ୍କ ଉପରେ ନିର୍ଭର କରି, ତାଙ୍କର ବାଧ୍ୟ ହେଲେ,*
*ତାଙ୍କର ଉପସ୍ଥିତି, ଆମ ଜୀବନରେ ଥିଲେ,*
*ସମସ୍ୟାର ଛାୟା, ଦୁଃଖର ବାଦଲ,*
*ସନ୍ଦେହ, ଭୟ, ଆଖିର ଲୋତକ*
*ସବୁକୁ ଦୂର କରେ ।*

*ଯେ ପର୍ଯ୍ୟନ୍ତ ଆମେ ଆମର ଜୀବନକୁ*
*ତାଙ୍କ ବେଦୀ ନିକଟରେ କରି ନାହୁଁ ଉତ୍ସର୍ଗ*
*ତାଙ୍କର ପ୍ରେମର ସ୍ୱର୍ଗୀୟ ଆନନ୍ଦକୁ*
*ବୁଝିବା ପାଇଁ ହେବା ନାହିଁ ସମର୍ଥ ।*

*କାରଣ ଯେ ତାଙ୍କ ଉପରେ କରେ ନିର୍ଭର*
*ତା' ଜୀବନରେ ଆଶୀର୍ବାଦ ଓ ଆନନ୍ଦର ହୁଅନ୍ତି ସେ ନିର୍ଝର ।*

*ତାଙ୍କ ସହଭାଗିତାରେ, ତାଙ୍କ ଚରଣ ତଳେ ବସି*
*ଜୀବନ ଯାତ୍ରାରେ ତାଙ୍କୁ କଲେ ଆମ ସାଥୀ*
*ତାଙ୍କର ଆଦେଶକୁ କରିବା ପାଳନ*
*ତାଙ୍କର ଇଚ୍ଛାକୁ କରିବା ସାଧନ*
*ଭୟ କରିବା ନାହିଁ, କାରଣ ସେ ଆମର*
*ଭରସାର ସ୍ଥଳ ।*

*—ଜନ୍. ଏଚ୍. ସାମିସ୍*



# ଏକତ୍ର ସମୟ

**ଯେ**ତେବେଳେ ତୁମେ ଏହା ଚିନ୍ତା କର, 'ଗର୍ବ' ଶବ୍ଦଟିକୁ ପ୍ରକାଶ କରିବା ପାଇଁ କେତେଗୁଡ଼ିଏ ବଡ଼ ବଡ଼ ଉକ୍ତି ରହିଛି । ସେ ବିଷୟରେ ଚିନ୍ତା କରିବା ସମୟରେ ଆମେ ସେହିଦିନର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ପାଇଁ ସକ୍ଷମ ହୋଇ ପାରିଥାଉ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରଚୁରତାକୁ ଜାଣିବା ପାଇଁ ଆମର ଏକ ଖୋଲା ବାଇବଲ ଏବଂ ଖୋଲା ହୃଦୟର ଆବଶ୍ୟକତା କରିଥାଉ ।

ଭକ୍ତ ଦାଉଦ ଅଙ୍କୁରୋଦ୍‌ଗମ୍ ହୋଇ ପାରୁଥିବା ମଞ୍ଜିଟିକୁ ଚିହ୍ନଟ କରି ପାରିଥିଲେ ଯାହା ବଢ଼ି ଜୀବନରେ ଆତ୍ମିକ ଫଳ ଉତ୍ପାଦନ କରି ପାରିବ । ସେ କହିଥିଲେ ଯେଉଁ ବ୍ୟକ୍ତି ''ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରେ, ସେ ସ୍ୱସମୟରେ ଫଳ ଉତ୍ପାଦନ କରି ପାରିବ... । *ଯାହାର ପତ୍ରହିଁ ମଳିନ ହୁଏ ନାହିଁ । ଏପରି ବୃକ୍ଷ ସଦୃଶ ସେ ହେବ, ପୁଣି ସେ ଯାହା କରେ ତାହା ସଫଳ ହେବ* (ଗୀତ ସଂହିତା ୧:୩) ।

ସେ କେଉଁ ପ୍ରକାର ବ୍ୟକ୍ତି ? ସେ ଏପ୍ରକାର ବ୍ୟକ୍ତି *ଯାହାର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରିଥାଏ ସେ ଧନ୍ୟ ।* (ଗୀତସଂହିତା ୧:୨) ।

ଯେଉଁମାନେ ପ୍ରଭୁଯୀଶୁଙ୍କୁ ସେମାନଙ୍କ ହୃଦୟରେ ଏବଂ ଜୀବନରେ ଗ୍ରହଣ କରିଥାନ୍ତି । ମୁଁ ସେମାନଙ୍କୁ ବେଳେବେଳେ କହିଥାଏ ଗୋଟିଏ ଅଧ୍ୟାୟ ଗୋଟିଏ ଦିନରେ ଅଧ୍ୟୟନ କଲେ ତାହା ଶୟତାନକୁ ଦ୍ୱାର ପାଖରେ ଅଟକାଇ ରଖିଥାଏ । ଶାସ୍ତ୍ରର ତୁମର ସେହି ଅଂଶଟି ପାଠ କର ତା'ପରେ ପୁନର୍ବାର ତାକୁ ପାଠ କର । ଯଦି ତୁମେ ସେପରି କରିବ ତେବେ ତାର ଗୋଟିଏ ପଦପରେ ଗୋଟିଏ ପଦ

ଉପରେ ଧ୍ୟାନ କରିପାରିବ । ତୁମେ କେବେ ଗାଈକୁ ପଡ଼ିଆରେ ତାର ଖାଦ୍ୟକୁ ରଚିବା ଦେଖିଛ ? ଯେଉଁ ଘାସ ସେ ଚୋବାଇ ଥାଏ ସେ ପ୍ରଥମେ ଗିଳିଦେଇ ଥାଏ । ତାପରେ ତାକୁ ପୁନର୍ବାର ପାଟିକୁ ବାହାର କରି ଆଣେ ଓ ଚୋବାଏ ଯେପର୍ଯ୍ୟନ୍ତ ସେଥିରୁ ସମସ୍ତ ସାର ନ ବାହାରିଛି । ଏହା ଏକ ସୁନ୍ଦର ଦୃଷ୍ଟାନ୍ତ । ଈଶ୍ୱରଙ୍କ ବାକ୍ୟକୁ ବାସ୍ତବ ରୂପେ ଧ୍ୟାନ କରିବା ପାଇଁ ।

ମୁଁ ଏକ ମନୁଷ୍ୟକୁ ଜାଣେ, ଯେ କି ତାଙ୍କର ସତର ତମ ଜନ୍ମଦିନ ଦିନ ପରିବର୍ତ୍ତିତ ହୋଇଥିଲେ । ସେହି ସମୟରେ ସେ ବାଇବଲ ବିଷୟରେ ଖୁବ୍ ଅଳ୍ପ ଜାଣିଥିଲେ । ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ପାଇବା ପୂର୍ବରୁ ସେ ଏପରିକି ଗୀର୍ଜାକୁ ମଧ୍ୟ ଯାଉ ନ ଥିଲ । କିମ୍ବା ତାର ଦକ୍ଷତାଗୁଡ଼ିକ ପାଇଁ କୌଣସି ବୈଷୟିକ ଶିକ୍ଷାପାଇଁ ଚେଷ୍ଟା କରି ନ ଥିଲା । ଯାହା ବି ହେଉ, ତାର ନୂତନ ଜନ୍ମର ଅନୁଭୂତି ପରେ ତାର ଏପ୍ରକାର ଆଗ୍ରହ ହେଲା ଯେପରି ଯେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ଦୟା, ପ୍ରେମ ଓ ଜ୍ଞାନରେ ବୃଦ୍ଧି ପାଇପାରିବ । ସେଥିପାଇଁ ସେ ଯେତେବେଳେ ତେୟାଅଶୀ ବର୍ଷ ବୟସରେ ସ୍ୱର୍ଗକୁ ଯାଇଥିଲେ ବା ମୃତ୍ୟୁବରଣ କରିଥିଲେ ତା'ପୂର୍ବରୁ ବାଇବଲର ପ୍ରଥମ ପୃଷ୍ଠାରୁ ଶେଷ ପୃଷ୍ଠା ପର୍ଯ୍ୟନ୍ତ ତେର (୧୩) ଥର ପାଠ କରିସାରିଥିଲେ । ତୁମର ବୟସ କିମ୍ବା ଶିକ୍ଷାଗତ ଯୋଗ୍ୟତାର ଭିତ୍ତିଭୂମି ଯାହା ହୋଇଥାଉ ନା କାହିଁକି । ତୁମେ ମଧ୍ୟ ପ୍ରତିଦିନ ବାଇବଲ ପାଠ କରି ପାରିବ ।

ଗୋଟିଏ ଖୋଲା ବାଇବଲ ସହିତ ଏକ ପରିଷ୍କୃତ ହୃଦୟ, ଏକ ଅଣ୍ଟୋଇବା ଭଙ୍ଗୀ, ଏକ ନମ୍ରତାର ଆତ୍ମା ଓ ଦାଉଦଙ୍କର ପ୍ରାର୍ଥନା : *ତୁମେ ମୋର ଚକ୍ଷୁ ପ୍ରସନ୍ନ କର, ତହିଁରେ ମୁଁ ତୁମର ବ୍ୟବସ୍ଥାରୁ ଆଶ୍ଚର୍ଯ୍ୟ ବିଷୟମାନ ଦେଖିପାରିବି* (ଗୀତସଂହିତା ୧୧୯:୧୮) ତୁମକୁ ଖ୍ରୀଷ୍ଟଙ୍କ ସହିତ ଏକ ଫଳପ୍ରଦ ସମୟ କାଟିବା ପାଇଁ ପଥ ପ୍ରସ୍ତୁତ କରିପାରିବ ।

ଯେପରି ଆମେ ପୂର୍ବରୁ ଦେଖି ସାରିଛୁ ଯେ, କିଛି ଲୋକ ଜାଣନ୍ତି ନାହିଁ ଯେ, ଏକ **ଏକତ୍ର ସମୟ** ହେଉଛି ଏକ ବାସ୍ତବ ଉଭୟ ପକ୍ଷର କଥୋପ କଥନ । ଈଶ୍ୱର



ଆମକୁ କଥା କହନ୍ତି, ଯେତେବେଳେ ଆମେ ବାଇବଲପାଠ କରିଥିବା ପଦଗୁଡ଼ିକ ଉପରେ ଧ୍ୟାନ କରିଥାଉ । ଦୁଃଖର ବିଷୟ ଏହି ଯେ, ଅନେକ ଲୋକ ବୁଝିବାରେ ବିଫଳ ହୋଇଥାନ୍ତି ଯାହା ଈଶ୍ୱର ପ୍ରେମର ସହିତ ସଂକ୍ଷିପ୍ତ ଭାବରେ ଆମ ହୃଦୟଗୁଡ଼ିକରେ କହିଥାନ୍ତି । ତା'ପରେ ସେ ଆମ ପାଇଁ ଅପେକ୍ଷା କରନ୍ତି ଯେପରି ଆମେ ପ୍ରାର୍ଥନାରେ ତାଙ୍କୁ ଉତ୍ତର ଦେବୁ । ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟ ଉପରେ ଆଲୋକପାତ କରୁ ସେହି ବାକ୍ୟ 'ଆମ ଚିନ୍ତାର' ଏକ ଅଂଶ ହୋଇଯାଏ । ଯେତେବେଳେ ଆମେ ସେହି ବାକ୍ୟ ଅନୁସାରେ କାର୍ଯ୍ୟକରୁ ତାହା 'ଆମ ଜୀବନର' ଏକ ଅଂଶ ହୋଇଯାଏ ।

ଏହି ଦୃଷ୍ଟିକୋଣରୁ ତୁମେ ହୁଏତ ପଚାରିପାର । କିପରି ଈଶ୍ୱର ମତେ କହିବେ, ଯେତେବେଳେ ମୁଁ ବାଇବଲ ପାଠକରେ । ବ୍ୟକ୍ତିଗତ ଭାବରେ, ମୁଁ ଦେଖିଥିଲି ଯେ, ପ୍ରତ୍ୟେକ ପଦ ଉପରେ ଆଲୋକପାତ କରିବା ପାଇଁ ମୋ ମନ ମଧ୍ୟରେ କେତୋଟି ପ୍ରଶ୍ନ ରଖି ମୁଁ ବାଇବଲ ପାଠ କରୁଥିଲି, ସେ ମଧ୍ୟରୁ କିଛି ପ୍ରଶ୍ନ ଅନେକ ବର୍ଷ ପୂର୍ବରୁ ଜଣେ ବ୍ୟକ୍ତି ମତେ *ପ୍ରସ୍ତାବ ଦେଇଥିଲେ* ମୋ ପାଇଁ ମନୋନୀତ କରିଥିଲେ । ଏହି ପ୍ରଶ୍ନଗୁଡ଼ିକ ପ୍ରହରୀ ପରି ମୋତେ ଜଗି ରଖିଥିଲା ଯେପରି ମୁଁ ପ୍ରାର୍ଥନାର ସହିତ ମୋର ପ୍ରଭୁଙ୍କ ସହିତ ଯୋଗାଯୋଗ କରି ପାରିବି । ମତେ ତାହା ତୁମକୁ କହିବାକୁ ଦିଅ, ଯେପରି ତାହା ତୁମକୁ ମଧ୍ୟ ତୁମର ଚିନ୍ତାଗୁଡ଼ିକ ଉପରେ ନିୟନ୍ତ୍ରଣ କରିପାରିବ । ଯେଉଁ ପ୍ରକାର ଶୈଳୀରେ ତୁମେ ଈଶ୍ୱରଙ୍କ ବାକ୍ୟ ଉପରେ ଧ୍ୟାନ କରୁଛ ତାହା ଠିକ୍ ନା ଭଲ ?। କାରଣ ମୁଁ ଅନେକ ବର୍ଷ ହେଲାଣି ଏହି ପ୍ରଶ୍ନଗୁଡ଼ିକ ଉପରେ ନିର୍ଭର ରଖିଛି । ସେମାନେ ମୋର ଦ୍ୱିତୀୟ ପ୍ରକୃତି ହୋଇଛନ୍ତି ଯେତେବେଳେ ମୁଁ ନିଜକୁ ଈଶ୍ୱର ଓ ଶାସ୍ତ୍ରର ସହିତ ଏକାକୀ ରଖିବା ପାଇଁ ଦୂରେଇ ରଖିଥାଏ । ସେତେବେଳେ ମୁଁ ଈଶ୍ୱରଙ୍କ ରବ ଶ୍ରବଣ କରିପାରେ ନାହିଁ ।

ତୁମେ ଲକ୍ଷ୍ୟ କରିଥିବ ଯେ, ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ କିଛି ପ୍ରଶ୍ନ ବାଧ୍ୟତାର କାର୍ଯ୍ୟକୁ ଆବଶ୍ୟକ କରିଥାଏ । ଅନ୍ୟଗୁଡ଼ିକ' ବିଶ୍ୱାସ'ର ଉତ୍ତର ଦେବାକୁ ଦରକାର

ହୋଇଥାଏ । ତାର ଅନ୍ୟଗୁଡ଼ିକ ନିଶ୍ଚିତ 'ବିପଦ' ଓ 'ସତର୍କ' ଉପରେ ଦୃଷ୍ଟିପାତ କରାଇଥାଏ ଏବଂ ଆଉ କିଛି ପ୍ରଶ୍ନ 'ଉପାସନା' ଏବଂ ଈଶ୍ୱରଙ୍କ ସମ୍ମୁଖରେ 'ପ୍ରଶଂସା' କରିବା ପାଇଁ ତୁମକୁ ଆଗେଇ ନେଇଥାଏ ଏବଂ ଶେଷରେ କିଛି ପ୍ରଶ୍ନ ତୁମ ଶତ୍ରୁମାନଙ୍କର ରହସ୍ୟପୂର୍ଣ୍ଣ ଚିନ୍ତାଧାରାଠାରୁ ତୁମକୁ 'ରକ୍ଷା' କରିବାରେ ସାହାଯ୍ୟ କରି ଶୟତାନ ଉପରେ ଖ୍ରୀଷ୍ଟଙ୍କର 'ବିଜୟ' କିପରି ତୁମର ହୋଇ ପାରିବ ତାହା ବୁଝିପାରିବା ପାଇଁ ତୁମକୁ ସକ୍ଷମ କରାଇ ଥାଏ ।

## ବାଧ୍ୟତାର ଉତ୍ତର

ଆମେ ଈଶ୍ୱରଙ୍କ ସହିତ କେବଳ ଗୋଟିଏ ଛୋଟ ଚୁକ୍ତି ବା ହିସାବ ରଖିପାରିବା । ଯଦି ଆମେ ତାଙ୍କ ସ୍ୱର ସହିତ ସ୍ୱର ମିଳାଇବା । ତେଣୁ ଯଦି ଆମର **'ଏକତ୍ର ସମୟ'** ସ୍ଥିରତାଠାରୁ ରକ୍ଷା କରାଯାଏ । ତେବେ ଏହା ଅତି ଆବଶ୍ୟକ ଯେ, ବାଧ୍ୟତାର ସହିତ ଆମର ଇଚ୍ଛାକୁ ତାଙ୍କ ବାକ୍ୟ ସହିତ ଯେତେବେଳେ ପବିତ୍ରଆତ୍ମା କହନ୍ତି, ତାହା ଶୁଣିବା ।

**ଜୀବନ୍ତ ସହଭାଗିତା ଇଚ୍ଛାର ବଶତାସ୍ୱୀକାର ଆବଶ୍ୟକ କରେ ।**

ଯେତେବେଳେ ତୁମେ ତୁମର *ଏକତ୍ର ସମୟ*ରେ ବାଇବଲ ପଠନ କରୁଛ ଏଗୁଡ଼ିକ ପଚାରିବା ଉତ୍ତମ ଅଟେ :

ଏହି ପଦରେ ଏହା ଅଛି କି ?

ମାନିବାକୁ ଏକ ଆଦେଶ ଅଛି କି ?

ଏପରି ପାପ ଯାହାକୁ ଆଡ଼େଇ ଦେଇ ହେବ ?

ଏକ ଉତ୍ତମ ଉଦାହରଣ ଅନୁକରଣ କରିବାକୁ ?

ଏକ ଖରାପ ଦୃଷ୍ଟାନ୍ତ ଯାହାକୁ ପରିତ୍ୟାଗ କରିବାକୁ ?

ତୁମେ ଦେଖି ପାରୁଛ କିପରି ଏହି ପ୍ରଶ୍ନଗୁଡ଼ିକ ତୁମକୁ ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ଭାବରେ ଉଭୟ ପକ୍ଷର ସମ୍ପର୍କ ପାଇଁ ତୁମକୁ ଟାଣି ନେଇ ପାରୁଛି ? ସେ ଗୁଡ଼ିକ



ତୁମକୁ କେବଳ ତୁମେ ଈଶ୍ୱରଙ୍କ ଉପସ୍ଥିତିରେ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବ । ତେଣୁ ସକ୍ରିୟ ଭାବରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଆବଶ୍ୟକ, ଈଶ୍ୱର ତୁମ ହୃଦୟରେ ତାହା କହିଦିଅନ୍ତି ।

ସବୁବେଳେ ମନେରଖିବ ଯେ, ତୁମେ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ପାଠ କର ପବିତ୍ରଆତ୍ମା ନିଜେ ତୁମ ସହିତ ରହିଥାନ୍ତି ଏବଂ ତୁମେ ଯଦି ଚାହିଁବ ଓ ତାଙ୍କୁ କହିବ ସେ ସେହି ଈଶ୍ୱରଙ୍କ ବାକ୍ୟକୁ ନଅ ଇଞ୍ଚ ତଳକୁ ପେଲି ଦେବେ - ଅର୍ଥାତ୍ ତୁମ ମସ୍ତକରୁ ତୁମ ହୃଦୟ ମଧ୍ୟକୁ ।

ବର୍ତ୍ତମାନ ଆମେ ସମସ୍ତେ ଏକ ବିପଦପୂର୍ଣ୍ଣ ଜଗତରେ ବାସ କରୁଛୁ, ଯେପରି ଏହି ଜଗତ ବିଦ୍ରୋହରେ ଆଗକୁ ଆଗେଇ ଚାଲିଛି ଏବଂ ଈଶ୍ୱରଙ୍କ ଆଦେଶଗୁଡ଼ିକ ଅମାନ୍ୟ କରିବାର ପ୍ରଭାବ ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରୁଥିବା ପିଢ଼ୀ ଉପରେ ପଡୁଛି । ତେଣୁ ଆମେ ସମ୍ପୂର୍ଣ୍ଣ ହୃଦୟର ସହିତ ତାଙ୍କର ବାଧ୍ୟ ହେବା ଉଚିତ । ଯେତେବେଳେ ଆମେ ତାଙ୍କ ସତ୍ୟତାର ବାଧ୍ୟ ହେବା ପାଇଁ ଆରମ୍ଭ କରୁ ସେତେବେଳେ ଯାଇ ଈଶ୍ୱର ତାଙ୍କର ଶକ୍ତି ଆମ ମଧ୍ୟ ଦେଇ ଆବଶ୍ୟକ କରୁଥିବା ଜଗତ ମଧ୍ୟକୁ ପ୍ରବାହିତ କରିବା ଆରମ୍ଭ କରନ୍ତି ।

ଏଇ ନିକଟରେ ମୁଁ ଓ ମୋର ସ୍ତ୍ରୀ Oswald Chamber'sଙ୍କର ପୁସ୍ତକ My Utmost for His Hishestରୁ ଏକ ପାରାଗ୍ରାଫ ପଢ଼ି ପରସ୍ପରକୁ ଅଂଶୀ କରାଇଥିଲୁ ।

ଈଶ୍ୱରଙ୍କର ବାଧ୍ୟ ହୁଅ, ତେବେ ସେ ଯେଉଁ ବିଷୟ ତୁମକୁ ଦେଖାଇବାକୁ ଚାହାନ୍ତି ତାହା ସାଙ୍ଗେ ସାଙ୍ଗେ ତା'ପରବର୍ତ୍ତୀ ବିଷୟ ତୁମ ପାଇଁ ଖୋଲି ଯିବ ..... ମୁଁ ମନେ କରୁଛି, ତୁମେ ଦିନେ ତାହା ବୁଝି ପାରିଛ ! ବୋଲି ତୁମେ କହି ପାରିବ । ମାତ୍ର ଗୋଟିଏ ମିନିଟରେ, ବର୍ତ୍ତମାନ ମଧ୍ୟ ତୁମେ ତାହା ବୁଝି ପାରିବ । ଏହା ସେହି **ଅଧ୍ୟୟନ** ନୁହେଁ ଯାହା ବିଶେଷ ଭାବେ ଭିତରୁ ଆସିଥାଏ । ମାତ୍ର ଏହା ହେଉଛି 'ବାଧ୍ୟତା' । ଏପରିକି ବାଧ୍ୟତାର ଏକ କ୍ଷୁଦ୍ରତମ ସୌରଭ ସ୍ୱର୍ଗର ଝରକାକୁ ଖୋଲି ଦେଇ ପାରିବ ।

ତେଣୁ ଈଶ୍ୱର ତାଙ୍କର ସବୁଠାରୁ ଗଭୀର ସତ୍ୟତା ସେ ସେଠାରେ ତୁମ ପାଇଁ ରଖିଥାନ୍ତି । କିନ୍ତୁ ଈଶ୍ୱର କେବେ ମଧ ତାଙ୍କ ବିଷୟରେ ମିଶ୍ରିତ ସତ୍ୟତା ପ୍ରକାଶ କରନ୍ତି ନାହିଁ ଯେପର୍ଯ୍ୟନ୍ତ ତୁମେ ଯାହା ଜାଣିଛ ତାର ବାଧ ନ ହୋଇଛ ସେ ପର୍ଯ୍ୟନ୍ତ ।

ଥରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଥିଲା ଯେ, ଥରେ ଦୁଇଜଣ ମହାନ ମିଶନେରୀ ଚାର୍ଲସ. ଟି. ଷ୍ଟଡ଼ ଏବଂ ହଡସନ୍ ଟେଲର ଏକ ସୁରୁଚି ସମ୍ପନ୍ନ କୋଠରୀରେ ଏକତ୍ର ରହିଥିଲେ । ତା' ପରଦିନ ଅତି ପ୍ରାତଃ କାଳରେ ଟେଲର୍ ଉଠିପଡ଼ିଥିଲେ ଏବଂ ତାଙ୍କର କୋଠରୀ ସାଥିଙ୍କୁ ମିଞ୍ଜି ମିଞ୍ଜି ମହମବତୀର ଆଲୁଅରେ ବାଇବଲ ଖୋଲି ବସିଥିବାର ଦେଖିବାକୁ ପାଇଥିଲେ ଏବଂ ତାଙ୍କୁ ପଚାରିଥିଲେ କେତେ ସମୟ ହେଲା ସେ ଏଠାରେ ଅଛନ୍ତି ? ଷ୍ଟଡ଼ଙ୍କର ଏହି ପ୍ରଶ୍ନର ଉତ୍ତରରେ ଟେଲର୍ ସ୍ୱୀକାର କରିଥିଲେ ଯେ, ସେ ମଧ ରାତ୍ରିରୁ ପ୍ରଭୁଯୀଶୁଙ୍କର ବାକ୍ୟ ମୋ ମନ ମଧରେ ରଖି ମୁଁ ଉଠିଥିଲି ''*ଯଦି ତୁମ୍ଭେମାନେ ମତେ ପ୍ରେମ କର, ତାହା ହେଲେ ମୋହର ଆଜ୍ଞାସବୁ ପାଳନ କର*'' (ଯୋହନ ୧୪:୧୫) ମୁଁ ନିଜକୁ ପଚାରିଥିଲି ମୁଁ ସମ୍ପୂର୍ଣ୍ଣ ବାଧତା ଦ୍ୱାରା ପ୍ରଭୁଯୀଶୁଙ୍କ ପ୍ରତି ମୋର ପ୍ରେମର ପ୍ରମାଣ କରି ପାରିଛି କି ? ମୋର ବାଇବଲ ପାଖକୁ ପହଞ୍ଚିବା ପାଇଁ ମୁଁ ରାତ୍ରିର ବାକି ସମୟତକ ଏହି ସୁସମାଚାର ପାଠ କରିବାରେ କଟାଇ ଦେଇଛି । ସେଠାରେ ମୁଁ ସମସ୍ତ ଆଦେଶକୁ ଖୋଜିଥିଲି ଯାହା ଈଶ୍ୱର ତାଙ୍କ ଶିଷ୍ୟମାନଙ୍କୁ ଦେଇଥିଲେ । କେଉଁଠାରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ମୁଁ ଈଶ୍ୱରଙ୍କର ଆଜ୍ଞାଗୁଡ଼ିକର ବାଧ ହୋଇ ଆସିଛି ? ମୁଁ ମୋର ବାଇବଲ ଭିତରେ ଏକ ଛୋଟ 'ଚେକ୍' ରଖିଛି ଓ ତା'ଉପରେ 'ହାଲ୍ଲେଲୁୟା' ଶବ୍ଦଟି ଲେଖିଛି । ଯେଉଁଠାରେ ମୁଁ ତାଙ୍କର ଅବାଧ ହୋଇଛି । ମୁଁ ମୋର ପାପ ସ୍ୱୀକାର କରିଛି ଏବଂ ତାଙ୍କର ଅସୀମ ଅନୁଗ୍ରହରୁ ପୁନର୍ବାର ବାଧ ହେବା ପାଇଁ ନିଜକୁ ତାଙ୍କଠାରେ ସମର୍ପଣ କରିଛି, ଏହା ଦ୍ୱାରା ପ୍ରମାଣ କରିଛି ଯେ ମୁଁ ପ୍ରକୃତରେ ତାଙ୍କୁ ପ୍ରେମ କରେ ।

ପ୍ରିୟ ପାଠକ, ପାଠିକା ଥରେ ତୁମେ ଈଶ୍ୱର ସହିତ ତାଙ୍କର ବାକ୍ୟ ରୂପ ଆଲୋକରେ 'ଚାଲ' ତୁମେ ମଧ ଗୀତ ରଚକଙ୍କ ପରି ପରୀକ୍ଷା କରି ଦେଖି ପାରିବ



ତାଙ୍କର ବାଧ ଓ ତାଙ୍କ ଉପରେ ଭରସା କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

## ବିଶ୍ୱାସର ଯୁକ୍ତିଯୁକ୍ତତା

ତୁମର *ଏକତ୍ର ସମୟ*ରେ ବାଇବଲ ପାଠ କରିବା ସମୟରେ, ଏହା ମଧ ପଚାରିବା ଉତ୍ତମ ହେବ :

ଏହି ପଦରେ ଏହା ଅଛି କି ?

ଦାବୀ କରିବା ପାଇଁ କୌଣସି ପ୍ରତିଜ୍ଞା ଅଛି କି ?

କୌଣସି ସତର୍କ ବାଣୀ ଅଛି କି ଧାନ ଦେବାକୁ ?

ବାଇବଲ ପ୍ରତିଜ୍ଞାଗୁଡ଼ିକରେ ପରିପୂର୍ଣ୍ଣ । ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟକୁ ଧାନ କରୁ, ଏହା ଆବଶ୍ୟକ ଯେ, ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ଦାବୀ କରିବା ପାଇଁ । ସେହି ସମାନ ସମୟରେ ଯେମିତି ହେଲେ ବି ତାଙ୍କର ସତର୍କବାଣୀଗୁଡ଼ିକ ଉପରେ ମଧ ଧାନ ଦେବା ଆବଶ୍ୟକ । ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକରେ ମନୋଯୋଗ କରିବାକୁ ଆମେ ଯଦି ତାଙ୍କର ସତର୍କବାଣୀକୁ ଅଗ୍ରାହ୍ୟ କରୁ ତେବେ ଆମେ ସେ ପର୍ଯ୍ୟନ୍ତ 'ବିଶ୍ୱାସରେ ବାସ'କରୁନାହିଁ ତା ପରିବର୍ତ୍ତେ ବିଶ୍ୱାସରେ ମୃତ ହୋଇଥାଉ ।

ଯେମିତି ତୁମେ ଦିନ ପରେ ଦିନ ବାଇବଲ ପାଠ କରିବ ତୁମେ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ଲକ୍ଷ୍ୟ କରିପାରିବ ଏବଂ ତା'ପରେ ତୁମେ ସେଗୁଡ଼ିକ ନିଜର ବୋଲି ଦାବୀ କରିପାରିବ । ଯେତେବେଳେ ହେଲେ ବି ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ବିନିଯୋଗ କରିପାରିବ ଏବଂ ପ୍ରଭୁଯୀଶୁଖ୍ରୀଷ୍ଟଙ୍କର ଅସୀମ ପ୍ରଚୁରତାର ଶକ୍ତି ତୁମର ହେବ ଯାହା ତୁମକୁ ତୁମର ପ୍ରତ୍ୟେକ ବାଧତାର ପଦକ୍ଷେପ ନେବା ପାଇଁ ବାସ୍ତବତାରେ ତୁମ ନିଜର ବ୍ୟକ୍ତିଗତ ଅନୁଭୂତି ହୋଇପାରିବ ।

ତାଙ୍କର ପ୍ରତିଜ୍ଞାଗୁଡ଼ିକ ତୁମକୁ ଦିଆଯାଇଛି । ଯେପରି ତୁମେ 'ଈଶ୍ୱରଙ୍କ ସହିତ' ତୁମ ପଥରେ ତାକୁ ଜୀବନ୍ତ ବାସ୍ତବତା ରୂପ ଦେଇପାରିବ । ଯେତିକି

ତୁମେ ତାଙ୍କ ପ୍ରତିଜ୍ଞାଗୁଡ଼ିକ ଧରି ରଖିବ ତୁମର ବିଶ୍ୱାସ ଧୀରେ ଧୀରେ ସେତିକି ବୃଦ୍ଧି ପାଇ ଶକ୍ତିଯୁକ୍ତ ହେବ । ଆମ ପାଇଁ ଯାହା ଶାସ୍ତ୍ରରେ କୁହାଯାଇଛି, *ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟଦ୍ୱାରା* (ରୋମୀୟ ୧୦:୧୭) ।

କେତେ ତୁମେ ଖୋଜିଛ 'ବିଶ୍ୱାସର' ବିପରୀତ ଶବ୍ଦ କଅଣ ? ଏହାର ଉତ୍ତର ଏତେ ସହଜ ନୁହେଁ ଯେତେ ସହଜ ଜଣା ପଡୁଛି । ଯଦି 'ଅବିଶ୍ୱାସ' ଏହାର ବିପରୀତ ଶବ୍ଦ ବୋଲି କୁହାଯାଏ । ପ୍ରକୃତରେ ଏହି ପ୍ରଶ୍ନର ଜଡିତ ଅବସ୍ଥା ହେଉଛି ସମ୍ପୂର୍ଣ୍ଣ ରୂପେ ଆଡ଼େଇ ହେବା । କଳ୍ପନା କର ଯଦି ତୁମର ତିନୋଟି ଜୀବନ ପ୍ରଦାନକାରୀ ପୁତୁରା ହେବ । ପ୍ରଥମଟି ହେଉଛି 'ବିଶ୍ୱାସ' ଦ୍ୱିତୀୟଟି ହେଉଛି 'ନିର୍ଭରଶୀଳତା' ଏବଂ ତୃତୀୟଟି ହେଉଛି 'ନମ୍ରତା' । ବର୍ତ୍ତମାନ ସେହି ତିନୋଟି 'ମୃତ' ପୁତରାଗୁଡ଼ିକ ବିଷୟ ଚିନ୍ତାକର ପ୍ରଥମଟି ହେଉଛି 'ଅବିଶ୍ୱାସ', ଦ୍ୱିତୀୟଟି ହେଉଛି 'ସ୍ୱାଧୀନତା' ଏବଂ ତୃତୀୟଟି ହେଉଛି 'ଗର୍ବ' ।

ଏକ ବିଶ୍ୱାସୀ ମନୁଷ୍ୟ ହେଉଛି ସେ, ଯେ କି ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରେ ଏପରି କାର୍ଯ୍ୟ କରିବାକୁ ଯେଉଁ କାର୍ଯ୍ୟ ସେ ନିଜ ପାଇଁ କରି ପାରିନାହିଁ ମାତ୍ର ବାଇବଲ ପାଠ କରିବା ପରେ ମନୁଷ୍ୟ ପ୍ରକୃତ ସତ୍ୟତାକୁ ଲକ୍ଷ୍ୟ କରିବ ଏବଂ ତା'ପରେ ବ୍ୟକ୍ତିଗତ ଭାବରେ ଈଶ୍ୱରଙ୍କ ଅଭଙ୍ଗା ପ୍ରତିଜ୍ଞାଗୁଡ଼ିକ କାମରେ ଲଗାଇ ପାରିବ ।

ପ୍ରଭୁଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ, ''*ମୋ ବିନା ତୁମେ କିଛି କରିପାର ନାହିଁ*'' (ଯୋହନ ୧୫:୧୫) ଈଶ୍ୱରଙ୍କ ଉପରେ ଭରସା କରିପାରିବା ପୂର୍ବରୁ ଈଶ୍ୱର ଆତ୍ମିକ ମୂଲ୍ୟବୋଧ ପାଇଁ ତାଙ୍କ ମଧ୍ୟଦେଇ ଯାହା କିଛି କରିବେ, ସେ ନିହାତି ବୁଝିବା ଦରକାର ଯେ, ନିଜ ଶକ୍ତି ବଳରେ ସେ କିଛି କରିପାରିବ ନାହିଁ । ଯାହା ତାର ଅନନ୍ତଜୀବନ ପାଇ ଗଣାଯିବ । ଏହିପ୍ରକାର ନିର୍ଭରଶୀଳ ବିଶ୍ୱାସ କେବଳ ଏକ ନମ୍ର ହୃଦୟରୁ ଜାତ ହୋଇପାରିବ ।



ଅପର ପକ୍ଷରେ ଏକ ଅବିଶ୍ୱାସୀ ମନୁଷ୍ୟ ଯେ କି ନିଜକୁ ଏତେ ସ୍ୱାଧୀନ ମନେ କରେ ଯେ, ସେ ବାସ୍ତବରେ ଈଶ୍ୱରଙ୍କ ସାହାଯ୍ୟକୁ ଆବଶ୍ୟକ କରେ ନାହିଁ । ଦୁଃଖର ସହ କହୁଛି ଯେ, ଆଜି ଲକ୍ଷ ଲକ୍ଷ ଲୋକ ଅଛନ୍ତି ଯେଉଁମାନେ ତାଙ୍କର ପରିତ୍ରାଣ ପାଇଁ ପ୍ରଭୁଯୀଶୁଙ୍କ ଉପରେ ନିର୍ଭର କରନ୍ତି ନାହିଁ ।

ସମପରିମାଣରେ ଏହା ଦୁଃଖର ବିଷୟ ଯେ, ଅନେକ ଖ୍ରୀଷ୍ଟିୟାନ ଅର୍ନ୍ତେବାସୀ ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରନ୍ତି ନାହିଁ ଯେପରି ସେମାନେ ଏକ ପ୍ରକୃତ ଖ୍ରୀଷ୍ଟିୟ ଜୀବନ କାଟି ପାରିବେ । ଏହି ପ୍ରକାର ସ୍ୱାଧୀନ ମନୁଷ୍ୟ ଏକ ଲୌକିକ ଗର୍ବରେ ଜନ୍ମ ହୋଇଥାନ୍ତି । ତାହା ଆତ୍ମସମର୍ପଣ କରାଯାଇ ନ ଥିବା ହୃଦୟର ଦୃଷ୍ଟାନ୍ତ ।

ତେଣୁ ଆମେ ବିଶ୍ୱାସର ବିପରୀତ ଅର୍ଥ 'ଲୌକିକ ଗର୍ବ' ବୋଲି କହି ପାରିବା, ଯେତେବେଳେ ଅବିଶ୍ୱାସର ବିପରୀତ ଅର୍ଥ 'ନମ୍ରତା' ହୋଇଥାଏ, ସେତେବେଳେ ଉତ୍ତମ ଚିନ୍ତାଧାରା, ଆତ୍ମବିଶ୍ୱାସ ଏବଂ ଆତ୍ମପ୍ରଚୁର୍ଯ୍ୟତା ସତ୍ତ୍ୱେ ବିଶ୍ୱାସରେ ଉତ୍ତମ କାର୍ଯ୍ୟ ଥିବା ବିଶ୍ୱାସ ବିରୁଦ୍ଧରେ ସଦାବେଳେ ସଂକ୍ରମିତ ହୋଇଥାଏ ।

ସମସ୍ତ ଜାଗତିକ ପ୍ରଭାବ ଯାହା ଅହଂତ୍ୱକୁ ବଢ଼ିବା ପାଇଁ ଆକୃତି ଦେବାବେଳେ ଠିକ୍ ସେହି ସମାନ ସମୟରେ ପୁନରୁତ୍ଥିତ ଖ୍ରୀଷ୍ଟଙ୍କର ଅସାଧାରଣ ଶକ୍ତିରେ ଜଣକର ଭରସାର ନିର୍ମାଣ ହୋଇଥାଏ । ଈଶ୍ୱରଙ୍କର ଅସୀମ ସାଧନାଗୁଡ଼ିକର ପଛରେ ଥାଏ ତାଙ୍କର ସମସ୍ତ ପ୍ରତିଜ୍ଞା ଯାହା ସେ ନିଜେ କରିଥାନ୍ତି ମାତ୍ର ଆମ ଜୀବନ ଯାତ୍ରାରେ ନିଜ ଚିନ୍ତାଧାରା ବା ଆମ ନିଜ ଚତୁରତା ଚାଲିବାକୁ ଅନୁମତି ଦେଇ ନ ଥାନ୍ତି ।

ଜି.କେ ଚେଷ୍ଟରଟନ୍ (୧୮୭୪ - ୧୯୩୬) ସୂକ୍ଷ୍ମ ବୁଦ୍ଧିରେ ତାଙ୍କ ଆଣ୍ଠୁଟିକୁ ତାଙ୍କର ଆତ୍ମପ୍ରାଚୁର୍ଯ୍ୟତାର ଲୌକିକ ଗର୍ବ ଉପରେ ରଖିଥିଲେ, ସେ ଲେଖିଥିଲେ - ଆଜି ଆମେ ଯାହା ଭୋଗ କରୁଛୁ ସେହି 'ନମ୍ରତା' ତାହା ଭୁଲ୍ ସ୍ଥାନରେ ରହିଛି । ତାହା ଆମର ଦୋଷୀ ସାବ୍ୟସ୍ତ ହୋଇଥିବା ଇନ୍ଦ୍ରିୟଗୁଡ଼ିକ ଉପରେ ରହିଛି । ଯେଉଁଠାରେ ଏହାମାନେ କିଛି ବୁଝା ନାହିଁ । ମନୁଷ୍ୟ ସତ୍ୟ ବିଷୟରେ ସନ୍ଦେହ ନ କଲେ ଠିକ୍ ବିଷୟ ଠିକ୍ ଭାବରେ ଅଧିକାର କରିଥାଏ ।

କୌଣସି ଖ୍ରୀଷ୍ଟିୟାନ ବ୍ୟକ୍ତି ଅନ୍ୟଲୋକମାନଙ୍କର ମାନବିକ ପରାମର୍ଶ ଉପରେ ଏପର୍ଯ୍ୟନ୍ତ ନିର୍ଭର ରଖିଥାଏ କିମ୍ବା ପ୍ରଭୁଙ୍କ ଉପରେ ଭରସା କରିବା ଅପେକ୍ଷା ନିଜ ଉପରେ ଆସ୍ଥା ରଖିଥାଏ, ସେହି ପ୍ରକାର ବ୍ୟକ୍ତି ଈଶ୍ୱରଙ୍କର ଆଶିର୍ବାଦର ପୂର୍ଣ୍ଣତାରେ ପ୍ରବେଶ କରି ପାରେ ନାହିଁ । ଯେପରି ଜଳ ସବୁବେଳେ ତଳ ସ୍ତରକୁ ପ୍ରବାହିତ ହୋଇଥାଏ ବା ଜଳ ଯେପରି ନିମ୍ନଗାମୀ ହୋଇଥାଏ ସେହିପରି ମଧ୍ୟ ପବିତ୍ରଆତ୍ମା ଯାହାକୁ ଯୀଶୁ 'ଜୀବନ ସ୍ରୋତ' ବୋଲି ବର୍ଣ୍ଣନା କରିଛନ୍ତି । ସେ ସେହି ବ୍ୟକ୍ତିପାଖକୁ ପ୍ରବାହିତ ହୁଅନ୍ତି ନାହିଁ । ଯାହାର ଆତ୍ମାରେ ଗର୍ବ ରହିଥାଏ - ''*ଦେଖ ତାହାର ପ୍ରାଣ ଗର୍ବରେ ଫୁଲିଅଛି, ତାହା ସରଳ ନୁହେଁ, ମାତ୍ର ଧାର୍ମିକ ଲୋକ ଆପଣା ବିଶ୍ୱାସ ଦ୍ୱାରା ବଞ୍ଚିବ*'' (ହବକ୍‌କୁକ୍ ୨:୪) ।

ଯାହା ବି ହେଉ, ପବିତ୍ର ଆତ୍ମା ସେହି ବ୍ୟକ୍ତିର ହୃଦୟରୁ ପ୍ରଚୁରଭାବରେ ପ୍ରବାହିତ ହେବ ଯେ ନମ୍ର ଭାବରେ ଖ୍ରୀଷ୍ଟଙ୍କର ଅସୀମ ଶକ୍ତିକୁ ନିଜ ଆବଶ୍ୟକତାରେ ଜାଣି ପାରିବ ।

*ଶେଷ ଦିନ, ଅର୍ଥାତ୍ ପର୍ବର ପ୍ରଧାନ ଦିନ, ଯୀଶୁ ଠିଆ ହୋଇ ଉଚ୍ଚସ୍ୱରରେ କହିଲେ, କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ ଯେ ମୋ ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ ଜଳ ସ୍ରୋତ ପ୍ରବାହିତ ହେଉଥିବ* (ଯୋହନ ୭ : ୩୭-୩୮) ।

ପ୍ରତିଦିନ ତୁମେ ଈଶ୍ୱରଙ୍କ ଚରଣ ତଳେ ପଡ଼ି ପାରିବ ଓ 'ଜୀବନ୍ତ ଜଳ' ପାନ କରି ପାରିବ । ଯଦି ତୁମେ ଏପରି କରିବ ତେବେ ତୁମ ଜୀବନ ଆଉ ତୁମର ଦକ୍ଷତା କିମ୍ବା ତୁମର ତାଲିମ ଦ୍ୱାରା ପରିଚାଳିତ କରାଯିବ ନାହିଁ ମାତ୍ର ତା ପରିବର୍ତ୍ତେ ତୁମର ଜୀବନ ପରିଚିତ ହେବ ଈଶ୍ୱରଙ୍କର ପବିତ୍ରଆତ୍ମାଙ୍କର ପ୍ରଚୁର ଭାବେ ତୁମର ଅର୍ନ୍ତଆତ୍ମା ମଧ୍ୟରୁ ପ୍ରବାହିତ ହେବା ଦ୍ୱାରା ।

ଏହା ମନେ ରଖିବା ଉଚିତ୍ ଯେ, ବ୍ୟକ୍ତି ଭିତରେ ପବିତ୍ରଆତ୍ମା ରୂପେ ଆମର ପୁନରୁତ୍ଥିତ ପ୍ରଭୁ କେନ୍ଦ୍ରୀଭୂତ ହୋଇ ନିଜେ ଆମ ମଧ୍ୟରେ ବାସ କରିବେ । ପ୍ରଭୁଙ୍କ



ପ୍ରତ୍ୟେକ ପୁର୍ନଜିବୀତ ସନ୍ତାନମାନଙ୍କ ମଧ୍ୟରେ ଶାରିରୀକ ଭାବରେ ବାସ କରିବେ । ଆଜି ବିଶ୍ୱାସୀ ଏହି ଈଶ୍ୱର ବିହୀନ ଜଗତରେ ନିଜର ରଣନୀତିରେ ଆଗେଇ ଚାଲିଛି ଏବଂ ପ୍ରତ୍ୟେକ କାମରେ ଲାଗି ପାରୁଥିବା ଖ୍ରୀଷ୍ଟିୟାନ ମଧ୍ୟଦେଇ ପବିତ୍ରଆତ୍ମା ତାଙ୍କର ଲୋକମାନଙ୍କର ଜୀବନରେ ଉଦ୍ଧାରର କାର୍ଯ୍ୟ କରି ଚାଲିଛନ୍ତି ।

*ପ୍ରତିମା ସହିତ ଈଶ୍ୱରଙ୍କ ମନ୍ଦିରର କି ସମ୍ବନ୍ଧ ? କାରଣ ଆମ୍ଭେମାନେ ଜୀବିତ ଈଶ୍ୱରଙ୍କର ମନ୍ଦିର ଅଟୁ । ଯେପରି ଈଶ୍ୱର କହିଛନ୍ତି, ଆମ୍ଭେ ସେମାନଙ୍କ ମଧ୍ୟରେ ବାସ କରିବା, ଆଉ ସେମାନଙ୍କ ମଧ୍ୟରେ ଭ୍ରମଣ କରିବା, ଆମ୍ଭେ ସେମାନଙ୍କ ଈଶ୍ୱର ହେବା, ଆଉ ସେମାନେ ଆମର ଲୋକ ହେବେ* (୨ୟ କରିନ୍ଥୀୟ ୬:୧୬) ।

ହଁ, ଆମ୍ଭେମାନେ ଈଶ୍ୱରଙ୍କର ମନ୍ଦିର ଅଟୁ । ଯାହାଙ୍କ ମଧ୍ୟ ଦେଇ ସେ ତାଙ୍କର ପବିତ୍ରତା ଓ ଗୌରବ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ।

ଏହି ଆଶ୍ଚର୍ଯ୍ୟାନ୍ୱିତ ସତ୍ୟ ଜାଣିବା ପରେ, ପାଉଲ ଲଗାତାର ଉପଦେଶ ଦେଇ ଚାଲିଛନ୍ତି - ''*ଅତଏବ, ହେ ପ୍ରିୟମାନେ, ଏହି ସମସ୍ତ ପ୍ରତିଜ୍ଞା ପ୍ରାପ୍ତ ହେବାରୁ ଆସ, ଶରୀର ଓ ଆତ୍ମାର ସମସ୍ତ ଅଶୁଚିତାରୁ ଆପଣା ଆପଣାକୁ ଶୁଚି କରୁ । ପୁଣି ଈଶ୍ୱରଙ୍କୁ ଭୟ କରି ପବିତ୍ରତାରେ ସିଦ୍ଧ ହେଉ*'' (୨ୟ କରିନ୍ଥୀୟ ୭:୧) ।

## ଉପାସନାର ବାସ୍ତବତା

ଆମର *ଏକତ୍ର ସମୟ* କ୍ଷେପଣ ସମୟରେ ପ୍ରକୃତରେ ପ୍ରଭୁଙ୍କର ପ୍ରଶଂସା ଆମକୁ ସାହାଯ୍ୟ କରିଥାଏ । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଆମ ମନ ମଧ୍ୟରେ ଆସିବା ସାହାଯ୍ୟ ସ୍ୱରୂପ ହୋଇପାରିବ ।

ଏହି ପଦରେ ଏହି ସବୁ ବିଷୟ ଅଛି କି ?

ଏକ ସଦ୍ୟ ଚିନ୍ତାଧାରା ପିତା ଈଶ୍ୱରଙ୍କ ବିଷୟରେ ?

ଏକ ସଦ୍ୟ ଚିନ୍ତାଧାରା ପୁତ୍ର ଈଶ୍ୱରଙ୍କ ବିଷୟରେ ?

ଏକ ସଦ୍ୟ ଚିନ୍ତାଧାରା ପବିତ୍ରଆତ୍ମା ଈଶ୍ୱରଙ୍କ ବିଷୟରେ ?

ଏକ ଉତ୍ସାହିତ ବିଷୟ ଲକ୍ଷ୍ୟ କରାଯାଏ ଯେ, ଆଜି କାଲି ସତ୍ୟରେ ପ୍ରଭୁଙ୍କର ଉପାସନା କରିବା ପାଇଁ ଈଶ୍ୱରଙ୍କ ଲୋକମାନଙ୍କଠାରେ ଏକ ନୂତନ ଆଗ୍ରହ ହେଖାଯାଇଥାଏ । ପ୍ରଭୁଯୀଶୁଖ୍ରୀଷ୍ଟ ଏହି ପ୍ରକାର ଉପାସନାକୁ ଉତ୍ସାହିତ କରିଥିଲେ । ଯେତେବେଳେ ସେ କହିଥିଲେ, ''*ଈଶ୍ୱର ଆତ୍ମା ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି । ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ*'' (ଯୋହନ ୪:୨୪) ।

ଅନ୍ୟଭାଷାରେ, ଅନ୍ୟପ୍ରକାରେ **ସତ୍ୟ ବାସ୍ତବ ଉପାସନା** ନିଶ୍ଚିତ ଭାବରେ ପବିତ୍ରଆତ୍ମାଙ୍କର ଅଭିଷେକ ତଳେ ଏବଂ ଈଶ୍ୱରଙ୍କ ବାକ୍ୟର ସତ୍ୟତା ଅନୁଯାୟୀ ହେବା ଆବଶ୍ୟକ । କେବଳ ଏହି ପ୍ରକାର ଉପାସନା ଆମ ପିତାଙ୍କର ହୃଦୟରେ ଆନନ୍ଦ ଆଣି ଦେଇଥାଏ ।

ଯେତେବେଳେ ପବିତ୍ରଆତ୍ମା ଈଶ୍ୱରଙ୍କୁ ଅନ୍ୱେଷଣ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ତାଙ୍କର ଧ୍ୟାନ ଦିଅନ୍ତି - ସେତେବେଳେ ତାଙ୍କର ପ୍ରେମ, ତାଙ୍କର ଶକ୍ତି ତାଙ୍କର ପବିତ୍ରତା, ତାଙ୍କର ଗୌରବ, ତାଙ୍କର ଅନୁଗ୍ରହ, ତାଙ୍କର ଉତ୍ତମତା ଏବଂ ତାଙ୍କର ଅନ୍ୟାନ୍ୟ ସମ୍ବନ୍ଧୀୟ ସୌନ୍ଦର୍ଯ୍ୟ ଦ୍ୱାରା ଆମର ହୃଦୟଗୁଡ଼ିକ ଉପାସନାର ନୂତନ ସଂଗୀତକୁ ଏବଂ ଈଶ୍ୱରଙ୍କର ପ୍ରଶଂସା ଆଡ଼କୁ ଟାଣି ହୋଇଯାଏ । ଆମେ ଯେତେବେଳେ ଈଶ୍ୱରଙ୍କ ନିକଟକୁ ପ୍ରାର୍ଥନାରେ ଆସୁ ଏକ ଆଣ୍ଠୋଇ ପ୍ରାର୍ଥନା କରିବା ଭଙ୍ଗୀ ଆମକୁ ନିଶ୍ଚିତ ଭାବରେ ଆମ ମନରେ ନୂତନ ଆଚରଣ ସୃଷ୍ଟି କରିବାକୁ ସହଯୋଗ କରିପାରିବ । କିନ୍ତୁ ତୁମେ ମୋ ସହିତ ଆବିଷ୍କାର କରିପାରିବ ଯେ, ତୁମ ଜୀବନରେ ସେହି ସମୟର ମୂହୂର୍ତ୍ତଗୁଡ଼ିକର ବିଶେଷତ୍ୱ ଅଧିକ ହେବ । ଯେତେବେଳେ ଆଣ୍ଠୋଇବା ଦେଖାଯାଏ ନାହିଁ । ସେତେବେଳେ ତୁମେ ତୁମର ପ୍ରେମ ଓ ସମର୍ପଣ ତାଙ୍କୁ ଜଣାଇବା କାର୍ଯ୍ୟ ମଧ୍ୟ ଯଥେଷ୍ଟ କମି ଯାଇଥାଏ ।

ଏହା ଏକ କୌତୁହଳର ବିଷୟ ଲକ୍ଷ୍ୟ କରାଯାଏ ଯେ, ଯେତେବେଳେ ଯୋହନ ପାତ୍ମଦ୍ୱୀପରେ ଗୌରବମୟ ଖ୍ରୀଷ୍ଟଙ୍କର ଉପସ୍ଥିତିରେ ଆସିଥିଲେ ସେ ପରୀକ୍ଷା କରି



ଦେଖିଥିଲେ ଯେ, ସେ କେବଳ ଆଣ୍ଠୋଇ ନ ଥିଲେ । *ମାତ୍ର ତାହାଙ୍କୁ ଦେଖି ମୁଁ ମୃତପରି ତାହାଙ୍କ ପାଦ ତଳେ ପଡ଼ିଗଲି । ସେଥିରେ ସେ ମୋ ଉପରେ ଆପଣା ଦକ୍ଷିଣ ହସ୍ତ ଥୋଇଲେ* (ପ୍ରକାଶିତ ବାକ୍ୟ ୧:୧୭) ।

ପ୍ରଭୁଯୀଶୁ ସୂକ୍ଷ୍ମଭାବରେ ନିରୀକ୍ଷଣ କରି କହିଥିଲେ, ''*ଯାହା ତୁମ୍ଭେମାନେ ଜାଣ ନାହିଁ । ତାହା ଉପାସନା କରୁଥାଅ*'' (ଯୋହନ ୪:୨୧) ।

ଉପାସନା ଆବେଗତାଠାରୁ ଅଧିକ ବୁଝାଏ । ଯେପରି ଏହା ସେହି ବ୍ୟକ୍ତି ଉପରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଦୃଷ୍ଟିପାତ ହୋଇଥାଏ । ଯଦି ଉପାସନା ଲୋକମାନଙ୍କୁ ପରିବର୍ତ୍ତନ କରିବା ପରିବର୍ତ୍ତେ ତାଙ୍କ ଚାରିପାଖରେ ଥିବା ବିଷୟକୁ ପରିବର୍ତ୍ତନ କରେ ତା'ପରେ ଏହି ଅସତ୍ୟ ଉପାସନା ଉପଯୁକ୍ତ ଉପାସନାର ସ୍ଥାନ ନେଇଥାଏ । ନିଶ୍ଚିତ ଭାବରେ ପ୍ରଭୁଯୀଶୁ ଆମର ଆତ୍ମିକ ଉତ୍କଣ୍ଠାଠାରୁ ଅଧିକ ଆବଶ୍ୟକ କରିଥାନ୍ତି । ଯଦି ଆମେ ଈଶ୍ୱରଙ୍କ ପ୍ରଶଂସାରେ ପରିପୂର୍ଣ୍ଣ ହୋଇପାରିବା । ତେବେ ସେ ଅଧିକ ଆନନ୍ଦିତ ହୁଅନ୍ତି ।

**ସତ୍ୟ ଉପାସନା ହେଉଛି ହୃଦୟ ଓ ମନ ସହିତ ଜୀବିତ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ସାର୍ବଭୌମତ୍ୱକୁ ନମ୍ର ଭାବରେ ପ୍ରକାଶ କରିବ । ଯେପରି ସେ ଈଶ୍ୱରଙ୍କ ବାକ୍ୟରେ ପ୍ରକାଶ କରିଥିଲେ । ଯେତେବେଳେ ଏହା ଘଟିବ ସେତେବେଳେ ଆମ ହୃଦୟ ଓ ଆତ୍ମା ନତ ହେବ ଏବଂ ତାଙ୍କ ସମ୍ମୁଖରେ ଆମେ ନିଜକୁ ସମର୍ପଣ କରିବା ଓ ପ୍ରଶଂସା କରିବା ।**

## ବାକ୍ୟର କମାଣ ପ୍ରୟୋଗକାରୀ ସେନା

ହଁ ଈଶ୍ୱର ତୁମର *ଏକତ୍ର ସମୟ*କୁ ଆଶିର୍ବାଦ କରିଛନ୍ତି ତୁମର ବିବେକ ଶୁଚି ହୋଇଛି । ଯୀଶୁ ତୁମ ପାଇଁ କ୍ରୁଶରେ କ'ଣ କରିଛନ୍ତି ତାହା ଜାଣି ସାରିଛ । ତୁମେ ତୁମର ଅଧିକାରକୁ ତୁମର ନିଜର କରିଛ । ତୁମର ଅଧିକାରକୁ, ତୁମର ଖ୍ୟାତିକୁ, ତୁମର ଲକ୍ଷ୍ୟସ୍ଥଳକୁ ଏବଂ ତୁମର ସ୍ଥିତି ପାଖକୁ ଆସିବାର ଘୋଷଣା କରିଛ । ବର୍ତ୍ତମାନ ତୁମେ ପ୍ରଭୁଙ୍କର ପ୍ରଶଂସା ଓ ଉପାସନା କରିବାକୁ ଏକ ନୂତନ ପରିସର ମଧ୍ୟରେ

ନିଜକୁ ଜଡ଼ିତ କରିଦେଇଛ । ସେଥିପାଇଁ ତୁମେ ଈଶ୍ୱରଙ୍କର ଉଦ୍ଦେଶ୍ୟଗୁଡ଼ିକର ଶୀର୍ଷସ୍ଥାନରେ ରହିଅଛ ଏବଂ ତୁମର *ଏକତ୍ର ସମୟ* ପାଇଁ ଆଶିର୍ବାଦ ଲାଭ କରୁଛ ? ଏହା ଠିକ୍ ଅଛି ? ନା ପୁରା ସତ୍ୟନୁହେଁ ?

ଯେତେବେଳେ ତୁମେ ତୁମର ବାଇବଲ ପାଠ କର ସେତେବେଳେ ଆହୁରି ଅନେକଗୁଡ଼ିଏ ପ୍ରଶ୍ନ ଅଛି ଯାହା ସବୁ ତୁମର ମସ୍ତିଷ୍କ ଧାରଣ କରିଥାଏ । ସେହି ପ୍ରଶ୍ନଗୁଡ଼ିକ ତୁମକୁ ବୁଝିପାରୁ ନ ଥିବା ବା ଦୁର୍ବୋଧ ପ୍ରଶ୍ନଗୁଡ଼ିକରୁ ଓ ଈଶ୍ୱରଙ୍କର ନାରକୀୟ ଶତ୍ରୁମାନଙ୍କଠାରୁ **ସତର୍କ** ରହିବାକୁ ସାହାଯ୍ୟ କରିବ ।

ଏହି ପଦରେ ଏହିସବୁ ବିଷୟ ଅଛି କି ?

ଶୟତାନର ବ୍ୟକ୍ତିତ୍ୱ ମଧ୍ୟରେ ଥିବା କୌଣସି ନୂତନ ଚିନ୍ତାଧାରାକୁ ବୁଝାଏ କି ?

ଶୟତାନର ନିଷ୍ଠୁର ଲକ୍ଷ୍ୟ ସମ୍ବନ୍ଧରେ କିଛି ଆଲୋକପାତ କରେ କି ?

ଶୟତାନର ଚତୁରତାର କୌଶଳ ସମ୍ବନ୍ଧରେ କିଛି ଆଲୋକପାତ କରେ କି ?

ଥରେ ମୁଁ ଗୋଟିଏ ଛୋଟବାଳକ ବିଷୟରେ କହୁଥିଲି, ଯେ କି ସଣ୍ଡେସ୍କୁଲରୁ ଘରକୁ ଫେରିଥିଲା । ସେହି ରାତିରେ ତାର ମାଆ ଲକ୍ଷ୍ୟ କରିଥିଲେ ପିଲାଟି ତାର ବିଛଣା କରରେ ଆଣ୍ଠୋଇ ରହିଛି । *ତୁ କଅଣ କରୁଛୁ* ବୋଲି ମାଆ ତାକୁ ପଚାରିଥିଲେ । ପିଲାଟି ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା, *ମୁଁ ଶୟତାନକୁ ଥରହର କରୁଛି* । ଆଜି ଆମେ ସଣ୍ଡେସ୍କୁଲ୍‌ରେ ଏକ ନୂତନ ଗୀତଟିଏ ଗାଇଲୁ, ତାହା ଏ ପ୍ରକାର - ଯେତେବେଳେ ସାଧୁମାନେ ସେମାନଙ୍କ ଆଣ୍ଠୁପାତି ପ୍ରାର୍ଥନା କରନ୍ତି । ଶୟତାନ ଦେଖେ, ସେ ଥରିଉଠେ । ତେଣୁ ମୁଁ ଆଣ୍ଠୋଇ ଥିଲି ଶୟତାନ ଥରେଇବା ପାଇଁ ।

ଦୁର୍ଭାଗ୍ୟ ବଶତଃ, ଶୟତାନକୁ ଥରହର କରିବା ପାଇଁ କେବଳ ଆଣ୍ଠୋଇବା କାର୍ଯ୍ୟଠାରୁ ଆହୁରି ଅଧିକ କରିବାକୁ ହୋଇଥାଏ । ଯେତେବେଳେ ତୁମ ହୃଦୟରେ ଯୀଶୁଖ୍ରୀଷ୍ଟଙ୍କ ନାମ ଥାଏ, ସେତେବେଳେ ଶୟତାନ ତୁମ ହୃଦୟରେ ବାସକରିବା



ପାଇଁ ସ୍ଥାନ ପାଏ ନାହିଁ ପୁଣି ସମାନ ଉଚ୍ଚାରଣ କରିଥାଅ, ତୁମେ ଅନେକ ବହୁମୂଲ୍ୟ ଜୀବନକୁ ଶୟତାନର ଭୟଙ୍କର ବିଶୃଙ୍ଖଳାରୁ ବା ଶୟତାନର କୁ ଚକ୍ରାନ୍ତରୁ ରକ୍ଷା କରି ପାରିଥାଅ ।

ଅନେକ ଖ୍ରୀଷ୍ଟିୟାନ ଅନୁଭବ କରନ୍ତି ଯେ, ଯଦି ସେମାନେ ଶୟତାନକୁ ଏକାକୀ ଛାଡି ଦେବେ । ସେ ମଧ୍ୟ ସେମାନଙ୍କୁ ଏକାକୀ ଛାଡ଼ିଦେବ । କିନ୍ତୁ ସେମାନେ ଦୁଃଖରେ ବିଭ୍ରାନ୍ତ ହୋଇଥାନ୍ତି ଯେପରି । ଯେତେବେଳେ ତୁମେ ପ୍ରାର୍ଥନାରେ ଈଶ୍ୱରଙ୍କ ନିକଟକୁ ଆସିଥାଅ, ମାତ୍ର ତୁମେ ବେଳେବେଳେ ତୁମର ଅତୀତର ପରାଜୟ ବିଷୟରେ ଭାବି ଦୁଃଖିତ ହୋଇଥାଅ କି ? ଯଦିବା ତୁମର ସେହି ପାପକୁ ତୁମେ ସ୍ୱୀକାର କରି ସାରିଛ ଏବଂ କ୍ଷମା ମଧ୍ୟ ପାଇ ସାରିଛ । ତଥାପି ତୁମେ କଷ୍ଟ ପାଇଥାଅ । ଶୟତାନ ସବୁବେଳେ ଖୋଜି ବୁଲୁଥାଏ ତୁମକୁ ପାପରେ ପକାଇ ଦୋଷୀ କରିବାକୁ । ଯେଉଁ ପାପକୁ ତୁମେ କ୍ରୁଶ ତଳେ ରଖି ସାରିଛ । ତା ପାଇଁ ମଧ୍ୟ । ଯେତେବେଳେ ଶୟତାନ ତୁମକୁ ତୁମର ଅତୀତକୁ ମନେପକାଇ ଦେବ ତୁମେ ଶୟତାନକୁ ତାର ଭବିଷ୍ୟତ ମନେ ପକେଇ ଦିଅ । ଯଦିବା ଈଶ୍ୱର କହିଛନ୍ତି ଯେଉଁ ପାପକୁ ସେ କ୍ଷମା ଦେଇସାରିଛନ୍ତି ତାକୁ ମନେ ପକାଇବା କଥା ନୁହେଁ । କିନ୍ତୁ ଶୟତାନ ଚାହେଁ ସେ ସବୁକୁ ପୁଣି ଥରେ ମନେ ପକାଇବା ପାଇଁ ଯେପରି ତୁମେ ଖ୍ରୀଷ୍ଟଙ୍କର 'ପ୍ରେମପୂର୍ଣ୍ଣ କ୍ଷମାପ୍ରଦାନ'କୁ ସନ୍ଦେହ ନ କରି ତୁମେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିବ । ତୁମର ଅନିଶ୍ଚିତତା, ଭୟ ବା ଆଶଙ୍କା, ଦ୍ୱିଧା ଓ ହତାଶ ମନୋଭାବଗୁଡ଼ିକ ହେଉଛି ଶୟତାନର ସର୍ବୋତ୍କୃଷ୍ଟ ଲକ୍ଷଣଗୁଡ଼ିକ ଯାହା ଈଶ୍ୱର ସହିତ ତୁମର ଚାଲିବାରେ ବାଧା ସୃଷ୍ଟି କରି ପାରିବ । ତୁମର ଶାନ୍ତି ଓ ଆନନ୍ଦକୁ ହରଣ କରିନେବା ପାଇଁ ଶୟତାନ ଯାହା କିଛି ବି କରି ପାରିବ । କିନ୍ତୁ ତୁମକୁ ଏ ସମସ୍ତ ବିଷୟ ସବୁବେଳେ ଈଶ୍ୱର ତୁମର ଅନ୍ତଦୃଷ୍ଟି ଦ୍ୱାରା ତୁମକୁ ଜଣେଇ ଦେବେ । ଶୟତାନ କେଉଁଠି ବାସ କରିବା ପାଇଁ ଯଦି ଏକ ସ୍ଥାନ ପାଇଛି । ଯଦି ସେହି ସମୟରେ ତୁମେ ଈଶ୍ୱରଙ୍କ ଆଡକୁ ଉର୍ଦ୍ଧ୍ୱଦୃଷ୍ଟ କରିବ ଏବଂ ଈଶ୍ୱର ତୁମକୁ ଯେଉଁ ସବୁ ଅସ୍ତ୍ର ଯୋଗାଇ ଦେବେ ।

ସେହି ଅସ୍ତ୍ର ବଳରେ ତୁମେ ନିଶ୍ଚିତ ଭାବରେ ଶୟତାନର ଔଦ୍ଧତ୍ୟର ପ୍ରବେଶ ପଥଗୁଡ଼ିକୁ ବନ୍ଦ କରି ଦେଇ ପାରିବ ।

ମାନବିକ ଯୁଦ୍ଧ ପ୍ରଣାଳୀରେ ଉଭୟ ପ୍ରତିରକ୍ଷାତ୍ମକ ଓ ଆକ୍ରମଣାତ୍ମକ ନୀତି ରହିଥାଏ । କୌଣସି ଯୁଦ୍ଧକୁ କେବଳ ପ୍ରତିରକ୍ଷାତ୍ମକ ପ୍ରଣାଳୀ ଦ୍ୱାରା ଜୟଲାଭ କରିପାରିବ ନାହିଁ । ଠିକ୍ ସେହିପରି ଆତ୍ମିକ ଯୁଦ୍ଧରେ ମଧ୍ୟ ଦୁଇ ପ୍ରକାର ପ୍ରତିରକ୍ଷାତ୍ମକ ଓ ଆକ୍ରମଣାତ୍ମକ ରଣନୀତି ଆବଶ୍ୟକ ହୋଇଥାଏ । ଉଭୟ ଯୁଦ୍ଧନୀତି ଈଶ୍ୱରଙ୍କ ବାକ୍ୟ ରୂପ ସୈନ୍ୟର ଆବଶ୍ୟକ ହୋଇଥାଏ । ଅନେକ ଉତ୍ସାହ ପ୍ରଦାନକାରୀ ବିଷୟମାନଙ୍କ ମଧ୍ୟରୁ ବୃଦ୍ଧିପାଉଥିବା ଏକ ଫଳପ୍ରଦ *ଏକତ୍ର ସମୟ* ହେଉଛି ଏହା ଯାହାକି, ଯେତେବେଳେ ତୁମେ ସିଧା ସଳଖ ବା ବୁଲେଇ କରି ଶୟତାନର ସମ୍ମୁଖୀନ ହେବ ସେତେବେଳେ ଶାସ୍ତ୍ରରୁ ପାଠ କରିଥିବା ସେହି ବାକ୍ୟଗୁଡ଼ିକ ଦ୍ୱାରା ତାକୁ ଉତ୍ତର ଦେଇ ପାରିବ ଏବଂ ବାଇବଲ ଅନୁଯାୟୀ ପ୍ରାର୍ଥନା କରିବାକୁ ସକ୍ଷମ ହୋଇପାରିବ । ଏହା ଜାଣିବା ଏତେ ସୁନ୍ଦର ଯେ ଯେତେବେଳେ ତୁମେ ଈଶ୍ୱରଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା କରିଥାଅ ଏବଂ ଏହା ତୁମ ପାଇଁ ଈଶ୍ୱରଙ୍କର ଇଚ୍ଛା ଏହା ଯେ, ତୁମେ ଶୟତାନ ଉପରେ ଜୟଲାଭ କରିବା ଜାଣି ପାରିବ ଏବଂ ତୁମର ଆଧ୍ୟାତ୍ମିକ ଜୀବନକୁ ନଷ୍ଟ କରିବାର ତାର ଉଦ୍ୟମ ଗୁଡ଼ିକୁ ବିନଷ୍ଟ କରି ପାରିବ ।

## ପ୍ରତିରକ୍ଷାତ୍ମକ ଆତ୍ମିକ ଯୁଦ୍ଧ ପଦ୍ଧତି (କୌଶଳ)

ତୁମେ ସ୍ମରଣ କରୁଛ କି ? ଯେତେବେଳେ ପ୍ରଭୁଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହୋଇଥିଲେ । ମୁଁ ଯୀଶୁଙ୍କ ବିଷୟ ଭାବେ ଯୀଶୁ ନିଶ୍ଚୟ ତାଙ୍କର *ଏକତ୍ର ସମୟ* ସମୟଗୁଡ଼ିକରେ *ଦ୍ୱିତୀୟ ବିବରଣୀ* ପୁସ୍ତକ ପାଠ କରିଥିବେ । ନିଶ୍ଚିତ ଭାବରେ ସେହି ଶାସ୍ତ୍ରଗୁଡ଼ିକ ଯାହା ସେ ଶୟତାନ ବିରୁଦ୍ଧରେ ପ୍ରତିବାଧା କରିବାକୁ ଉଦ୍ଧାର କରିଥିଲେ ସେହି ପୁସ୍ତକରେ ଦେଖିବାକୁ ମିଳେ । ତିନିଥର ଆମର ଈଶ୍ୱର ଲେଖାଯାଇଥିବା ବାକ୍ୟକୁ ଉଦ୍ଧୃତ କରିଥିଲେ *ଶାସ୍ତ୍ରରେ ଏହା ଲେଖାଅଛି ... ଏହା ଲେଖାଅଛି ... ଏହା ଲେଖାଅଛି* (ମାଥିଉ ୪:୪,୭,୧୦) । ସେହି ଶକ୍ତିଶାଳୀ



ଈଶ୍ୱରଙ୍କ ବାକ୍ୟର ରୂପ ଯୁଦ୍ଧ କୌଶଳ ଦ୍ୱାରା ଯୀଶୁଙ୍କୁ ଛାଡ଼ି ଚାଲିଯିବା ପାଇଁ ଶୟତାନ ବାଧ୍ୟ ହୋଇଥିଲା ।

ଠିକ୍ ସେହିପରି, ଯଦି ତୁମେ ଶୟତାନକୁ ଜୟଲାଭ କରିବାକୁ ଚାହଁ, ତୁମକୁ ମଧ୍ୟ ନିଶ୍ଚିତ ଭାବରେ ତାହା ଶିଖିବାକୁ ପଡିବ, ଶୟତାନକୁ ପ୍ରତିବାଧା କରିବା ପାଇଁ କିପରି ଈଶ୍ୱରଙ୍କ ବାକ୍ୟକୁ ଅସ୍ତ୍ର ସ୍ୱରୂପେ ପ୍ରତିରକ୍ଷାତ୍ମକ ଯୁଦ୍ଧରେ ବ୍ୟବହାର କରି ପାରିବ । ଯେତେବେଳେ ଶୟତାନ ତାର ଅପବିତ୍ର ମତଗୁଡ଼ିକୁ ତୁମ ମନ ମଧ୍ୟରେ ରୋପଣ କରିବା ପାଇଁ ଚାହିଁବ । ତୁମର ପ୍ରତ୍ୟୁତ୍ତର ନିଶ୍ଚିତ ଭାବରେ ଈଶ୍ୱରଙ୍କ ବାକ୍ୟ ହେବା ଆବଶ୍ୟକ । ଏକ ସାମଞ୍ଜସ୍ୟ ପୂର୍ଣ୍ଣ *ଏକତ୍ର ସମୟ* ନିଶ୍ଚିତ ଭାବରେ ସ୍ଥିର କରିବ ଯେ, ଈଶ୍ୱରଙ୍କ ବାକ୍ୟ ତୁମ ହୃଦୟରେ ସବୁ ସମୟ ପାଇଁ ରହିବ । ତଳେ ଲେଖାଥିବା ପଦ୍ୟ ଯାହା ଏକ ଅଜଣା ଲେଖକଙ୍କ ସତ୍ୟକୁ ଦୃଢ଼ ଭାବରେ ଧରି ରଖିଛନ୍ତି ଯେପରି ଏଫିସୀୟ ପୁସ୍ତକରେ ଷଷ୍ଠ ଅଧ୍ୟାୟରେ ଲିପିବଦ୍ଧ କରାଯାଇଛି ।

## ଶୟତାନର କୌଶଳ

ମୁଁ ଯେତେବେଳେ, ପ୍ରାର୍ଥନାରେ ଈଶ୍ୱରଙ୍କ ସହ
ସାକ୍ଷାତ ଏବଂ କଥାବାର୍ତ୍ତା କରିବାକୁ ଗଲି
ସେଠାରେ ଶୟତାନ ସହ ଭୟଙ୍କର ଯୁଦ୍ଧ କଲି,
ସେ ମତେ ମୃଦୁ ସ୍ୱରରେ କହିଲା,
ତୁ ପ୍ରକୃତରେ ପ୍ରାର୍ଥନା କରିପାରିବୁ ନି,
କାରଣ ତୁ ହାରି ଯାଇଛୁ,
ତୁ ହୁଏତ, ଆଣ୍ଠୁ ମାଡି ଅନେକ ଶବ୍ଦ ଉଚ୍ଚାରଣ କରିପାରୁ
କିନ୍ତୁ ତୁ ପ୍ରାର୍ଥନା କରିପାରିବୁ ନି

ତେଣୁ ମୁଁ ମୋର ଶିରସ୍ତ୍ରାଣ ପରିଧାନ କଲି,
ଏବଂ ଶୟତାନର ସ୍ୱରକୁ ଦୂରେଇ ଦେଲି
ତାହା ମୋ ଭୟ ସବୁକୁ ଶାନ୍ତ କଲା,
ମୁଁ ମୋର ଅନ୍ୟ ଶସ୍ତ୍ର (ଅସ୍ତ୍ର) ଗୁଡିକୁ ପରୀକ୍ଷା କଲି
ଶାନ୍ତିରୂପ ପାଦୁକାରେ, ମୋ ପାଦ ସୁରକ୍ଷିତ ଥିଲା
ସତ୍ୟ ରୂପ କଟୀବନ୍ଧନୀ ଥିଲା,
ମୋର ଖଡ୍ଗ ଅର୍ଥାତ୍, ଈଶ୍ୱରଙ୍କ ବାକ୍ୟ । ପୁଣି
ଧାର୍ମିକତାର ଉରସ୍ତ୍ରାଣ ଥିଲା,
ଏବଂ ହୃଦୟ ମୋର ପ୍ରେମରେ ପରିପୂର୍ଣ୍ଣ ଥିଲା,
ବିଶ୍ୱାସ ରୂପ ଢ଼ାଲ ଥିବାରୁ
ଶୟତାନର ଅଗ୍ନିବାଣ ସବୁ ଫେରି ଗଲା ।
ମୁଁ ଯୀଶୁଙ୍କର ନାମରେ, ଈଶ୍ୱରଙ୍କୁ ଆହ୍ୱାନ କଲି ।
ଏବଂ ତାଙ୍କ ପବିତ୍ର ରକ୍ତ ଦ୍ୱାରା, ନିବେଦନ କଲି
ଏପରି ସମୟରେ, ଶୟତାନ ଲଜ୍ଜାରେ ଚାଲିଗଲା
ଏବଂ ମୁଁ ଈଶ୍ୱରଙ୍କ ସହିତ ସାକ୍ଷାତ କଲି ।

## ଆକ୍ରମଣାତ୍ମକ ଆତ୍ମିକ ଯୁଦ୍ଧ ପଦ୍ଧତି

ସମ୍ପୂର୍ଣ୍ଣ ବିଜୟଗୁଡ଼ିକ ପାଇଁ ପ୍ରତିରକ୍ଷାତ୍ମକ ରଣନୀତିଠାରୁ ଆକ୍ରମଣାତ୍ମକ ନୀତି ଅଧିକ ଆବଶ୍ୟକ କରେ । ସେଠାରେ ଏକ ଆଘାତ ଦେଉଥିବା ଏକ ଜଗତ ଅଛି । ଯାହାକି ଅୟୁତ ବହୁମୂଲ୍ୟ ଲୋକମାନଙ୍କର ବାସସ୍ଥାନ, ଯେଉଁମାନଙ୍କ ପାଇଁ ଖ୍ରୀଷ୍ଟ ପ୍ରାଣ ଦେଇଥିଲେ । ସବୁଠାରେ ସ୍ତ୍ରୀ ଓ ପୁରୁଷ ମାନେ ଆଘାତ ପାଉଛନ୍ତି, ଅନେକ ସେଥିରେ ଅନ୍ଧ ହୋଇ ଯାଉଛନ୍ତି ଏବଂ ଶୟତାନର ବନ୍ଧନରେ ବାନ୍ଧି ହୋଇଯାଉଛନ୍ତି ।



ମୁଁ ଭାବେ ଶୟତାନ ଜାଣିଛି ତାର ସମୟ ଖୁବ୍ ସୀମିତ ଏବଂ ସେହି କାରଣରୁ ସେ ତାର ଶେଷ ଅସ୍ତ୍ର ପ୍ରୟୋଗ କରୁଛି ଯେପରି ଲୋକମାନେ ଏକ ଈଶ୍ୱର ବିହୀନ ଜୀବନ କାଟି ଅନନ୍ତ ମୃତ୍ୟୁର ଅଧୀନ ହେବେ ।

ଯଦିବା ଆମେ ପଢ଼ିଛୁ ଈଶ୍ୱର ଶୟତାନ ଓ ତାର ପିଶାଚ ସାଥୀମାନଙ୍କ ପାଇଁ ଏକ *ଅଗ୍ନିମୟ ହ୍ରଦ* ପ୍ରସ୍ତୁତ କରିଛନ୍ତି । ଆମେ ନିଶ୍ଚିତ ଭାବରେ ମନେ ରଖିବା ଯେ ଈଶ୍ୱର ମାନବଜାତି ପାଇଁ *ଅଗ୍ନିମୟ ହ୍ରଦ* ପ୍ରସ୍ତୁତ କରି ନାହାନ୍ତି । ନା ! ବାସ୍ତବରେ ଏହା ଥିଲା ସେହି ସମସ୍ତ ହଜି ଯାଇଥିବା ଲୋକମାନଙ୍କ ପାଇଁ, ଯେଉଁମାନଙ୍କ ପାଇଁ ଖ୍ରୀଷ୍ଟ ମୃତ୍ୟୁବରଣ କରିଥିଲେ । ଯାହା ବି ହେଉ, ଶୟତାନର ରାଗ ଏବଂ ସେ ସମସ୍ତଙ୍କର ଘୃଣା ଯାହାକି ପବିତ୍ର ଓ ଉତ୍ତମ, ସେ ଚାହେଁ ସେ ଯେତେ ପାରିବ ସେତେ ଲୋକଙ୍କର ଆତ୍ମାକୁ ତା ସହିତ ଯୋଗ କରିଦେବା ଓ ତାର ଅନନ୍ତ ଯନ୍ତ୍ରଣା ଭୋଗ କରିବା ପାଇଁ ନେଇଯିବ । ଏହି ଯୁଦ୍ଧ ପଦ୍ଧତିରେ, ହଜିଯାଇଥିବା ଲୋକମାନଙ୍କ ପାଇଁ ଖ୍ରୀଷ୍ଟ ତାଙ୍କର ଖୋଜିବା କାର୍ଯ୍ୟ ଜାରି ରଖିଛନ୍ତି । *ଖୋଜି ରକ୍ଷା କରିବାକୁ* (ଲୂକ ୧୯ : ୧୦) । ଖ୍ରୀଷ୍ଟିୟାନମାନଙ୍କ ମଧ୍ୟ ଦେଇ ଯେଉଁମାନେ ତାଙ୍କ ପାଇଁ ଅନ୍ୟମାନଙ୍କୁ ଲାଭ କରିଛନ୍ତି ସେମାନଙ୍କ ପାଇଁ ।

କେବେ ତୁମେ ଜାଣି ପାରିଛ କାହିଁକି ଜ୍ଞାନୀ ଲୋକମାନେ ସରଳ ସୁସମାଚାର ବାର୍ତ୍ତାକୁ ବୁଝି ପାରନ୍ତି ନାହିଁ ? ବାଇବଲରୁ ଆମେ ଜାଣିଛୁ, ଯେ କି ସେମାନଙ୍କର ଚିନ୍ତାଗୁଡ଼ିକୁ ଗୋଳମାଳିଆ କରିଦେଇ ଥିଲା ଯେପରି ତାହା ବୁଝିହେବ ନାହିଁ ଏବଂ କାହିଁକି ଏହା ଏତେ କଷ୍ଟ ଅବିଶ୍ୱାସୀମାନଙ୍କୁ ବିଶ୍ୱାସୀ କରିବାକୁ ହେବ ।

*କିନ୍ତୁ, ଯଦ୍ୟପି ଆମ୍ଭମାନଙ୍କ ସୁସମାଚାର ଆଚ୍ଛାଦିତ ଥାଏ, ତାହା ବିନାଶପ୍ରାପ୍ତମାନଙ୍କ ପକ୍ଷରେ ଆଚ୍ଛାଦିତ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କ ଗୌରବମୟ ସୁସମାଚାର ଆଲୋକ ଯେପରି, ଏହି ପ୍ରକାର ଲୋକମାନଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥି ନିମନ୍ତେ ଏହି ଜଗତ ପତି, ଅବିଶ୍ୱାସୀମାନଙ୍କର ଜ୍ଞାନ ଚକ୍ଷୁ ଅନ୍ଧ କରିଅଛି* (୨ୟ କରିନ୍ଥୀୟ ୪:୩-୪) ।

ଈଶ୍ୱରଙ୍କ ପ୍ରେମ ଓ ସତ୍ୟର ଆଲୋକକୁ ଏକ ଅବିଶ୍ୱାସୀ ଲୋକର ମନ ମଧ୍ୟରେ ପୁରାଇବାକୁ କିଏ ବନ୍ଦ କରିପାରେ ? ଶୟତାନ ! ତୁମେ ଯେତେବେଳେ ଅନେକ ସ୍ତ୍ରୀ ଓ ପୁରୁଷମାନଙ୍କର ପରିତ୍ରାଣ ପାଇଁ ପ୍ରାର୍ଥନା କରୁ ତୁମେ ଏହାକୁ ତୁମ ବିଚାରଧୀନକୁ ନେଇପାରିବ କି ? ଯେମିତି ଆମେ ପ୍ରାର୍ଥନା କରୁ । ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ଥିବା ଅପରିବର୍ତ୍ତିତ ଲୋକମାନଙ୍କ ମନକୁ ଆମେ ନିଶ୍ଚିତ ଭାବରେ ସ୍ୱାଧୀନତା ଦେବା ଆବଶ୍ୟକ । ସର୍ବଶକ୍ତିମାନ ଯୀଶୁଙ୍କ ନାମ ଡାକିବା ଦ୍ୱାରା ଏହା ହେଉଛି ସେହି ଆଶ୍ଚର୍ଯ୍ୟ, ଶକ୍ତିପୂର୍ଣ୍ଣ ଏବଂ ବିଜୟଲାଭ କରିଥିବା ନାମ ଯାହା ବିଷୟରେ ଚାର୍ଲସ ୱେସ୍‌ଲୀ ଲେଖିଥିଲେ :

ଯୀଶୁ, ସବୁଠାରୁ ନାମ ତାଙ୍କ ଉଚ୍ଚ,
ନରକରେ, ପୃଥିବୀରେ କିମ୍ବା ଆକାଶରେ
ଦୂତଗଣ ଏବଂ ମନୁଷ୍ୟମାନେ, ତାଙ୍କ ସମ୍ମୁଖରେ ସର୍ବଦା ନତ
ଏବଂ ଏହା ଦେଖି ଶୟତାନ ଡରେ ଓ ହୁଏ ପଳାତକ ।

ହଁ, ଶୟତାନ ଓ ତାର ସମସ୍ତ ପିଶାଚିକ ସାଥୀମାନଙ୍କର ଉପରେ ଯୀଶୁ ବିଜୟ ଲାଭ କରି କାଲ୍‌ଭରୀ କ୍ରୁଶରେ ଅନନ୍ତକାଳୀନ ନିରାପତ୍ତା ପ୍ରଦାନ କରିଛନ୍ତି, *''ଯେ କେହି ଈଶ୍ୱରଙ୍କଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ, ଆଉ ସେ ଈଶ୍ୱରଙ୍କଠାରୁ ଜାତ ହେବାରୁ ପାପ କରିପାରେ ନାହିଁ''* (୧ମ ଯୋହନ ୩:୮) ହାଲ୍ଲେଲୁୟା । ଆମେ ଯୁଦ୍ଧ କରୁ ନାହୁଁ ହାରି ଯିବା ପାଇଁ ବା ପରାଜିତ ହେବା ପାଇଁ ନିଶ୍ଚିତ ଭାବରେ ନୁହେଁ ! ଆମେ ସେହି ସ୍ୱର୍ଗୀୟ ଗୃହ ଆଡ଼େ ଅଗ୍ରସର ହେଉଛୁ, ଯାହାକି ଦୁଇ ହଜାର ବର୍ଷ ପୂର୍ବେ ଆମ ପାଇଁ ଯୀଶୁ ମୃତ୍ୟୁ ଉପରେ ଜୟଲାଭ କରି ଅପରିବର୍ତ୍ତିତ ଘର ଆମ ପାଇଁ ସୁରକ୍ଷିତ ରଖିଛନ୍ତି ।

ଚେସ୍ ଖେଳରେ ଏକ ନିଷ୍ପତ୍ତି ନେବା ତୁମ ପକ୍ଷରେ ସମ୍ଭବ ପର । ଯଦି ତୁମର ଦାନାଗୁଡ଼ିକୁ ଠିକ୍ ଥାଏ ତେବେ ତୁମ ବିପକ୍ଷରେ ତୁମର ବିଜୟ ସୁନିଶ୍ଚିତ ଥାଏ ।



ଏହି ଦୃଷ୍ଟିରୁ ତାର ପରାଜୟ ସୁନିଶ୍ଚିତ । ମାତ୍ର ଯଦି ତୁମର ବିପକ୍ଷ ଜିଦ୍‌ଖୋର ବା ଦୁର୍ଦ୍ଦାନ୍ତ ଥାଏ । ଯଦିବା ତାର ହାରିବାର ସ୍ୱୀକାର କରିବା ଛଡା ଆଉ କୌଣସି ଉପାୟ ନଥାଏ, ସେତେବେଳେ ତାର ଦାନା ଚଳେଇବାରେ ଡେରି କରିଥାଏ ଓ ତାର ପରାଜୟ ନିଶ୍ଚିତ ବୋଲି ଜାଣି ପାରିଥାଏ ।

ଏହା ସେହିପରି ଶୟତାନ ମଧ୍ୟ ଯଦିବା ତାର ଯୁଦ୍ଧରେ ଜୟଲାଭ କରିବାର କୌଣସି ଉପାୟ ନ ଥାଏ । ସେ ଈଶ୍ୱରଙ୍କର ପୂର୍ବ ନିର୍ଦ୍ଧାରିତ ସମୟକୁ ଡେରି କରିବା ପାଇଁ ଚେଷ୍ଟା କରିଥାଏ, ଯେତେ ସମ୍ଭବ ସେତେ ଡେରି କରିଥାଏ । ମାତ୍ର ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ଶୟତାନ ଜଞ୍ଜିରରେ ବନ୍ଧା ହେବା ପୂର୍ବରୁ ରହିଥିବା ଦୀର୍ଘ ସମୟରେ ସେ କେବଳ ଏକ ପରାଜିତ ଶତ୍ରୁ ହୋଇଥାଏ । ବାଇବଲ ଆମକୁ ଏହା କହେ ଯେ, *''ଯେପରି ଶୟତାନ ଆମର ଅପକାର କରିବାକୁ ସୁଯୋଗ ପ୍ରାପ୍ତ ନ ହୁଏ । କାରଣ ଆମ୍ଭେମାନେ ତାର ସମସ୍ତ କଳ୍ପନା ସମ୍ବନ୍ଧରେ ଅଜ୍ଞ ନୋହୁଁ''* (୨ୟ କରିନ୍ଥୀୟ ୭:୧୧) ।

ପ୍ରେରିତ ଯୋହନ ସାଧୁମାନଙ୍କର ବିଜୟକୁ ଲିପିବଦ୍ଧ କରିଛନ୍ତି । ଯେଉଁମାନେ ଶୟତାନକୁ ପରାଜିତ କରିଛନ୍ତି ଏବଂ ଏହାର ଅର୍ଥ ଈଶ୍ୱର ବିଜୟ ସେମାନଙ୍କର ବିଜୟ ହୋଇଥାଏ । *''ଆଉ ସେମାନେ ମେଷ ଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଦୟା କରିଅଛନ୍ତି । ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟଜ୍ଞାନ କରି ନ ଥିଲେ''* (ପ୍ରକାଶିତ ୧୨:୧୧) ।

*ଆମେ ଆମ ଶରୀରକୁ ବିନଷ୍ଟ ହେବାକୁ ଦେବା ନାହିଁ, କାରଣ ଆମର ପୁରାତନ ସ୍ୱଭାବ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇସାରିଛି* (ରୋମୀୟ ୬:୬) ।

*ହଁ ଏହା ହେଉଛି ସେହି ରକ୍ତରେ ପରିଷ୍କୃତ, ଆମ ଓଷ୍ଠାଧରର ସ୍ୱୀକାରୋକ୍ତି ଏବଂ ଆମର ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହେବା ଯାହା ଆମର ମୁଖ୍ୟ କାର୍ଯ୍ୟଗୁଡ଼ିକୁ ଉଚ୍ଚାରଣ କରେ ଯାହା ଯୀଶୁଙ୍କ ଦ୍ୱାରା ନରକର ବଳଗୁଡ଼ିକ ଉପରେ ବିଜୟ ଲାଭ କରେ । ହାଲ୍ଲେଲୁୟା !*

ମୋ ସହିତ ଆନନ୍ଦ କର, ଯୀଶୁଖ୍ରୀଷ୍ଟ ଆମ ପାଇଁ ସମସ୍ତ ବ୍ୟବସ୍ଥା କରି ଦେଇଛନ୍ତି ଯେପରି ଆମେ ପରିପକ୍ୱ ହୋଇପାରିବା । କିନ୍ତୁ ସେହି ସମାନ ସମୟରେ ଆମେ ନିଶ୍ଚିତ ଭାବରେ ସାବଧାନ ହେବା ଯେ, ଯଦି ଆମର ଖ୍ରୀଷ୍ଟଙ୍କ ବିଷୟର ପ୍ରାଥମିକ ଶିକ୍ଷାକୁ ବଢ଼ାଇବା ପାଇଁ ଚାହୁଁ ନାହୁଁ । ଈଶ୍ୱର କେବେ ବି ଆମକୁ ବାଧ୍ୟ କରିବେ ନାହିଁ ଆତ୍ମିକ ପରିପକ୍ୱତା ଆମ ଉପରେ ପକାଇବା ପାଇଁ । ଆମର ଆତ୍ମିକ ସକ୍ଷମତା ତାଙ୍କ ପାଇଁ ସମୟ ଅନୁସାରେ ସ୍ଥିରିକୃତ ହୋଇ ସାରିଛି । ଯେତେବେଳେ ଆମେ ଜଗତରେ ଅଛୁ ଏବଂ ସେହି ଅନୁଯାୟୀ ଆମେ ପ୍ରଭୁରେ କେତେ ପରିପକ୍ୱତା ଲାଭ କରିଛୁ । ସେହି ଅକ୍ଷମତା, ଆମେ ଯେତେବେଳେ ସ୍ୱର୍ଗରେ ପହଞ୍ଚିବା । ତାଙ୍କ ସହିତ ଅବିଚ୍ଛିନ୍ନ ଓ ନିବିଡ଼ ସହଭାଗିତା ସବୁଦିନ ପାଇଁ ଉପଭୋଗ କରୁଥିବା ।



## ଆତ୍ମିକ ଜୀବନର ସମୀକ୍ଷା

୧) ମୁଁ ଶୋଇବାକୁ ଯିବା ବେଳେ କେଉଁ ବିଷୟ ଚିନ୍ତା କରେ ?

୨) ଯେତେବେଳେ ମୁଁ ବାଇବଲ ପାଠ କରେ, ଈଶ୍ୱରଙ୍କଠାରୁ କିଛି ଶୁଣିବା ପାଇଁ ଆଶା କରିଥାଏ କି ?

୩) ମୁଁ ଯେତେବେଳେ ବାଇବଲ ପାଠକରେ, ଈଶ୍ୱର ଯାହା କହନ୍ତି ତା କାର୍ଯ୍ୟକାରୀ କରିବାକୁ ଇଚ୍ଛା ପ୍ରକାଶ କରିଥାଏ କି ?

୪) ଏ ପର୍ଯ୍ୟନ୍ତ ମୋର ଜୀବନ 'ମୋ' କିମ୍ବା 'ମୋର' ବୋଲି ପରିଚୟ ଦେଇଥାଏ କି ? ନା ଏହା 'ଖ୍ରୀଷ୍ଟଙ୍କର' ଯେ ମୋ ମଧ୍ୟରେ ବାସ କରନ୍ତି, ତାଙ୍କର ବୋଲି ପରିଚୟ ଦେଇଥାଏ ?

୫) ମୁଁ ଏକ ସ୍ୱାଧୀନ ବ୍ୟକ୍ତି କି ? ଯଦି ତାହା ହୋଇଥାଏ, ତେବେ ମୁଁ ମୋର 'ଗର୍ବ'କୁ ପରିତ୍ୟାଗ କରି 'ଈଶ୍ୱରଙ୍କ' ଉପରେ ନିର୍ଭର କରିବାକୁ ଚାହେଁ କି ?

୬) ମୁଁ ଏହା ଜାଣିଛି କି ? ଈଶ୍ୱରଙ୍କର ଉପାସନା କରିବ । ମୋର ସର୍ବଶ୍ରେଷ୍ଠ କାର୍ଯ୍ୟ ଯେଉଁଥିରେ ମୁଁ ନିଜକୁ ଜଡ଼ିତ କରି ପାରିବି ।

୭) ମୋ ଜୀବନରେ ବାସ କରିବା ପାଇଁ ଶୟତାନ ଏକ ବାସସ୍ଥାନ ଖୋଜି ପାଇଛି କି ?

୮) ଶୟତାନ ଉପରେ ଖ୍ରୀଷ୍ଟଙ୍କର ବିଜୟ ଲାଭକୁ, ମୁଁ ମୋର ବ୍ୟକ୍ତିଗତ ଜୀବନରେ ଆବଶ୍ୟକ କରେ କି ?

*ମୋହର ବିଶ୍ୱାସ ଏକ ବିଶ୍ରାମର ସ୍ଥାନ ପାଇଛି,*
*ତାହା କୌଣସି ବସ୍ତୁ ବା ଧର୍ମମତ ଉପରେ ନୁହେଁ,*
*କାରଣ ମୁଁ ସେହି, ସଦାଜୀବିତ ଈଶ୍ୱରଙ୍କ ଉପରେ ନିର୍ଭର ରଖେ,*
*ପୁଣି, ତାହାଙ୍କର କ୍ଷତଗୁଡ଼ିକ, ମୋ ପାଇଁ ନିବେଦନ କରେ ।*

*ମୋର ହୃଦୟ ତାହାଙ୍କ ବାକ୍ୟ ଉପରେ ଭରସା କରେ*
*ପରିତ୍ରାଣ ପାଇବି ସେହି ପରିତ୍ରାତାଙ୍କ ନାମରେ*
*ଏବଂ ତାହାଙ୍କ ରକ୍ତରେ ।*

*ମୋହର ଆଉ କୌଣସି ଯୁକ୍ତିର ଆବଶ୍ୟକତା ନାହିଁ*
*ମୋର ଆଉ କୌଣସି ଭରସାର ଆବଶ୍ୟକତା ନାହିଁ*
*କାରଣ ଏହାହିଁ ଯଥେଷ୍ଟ ଯେ, ଖ୍ରୀଷ୍ଟ ମୋ ପାଇଁ*
*ମୃତ୍ୟୁବରଣ  କରିଛନ୍ତି ।*

*- Lidie H. Edmunds*



# ବିଶ୍ୱାସର ଉପାଦାନ

ତୁମ ମନରେ ଏକ ଚିତ୍ର କଳ୍ପନା କର । ଜଣେ ଲୋକ, ପାଣିରେ ଉଚ୍ଛୁଳି ଉଠୁଥିବା ଏକ ଭୟଙ୍କର ନଦୀକୁ ପାରିହେବା ପାଇଁ ଅପେକ୍ଷା କରିଛି ବା ତାର ସମ୍ମୁଖୀନ ହୋଇଛି । କାରଣ ନଦୀର ଅପର ପାର୍ଶ୍ୱରେ ବାସ କରୁଥିବା ତାଙ୍କର ବନ୍ଧୁଙ୍କୁ ସାକ୍ଷାତ କିରବା ପାଇଁ, ନଦୀ ସେ ପଟକୁ ଯିବା ତାଙ୍କର ଆବଶ୍ୟକ ଅଛି । ନଦୀକୁ ପାରି ହେବା ପାଇଁ ତାଙ୍କ ପାଖରେ କୌଣସି ଡଙ୍ଗା ବା ଅନ୍ୟ କିଛି ନ ଥିଲା । ତାଙ୍କ ପାଖରେ ଥିଲା, କେବଳ ଗୋଟିଏ ଗୁଡ଼ି ଓ ଖଣ୍ଡ ଖଣ୍ଡ ହୋଇ ଯାଇଥିବା ଗୁଡ଼ିର ସୂତାଖଣ୍ଡଗୁଡ଼ିକ । ସେହି ସୂଚାଖଣ୍ଡ ଗୁଡ଼ିକ ସମାନ ନ ଥିଲା ମାତ୍ର ଖଣ୍ଡିଏ ସୂତାଠାରୁ ତା ପର ସୂତାଟି ଶକ୍ତ ବା ଟାଣ ଥିଲା । ସେ ସୂତା ଖଣ୍ଡଗୁଡ଼ିକ ଦ୍ୱାରା ନଦୀଟିକୁ ପାର ହେବା ପାଇଁ ଚିନ୍ତା କରି ପ୍ରଥମେ ସବୁଠାରୁ ଦୁର୍ବଳ ସୂତାଟିକୁ ଗୁଡ଼ିଟିରେ ବାନ୍ଧିଦେଲା ପରେ ସେହି ସୂତା ଖଣ୍ଡରେ ତା ଠାରୁ ଟାଣ ଥିବା ସୂତା ......ତାପରେ  ତାଠାରୁ ଶକ୍ତ ଥିବା ସୂତା ...... ସେହିପରି ସୂତାଖଣ୍ଡଟି ନଦୀର ଅପର ପାର୍ଶ୍ୱରେ ପହଞ୍ଚି ପାରିବା ପରି, ଲମ୍ବା ପର୍ଯ୍ୟନ୍ତ ଯୋଡ଼ି ଚାଲିଲେ । ଆବଶ୍ୟକ ଅନୁଯାୟୀ ଲମ୍ବା ହେଲା ପରେ ଗୁଡ଼ିଟିକୁ ନଦୀର ଅପର ପାର୍ଶ୍ୱରେ ଥିବା ତାଙ୍କ ବନ୍ଧୁ ପାଖକୁ ଉଡାଇ ଦେଲେ । ଅପର ପାର୍ଶ୍ୱରେ ଥିବା ବନ୍ଧୁଜଣକ ଗୁଡ଼ିଟିକୁ ପାଇଲାପରେ ଗୁଡ଼ିର ଦଉଡ଼ିଟିକୁ ନେଇ ଗୋଟିଏ ଗଛ ଦେହରେ ବାନ୍ଧି ଦେଲେ, ନିଜେ ମଧ୍ୟ ଦଉଡିଟିର ଅପର ପାର୍ଶ୍ୱକୁ ଏପଟରେ ଥିବା ଏକ ଗଛରେ ବାନ୍ଧି ଦେଲେ । ଏହିପରି ନଦୀର ଉଭୟ ପାର୍ଶ୍ୱର ଗଛ ଗୁଡ଼ିକରେ ଦଉଡିଟି ବନ୍ଧା ହେବା ପରେ ଦଉଡିଟିକୁ ଧରି ଧରି ସେହି ଭୟଙ୍କର ନଦୀଟିକୁ ପାରିହୋଇ ତାଙ୍କ ବନ୍ଧୁଙ୍କ ପାଖରେ ପହଞ୍ଚି ପାରିଥିଲେ ।

ସେପରି ନୂତନ ଭାବରେ ପୂର୍ବଜନ୍ମ ଲାଭ କରିଥିବା ଈଶ୍ୱରଙ୍କ ସନ୍ତାନ, ତୁମେ ପ୍ରଭୁ ଯୀଶୁଙ୍କର ମୃତ୍ୟୁରେ ତୁମର ବିଶ୍ୱାସ ସ୍ଥାପନ କରି ସାରିଛି, ଏବଂ ତୁମ ପାପଗୁଡ଼ିକ ବଦଳରେ ତୁମେ ଈଶ୍ୱରଙ୍କ ପ୍ରେମ ପାଇଛ । ମାତ୍ର ଯେମିତି ତୁମେ ବାଇବଲ ପାଠ କରିବା ଆରମ୍ଭ କରିବ, ତୁମର ବିଶ୍ୱାସ ସେହି ଗୁଡ଼ି ସୂତାର ପ୍ରଥମ ଦୁର୍ବଳ ସୂତା ଖଣ୍ଡ ପରି, ତୁମର ବିଶ୍ୱାସ ମଧ୍ୟ ସେହିପରି ଦୁର୍ବଳ ଥାଏ । ମାତ୍ର ଯେପରି ସେହି ଦୁର୍ବଳ ସୂତାଖଣ୍ଡଟି ଗୁଡ଼ି ସହିତ ସଂଯୁକ୍ତ ହୋଇ ନଦୀଟିକୁ ପାରି ହେବା ପାଇଁ ସେହି ବ୍ୟକ୍ତିଙ୍କୁ ସାହାଯ୍ୟ କରି ପାରିଥିଲା । ସେହିପରି - *''ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ''* (ରୋମୀୟ ୧୦:୧୭) । ଏହି ଅନୁସାରେ ତୁମେ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ବାଇବଲ ପଢ଼ି ଚାଲିଥିବ ଏବଂ ତାଙ୍କର ପ୍ରତିଜ୍ଞା ଗୁଡ଼ିକ ଧରି ରଖିଥିବ । ତେବେ ତୁମେ ଆବିଷ୍କାର କରିବ ଯେ, ତୁମର ବିଶ୍ୱାସ ଧୀରେ ଧୀରେ ବଢ଼ି ଶକ୍ତିଶାଳୀ ବା ଦୃଢ଼ ହୋଇଯାଉଛି । ଈଶ୍ୱରଙ୍କ ଉଦ୍ଦେଶ୍ୟ ଏହି ଯେ, ତାଙ୍କର ପ୍ରତ୍ୟେକ ସନ୍ତାନ ବିଶ୍ୱାସରେ ଦୃଢ଼ ହେଉନ୍ତୁ । ଯାହାକି ଈଶ୍ୱରଙ୍କ ସନ୍ତାନ ଓ ତାଙ୍କର ସ୍ୱର୍ଗୀୟ ପିତାଙ୍କ ସହିତ ସମ୍ପର୍କ ନିବିଡ଼ ଭାବରେ ''ଏକତ୍ରୀ କରଣ'' ହୋଇ ପାରିବ ।

ବାଇବଲରେ ଯିହୁଦା ତାଙ୍କ ପତ୍ରରେ ଲିପିବଦ୍ଧ କରିଛନ୍ତି, ମୌଳିକ ବା ପ୍ରାଥମିକ ଭାବରେ ବିଶ୍ୱାସ ସ୍ଥାପନ କରିବା କେତେ ଆବଶ୍ୟକ । ଯିହୁଦା କହିଛନ୍ତି, କିନ୍ତୁ, ହେ *ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ, ଅତି ବିଶ୍ୱାସ ଉପରେ, ଆପଣାମାନଙ୍କର ଧର୍ମଜୀବନ ରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାର୍ଥନା କର* (ଯିହୁଦା - ୨୦) ଏହି ପଦଟି ବିଶ୍ୱାସ ସ୍ଥାପନର ନିଶ୍ଚିତ ମୂଳଦୂଆ ଉପରେ ଏହି ପଦଟି ଜୋର୍‌ଦେଇଥାଏ । ଏହା ଦ୍ୱାରା ଆମେ ନିଜକୁ ଆତ୍ମିକ ଭାବରେ ଗଠନ କରି ପାରିବା (ଆମର ବିଶ୍ୱାସକୁ ପରିପକ୍ୱ ଓ ସିଦ୍ଧ କରିବା) ଜୀବନର ପ୍ରାର୍ଥନା, ପ୍ରେମ, ଜୀବନ୍ତ ଆଶା, ସକ୍ରିୟ ଦୟା ବା କରୁଣା, ଆନ୍ତରିକତାର ସହିତ ଆତ୍ମାଲାଭ କରିବା ଦ୍ୱାରା ବିଶ୍ୱାସକୁ ବୃଦ୍ଧି କରିପାରିବ ।

''*ଆମ୍ପ୍ଲିଫାଏଡ଼ ବାଇବଲ*''ର ଅନୁବାଦକମାନେ ଏହି ପ୍ରକାରେ କହନ୍ତି, କିନ୍ତୁ, ହେ ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ *ଅତି ପବିତ୍ର ବିଶ୍ୱାସ ଉପରେ*



*ଆପଣାମାନଙ୍କ ଧର୍ମଜୀବନ ରୂପ ଗୃହ ନିର୍ମାଣ କର । ପବିତ୍ର ଆତ୍ମାରେ ପ୍ରାର୍ଥନା କର । ପୁଣି ଅନନ୍ତ ଜୀବନ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ (ମସୀହ) ଦୟାର ଅପେକ୍ଷାକରି ଈଶ୍ୱରଙ୍କର ପ୍ରେମରେ ଆପଣାମାନଙ୍କୁ ସ୍ଥିର କରି ରଖ । ଯେଉଁମାନେ ସନ୍ଦେହରେ ପଡ଼ିଥାନ୍ତି । ଏପରି କେତେକଙ୍କୁ ଦୟା କରି ଅଗ୍ନିରୁ କାଢ଼ିଲା ପରି ରକ୍ଷା କର । ଶାରୀରିକ ପାପ କର୍ମରେ କଳଙ୍କିତ ବସ୍ତୁକୁ ମଧ୍ୟ ଘୃଣା କରି ଭୟ ସହକାରେ ଆଉ କେତେକଙ୍କୁ ଦୟାକର* (ଯିହୁଦା ୨୦:୨୩) ।

ତୁମେ ଯେପରି 'ବିଶ୍ୱାସ' ଦ୍ୱାରା ପରିତ୍ରାଣ ବିନାମୂଲ୍ୟରେ ପାଇଅଛ । ସେହିପରି ତୁମେ ଯେତେବେଳେ ବିଶ୍ୱାସ ଦ୍ୱାରା ପୁନ୍‌ରୁତ୍ଥିତ ପ୍ରଭୁଙ୍କର ପ୍ରଚୁର୍ଯ୍ୟତାକୁ ବିନିଯୋଗ କରିବ ବା କାମରେ ଲଗାଇବ । ତୁମର ଜୀବନ ଅର୍ନ୍ତେବାସୀ ଖ୍ରୀଷ୍ଟଙ୍କ ଦ୍ୱାରା ନିୟନ୍ତ୍ରିତ ହେବ । ହଁ, *''କେବଳ ବିଶ୍ୱାସ ଦ୍ୱାରା ବାସକରିବ''* (ରୋମୀୟ ୧:୧୭, ଗାଲାତୀୟ ୩:୧୧, ଏବ୍ରୀ ୧୦:୩୮) ତୁମେ ସ୍ୱର୍ଗରେ ଥାଅ ବା ତୁମେ ଜଗତରେ ଥିବା ପର୍ଯ୍ୟନ୍ତ । ତୁମେ ନିଶ୍ଚିତ ଭାବରେ ବିଶ୍ୱାସରେ ବଞ୍ଚିବ । ଭରସାରେ ବାସ କରିବ । ଈଶ୍ୱର ଏବଂ ତାଙ୍କର ପ୍ରତିଜ୍ଞାଗୁଡ଼ିକ ଏବଂ ତାଙ୍କ ପାଇଁ ବ୍ୟବହୃତ ହେବା ଦ୍ୱାରା ସେ ତୁମ ମଧ୍ୟ ଦେଇ ତାଙ୍କର କାର୍ଯ୍ୟ କରିବେ । ଏପରି କି ତୁମେ ଯେତେବେଳେ ସ୍ୱର୍ଗରେ ପହଞ୍ଚିବ, ସେତେବେଳେ ତୁମର ବିଶ୍ୱାସ ଶୋଭାଯୁକ୍ତ ପଥ ହୋଇ ପାରିବ, ଯାହା ଦ୍ୱାରା ତୁମେ ଆନନ୍ଦର ସହିତ ଓ କୃତଜ୍ଞତାରେ ଈଶ୍ୱରଙ୍କ ଚିରନ୍ତନ ପ୍ରେମର ଉଦ୍ଦେଶ୍ୟରେ ଆନନ୍ଦ କରିପାରିବ । ଯାହା ସବୁ ତୁମର ନିଷ୍ପ୍ରଭ ମସ୍ତିଷ୍କ ଗ୍ରହଣ କରି ପାରୁ ନ ଥିବା । ସେହସବୁ ବିଷୟଗୁଡ଼ିକ ଉତ୍ତମ ରୂପେ ବୁଝିବାରେ ସକ୍ଷମ ହୋଇପାରିବ ।

ଯେପର୍ଯ୍ୟନ୍ତ ତୁମେ ଜଗତରେ ଅଛ, ତୁମର ମୌଳିକ ବିଶ୍ୱାସ ନିଶ୍ଚିତଭାବରେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରିବ ତୁମ ଭିତରେ ଓ ତୁମ ମଧ୍ୟ ଦେଇ କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇପାରିବ । ଯେଉଁ କାର୍ଯ୍ୟ କେବେବି କରି ପାରି ନ ଥାନ୍ତ ତାହା କରି ପାରିବ । ଖ୍ରୀଷ୍ଟଙ୍କ ସନ୍ତାନ ରୂପେ ଏହା ଆମ ସମସ୍ତଙ୍କ ପାଇଁ ଏକ ଆଦେଶ ଯେ, ଯେପରି ଆମେ ବିଶ୍ୱାସରେ ବୃଦ୍ଧି ପାଇବ । ଆମେ ନିଶ୍ଚିତ ଭାବରେ ଶିଖିବା

ଆବଶ୍ୟକ ଯେ, କିପରି ଆମ ଜୀବନ ଦାତା ଏବଂ ଆମେ ପ୍ରତ୍ୟେକ ଦିନର ଚାଲିବା ପଥକୁ ମନୋନୀତ କରୁଥିବ । ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରିବା ବଢ଼ି ଚାଲିଥିବ ।

ବେଳେ ବେଳେ ମଧ୍ୟ ଆମେ ଆମର ମାନବିକ କାରଣଗୁଡ଼ିକୁ ଆମର ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ପ୍ରୟୋଗ କରିଥାଉ, ଯାହାକି ଆମର ସିଦ୍ଧ ବିଶ୍ୱାସ ପାଇଁ ବହୁତ ସଂଖ୍ୟାରେ ବ୍ୟବହୃତ ହୋଇ ତାର ପ୍ରତିବଦଳ ପାଇଁ ଉଦ୍‌ଯୋଗୀ ହୋଇ ପାରିଥା'ନ୍ତା । ସେହି ସମୟରେ ଆମର ମାନବିକ ସ୍ୱାଧୀନତାର ଉତ୍ସାହ ବା ଉନ୍ମାଦନା ଆମ ଜୀବନରେ ବିଶ୍ୱାସର ସ୍ଥାନ ନେବା ପାଇଁ ଚେଷ୍ଟା କରିବ । ଏପରିକି ପ୍ରଭୁଙ୍କ ପାଇଁ ସ୍ୱାର୍ଥତ୍ୟାଗର ସେବା କାର୍ଯ୍ୟକୁ ମଧ୍ୟ ବଦଳାଇବାରେ ଚେଷ୍ଟା କରିବ ।

ଯେ ପର୍ଯ୍ୟନ୍ତ ଜୀବନ୍ତ ବିଶ୍ୱାସ ଆବଶ୍ୟକ ଅନୁସାରେ ଖ୍ରୀଷ୍ଟିୟାନମାନଙ୍କର ଆନୁଗତ୍ୟ ବା ପ୍ରଭୁଭକ୍ତି ଦ୍ୱାରା ଏକ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶିତ ହୋଇ ନ ଥାଏ । ଏକ ପ୍ରଚାରକଙ୍କୁ ତାର ସମର୍ପଣ ଦ୍ୱାରା କିମ୍ବା ଏପରି କି ତାର ଉତ୍ସର୍ଗୀକୃତ ଜୀବନ ଦ୍ୱାରା ଲାଭ କରିଥିବା । ବାଇବଲର ସମସ୍ତ ଜ୍ଞାନ ଆହରଣ ଦ୍ୱାରା, ତାହା ହୋଇ ନ ଥାଏ । ଯଦିବା ଏପ୍ରକାର ଉତ୍ସର୍ଗୀକରଣ ବେଳେ ବେଳେ ସିଦ୍ଧ ବିଶ୍ୱାସକୁ ପ୍ରତିଫଳିତ କରିଥାଏ । ସେଗୁଡ଼ିକ ମଧ୍ୟ ଆମ ଜୀବନରେ ବ୍ୟବହୃତ ହୋଇପାରିବେ । ଉଦ୍ଦେଶ୍ୟମୂଳକ ଭାବେ ହେଉ ବା ଉଦ୍ଦେଶ୍ୟମୂଳକ ହୋଇ ନ ଥାଉ (ଜାଣିଶୁଣି ହେଉ ବା ନ ଜାଣିଶୁଣି ହୋଇଥାଉ ଯେପରି ଏକ ସାଂଘାତିକ ଆତ୍ମଚାଳନା ''ଶକ୍ତିଶାଳୀ'' ଏବଂ ''ବ୍ୟକ୍ତିଗତ'' ବିଶ୍ୱାସ ପାଇଁ ପ୍ରତିବଦଳ ହୋଇଥାଏ ବା ତାର ସ୍ଥାନ ନେଇଥାଏ ।

ଯଥାର୍ଥ ବିଶ୍ୱାସ ବା ପ୍ରକୃତ ବିଶ୍ୱାସ ସିଧା ସଳଖ ଭାବେ ପୁନରୁତ୍ଥିତ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଉପରେ ଆଶାନ୍ୱୀତ ନିର୍ଭରଶୀଳତା ସହ ସଂଯୁକ୍ତ ହୋଇଥାଏ । ଦୁର୍ଭାଗ୍ୟ ବଶତଃ, ଅନେକ ଖ୍ରୀଷ୍ଟିୟାନ ଭାବନ୍ତି ସେମାନେ ତାଙ୍କର ଦକ୍ଷତାଗୁଡ଼ିକୁ ବ୍ୟବହାର କରି କିମ୍ବା ତାଙ୍କର ପ୍ରଭାବିତ କରିପାରୁଥିବା ବ୍ୟକ୍ତିତ୍ୱକୁ ବ୍ୟବହାର କରି ଜୀବନରେ ସଫଳତା ହାସଲ କରିପାରିବେ । ମାତ୍ର ବାଇବଲ ଆମକୁ ସ୍ପଷ୍ଟ ଭାବରେ କହେ



ଯେ, ପୁର୍ନଜନ୍ମ ପାଇଥିବା ବିଶ୍ୱାସୀ ଭାବରେ, ସଫଳତା ପାଇବାକୁ ଆମର ଜୀବନଗୁଡ଼ିକ ପବିତ୍ରଆତ୍ମାଙ୍କ ଦ୍ୱାରା ନିୟନ୍ତ୍ରିତ ହେବା ଉଚିତ । ଯଦି ଆମେ ବିଶ୍ୱାସରେ ଈଶ୍ୱରଙ୍କଠାରେ ନିର୍ଭର କରିବା ଅଭ୍ୟାସ ନ କରୁ । ଶାସ୍ତ୍ର ଘୋଷଣା କରେ ଯେ, ଆମର ସମସ୍ତ କାର୍ଯ୍ୟ ଯାହା ଆମେ ମୂର୍ଖତାର ସହିତ ତାଙ୍କର ସମର୍ଥିତ ଶକ୍ତି ବଦଳରେ କରିଥାଉ । ତାହା ଦ୍ୱାରା ଶେଷରେ ସମସ୍ତ ବିଷୟ ଜୀବନରେ ହରାଇଥାଉ । ଖ୍ରୀଷ୍ଟିୟାନ ଭାବରେ ଆମର ସଫଳତା, ଆମେ ନିଜେ କରୁଥିବା କାର୍ଯ୍ୟରେ ଆମେ କେତେ ଆଗ୍ରହୀ ତା ଦ୍ୱାରା ସ୍ଥିରୀକୃତ ହୋଇ ନ ଥାଏ ମାତ୍ର କେଉଁପରି ଭାବରେ କିମ୍ବା ପ୍ରକୃତ ବିଶ୍ୱାସ ଦ୍ୱାରା ଓ ମାତ୍ର ଆମର ସମସ୍ତ କାର୍ଯ୍ୟକଳାପକୁ ପ୍ରବର୍ତ୍ତାଇ ପାରୁଥିବା ଆଧାର ଉପରେ ନିର୍ଭର କରିଥାଏ ।

ତୁମ ଜୀବନରେ କୌଣସି ବିଷୟ ଈଶ୍ୱରଙ୍କ ପ୍ରେମ ବିନା ତୁମକୁ ନିରାପତ୍ତାର ବୋଧ ଦେଇଥାଉ କିମ୍ବା ତୁମର ଅର୍ଥ ତୁମ ପାଇଁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥାଏ କିମ୍ବା ତୁମର ଶିକ୍ଷା କିମ୍ବା ତୁମର ବନ୍ଧୁମାନେ କିମ୍ବା ତୁମର ଶକ୍ତି, କିମ୍ବା ତୁମର ଚାକିରୀ, କିମ୍ବା ତୁମର ଶାରିରୀକ ଗଠନ ଏକ ସୂଚନା ଯାହା ତୁମକୁ ବିଶ୍ୱାସରେ ବାସ କରିବାକୁ ଦିଏ ନାହିଁ । ତୁମର ଏକମାତ୍ର ବାସ୍ତବ ନିରାପତ୍ତା ଏବଂ ଜୀବନରେ ତାତ୍ପର୍ଯ୍ୟତା ଈଶ୍ୱରଙ୍କଠାରେ ଏବଂ ତୁମର ନିଷ୍ପ୍ରଭତାରେ ଦେଖାଯିବା ଉଚିତ । ଯଦି ତୁମେ ତୁମର ଜାଗତିକ ତୀର୍ଥଯାତ୍ରା କାଳରେ ଏ ପ୍ରକାର ବିଶ୍ୱାସ ଦ୍ୱାରା ବାସ କରିବ ନାହିଁ ତେବେ ତୁମେ ତୁମ ଜୀବନରେ ଲଗାତାର ଆନନ୍ଦ ହେବାରେ ଓ ଈଶ୍ୱରଙ୍କର ଉପସ୍ଥିତିରୁ ବଞ୍ଚିତ ହୋଇଯିବ ଏବଂ ତାଙ୍କର ପ୍ରେମର ସେବା କାର୍ଯ୍ୟ ତୁମ ମଧ୍ୟ ଦେଇ ହୋଇ ପାରିବ ନାହିଁ । ''*ଆଉ ଯାହା କିଛି ବିଶ୍ୱାସରୁ ହୁଏ ନାହିଁ, ତାହା ପାପ*'' (ରୋମୀୟ ୧୪:୨୩) ।

ବାସ୍ତବରେ G. Keith ତାଙ୍କର ଈଶ୍ୱରଙ୍କ ବାକ୍ୟର ଭୋଜନର ପ୍ରାଧାନ୍ୟର ବୁଝିବା ବିଷୟକୁ ପ୍ରକାଶ କରିଥିଲେ ଯାହା ବିଶ୍ୱାସକୁ ଉଦ୍ଦୀପିତ କରିଥାଏ, ଯେତେବେଳେ ସେ ଲେଖିଥିଲେ -

କେତେ ଦୃଢ଼ ଗୋଟିଏ ମୂଳଦୂଆ
ଖ୍ରୀଷ୍ଟଙ୍କର ସାଧୁମାନଙ୍କର,
ତୁମର ବିଶ୍ୱାସକୁ କଢ଼ାଇ ନିଏ କି ?
ତାଙ୍କ ଚମତ୍କାର ବାକ୍ୟ ମଧ୍ୟକୁ ।

ଈଶ୍ୱରଙ୍କର ସ୍ୱର ଆମ ହୃଦୟଗୁଡ଼ିକରେ ଓ ଜୀବନଗୁଡ଼ିକରେ ଜାଣିବା ବ୍ୟତୀତ ଆତ୍ମିକ ବୃଦ୍ଧିର ମୂଳଦୁଆ ପାଇଁ ଆଉ କିଛି ହୋଇ ନ ପାରେ ଏବଂ ଯେ ପର୍ଯ୍ୟନ୍ତ ଆମେ ପରିତ୍ରାଣ କର୍ତ୍ତାଙ୍କ ସହିତ ଏକାକୀ ସମୟ କଟାଇବା ପାଇଁ, ତାଙ୍କ ସହିତ ଏକତ୍ରୀତ ହେବା ପାଇଁ ନିବିଡ଼ ଯୋଗାଯୋଗ ଓ ସହଭାଗିତା ପାଇଁ ତାର ସ୍ୱର୍ଗୀୟ ଯୋଜନାଗୁଡ଼ିକର ଅନୁସରଣ ନ କରିଛୁ ବିଶ୍ୱାସର ମୂଳଦୁଆ ପାଇଁ ତାହା ଗାନ୍ଥିଣୀ ମସଲା ହୋଇ ପାରିବ ନାହିଁ ।

**ବିଶ୍ୱାସ ହେଉଛି କାର୍ଯ୍ୟକାରୀ ଶକ୍ତି ଯାହା ଈଶ୍ୱରଙ୍କ ସହିତ ଜୀବନ୍ତ ସହଭାଗିତା ସ୍ଥାପନ କରେ**

ମୁଁ ସ୍ମରଣ କରୁଛି ଅନେକ ବର୍ଷ ଆଗରୁ ଯୁକ୍ତ ରାଜ୍ୟର ଶହେ ଜଣ ପାଳକମାନଙ୍କ ମଧ୍ୟରେ ‘‘ଉଦ୍ଦୀପନା’’ ପ୍ରସଙ୍ଗ ଉପରେ କହୁଥିଲି । ଈଶ୍ୱର ତାଙ୍କର ମହାନ ଶକ୍ତି ଓ ହୃଦୟ ଅନ୍ୱେଷଣକାରୀ ଶକ୍ତି ସହିତ ଆମ ମଧ୍ୟରେ କାର୍ଯ୍ୟ କରିଥିଲେ । ସାଧାରଣ ପ୍ରାର୍ଥନାର ସମୟ ମଧ୍ୟକୁ ଆଗେଇ ନେଉଥିବା ସମୟରେ ଜଣେ ପାଳକ ତାଙ୍କ ପାଖରେ ଠିଆ ହୋଇଥିଲେ ଏବଂ ଏକ ଆନ୍ଦୋଳିତ ଭଗ୍ନ ହୃଦୟରେ ଏବଂ ଲୋତକପୂର୍ଣ୍ଣ ଆଖିରେ ଏହିପରି ପ୍ରାର୍ଥନା କରିଥିଲେ, - ‘‘ହେ ଈଶ୍ୱର, ମୁଁ ସ୍ୱୀକାର କରେ ଯେ ଏମିତି ବେଳେବେଳେ ଯେତେବେଳେ ମୁଁ ଏହି ଭାଇମାନଙ୍କ ସମ୍ମୁଖରେ ପ୍ରାର୍ଥନାରେ ଆଗେଇ ଥିବା ସମୟରେ, ମୁଁ ସେମାନଙ୍କଠାରେ ଅଧିକ ସଚେତନ ହୋଇ ପଡୁଥିଲି ଏବଂ ତୁମର ପବିତ୍ର ଉପସ୍ଥିତିରେ ପ୍ରାର୍ଥନା ନ କରି ଅଧିକ ପାରମାର୍ଥିକ ଶବ୍ଦ ବ୍ୟବହାର କରି ପ୍ରାର୍ଥନା କରୁଥିଲି ।



ଆମର ହୃଦୟଗୁଡ଼ିକ ଏତେ ପ୍ରତାରଣା ପୂର୍ଣ୍ଣ ଯେ, ଏପରିକି ଆମେ ପ୍ରାର୍ଥନା କରୁଥିବା ସମୟରେ ମଧ୍ୟ ଏପରି ହୋଇଥାଏ । କାରଣ ଆମେ ନିଷ୍ଠାର ସହିତ ଆମର ସ୍ୱର୍ଗୀୟ ପିତାଙ୍କ ସମ୍ମୁଖରେ ନିଜ ହୃଦୟଗୁଡ଼ିକୁ ଖୋଲି ପ୍ରାର୍ଥନା କରିବାକୁ ଉଦ୍ୟମ କରିବା ପରିବର୍ତ୍ତେ ଆମେ ନିଜର ବାକ୍ୟକୁ ପଛପଟେ ଲୁଚାଇ ଦେଇଥାଉ । ଏକ ପ୍ରାର୍ଥନାକୁ ଆବୃତ୍ତି କରିବା କିମ୍ବା ଆମର ପ୍ରାର୍ଥନାଗୁଡ଼ିକୁ କହିବାକୁ ଆବଶ୍ୟକ ଅନୁସାରେ ଏହା ପ୍ରାର୍ଥନା ବୋଲି ବୁଝାଏ ନାହିଁ ଯେ ଆମେ ପ୍ରାର୍ଥନା କରୁଛୁ । କିନ୍ତୁ ଯେତେବେଳେ ଆମ ହୃଦୟଗୁଡ଼ିକ ଖୋଲାଖୋଲି ଭାବେ ତାଙ୍କ ସହିତ ସ୍ୱର ମିଳାଇଥାଏ, ତାଙ୍କର ଅନନ୍ତକାଳୀନ ଜ୍ୟୋତିଃରେ ଆଲୋକିତ ହୋଇଥାଉ ଏବଂ ପବିତ୍ରତାରେ ଆମର ପ୍ରଭୁଙ୍କ ସହଭାଗିତାର ସାନ୍ନିଧ୍ୟରୁ ସମୟରୁ ସ୍ୱର୍ଗୀୟ ଆନନ୍ଦ ଗ୍ରହଣ କରିଥାଉ ସେତେବେଳେ ତାହା ଏକ ପ୍ରକୃତ ପ୍ରାର୍ଥନା ହୋଇଥାଏ ।

ଏକ ଭ୍ରାନ୍ତଧାରଣାର ବଶବର୍ତ୍ତୀ ହୋଇ ଆମେ ଭାବୁ ଯେ, ଏକ ପାପୀ ମନୁଷ୍ୟ ଯେ କୌଣସି ଉପାୟରେ ମଧ୍ୟ ପବିତ୍ର ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବ, ମାତ୍ର ବାଇବଲ ଆମକୁ କୁହେ ଯେ, ଈଶ୍ୱରମାନବ ଜାତିକୁ ଏହି ଉଦ୍ଦେଶ୍ୟ ପାଇଁ ସୃଷ୍ଟି କଲେ ଯେ, ଯେପରି ସେ ‘‘ତାଙ୍କୁ’’ ଗୌରବ ଆଣି ଦେବ । ଏହା ଆମକୁ ଭଲ ଲାଗୁବା ନ ଲାଗୁ, ଆମେ ପ୍ରତ୍ୟେକେ ଏକ ପବିତ୍ର ଈଶ୍ୱରଙ୍କ ଗୌରବ ପାଇଁ ଆମେ ଅଛୁ । ‘‘*ପ୍ରଭୁଙ୍କୁ ସର୍ବ ପ୍ରକାରେ ସନ୍ତୁଷ୍ଟ କରିବା ନିମନ୍ତେ, ତାହାଙ୍କ ଯୋଗ୍ୟ ଆଚରଣ କର । ଅର୍ଥାତ୍ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବଢ଼ି ସମୟ ସତ୍ କର୍ମର ଫଳରେ ଫଳବାନ ହୁଅ*’’ (କଲସୀୟ ୧:୧୦) ।

ଏହା ଥିଲା ପ୍ରେରିତ ପାଉଲଙ୍କର କଲସୀୟ ମଣ୍ଡଳୀର ବିଶ୍ୱାସୀ ଓ ବିଶ୍ୱାସିନୀମାନଙ୍କ ପାଇଁ ଆନ୍ତରିକ ଇଚ୍ଛା । ବିଶପ୍ ହେଣ୍ଡଲୀ ମୋଉଲ୍ ‘‘ସମ୍ପୂର୍ଣ୍ଣ ଆନନ୍ଦିତ’’ ବାକ୍ୟାଂଶଟିକୁ ଅନୁବାଦ କରନ୍ତି । ଯେପରି ‘‘**ତାଙ୍କର ଇଚ୍ଛାରୁ ପ୍ରତ୍ୟାଶାକୁ**’’ । ସମ୍ଭବତଃ ଏହା ହେଉଛି ତାହା ଯାହା ଆମେ ବୁଝୁ । ଆମେ ଯେତେବେଳେ ପ୍ରକାଶ କରିବା ଶବ୍ଦ ବ୍ୟବହାର କରୁ ‘‘**ଦୟାକରି ତୁମେ ନିଜେ**’’ ସମ୍ପୂର୍ଣ୍ଣ ଆନନ୍ଦିତ ଅର୍ଥ ‘‘**ତୁମର ଇଚ୍ଛା**’’ ପୂର୍ବରୁ ‘‘**ଅନ୍ୟର ଇଚ୍ଛାକୁ**’’ ଅଗ୍ରାଧିକାର ଦେବ ।

ଆମର ପ୍ରଭୁଙ୍କର ଆନନ୍ଦକୁ ଅନ୍ୱେଷଣ କରିବା ପରିବର୍ତ୍ତେ ଆମେ ନିଜକୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରିଥାଉ । ଏହାର ଅର୍ଥ ଏହା ବୁଝାଏ ଯେ ଆମର ଗୋଡର ଆଙ୍ଗୁଠିଗୁଡ଼ିକୁ ପ୍ରତ୍ୟେକ ପଥରରେ ବଜାଉ ଥାଉ, ଆମର ମୁଣ୍ଡକୁ ପ୍ରତ୍ୟେକ କାନ୍ଥରେ ବାଡେଇ ଥାଉ ଏବଂ ଆମ ଜୀବନ ଯାତ୍ରାର ପଥରେ ପ୍ରତ୍ୟେକ ବାଧାକୁ ଆମନ୍ତ୍ରଣ କରିଥାଉ । କିନ୍ତୁ ପ୍ରତ୍ୟେକ ବିଶ୍ୱାସୀମାନଙ୍କର ହୃଦୟରେ ଆନନ୍ଦ ଅଛି କି ?  ଈଶ୍ୱର ତାଙ୍କ ନିଜ ହୃଦୟ ମଧ୍ୟରେ, ଯେତେବେଳେ ଈଶ୍ୱରଙ୍କର ସନ୍ତାନ ତାର ସୃଷ୍ଟିକର୍ତ୍ତାଙ୍କ ସହିତ ତାଙ୍କର ସ୍ୱଚ୍ଛ ପବିତ୍ର ଆଲୋକର ଓ ତାଙ୍କ ଗୌରବ ଓ ପ୍ରେମ ସହିତ ଯୋଗାଯୋଗ କରିଥାଏ ।

ବାଇବଲ ପୂର୍ଣ୍ଣ ସାହାଯ୍ୟକାରୀ ରୂପେ ପ୍ରକାଶ କରେ ଯେ, ବିଶ୍ୱାସ ଓ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ମଧ୍ୟରେ ଏକ ନିଶ୍ଚିତ ସଂଯୋଗ ରହିଛି । ଏକ ନାକାରାତ୍ମକ ବ୍ୟାକରଣ ଗତ ଗଠନ ଭିତରେ, ଯେଉଁଥିରେ ଏହି ନିମ୍ନଲିଖିତ ପଦଟି ଲେଖାଯାଇଛି, ଏହା ‘‘**ବିଶ୍ୱାସ**’’ ଓ ‘‘**ଈଶ୍ୱରଙ୍କୁ ସନ୍ତୁଷ୍ଟ**’’ କରିବା ମଧ୍ୟରେ ସମ୍ପର୍କ ସ୍ଥାପନ କରେ ଏହା ଉପରେ ଅଧିକ ଜୋର ଦିଆଯାଇଛି । ‘‘*ମାତ୍ର ବିଶ୍ୱାସ ବିନା ତାଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ ।*’’ ତାପରେ ଏହି ସମାନ ପଦ ଏକ ଅସ୍ତିବାଚକ ଭକ୍ତିରେ ପ୍ରତ୍ୟେକ ବିଶ୍ୱାସୀମାନଙ୍କୁ ‘‘ଅଧିକ ଉତ୍ସାହ’’ ଆଣିଦେଇଥାଏ । ଏହା ଆମକୁ କହେ ଯେ, ଈଶ୍ୱରଙ୍କ ସହିତ ସହଭାଗିତାର ଫଳ ମଧ୍ୟ ‘‘**ଈଶ୍ୱରଙ୍କଠାରୁ ପୁରସ୍କାର**’’ ହୋଇଥାଏ ।

*ଆଉ ବିଶ୍ୱାସ ବିନା, ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ । କାରଣ ଈଶ୍ୱର ଯେ ଅଛନ୍ତି । ଆଉ ସେ ଯେ ତାହାଙ୍କର ଅନ୍ୱେଷଣକାରୀମାନଙ୍କ ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ* (ଏବ୍ରୀ ୧୧:୬) । ଆତ୍ମିକ ପୁରସ୍କାରଗୁଡ଼ିକ ଯାହା ଈଶ୍ୱର ଅନୁଗ୍ରହରେ ଆମକୁ ପ୍ରଦାନ କରିଥାନ୍ତି ଯେଉଁ ବ୍ୟକ୍ତି ତାର ପରିତ୍ରାଣକର୍ତ୍ତା ଓ ପ୍ରଭୁଙ୍କ ସହିତ ନିବିଡ଼ ସହଭାଗିତାରେ ବାସ କରେ । ସେ ସମସ୍ତ ଅବର୍ଣ୍ଣନୀୟ ଭାବରେ ପ୍ରକାଶ କରିଥାଏ । ଈଶ୍ୱରଙ୍କ ସହିତ ଜୀବନ୍ତ ସହଭାଗିତାରେ ବାସ କରିବାର ଚାବିକାଠି ଯାହା ତାଙ୍କୁ (ଈଶ୍ୱରଙ୍କୁ) ଆନନ୍ଦ ଆଣିଦେବ ଏବଂ ତାଙ୍କର ସନ୍ତାନମାନଙ୍କୁ  ଖୁସିଆଣି ଦେଇଥାଏ । ତାହା ହେଉଛି ‘‘**ବିଶ୍ୱାସ**’’ ।



***ବିଶ୍ୱାସ*** **ହେଉଛି ଏକ ଯାନ, ଯାହା ମଧ୍ୟଦେଇ ପବିତ୍ର ଆତ୍ମା, ‘ପୁନରୁତ୍ଥିତ’ ପ୍ରଭୁଙ୍କର ବିଜୟ ତାଙ୍କ ‘ସନ୍ତାନ’ ପାଖକୁ ପହଞ୍ଚାଇ ଥାନ୍ତି ।**

ଯେମିତି ଆମେ ଲକ୍ଷ୍ୟ କରିଛୁ । ଏହା ପୂରାପୂରି ସମ୍ଭବ, ଦୁଃଖର ସହ କହେ ଯେ, ଈଶ୍ୱରଙ୍କର ପ୍ରତିଜ୍ଞାଗୁଡ଼ିକର ସମ୍ମୁଖୀନ ହେବା ଆମ ପାଇଁ ଏ ପ୍ରକାର ହୋଇପାରେ । ଜଣେ ପ୍ରଚାରକଙ୍କର ମଧ୍ୟ ଦେଇ ଶୁଣିବା କିମ୍ବା ଈଶ୍ୱରଙ୍କ ବାକ୍ୟ ପଢ଼ିବା ଦ୍ୱାରା ଏବଂ ଏହି ପ୍ରକାର କରିବା ଦ୍ୱାରା ଏହା ନିଶ୍ଚିତ ଯେ, କୌଣସି ଆତ୍ମିକ ଲାଭ ହୋଇ ନ ଥାଏ । ଯେପରି ଏବ୍ରୀ ପୁସ୍ତକରେ ଲେଖାଯାଏ - ‘‘*କିନ୍ତୁ, ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶ୍ରୁତବାକ୍ୟ ନିଜସ୍ୱ ନ କରିବାରୁ, ତାହା ସେମାନଙ୍କ ପକ୍ଷରେ ଲାଭ ଜନକ ହେଲା ନାହିଁ*’ (ଏବ୍ରୀ ୪:୨) ।

ଯେପରି କେବଳ ଈଶ୍ୱରଙ୍କ ବାକ୍ୟ ତଳକୁ ଗତି କରିଥାଏ ମସ୍ତକରୁ ହୃଦୟ ଭିତରକୁ ପ୍ରବେଶ କରିଥାଏ । ବିଶ୍ୱାସ ରୂପ ଚାମତ ଦ୍ୱାରା ତାକୁ ମିଶ୍ରିତ କରିବା ପରି ଈଶ୍ୱରଙ୍କ ବାକ୍ୟ ପାଠ କରିବା ଦ୍ୱାରା ଆମ ପାଇଁ ତାହା ଲାଭଦାୟକ ହୋଇଥାଏ । ସେହି ଦୃଷ୍ଟିକୋଣରୁ ଯାହା ପବିତ୍ରଆତ୍ମା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ସାମର୍ଥପୂର୍ଣ୍ଣ ଅନୁଗ୍ରହ ଆମ ଜୀବନଗୁଡ଼ିକରେ ପ୍ରୟୋଗ କରିଥା’ନ୍ତି । ସେଥିପାଇଁ ଆମେ ପ୍ରଭୁଙ୍କର ସେବା କରିବା ଦ୍ୱାରା ପ୍ରତ୍ୟେକ ସୁଯୋଗକୁ ଧରି ରଖିବା ପାଇଁ ସମର୍ଥ ହୋଇ ପାରିବୁ ଏବଂ ଏହି ହେତୁ ଆମେ ‘‘**ତାଙ୍କର**’’ ସାମର୍ଥ୍ୟପୂର୍ଣ୍ଣ ଶକ୍ତିରେ ଜୀବନର ପ୍ରତ୍ୟେକ ସମସ୍ୟାର ସମ୍ମୁଖୀନ ହୋଇ ପାରିବା ।

ଗୋଟିଏ ବିଷୟ ନିଶ୍ଚିତ ଯେ, ସମସ୍ତ ପ୍ରକୃତ ବିଶ୍ୱାସୀ ଅତ୍ୟଧିକ ଯନ୍ତ୍ରଣା ଏବଂ ପ୍ରଲୋଭନର ଦିନଗୁଡ଼ିକରେ ଅଧିକ ଅନୁଭୂତି ଲାଭ କରିପାରିବେ ? ଶୟତାନ ମଧ୍ୟ ନିଜେ ଲଗାତାର ‘ଜଗତକୁ’ ଏବଂ ତା’ମଧ୍ୟରେ ଥିବା ପ୍ରଲୋଭନକାରୀ ବିଷୟଗୁଡ଼ିକ ଦ୍ୱାରା ଆମକୁ ଆମର ପ୍ରଭୁଙ୍କ ସହିତ ଦିନ ପ୍ରତିଦିନର ସହଭାଗିତାରୁ ଦୂରେଇ ରଖିଥାଏ । ଈଶ୍ୱରଙ୍କର ସନ୍ତାନ ଯେ କି ତା’ର ‘‘ଉଦ୍ଧାରକର୍ତ୍ତା’’ ଓ ପ୍ରଭୁଙ୍କ ସହିତ  ଉତ୍ତମ ସହଭାଗିତା ମଧ୍ୟରେ ରହିବା ବିଷୟ ଶୟତାନପାଇଁ ଏହାଠାରୁ ବଳି ଅଧିକ ‘ଜଘନ୍ୟ’ ବିଷୟ ବା ‘ମୁଣ୍ଡବ୍ୟଥାର’ କାରଣ ନ ଥାଏ । ସେଥିପାଇଁ, ଏହା

ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ, ଶୟତାନ ଯେତେ ଦୂରକୁ ମଧ୍ୟ ଯାଇ ପାରିବ ସେତେ ଦୂର ପର୍ଯ୍ୟନ୍ତ ପୁନର୍ଜୀବିତ ଖ୍ରୀଷ୍ଟିଆନମାନଙ୍କୁ ସେମାନଙ୍କର ସୃଷ୍ଟିକର୍ତ୍ତାଙ୍କଠାରୁ ଦୂରେଇ ନେଇଥାଏ । ଯେପରି ସେମାନେ ତାଙ୍କର 'ଏକତ୍ରମୟ'ର ଅନୁଭୂତିରୁ ସେମାନଙ୍କର ବିଶ୍ୱାସକୁ ଗଠନ କରିପାରିବେ ନାହିଁ ।

ଆତ୍ମାରେ ସରଳ ବା ନିଷ୍କପଟ ବ୍ୟକ୍ତିମାନଙ୍କ ପାଇଁ, ଏହି ବସ୍ତୁବାଦୀଜଗତ କେବଳ ଜୀବନର ବାସ୍ତବତା ହୋଇପାରିବ । କିନ୍ତୁ ଏହା କେବଳ ବାସ୍ତବର ବା 'ସତ୍ୟର' ବିପରୀତ ହୋଇଥାଏ । ଏହା ସତ୍ୟ ଯେ, ଆତ୍ମିକ ଜଗତ ଯେ କି ଶେଷରେ 'ସତ୍ୟତା' ବା 'ଯଥାର୍ଥତାକୁ' ଆଲିଙ୍ଗନ କରିଥାଏ ବା ଆଦରି ନେଇଥାଏ । *''କାରଣ ଶାରିରୀକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ ସଂସାରରେ ଥିବା ଏ ସମସ୍ତ ବିଷୟ ପିତାଙ୍କଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ''* (୧ମ ଯୋହନ ୨:୧୬) । କାରଣ ଲୋକମାନେ ଏତେ ସହଜରେ ପ୍ରତାରିତ ହୋଇ ଯାଆନ୍ତି ଯେ, ଖ୍ରୀଷ୍ଟିୟାନମାନଙ୍କୁ ତାର ପ୍ରତାରଣାପୂର୍ଣ୍ଣ ଜଗତକୁ ପ୍ରଲୋଭିତ କରି ଆଣିବା ପାଇଁ ଶୟତାନକୁ ଅଳ୍ପ ପରିଶ୍ରମ ବା ଅଳ୍ପ କଷ୍ଟ କରିବାକୁ ପଡ଼ିଥାଏ ।

ବାଇବଲ ଆମକୁ କହେ ଯେ, ଆମେ ଆମର ଅଭିଳାଷଗୁଡ଼ିକ ଦ୍ୱାରା ପ୍ରଲୋଭିତ ହୋଇଥାଉ । (ଏହା ହେଉଛି ଦାୟିତ୍ୱ ବିନା ଆନନ୍ଦ ଉପଭୋଗ) ଚକ୍ଷୁର ଅଭିଳାଷ (ଏହା ହେଉଛି ଦାୟିତ୍ୱ ବିନା ଆସିଥିବା ଅବସ୍ଥାଗୁଡ଼ିକ) ଏବଂ ଲୌକିକ ଗର୍ବ (ଏହା ହେଉଛି, ଦାୟିତ୍ୱବିହୀନ ଶକ୍ତି) ଶୟତାନ ସେହି ସମସ୍ତ କୌଶଳ ଯାହା ଦ୍ୱାରା ସେ ଆମ କରିଥିବା ଯୋଜନା ଗୁଡ଼ିକରେ କିପରି ବାଧା ସୃଷ୍ଟି କରିଥାଏ । ଆମେ ଈଶ୍ୱରଙ୍କ ସହିତ 'ଏକତ୍ର ସମୟ' ଯେପରି କରିପାରିବୁ ନାହିଁ, ଶୟତାନ ସେଥିପାଇଁ ଯାହା କିଛି ବି କରିପାରେ, ସେହି ଦୁଷ୍ଟ ଜାଣେ ଯେ, ଯେତେବେଳେ ଆମେ ଈଶ୍ୱରଙ୍କ ସହିତ ଏପ୍ରକାର ନିବିଡ଼ ସଂପର୍କ ରଖିବା ଦ୍ୱାରା ଆମେ ଆତ୍ମିକ ଭାବରେ ବୃଦ୍ଧି ପାଇବୁ ଏବଂ ଏହା ଦ୍ୱାରା ଆମ ସ୍ୱର୍ଗୀୟ ପିତାଙ୍କର ଆନନ୍ଦ ବୃଦ୍ଧି ପାଇବ ।

*ମାଂସର ଅଭିଳାଷ*

ଆଜିର ଏହି କୋଳାହଳପୂର୍ଣ୍ଣ ଅନୈତିକ ଜଗତ ମଧ୍ୟ ଦେଇ ଯାହାକି ପୂର୍ଣ୍ଣମାତ୍ରାରେ ଯୌନ ସମ୍ବନ୍ଧୀୟ କାର୍ଯ୍ୟକଳାପ ଦ୍ୱାରା ଦୂଷିତ ହୋଇଛି । ଯାହା



ଶୟତାନ ସେହି ମାଂସିକ ଅଭିଳାଷପୂର୍ଣ୍ଣ କ୍ଷୁଧା ଲୋକମାନଙ୍କ ଶରୀରରେ ବା ଇନ୍ଦ୍ରିୟଗୁଡ଼ିକରେ ସୃଷ୍ଟି କରୁଛି । ଆମର ଶତ୍ରୁ ସେହି ପ୍ରକାର ଲୋକମାନଙ୍କୁ ଖୋଜି ସେମାନଙ୍କ ଜୀବନଗୁଡ଼ିକର ସେହି ମାଂସିକ ଅଭିଳାଷକୁ ପ୍ରବେଶ କରାଇ ଦେଉଛି ।

*ଚକ୍ଷୁର ଅଭିଳାଷ*

ଯଦି ଆମେ ଏହି ବ୍ୟବସାୟିକ ଖସଡ଼ା ଜଗତ ପ୍ରତି ଆକର୍ଷିତ ହୋଇଛୁ ଏବଂ ଯଦି ଆମେ ଅନ୍ୟମାନେ ଲାଭ କରିଥିବା ଜିନିଷକୁ ଦେଖି ଈର୍ଷାନ୍ୱିତ ହୋଇଛୁ ତେବେ ଶୟତାନ ଆମ ଉପରେ ତାର ଅମାନୁଷିକ ବର୍ବର ପଦକ୍ଷେପ ନେବା ପାଇଁ ସକ୍ଷମ ହୋଇଥାଏ । ସେହି ମହାନ ପ୍ରତାରକ ଆମ କାନରେ କହିଥାଏ - *''ତୋର ଗୋଟିଏ ନୂଆ ଘଣ୍ଟା ଥାଆନ୍ତା, କିଛି ଏକର ଜମି ଥାଆନ୍ତା, କିମ୍ବା ଗୋଟିଏ ବଡ଼ ଘର ଥାଆନ୍ତା ତେବେ ତୁ ଖୁସୀ ହୋଇଥା'ନ୍ତୁ''* । କିନ୍ତୁ, ଲେଖାଅଛି, *'ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ'* (ମାଥିଉ ୪:୪) । ଆମେ ଖୁବ୍ ଶୀଘ୍ର ଜାଣି ପାରିବା, ଯେତେବେଳେ ଆମର ନିଜର ଜାଗତିକ ଇଚ୍ଛାଗୁଡ଼ିକ ପୂରଣ କରିବା ପାଇଁ ଆମର ସେହି ନୂତନ ଇଚ୍ଛାଗୁଡ଼ିକ ଆମକୁ ସ୍ଥାୟୀ ସନ୍ତୋଷ ଦେଇ ପାରିବ ନାହିଁ ।

*ଲୌକିକ ଗର୍ବ*

ଶୟତାନର ଧ୍ୱଂସ ସାଧନ କରୁଥିବା ଅହଂତ୍ୱର ଦ୍ୱାରଗୁଡ଼ିକ ଆମର ଔଦ୍ଧତ୍ୟ ପଣିଆ, ଅହଂତ୍ୱ ଓ ଆତ୍ମପ୍ରାଚୁର୍ଯ୍ୟତାର ଭ୍ରାନ୍ତ ଧାରଣାଗୁଡ଼ିକ ଦ୍ୱାରା ତାହା ପୁରା ମେଲା ହୋଇଥାଏ, ଯାହା ମଧ୍ୟଦେଇ ଶୟତାନ ଆମ ମଧ୍ୟରେ ପ୍ରବେଶ କରିଥାଏ । ଯେ କୌଣସି ପ୍ରକାର 'ଗର୍ବକୁ' ଈଶ୍ୱର ଘୃଣା କରନ୍ତି । ସର୍ବୋପରି ଆମର ସକ୍ଷମତା ଉପରେ ଆସ୍ଥା ରଖି ନିଜ ଭାଗ୍ୟକୁ ନିୟନ୍ତ୍ରଣ କରିବା ହେଉଛି ବିଶ୍ୱାସର ବିପରୀତ- 'ବିଶ୍ୱାସ' ପାଇଁ ପ୍ରଭୁଯୀଶୁଙ୍କ ଉପରେ ଆସ୍ଥା ରଖିବା ଉଚିତ୍ । ଯେପରି ଆମେ ଆଗରୁ ଲକ୍ଷ୍ୟ କରିଛୁ ଯେ, ଈଶ୍ୱର କହିଛନ୍ତି, ଜୀବନରେ ଗର୍ବ ପାଇଁ ଗୋଟିଏ ମାତ୍ର ଉତ୍ତର ହେଉଛି, ଯାହା ଯାକୁବଙ୍କ ପତ୍ରରେ ଲେଖା ଯାଇଛି, *'ପ୍ରଭୁଙ୍କ ଛାମୁରେ ଆପଣା ଆପଣାକୁ ନତ କର'* (ଯାକୁବ ୪:୧୦) । ନମ୍ର ଭାବରେ ସର୍ବଶକ୍ତିମାନଙ୍କ

ଉପରେ ନିର୍ଭର ରଖିବା ବିଷୟ ଜାଣିବା ହେଉଛି ଏକ ଉପାୟ ଯାହା ଦ୍ୱାରା ତୁମେ ଶୟତାନକୁ ତୁମ ମଧ୍ୟକୁ ପଶିବାକୁ ଦେବ ନାହିଁ । ଯେତେବେଳେ ତାର ରହସ୍ୟପୂର୍ଣ୍ଣ ଚିନ୍ତାଧାରାଗୁଡ଼ିକ ତୁମର ଆତ୍ମପ୍ରାଚୁର୍ଯ୍ୟତା ମଧ୍ୟରେ ପ୍ରବେଶ କରିବା ପାଇଁ ଚେଷ୍ଟା କରିବ, ତୁମେ ସେତେବେଳେ ପ୍ରତିରୋଧ କରି ପାରିବ ।

ଈଶ୍ୱର ସ୍ପଷ୍ଟଭାବରେ ଆମକୁ କହିଛନ୍ତି ଯେ, - *'ଯେ କେହି ଈଶ୍ୱରଙ୍କଠାରୁ ଜାତ, ସେ ଜଗତକୁ ଜୟ କରେ, ଆଉ ଯାହା ଜଗତକୁ ଜୟ କରିଅଛି, ତାହା ଆମ୍ଭମାନଙ୍କର ବିଶ୍ୱାସ'* (୧ମ ଯୋହନ ୫:୪) ।

କିନ୍ତୁ, ତୁମେ ବିଶ୍ୱାସ ଦ୍ୱାରା ବିଜୟ ମଧ୍ୟକୁ ସମ୍ପୂର୍ଣ୍ଣଭାବରେ ପ୍ରବେଶ କରିବା ପୂର୍ବରୁ (ଯେତେବେଳେ ଶୟତାନ ଜଗତ ମଧ୍ୟରେ ଥିବା ବିଷୟଗୁଡ଼ିକ ଦ୍ୱାରା ତୁମ ନିକଟବର୍ତ୍ତୀ ହୋଇଥାଏ) ତୁମେ ଏହି ବିଷୟ ଶିକ୍ଷାଲାଭ କରିବା ଅତି ଜରୁରୀ ଯାହା ପ୍ରଭୁଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଶିଖାଇଥିଲେ । ସେ ସେମାନଙ୍କୁ ସତର୍କ କରାଇ କହିଥିଲେ ଯେ, ତୁମର ସିଦ୍ଧ ବିଶ୍ୱାସ ପାଇଁ ଆହୁରି ବଡ଼ ବଡ଼ ବାଧା ରହିଛି । *ତୁମେ କିପରି ବିଶ୍ୱାସ କରିପାରିବ ?* ଯୀଶୁ ପଚାରିଥିଲେ - *ତୁମ୍ଭେମାନେତ ପରସ୍ପରଠାରୁ ଗୌରବ ଗ୍ରହଣ କରୁଅଛ । ପୁଣି ଏକ ମାତ୍ର ଈଶ୍ୱରଙ୍କଠାରୁ ଯେଉଁ ଗୌରବ ତାହା ପାଇବା ପାଇଁ ଚେଷ୍ଟା କରୁନାହିଁ* (ଯୋହନ ୫:୪୪) । ଏହି ସବୁ ବାକ୍ୟ ଗୁଡ଼ିକରେ ଯୀଶୁ ଗମ୍ଭୀର ଭାବରେ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ କରିଥିଲେ ଯେ, 'ବିଶ୍ୱାସ' କେବେ ମଧ୍ୟ ରହସ୍ୟପୂର୍ଣ୍ଣ ଆକାଂକ୍ଷା ସହିତ ଏକାଠି ଏକତ୍ର ରହିପାରିବ ନାହିଁ । କାରଣ ଶୟତାନ ସବୁବେଳେ ପ୍ରଶଂସା ଓ ଅନ୍ୟ ଲୋକମାନଙ୍କର ତୋଷାମଦ ଗ୍ରହଣ କରିବାକୁ ଆଶା କରିଥାଏ ।

ଯେତେବେଳେ ତୁମେ ତୁମର ପ୍ରତିଦିନର 'ଏକତ୍ର ସମୟ'କୁ ଉପଭୋଗ କରିବ । ତୁମର ବିଶ୍ୱାସ ବୃଦ୍ଧି ପାଇବ । ତା'ପରେ ତୁମେ ଯେତେବେଳେ ତୁମ ଜୀବନରେ ପରୀକ୍ଷାଗୁଡ଼ିକର ଓ ସୁଯୋଗଗୁଡ଼ିକର ସମ୍ମୁଖୀନ ହେବ । ତୁମେ କିପରି ଆନ୍ଦୋଳିତ ଓ ପରାଜିତ ବିଶ୍ୱାସର ଅଭ୍ୟାସ କରିବ ତାହା ଜାଣି ପାରିବ ।



## ଆତ୍ମିକ ଜୀବନର ସମୀକ୍ଷା

୧. ମୋର ଦୈନନ୍ଦିନ ଜୀବନର କାର୍ଯ୍ୟକଳାପରେ, ମୁଁ ସେହି ବିଶ୍ୱାସକୁ ଉପଭୋଗ କରେ ଯାହା କାର୍ଯ୍ୟକାରୀ ହୋଇଥାଏ ?

୨. ମୁଁ ପ୍ରତ୍ୟେକ ସୁଯୋଗରେ ଏକ ସମସ୍ୟା ଦେଖେ କି ? କିମ୍ବା ପ୍ରତ୍ୟେକ ସମସ୍ୟାରେ ଖ୍ରୀଷ୍ଟଙ୍କର ପ୍ରଚୁରତାକୁ ପ୍ରମାଣ କରିବା ପାଇଁ ଗୋଟିଏ ସୁଯୋଗ ପାଇ ଥାଏ କି ?

୩. ଈଶ୍ୱରଙ୍କର ବିଷୟ ସବୁକୁ ଆଗକୁ ବଢ଼ାଇବା ପାଇଁ ଚାହିଁଥାଏ ? ନା ତାଙ୍କର ବିଷୟସବୁକୁ ମୁଁ ନିଜେ ନିଜର ଇଚ୍ଛା ଅନୁଯାୟୀ କରିଥାଏ ?

୪. ମୋର ଜୀବନ ଆକସ୍ମିକ ଭୟ ଦ୍ୱାରା ପ୍ରମାଣିତ ହୋଇ ପାରିଛି କି ? କାରଣ ଦିନ-ପ୍ରତିଦିନର ନିର୍ଭରଶୀଳତା ଈଶ୍ୱରଙ୍କ ଉପରେ କରୁଛି କି ?

*ତୁମ ସ୍ବରର ଜୀବନ୍ତ ପ୍ରତିଧ୍ୱନୀରେ,*
*ପ୍ରଭୁ ମତେ କଥା କୁହ, ଯେପରି ମୁଁ କହିପାରିବି ।*
*ଯେପରି ତୁମେ କହିଛ, ଏଣୁ ମତେ ଖୋଜିବାକୁ ହେବ*
*ତୁମର ସେହି, ଭୁଲ୍ କରିଥିବା, ହଜିଯାଇଥିବା*
*ଏକାନ୍ତରେ ଥିବା ତୁମ ସନ୍ତାନମାନଙ୍କୁ*
*ତୁମର ମୂଲ୍ୟବାନ ବିଷୟ ଯାହା ତୁମେ ଜଣାଇ ଅଛ*
*ହେ ପ୍ରଭୁ ମତେ ତାହା ଶିଖାଅ,*
*ଯେପରି ମୁଁ ତାହା ଅନ୍ୟକୁ ଶିଖାଇବି ।*
*ମୋର ଶବ୍ଦଗୁଡ଼ିକରେ ପକ୍ଷ ଦିଅ ଯୋଡି*
*ଯେହ୍ନେ ତାହା, ଅନେକ ହୃଦୟର ସୁପ୍ତ ଗଭୀରତାକୁ ପହଞ୍ଚ ପାରିବ ।*
*ହେ ପ୍ରଭୋ, ତୁମ ପୂର୍ଣ୍ଣତାରେ, ପୂର୍ଣ୍ଣକର ମତେ*
*ଉଚ୍ଛୁଳି ଉଠୁ ମୋର ନିଜର ହୃଦୟ*
*ଆଲୋକିତ କରୁଥିବା ଚିନ୍ତାରେ, ଉଜ୍ଜ୍ୱଳ ବାକ୍ୟରେ*
*ତୁମ ପ୍ରେମକୁ କହିବାକୁ ଏବଂ ତୁମ ପ୍ରଶଂସା କରିବାକୁ*
*ଓଠେ ମୋର ଭରିଦିଅ ।*



# କହିବାକୁ ସମୟ

ଗୋଟିଏ ରାତ୍ରିରେ, ଗୋଟିଏ ଉପାସନାରେ ପ୍ରଚାର କରି ସାରିବା ପରେ ଜଣେ ପିତା ମୋ ପାଖକୁ ଆସି ପଚାରିଥିଲେ , 'ମୁଁ ତାଙ୍କ ପାଇଁ ପ୍ରାର୍ଥନା କରିବି କି ? କାରଣ ଈଶ୍ୱର ଆମ ସଙ୍ଗରେ ଅସାଧାରଣ ଶକ୍ତିରେ ଅଛନ୍ତି' । ସେ ପିତା ଜଣକ ମୋତେ କହିଥିଲେ ଯେ, ସେ ତାଙ୍କ ସହକର୍ମୀ ଓ ବନ୍ଧୁମାନଙ୍କୁ ସାକ୍ଷ୍ୟ ଦେବାରେ ଏକ ସମସ୍ୟା ରହିଛି । ଯେପରି ସେ ବେଳେବେଳେ କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଖୋଜିଥାନ୍ତି, ସେତେବେଳେ ସେ ନୀରବରେ ଈଶ୍ୱରଙ୍କୁ ପଚାରି ଥାଆନ୍ତି, ପ୍ରଭୋ ମତେ ସୂକ୍ଷ୍ମବୁଦ୍ଧି ଦିଅ ଯେପରି ଏହି ମନୁଷ୍ୟର ଜୀବନରେ ପ୍ରକୃତ ଅଭାବ କଣ ଅଛି ମୁଁ ତାହା ଜାଣି ପାରିବି ? ମୁଁ ନିଜେ ଉତ୍ତର ଖୋଜି ପାଉ ନ ଥିଲି, ମୁଁ ଭାବି ପାରୁନାହିଁ ତାର ପ୍ରକୃତ ସମସ୍ୟା କ'ଣ ? ମୁଁ ସେହି ପିତାଙ୍କୁ କହିଥିଲି, ତୁମେ ବର୍ତ୍ତମାନ ମୋ ସାଙ୍ଗେ ଆଣ୍ଠୋଇବିକି ଈଶ୍ୱରଙ୍କୁ ପଚାରିବା, ଯେପରି ଈଶ୍ୱର ତୁମକୁ ଦେଖାଇ ଦେବେ କାହିଁକି ସାକ୍ଷୀ ହେବାରେ ତୁମର ଏକ ସମସ୍ୟା ରହିଛି । ମୋ କଥା ଶୁଣିବା ପରେ ପିତା ଜଣକ ବିନା ଦ୍ୱିଧାରେ ଆଣ୍ଠୋଇ ଥିଲେ ଓ ମୋ ସହିତ ପ୍ରାର୍ଥନା କରିଥିଲେ ।

ଯେମିତି ସେ ତାହା କରିଛନ୍ତି, ସେ ମତେ ଦେଖାଇ ଥିଲେ ଯେ, ପ୍ରଭୁ ନିଜେ ସେହି ନୀରବ ଓଷ୍ଠାଧର ଦ୍ୱାରା ଏକ ଗଭୀର ସମସ୍ୟାକୁ ପ୍ରକାଶ କରିଥିଲେ । ଅତିଶୟ ଭାଙ୍ଗିପଡ଼ି ମୋର ବନ୍ଧୁ ମତେ କହୁଥିଲେ ଯେ, ସେ ନିଜ ଘରେ କିପରି ସ୍ୱେଚ୍ଛାଚାରୀ ଥିଲେ ଏବଂ ନିର୍ଦ୍ଦିଷ୍ଟ ଭାବରେ ତାଙ୍କ ପିଲାମାନଙ୍କୁ କେତେ ନୃଶଂସ ଭାବେ ନିରୀକ୍ଷଣ କରୁଥିଲେ ଓ ଶାସନ କରୁଥିଲେ । ସେଦିନ ସେହି ବ୍ୟକ୍ତି ଏକ ଭଗ୍ନ ହୃଦୟ ସହିତ ଅନୁତାପ କରି ଈଶ୍ୱରଙ୍କୁ କ୍ଷମା ମାଗିଥିଲେ ।

ସେହି ରାତ୍ରିରେ ଆମେ ତାଙ୍କର ସାହାଯ୍ୟ କରିବାର ବା ସାକ୍ଷୀ ହେବାର ସମସ୍ୟା ଉପରେ ଆଲୋଚନା କରି ନ ଥିଲୁ କାରଣ ଯୀଶୁ ନିଜେ ସେହି ପିତାଙ୍କଠାରେ ନୂତନ ଭାବରେ ଏବଂ ଜୀବନ୍ତ ଭାବରେ ପ୍ରକାଶିତ ହୋଇଥିଲେ । ତା ପରବର୍ତ୍ତୀ ରାତିରେ ସେ ସେହି ସଭାକୁ ଏକ ଉଜ୍ଜ୍ୱଳ ମୁହଁ ସହିତ ଆସିଥିଲେ ଏବଂ ଆନନ୍ଦିତ ହୃଦୟରେ ମତେ କହିଥିଲେ, 'ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବାରେ ମୁଁ ନିଜକୁ ଆଉ ଚୁପ୍ ରଖି ପାରୁ ନାହିଁ ।

ବାଇବଲର କୌଣସିଠାରେ କୁହାଯାଇ ନାହିଁ । ଏକ ଅପରିବର୍ତ୍ତିତ ଲୋକକୁ 'ପରିତ୍ରାଣର ଯୋଜନା' ଦ୍ୱାରା ପରିବର୍ତ୍ତିତ କରାଯାଇଛି । ଯାହା ବି ହେଉ ଆମକୁ ପରାମର୍ଶ ଦିଆଯାଇଛି, ଯେପରି ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକ ନିରବଚ୍ଛିନ୍ନ ସହଭାଗିତାରେ ଚାଲିବା ବା ଜୀବନ କାଟିବା । ତେଣୁ ଆମେ ଯେତେବେଳେ ଆମେ ସେମାନଙ୍କ ସହିତ ସୁସମାଚାରର ବାର୍ତ୍ତାକୁ ଅଂଶୀ କରିବା । ତାଙ୍କ ପ୍ରେମର ବନ୍ୟା ଆମ ମଧ୍ୟଦେଇ ଈଶ୍ୱରଙ୍କ ବାକ୍ୟର ସତ୍ୟ ଶୁଣିବା ଦ୍ୱାରା ସେମାନଙ୍କ ହୃଦୟକୁ ପରିଷ୍କୃତ କରିଦେବ ।

ଯାହାବି ହେଉ, ସେହି ସବୁ ଦିନଗୁଡ଼ିକରେ ଯେପର୍ଯ୍ୟନ୍ତ ଆମ ହୃଦୟଗୁଡ଼ିକ ଜୀବନ୍ତ ସହଭାଗିତାରେ ତାଙ୍କ (ଈଶ୍ୱରଙ୍କ) ସ୍ୱର ସହିତ ସ୍ୱର ମିଶି ନ ଥାଏ । ଆମେ ଆବିଷ୍କାର କରିଥାଉ ଯେ ଆମର ସାକ୍ଷ୍ୟଗୁଡ଼ିକ ମଧ୍ୟ ପ୍ରଭାବ ପକାଇ ପାରୁଥିବା ଅର୍ଥପୂର୍ଣ୍ଣ ବା ଫଳପ୍ରଦ ହୋଇ ପାରି ନ ଥାଏ । ବାସ୍ତବରେ ସେହି ଦିନଗୁଡ଼ିକରେ ଆମର ଓଠଗୁଡ଼ିକ ଅନ୍ୟ ଲୋକମାନଙ୍କୁ ପ୍ରଭୁଙ୍କ ବାକ୍ୟ କହିବା ପାଇଁ ନ ଖୋଲିଲେ ତାହା ବନ୍ଦ ହୋଇ ରହିବ ଏବଂ ଆମ ଚତୁଃପାର୍ଶ୍ୱରେ ଥିବା ଈଶ୍ୱରବିହୀନ ଜଗତରେ ସ୍ୱଷ୍ଟଭାବରେ ଈଶ୍ୱରଙ୍କୁ ପ୍ରକାଶ କରିବା ପାଇଁ ସମର୍ଥ ହୋଇ ପାରିବ ନାହିଁ ।

ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ ଏକ ଉତ୍ତମ ଅର୍ଥପୂର୍ଣ୍ଣ 'ଏକତ୍ର ସମୟ' ଆରମ୍ଭ କରିବା ହେଉଛି ପ୍ରଥମ ପଦକ୍ଷେପ ଯାହାକି ତୁମକୁ ନିଷେଧ କରାଇଥିବା ବିଷୟଗୁଡ଼ିକ ତୁମ ଭିତରେ ପ୍ରବେଶ କରିଥାଏ ସେ ସବୁରୁ ମୁକ୍ତ ହେବା ପାଇଁ ସାହାଯ୍ୟ କରିବ । ଯେତେବେଳେ ତୁମେ ଅପରିବର୍ତ୍ତିତ ଲୋକମାନଙ୍କୁ ପ୍ରଭୁଯୀଶୁ



ଖ୍ରୀଷ୍ଟଙ୍କ ବିଷୟ କହିବ ତାହା ତୁମକୁ ବିଶ୍ୱାସରେ ଆଗେଇବା ପାଇଁ ସାହାଯ୍ୟ କରିବ । ଈଶ୍ୱର ବିହୀନ ଜଗତରେ ଏକ ଫଳପୂର୍ଣ୍ଣ ଆତ୍ମିକ ଉପଯୁକ୍ତ ଅନୁଭୂତି ଲାଭ କରିବା-ଠାରୁ ଏକ ସୁସମାଚାର ବିକ୍ରୟକାରୀ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଦେଖାଯାଏ । ନା, ଖ୍ରୀଷ୍ଟଙ୍କ ସାକ୍ଷ୍ୟବହନ କରି ଈଶ୍ୱରଙ୍କ ସମ୍ବନ୍ଧରେ କିଛି ବାକ୍ୟ କହିବା ପାଇଁ ଜଗତରେ ଠିଆ ହେବାକୁ ବିଶ୍ୱାସୀକୁ କୌଣସି ପାରିଶ୍ରମିକ ବା କମିଶନ୍ ଦରକାର ପଡ଼ି ନ ଥାଏ । ଅପର ପକ୍ଷରେ ଜଣେ ପୁର୍ନଜନ୍ମ ପାଇଥିବା ଖ୍ରୀଷ୍ଟିୟାନର ନିଶ୍ଚିତ ହେବା ଦରକାର ବା ଆତ୍ମବୋଧ ରହିବା ଆବଶ୍ୟକ ଯେ, ସେ ଖ୍ରୀଷ୍ଟରେ ରହିସାରିଛି ଏବଂ ସେହି ଅବସ୍ଥାରେ ସେ ଯୀଶୁଙ୍କର କଥା ଆନନ୍ଦରେ କହିପାରିବ ।

ଯେପରି ପ୍ରଭୁ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ, *''ଯେ ମୋ'ଠାରେ ରହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ । କାରଣ ମୋ ବିନା ତୁମେ କିଛି କରିପାର ନାହିଁ''* (ଯୋହନ ୧୫:୫) । ତାଙ୍କଠାରେ ସଂଯୁକ୍ତ ହୋଇ ରହି ଅନ୍ୟମାନଙ୍କୁ '*ତାଙ୍କ କଥା କହିବା*' ହେଉଛି ତୁମର ଦାୟିତ୍ୱ '*ଫଳ ପ୍ରଦାନ*' କରିବା ହେଉଛି ତାଙ୍କର ଦାୟିତ୍ୱ ।

ପେଣ୍ଟିକଷ୍ଟ ଦିନ ପରେ ଶିଷ୍ୟମାନେ ତାଙ୍କର ଉନ୍ମାଦନା ବା ଆଗ୍ରହ ଓ ଆନନ୍ଦକୁ ଧରି ରଖି ପାରି ନ ଥିଲେ । ତାଙ୍କର ପୁନରୁତ୍ଥିତ ପ୍ରଭୁଙ୍କ ସହିତ ବ୍ୟକ୍ତିଗତ ଭାବେ ଚାଲିବା ପାଇଁ ଓ ତାଙ୍କ ବିଷୟ କହିବା ପାଇଁ । ଯେ କୌଣସି ସମସ୍ତ ଜାଗାକୁ ଯାଉଥିଲେ ସେଇଠି ସେମାନେ ପ୍ରଭୁଙ୍କ କଥା କହୁଥିଲେ । ଏପରିକି ଯେଉଁମାନେ ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରୁଥିଲେ ବା ଖ୍ରୀଷ୍ଟଙ୍କର ଶତ୍ରୁ ଥିଲେ ସେମାନଙ୍କ ପାଖକୁ ମଧ୍ୟ ଯାଇ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ବିଷୟରେ କହୁଥିଲେ ଏହାର ଫଳ ସ୍ୱରୂପେ ହଜାର ହଜାର ଲୋକ ଏକତ୍ରିତ ଜନତା ମଧ୍ୟରେ ଜାଗ୍ରତ ହୋଇଥିଲା  ନୂତନ ବିଶ୍ୱାସ । ସେହି ସମାନ ଲୋକମାନେ କିଛିଦିନ ତଳେ ଖ୍ରୀଷ୍ଟଙ୍କର କ୍ରୁଶୀୟ ମୃତ୍ୟୁଭୋଗର କାରଣ ହୋଇଥିଲେ ସେମାନେ ଶିଷ୍ୟମାନଙ୍କୁ ପଚାରିଥିଲେ, '*ଭାଇମାନେ ଆମ୍ଭେମାନେ କଅଣ କରିବା ?*' (ପ୍ରେରିତ ୨:୩୭) । ସେହି ଦିନ ଶିଷ୍ୟମାନଙ୍କର ବ୍ୟକ୍ତିଗତ ସାକ୍ଷ୍ୟ ଓ ପିତରଙ୍କର ଅସାଧାରଣ ଶିକ୍ଷା ମିଶି ଅନେକ '*ଆତ୍ମା ଲାଭର*' କାରଣ ହୋଇଥିଲା ।

ତାପରେ ଶିଷ୍ୟମାନେ ଯେତେବେଳେ ଏକ ବିପକ୍ଷବାଦୀ ପରିବେଶ ମଧ୍ୟରେ ବାସ କରୁଥିଲେ, ଶିଷ୍ୟମାନେ ଆଉ ଥରେ ଏକ ବିରାଟ ପ୍ରାର୍ଥନା ସଭାରେ ଈଶ୍ୱରଙ୍କର ଦର୍ଶନ ପାଇଥିଲେ । ଏକ ବ୍ୟକ୍ତି ଯେ କି ଯୀଶୁଙ୍କର ଶିଷ୍ୟମାନଙ୍କୁ ଓ ସେମାନଙ୍କର ପ୍ରଚାରକୁ ଘୃଣା କରୁଥିଲେ ସେ ଯୀଶୁଙ୍କ ବିଷୟ କହିବା ବନ୍ଦ କରିବା ପାଇଁ କହିଥିଲେ । ଏହା ପୂର୍ବରୁ ଉପର କୋଠରୀରେ ପ୍ରଭୁ ଯୀଶୁ ଶିଷ୍ୟମାନଙ୍କୁ ଶିଖାଇ ନ ଥିଲେ ଯେ କିପରି ବ୍ୟକ୍ତିଗତ ସୁସମାଚାର ପ୍ରଚାରରେ ତାଙ୍କର ସାକ୍ଷୀ ହୋଇ ପାରିବେ ତାହାର ସୂଚନା ମଧ୍ୟ ଦେଇ ନ ଥିଲେ ।

କାରଣ ସେମାନେ ସେତେବେଳେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଥିଲେ । ଜନତାଙ୍କୁ ଉତ୍ସାହିତ କରିବା ପାଇଁ ସ୍ପଷ୍ଟଭାବରେ ଉତ୍ତର ଦେଉଥିଲେ । ''*କାରଣ ଆମ୍ଭେମାନେ ଯାହା ଯାହା ଦେଖିଅଛୁ ଓ ଶୁଣିଅଛୁ, ସେହି ସବୁ ନ କହି ରହି ନ ପାରୁ*'' (ପ୍ରେରିତ ୪:୨୦) । ସେମାନେ ପୁନର୍ବାର ଈଶ୍ୱରଙ୍କ ଉପସ୍ଥିତିକୁ ଆସିଥିଲେ । ସେମାନଙ୍କ ହୃଦୟଗୁଡ଼ିକ ପୁନରୁତ୍ଥିତ ଖ୍ରୀଷ୍ଟଙ୍କର ବାସ୍ତବତାରେ ପ୍ରଜ୍ୱଳିତ ହୋଇଥିଲା । ତେଣୁ ସେମାନେ ନୀରବ ହୋଇ ରହି ପାରି ନ ଥିଲେ ।

ଷଷ୍ଠ ଦଶକର ଆରମ୍ଭରେ ଡରଥି ଓ ମୁଁ ଯେଉଁଠି ସେବାକାର୍ଯ୍ୟ କରୁଥିଲୁ ଯାହାକୁ ପରେ କୁହାଯାଇ ଥିଲା 'ଲୁହାର ପର୍ଦ୍ଦା', 'ଏକତ୍ରୀକରଣ' ଶାସନ ପ୍ରଣାଳୀର ତତ୍ତ୍ୱାବଧାନରେ ପାଳକୀୟ ସେବାକାର୍ଯ୍ୟରେ ଦେଖା ଯାଉଥିବା କଷ୍ଟ ବିଷୟଗୁଡ଼ିକର ଏକ ଅନୁସନ୍ଧାନର ଉତ୍ତର ସ୍ୱରୂପେ ଏକ ବିଶ୍ୱସ୍ତ ପାଳକ ଉତ୍ତର ଦେଇଥିଲେ, 'ବର୍ତ୍ତମାନ ସଂଖ୍ୟାରେ ଆମେ ଅଳ୍ପ ଅଛୁ କିନ୍ତୁ ଆମେ ଜାଣୁ ଯେ ଆମେ କିଏ ?' ଆମ ଭିତରୁ ଯେଉଁମାନେ ଉତ୍ଥିତ ଖ୍ରୀଷ୍ଟଙ୍କୁ ଜାଣିବାକୁ ବାକି ଅଛନ୍ତି ଏବଂ ଆମେ ହେଉଛୁ ଦୁର୍ଜେୟ । (ଏହି ପ୍ରକାର ଅନୁଭୂତି ମୋର ପାଠକ ଓ ପାଠିକାମାନଙ୍କ ମଧ୍ୟରୁ କିଛି ଜଣକର ହୋଇ ସାରିଛି ମାତ୍ର ଯେଉଁ ଉପାୟରେ ବିଷୟଟି ଗତି କରୁଛି, ଯଦି ପ୍ରଭୁଯୀଶୁ ଶୀଘ୍ର ନ ଆଗମନ କରନ୍ତି, ତେବେ ଆମ ଭିତରୁ ରହିଯାଇଥିବା ଅନେକ ଜଣ ମଧ୍ୟ ସେଇ ଆଡକୁ ଚାଲି ଆସିବେ, ଯେଉଁସବୁ ଖ୍ରୀଷ୍ଟଙ୍କ ପାଇଁ ଆମେ କେବେ ସମ୍ଭବ ବୋଲି ଭାବି ପାରୁନାହୁଁ ।



ଏଇ ନିକଟରେ ଡରଥି ତାଙ୍କର 'ଏକତ୍ର ସମୟ'ରେ ତାଙ୍କର ଟିପା ଖାତାରେ ଲିପିବଦ୍ଧ କରିଥିଲେ, କିନ୍ତୁ ତାଙ୍କର ମୃତ୍ୟୁର ମୂଲ୍ୟ ପ୍ରତ୍ୟେକ ବିଶ୍ୱାସୀ ଅନୁଭବ କରିବେ । ତାଙ୍କର ଆତ୍ମା ମୋ ମଧ୍ୟରେ ପ୍ରବାହିତ ହୁଅନ୍ତି । ପ୍ରକୃତରେ ଆଦ୍ୟ ସମୟର ଶିଷ୍ୟମାନେ ତାଙ୍କର ସାହସିକ ସାକ୍ଷ୍ୟ ପାଇଁ ଅନେକ ମୂଲ୍ୟ ଦେଇଛନ୍ତି । ମାତ୍ର ଯେତେବେଳେ ସେମାନେ ଯୀଶୁଙ୍କ ବିଷୟ କହିବାରେ ତାଡ଼ନାପ୍ରାପ୍ତ ହେବା ସହିତ ବନ୍ଦୀ ହୋଇଥିଲେ ସେତେବେଳେ ସେମାନେ ପ୍ରାର୍ଥନା ପାଇଁ ଏକତ୍ରୀତ ହେଉଥିଲେ । ଆମେ ପଢୁ '*ସେମାନେ ପ୍ରାର୍ଥନା କଲା ଉତ୍ତାରେ ଯେଉଁ ସ୍ଥାନରେ ଏକତ୍ର ହୋଇଥିଲେ, ତାହା କମ୍ପିଉଠିଥିଲା । ପୁଣି ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ସାହସରେ ଈଶ୍ୱରଙ୍କ ବାକ୍ୟ କହିବାକୁ ଲାଗିଲେ*' (ପ୍ରେରିତ ୪:୩୧) । ପ୍ରଭାବିତ ସୁସମାଚାରର ଫଳ ଉଚ୍ଛୁଳି ଉଠିଥାଏ । ଆତ୍ମାରେ ପରିପୂର୍ଣ୍ଣ ବିଶ୍ୱାସୀମାନଙ୍କ ଜୀବନଗୁଡ଼ିକରେ ପବିତ୍ରଆତ୍ମା ଉଚ୍ଛୁଳି ଉଠିଥାନ୍ତି । ତେଣୁ ଅର୍ନ୍ତବାସୀ ଖ୍ରୀଷ୍ଟଙ୍କର ବାସ୍ତବତା । ଅନ୍ୟମାନଙ୍କଠାରେ ପ୍ରକାଶିତ ହୋଇଥାଏ ।

ଆମେ ଯେତେବେଳେ ନୂତନ ନିୟମ ପାଠକରୁ । ଆମେ ଲକ୍ଷ୍ୟ କରୁ ଯେ, ଆଦ୍ୟମଣ୍ଡଳୀରେ ସୁସମାଚାର ପ୍ରଚାରର ଫଳ କେବଳ ନିଜର ବ୍ୟକ୍ତିତ୍ୱ ପ୍ରକାଶ ପାଇଁ ଏକ କ୍ଷେତ୍ର ନ ଥିଲା । ଯଦି ସେହି 'ପେଣ୍ଟିକଷ୍ଟ' ଦିନରେ ଶିଷ୍ୟମାନେ ପ୍ରଥମରୁ ବ୍ୟକ୍ତିଗତ ଭାବେ ଈଶ୍ୱରଙ୍କ ମହାନ କାର୍ଯ୍ୟ ସବୁକୁ (ପ୍ରେରିତ ୨:୧୧) ଘୋଷଣା କରି ନ ଥାନ୍ତେ ତେବେ ପିତରଙ୍କ ପ୍ରଚାର ଶୁଣିବା ପାଇଁ ଆଦୌ ଲୋକମାନଙ୍କ ଭିଡ଼ ହୋଇ ହୋଇ ନ ଥାନ୍ତା ।

ଯେତେବେଳେ ଜଣେ ବିଶ୍ୱାସୀର ହୃଦୟରୁ 'ପବିତ୍ରତା' ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଜୀବନ ଓ ପ୍ରେମ ଏହି ନୈରାଶ୍ୟପୂର୍ଣ୍ଣ ଜଗତକୁ ପ୍ରବାହିତ ହୋଇ ଥାଏ । ସେତେବେଳେ ଲୋକମାନେ ନିଜକୁ କୋମଳ ମନା କରିଥାନ୍ତି ଓ ଈଶ୍ୱରଙ୍କ ସତ୍ୟ ଶୁଣିବା ପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତି । ସେହି କାରଣରୁ ଆମେ ପ୍ରତିଦିନ ତାଙ୍କ ବାକ୍ୟରୂପ ଆଲୋକରେ, ଯେପରି ସବୁ ସମୟରେ ହୋଇ ପାରିବ 'ମାତ୍ରରେ ଆତ୍ମାରେପୂର୍ଣ୍ଣ ହୁଅ' (ଏଫିସୀୟ ୫:୧୮) ଈଶ୍ୱରଙ୍କୁ ସାକ୍ଷାତ୍ କରିବା ଆବଶ୍ୟକ ହୋଇଥାଏ ।

## ଉଚ୍ଛୁଳି ଉଠୁଥିବା ସୁସମାଚାର

ମୋର ଖ୍ରୀଷ୍ଟିୟ ଜୀବନର ପ୍ରଥମ ଦିନଗୁଡ଼ିକରେ ମୁଁ ଯୁବକମାନଙ୍କର ସହଭାଗିତାର ଏକ ଅଂଶ ଥିଲି । ନିଶ୍ଚିତ ଭାବରେ ଆମର 'ଜ୍ଞାନ' ଅପେକ୍ଷା ଆମର 'ଉତ୍ସାହ' ଅଧିକ ଥିଲା । ଏହା ସତ୍ତ୍ୱେ (କିମ୍ବା ଏହି କାରଣରୁ) ଈଶ୍ୱର ଆମକୁ ଯୋଗ୍ୟ ଦେଖିଥିଲେ ଏବଂ ଆମର ଅପରିବର୍ତ୍ତିତ ବନ୍ଧୁମାନଙ୍କ ମଧ୍ୟରେ ବ୍ୟବହାର କରିଥିଲେ । ମୋର ଅନୁଭୂତିରୁ କିଛି କହିବାକୁ ଦିଅ । ଯେଉଁଥିରେ ଏକ ଯୁବା ବିଶ୍ୱାସୀ ଭାବରେ ଆମେ ନିଜକୁ ସାମିଲ କରିଥିଲୁ ।

**ଛୁଟୀଦିନଗୁଡ଼ିକର ଜୀବନ :** ମୋର ଏହି ଘଟଣା ଘଟିବା ସମୟରେ ମୁଁ ଏବଂ 'ଟାଉନ୍ କାଉନ୍‌ସିଲ'ର 'ସିଭିଲ ଇଞ୍ଜିନିୟରଙ୍କର ଅଫିସରେ ଚାକିରି କରୁଥିଲି ଓ ପାଠ ମଧ୍ୟ ପଢୁଥିଲି । ଗୋଟିଏ ଦିନ ମୁଁ ଡାକରା ପାଇଁ ଟାଉନ୍ କିରାଣୀଙ୍କର ଅଫିସରେ ପହଞ୍ଚିଥିଲି । ସେଠାରେ ମୁଁ ଭୟଙ୍କର ଭାବରେ ଗାଳି ଖାଇଥିଲି ଏବଂ ମତେ ସାବଧାନ କରାଇ ଦିଆଯାଇଥିଲା । 'ମୁଁ ତୁମର ଅତିରିକ୍ତ ପାଠ୍ୟକ୍ରମର କାର୍ଯ୍ୟକଳାପ ବିଷୟରେ ଶୁଣିଛି । ଏହା କହିଲେ ମାଲିକମାନଙ୍କର ମାଲିକ । ସେ ସ୍ପଷ୍ଟଭାବରେ ସୁସମାଚାର ସେବାକାର୍ଯ୍ୟ ଯାହା ଆମେ ଯୁବା ପିଲାମାନେ ସମ୍ପାଦନ କରୁଥିଲୁ । ସେହି କାର୍ଯ୍ୟକୁ ନିର୍ଦ୍ଦେଶ କରି କହିଥିଲେ । ପ୍ରତ୍ୟେକ ରାତିରେ ସାଧାରଣତଃ ଗୃହଗୁଡ଼ିକର ଦ୍ୱାରଗୁଡ଼ିକ ବନ୍ଦ ହୋଇଯିବା ପରେ ସହରର ଏକ ଲୋକପ୍ରିୟ ସ୍ଥାନର ଗହଳି ସ୍ଥାନରେ ମୁକ୍ତ ଆକାଶରେ ଆମର ସୁମମାଚାର ପ୍ରଚାର ସେବାକାର୍ଯ୍ୟ ଅନୁଷ୍ଠିତ କରୁଥିଲୁ । ଯେତେବେଳେ ଆରମ୍ଭ କରିଥିଲୁ ପଥିକଟିଏ ମଧ୍ୟ ଠିଆ ହୋଇ ଶୁଣିବାକୁ ରାଜି ନ ଥିଲା । ତେଣୁ ଆମେ ବେଳେବେଳେ ଖୁସିଥିଲୁ ଯେତେବେଳେ କେହି ଜଣେ ବକ୍ତାକୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ହଇରାଣ କରିବାକୁ ଆସୁଥିଲା । ଯେମିତି ସେହି ପ୍ରତିଦ୍ୱନ୍ଦୀମାନଙ୍କର ବକ୍ତାଙ୍କ ପାଇଁ ଏକ କଠିନ ସମୟ ଥିଲା । ଅନ୍ୟ ଲୋକମାନେ ମଧ୍ୟ ଆସି ସେହି ବ୍ୟକ୍ତିଙ୍କ ସହିତ ଯୋଗ ଦେଉଥିଲେ । ଯେତେବେଳେ ପର୍ଯ୍ୟନ୍ତ ଅନ୍ୟମାନେ ଏକାଠି ହୋଇ ବିଚାର ଲୋକଟିକୁ ସହଯୋଗ



କରିବା ପାଇଁ ଏକତ୍ର ହେଉଥିଲେ । ତାର ବହୁ ପୂର୍ବରୁ ଆମେ ଏକ ଉତ୍ତମ ଜନଗହଳି ପାଉଥିଲୁ ପ୍ରଚାର କରିବା ପାଇଁ ଏବଂ କିଛି ରାତି ପରେ ଜଣେ କିମ୍ବା ଦୁଇଜଣ ଲୋକ ପରିତ୍ରାଣକର୍ତ୍ତାଙ୍କ ନିକଟକୁ ଆସିବା ଏକ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଟାଉନର କିରାଣୀ ମତେ ସତର୍କ କରାଇ ଥିଲେ ଯେ, ଏ ପ୍ରକାର ଧର୍ମୋଉନ୍ମାଦନା ପରି କୌଣସି କାର୍ଯ୍ୟରେ ଆଦୌ ସଂପୃକ୍ତ ହେବା ଉଚିତ ନୁହେଁ ବିଶେଷତଃ ଯେଉଁମାନେ ଟାଉନ୍ ହଲ୍ ପରି ସମ୍ମାନୀୟ ସ୍ଥାନରେ ଚାକିରୀ କରୁଥିବା ଲୋକମାନଙ୍କ ପାଇଁ । ସେ ଦୃଢ଼ ଭାବରେ ମତେ ସତର୍କ କରାଇଥିଲେ ଯେ, ଯଦି ମୁଁ ନ ମାନେ ତେବେ ମୋର ସମସ୍ତ ପ୍ରକାର କାର୍ଯ୍ୟକୁ ବନ୍ଦ କରିଦେବେ । କିନ୍ତୁ ସେହି ମୁକ୍ତ ଆକାଶର ସଭା ଫଳଧାରଣ କରିବା ଦେଖାଯାଇଥିଲା । ଆମ ମଧ୍ୟରୁ ସମସ୍ତ ଯୁବକ ଅନୁଭବ କରିଥିଲୁ ଯେ ଏହି କାର୍ଯ୍ୟଟିକୁ ବନ୍ଦ ନ କରି ଚାଲୁ ରଖିବା ପାଇଁ ।

ତା'ପରେ ଯେତେବେଳେ ମୁଁ ବାଇବଲ କଲେଜରେ ଯୋଗ ଦେଇଥିଲି ମୋର ମନେ ପଡୁଛି ଆମ କଲେଜର ସଭାପତି ସାପ୍ତାହିକ ଉପାସନାରେ କହୁଥିଲେ, ''ତୁମେ ଯଦି ମୁକ୍ତ ଆକାଶରେ ଜନଗହଳିକୁ ଧରି ରଖି ପାରିବ ନାହିଁ ତେବେ ଏକ ଗୀର୍ଜାଘର ଭିତରେ ଆବଦ୍ଧ ଥିବା ଲୋକମାନଙ୍କୁ ବିରକ୍ତ କରନାହିଁ'' । ଯେତେବେଳେ ମୁଁ ଏହା ଶୁଣିଥିଲି । ମୁଁ ପୁନର୍ବାର ଧନ୍ୟବାଦ ଦେଇଥିଲି ଯେ ଆମେ ଯୁବା ପିଲାମାନେ ଅବନୈତିକ ଭାବେ ଆମର 'ମୁକ୍ତଆକାଶ'ରେ ସୁସମାଚାର କାର୍ଯ୍ୟ କରିଥିଲୁ ବୋଲି ।

ମୋର ପରିବର୍ତ୍ତନର ପରେ ସଙ୍ଗେ ସଙ୍ଗେ ମୁଁ ମୋର ସହକର୍ମୀମାନଙ୍କଠାରେ ଖ୍ରୀଷ୍ଟରେ ମୋର ନୂତନ ବିଶ୍ୱାସ ବିଷୟରେ ସାକ୍ଷ୍ୟ ପ୍ରଦାନ କରିଥିଲି । ମାତ୍ର ତା'ପରେ ମୁଁ ମନେ ପକଉଛି, ଜଣେ ବ୍ୟକ୍ତି ଯେ, କି ସେହି ଅଫିସରଙ୍କର ସହଯୋଗୀ ଥିଲେ । ଯାହାଙ୍କୁ ମୋର ସାକ୍ଷ୍ୟ କହିବା ପାଇଁ ସୁଯୋଗ ପାଇ ନ ଥିଲି । ସେ ଜଣେ ସ୍ତ୍ରୀ ଲୋକ ଥିଲେ । ଯେ କି ପ୍ରତ୍ୟେକ ରାତିରେ ଆସୁଥିଲେ ଓ ଅପରିଷ୍କାର ଚଟାଣକୁ ସଫା କରୁଥିଲେ । ଗୋଟିଏ ରାତିରେ ମୋର ସମସ୍ତ ସହକର୍ମୀ ଅଫିସ ଛାଡ଼ି ଚାଲିଗଲା ପରେ ମୁଁ ଝାଡୁ ଓ ବାଲ୍‌ଟିକୁ ଖୋଜି ଆଣି ଶୀଘ୍ର ଶୀଘ୍ର ଚଟାଣଗୁଡ଼ିକ

ସଫା କରିଦେଇ, ସେହି ଝାଡୁଦାର ସ୍ତ୍ରୀ ଲୋକଙ୍କ ଆସିବା ସମୟକୁ ଅପେକ୍ଷା କରି ରହିଲି । ଯେତେବେଳେ ସେ ପହଞ୍ଚିଲେ '*ତୁମର କାମ ସବୁ ସରିଯାଇଛି*' ବୋଲି ଖୁସିରେ ବର୍ଣ୍ଣନା କରିଥିଲି, ସ୍ତବ୍ଧ ହୋଇ କିଛି ସମୟ ନୀରବ ରହିବା ପରେ । ଗୋଟିଏ ଚା କପ୍ ସହିତ ମୋ ସହିତ ବସିଲେ । ବାସ୍ତବରେ ଆମର କଥାବାର୍ତ୍ତା ଭିତରେ ମୁଁ ତାଙ୍କୁ ଯୀଶୁଙ୍କ ବିଷୟ କହିବା ପାଇଁ ସକ୍ଷମ ହୋଇଥିଲି । ପାପରେ ମୁଁ ସବୁ ବେଳେ ସେହି ଦୃଶ୍ୟଟି ମନେପକାଏ, ଆମେ ଉଭୟ ଏକତ୍ର କଥା କହିବା ଓ ପ୍ରାର୍ଥନା କରିବା ସମୟରେ ସେ ସ୍ତ୍ରୀ ଲୋକଙ୍କ ଆଖିରୁ ଯେଉଁ ଲୋତକ ଧାର ବହିଥିଲା । ତାହା ମୁଁ କେବେ ଭୁଲି ପାରିବି ନାହିଁ ।

**ସାମାଜିକ ଜୀବନ :** ମୁଁ ମଧ ମୋର ଏକୋଇଶତମ ଜନ୍ମ ଦିବସକୁ ମନେ ପକାଇ ଥାଏ । ସେହି ସବୁ ଦିନରେ ଇଂଲଣ୍ଡରେ ଏହିପ୍ରକାର ଦିନଗୁଡ଼ିକୁ ଏକ ବିଶେଷ ଦିନରୂପେ ପାଳନ କରାଯାଇଥାଏ । ଏପ୍ରକାର ବିଶିଷ୍ଟ ଦିନଗୁଡ଼ିକ ଏକ ବଡ଼ ଭୋଜୀ ଓ ନାଚକୁଦ ମଧରେ ପାଳିତ ହୋଇଥାଏ । ମତେ ଏକୋଇଶ୍ ବର୍ଷ ହେବା ସମୟରେ ଈଶ୍ୱର ମୋର ପାଦର ନାଚକୁ ନେଇ ଯାଇ ମୋର ହୃଦୟ ମଧରେ ପୁରାଇ ଦେଇଥିଲେ । ତେଣୁ ମୋର ଏକୋଇଶତମ ଜନ୍ମଦିନକୁ ମୋର ପିତାମାତା ଅତି ଆଦରରେ ପାଳନ କରିବା ପାଇଁ ଆୟୋଜନ କରିବାକୁ ଯାଉଥିଲେ । ଯେପରି ଏହା ମୋ ପାଇଁ ଆଉ ଏକ ସୁଯୋଗ ଥିଲା ମୋର ବନ୍ଧୁମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା ପାଇଁ । ମୁଁ ଏକ ପ୍ରଚାରକ ଭାବେ ଏହି ଦିନ ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲି । ଯେଉଁ ନିମନ୍ତ୍ରଣ ପତ୍ର ମୋର ଅପରିବର୍ତ୍ତିତ ବନ୍ଧୁମାନଙ୍କୁ, ବ୍ୟବସାୟୀ ସହଯୋଗୀମାନଙ୍କୁ ଦିଆଯାଇଥିଲା । ତାହା ଏପ୍ରକାର ଭାବେ ବର୍ଣ୍ଣନା କରାଯାଇଥିଲା ବା ଲେଖାଯାଇଥିଲା, ''ତୁମର **ଉପହାର** ନୁହେଁ ମାତ୍ର ତୁମର **ଉପସ୍ଥିତିର** କାମନା କରୁଛୁ'' । ଏହା ଥିଲା ସେହି ନିମନ୍ତ୍ରଣ ପତ୍ରର ସାରକଥା ଏବଂ ସେହି ଜନ୍ମଦିନ ରାତିରେ ମୋର ବନ୍ଧୁମାନଙ୍କ ମଧରୁ ଜଣେ ଆଶ୍ଚର୍ଯ୍ୟ ଭାବରେ ପରିବର୍ତ୍ତିତ ହୋଇଥିଲେ ।

ତା'ପରେ, ଯେତେବେଳେ ମୁଁ ଲଣ୍ଡନର ଏକ ବାପ୍‌ଟିଷ୍ଟ ମଣ୍ଡଳୀର ସହପାଳକ ଭାବେ କାର୍ଯ୍ୟ କରୁଥିଲି । ଯୁବକମାନେ ନଦୀକୂଳକୁ ଯିବା ପାଇଁ କେବେ ବି ଆୟୋଜନ କରି ନ ଥିଲେ କିମ୍ବା ସହର ଚାରିପଟେ ବୁଲି ନ ଥିଲେ କିମ୍ବା ଯଥେଷ୍ଟ ଆକର୍ଷଣୀୟ ନ କରି ଏକ ସାନ୍ଧ୍ୟକ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ଅପରିବର୍ତ୍ତିତ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ନ ଥିଲେ । କୌଣସି ବିଷୟ ନ ଛାଡ଼ି ସେମାନେ ସେହି ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଏକ ଉତ୍ତମ ସୁସମାଚାର ଉପସ୍ଥାପନରେ ଶେଷ କରି ଥିଲେ । କାହିଁକି ନୁହେଁ ? ଏହା ଦ୍ୱାରା ସେହି ଯୁବା ପିଲାମାନେ ଜାଣି ପାରିଥିଲେ ଯେ, ଏହି ଉଦ୍ଦେଶ୍ୟ ପାଇଁ ସେମାନେ ସେମାନଙ୍କର ଯୁବା ପିଲାମାନଙ୍କର ସହଭାଗିତାରେ ଆସିବା ଦ୍ୱାରା **ପ୍ରଥମ**ରେ ସେମାନେ ନିଜକୁ ପ୍ରଭୁରେ ବଢ଼ାଇ ପାରିଥିଲେ ଓ **ଦ୍ୱିତୀୟ**ରେ ସେମାନଙ୍କ ବନ୍ଧୁମାନେ ଖ୍ରୀଷ୍ଟରେ ପରିବର୍ତ୍ତିତ ହେବାର ଦେଖିଥିଲେ । ଏହା କମ୍ ଆଶ୍ଚର୍ଯ୍ୟବିଷୟ ନ ଥିଲା ? କାରଣ ଏହାପରେ ଯୁବାପିଲାମାନଙ୍କର ସହଭାଗିତା ଈଶ୍ୱରଙ୍କର ଆଶିର୍ବାଦରେ ବହୁମାତ୍ରାରେ ବୃଦ୍ଧିପାଇଥିଲା ।

**ଆତ୍ମିକ ଜୀବନ :** ମୋର ଉଣେଇଶ ବର୍ଷ ବୟସରେ, ମୁଁ ପରିବର୍ତ୍ତିତ ହେବାର ପୂର୍ବରୁ ମନୋଯୋଗ ସହକାରେ ବାଇବଲ ପଢ଼ିବା ପାଇଁ ଆଦୌ ଇଚ୍ଛା କରୁ ନ ଥିଲି । ଏହା ଫଳରେ ସେହି ବୟସରେ ଈଶ୍ୱରଙ୍କ ବିଷୟରେ ମୁଁ ଖୁବ୍ ଅଳ୍ପ ଜାଣିଥିଲି । ମାତ୍ର ତା'ପରେ ଖ୍ରୀଷ୍ଟଙ୍କୁ ମୋର ପ୍ରଭୁ ଓ ପରିତ୍ରାଣକର୍ତ୍ତା ରୂପେ ଗ୍ରହଣ କରିବା ପରେ ଆମ ଭିତରୁ ଅଳ୍ପ କିଛି ଜଣ ପ୍ରତ୍ୟେକ ସୋମବାର ଦିନ ରାତିରେ ଗୋଟିଏ ଘରେ ଏକତ୍ର ହୋଇ ବାଇବଲ ଅଧ୍ୟୟନ କରୁଥିଲୁ । ଆମର ଉତ୍ସାହ ଆଗ୍ରହ ଏପରି ଥିଲା । ଯେପରି ଯେତେ ଶୀଘ୍ର ହୋଇପାରେ ସେତେ ଶୀଘ୍ର ଈଶ୍ୱରଙ୍କ ବାକ୍ୟ ଆମ ମସ୍ତକରୁ ଯାଇ ଆମ ହୃଦୟରେ ପ୍ରବେଶ କରୁ । ଏପରିକି ସେହି ଦିନଗୁଡ଼ିକର ଆରମ୍ଭରେ ଆମେ ଆମର ବାଇବଲ ଅଧ୍ୟୟନ ଏହି ପ୍ରକାରେ ଆୟୋଜନ କରିଥିଲୁ । ଯାହା ମୁଁ ଆଗରୁ ଏହି ପୁସ୍ତକରେ କହି ସାରିଛି । ନା, ଆମେ ଈଶ୍ୱରଙ୍କ ବାକ୍ୟକୁ ଏକ ଧାର୍ମିକ ପାଠ୍ୟପୁସ୍ତକ ରୂପେ ଦେଖୁ ନ ଥିଲୁ । ତା ପରିବର୍ତ୍ତେ ଆମେ ତାହାକୁ ଏକ କମ୍ପାସ୍ ପରି ଭାବୁଥିଲୁ ଯାହା କି ଆମକୁ ଜୀବନ ଯାତ୍ରାରେ ଏକ ପ୍ରହରୀ ରୂପେ ଆମକୁ ନିୟନ୍ତ୍ରଣ କରିବ ।

ମୋର ଠିକ୍ ମନେ ପଡୁଛି ଏକ ନିର୍ଦ୍ଦିଷ୍ଟ ଗାଆଁର କଥା ଯେଉଁଠାରେ ଏକ ମେଥୋଡିଷ୍ଟ ମଣ୍ଡଳୀ ବନ୍ଦ ହୋଇ ସାରିଥଲା ଏବଂ ଏହାର ଗୀର୍ଜାଘରେ ନିରାପତ୍ତା

ଦୃଷ୍ଟିରୁ ତାଲା ପଡ଼ି ସାରିଥିଲା । ସୁସମାଚାର ବିସ୍ତାର କରିବା ପାଇଁ ଆମର ଅତିଶୟ ଆଗ୍ରହ ଯୋଗୁ ଆମେ ତାର ଚାବିକୁ ଦେଖି ପାରିଥିଲୁ ଏବଂ ସେହି ଘରଟିକୁ ବ୍ୟବହାର କରିବା ପାଇଁ ଅନୁମତି ପାଇଲା ପରେ ଗୀର୍ଜାଘରେ ଥିବା ଆସନଗୁଡ଼ିକର ଧୂଳିଝାଡ଼ି ସଫା କରିଥିଲୁ ତା'ପରେ ଆମେ ଗ୍ରାମ ଭିତରକୁ ଆମର ଡାକବାଜି ଯନ୍ତ୍ର ସହିତ ଆଗେଇ ଥିଲୁ । ଗାଆଁ ମୁଣ୍ଡରେ ଆମେ ଆମର ପୁଲପିଟ୍ ସ୍ଥାପନ କରିଥିଲୁ । ମୁକ୍ତ ଆକାଶ ତଳେ ଏକ ସଭା କରିବା ପାଇଁ ବେଭ. ସିହା ଯେ କି ଜଣେ ଆମେରିକାନ୍ ଏକକ ସଙ୍ଗୀତ ଗାୟକ ତାଙ୍କର ଗୀତର ରେକର୍ଡ ବଜାଇ ଆରମ୍ଭ କରିଥିଲୁ । ସେ ଏହି ନିକଟରେ ଏକ ଯୁବା ଯାହାଙ୍କ ନାମ **'ବିଲି ଗ୍ରାହମ'** ତାଙ୍କ ସହିତ ଇଂଲଣ୍ଡ ପରିଭ୍ରମଣ କରି ଫେରିଥିଲେ । ଯେକି ଏଇ ନିକଟରେ ଯେ କି ଦେଶରେ ପ୍ରଥମ ଥର ପାଇଁ ତାଙ୍କର ପରିଚୟ ସ୍ଥାପନ କରିଥିଲେ । ସେହି ସୁସମାଚାର ଗୀତଗୁଡ଼ିକର ମଝିରେ ଆମେ ସେହି ବାକ୍ସ ଉପରେ ଠିଆ ହୋଇ ଖ୍ରୀଷ୍ଟଙ୍କୁ ଆମର ପରିତ୍ରାଣ କର୍ତ୍ତା ଓ ପ୍ରଭୁ ରୂପେ ସ୍ୱୀକାର ଦ୍ୱାରା ଆମର ବିଶ୍ୱାସ ବିଷୟରେ ବ୍ୟକ୍ତିଗତ ସାକ୍ଷ୍ୟ ପ୍ରଦାନ କରୁଥିଲୁ । କିଛି ସମୟ ପରେ ଆମ ଭିତରୁ କେହି ଜଣେ ପ୍ରଚାର କରିବା ଆରମ୍ଭ କରୁଥିଲେ । କେତେକ କୌତୁହଳୀ ଲୋକମାନେ ଆମ କଥା ଶୁଣିବାକୁ ବାହାରି ଆସୁଥିଲେ । ପ୍ରଭୁ ଏହି କାର୍ଯ୍ୟକୁ ଯୋଗ୍ୟ ମଣିଥିଲେ ଏବଂ ସପ୍ତାହର ଶେଷରେ ଗୀର୍ଜାଘର ଭର୍ତ୍ତି ଲୋକ ଆସିବାରେ ପ୍ରଭୁ ଅନୁଗ୍ରହ କରିଥିଲେ । ଏକ ଭାବୀ ସଣ୍ଡେସ୍କୁଲ ଶିକ୍ଷୟତ୍ରୀ ପ୍ରଭୁଙ୍କୁ ପାଇଥିଲେ ଏବଂ ପରେ ତାଙ୍କର ଭଉଣୀ ମଧ୍ୟ ପରିତ୍ରାଣକର୍ତ୍ତାଙ୍କ ପାଖକୁ ଆସିଥିଲେ । କବାଟଗୁଡ଼ିକରେ ଆଉ ତାଲା ପଡ଼ି ନ ଥିଲା, ଏକ ସଣ୍ଡେସ୍କୁଲ କ୍ଲାସ ଆରମ୍ଭ ହୋଇଥିଲା ଏବଂ ସାପ୍ତାହିକ ମାଣ୍ଡଳିକ ଉପାସନା ପୁନର୍ବାର ଆରମ୍ଭ ହୋଇଥିଲା ।

ପାଉଲ ତୀମଥିଙ୍କୁ ଅନୁଯୋଗ କରି କହିଥିଲେ - *'ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ କି ଅସମୟରେ ସେଥିରେ ଉଦ୍‌ଯୋଗୀ ହୁଅ, ପୂର୍ଣ୍ଣ ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର । ପୁଣି ଧମକ ଓ ଉତ୍ସାହ ଦାନ କର'* (୨ୟ ତୀମଥି ୪:୨) । ଯଦି ପାଉଲ ଆଜି ସେବାକାର୍ଯ୍ୟ କରୁଥାଆନ୍ତେ, ତେବେ



ବୋଧ ହୁଏ ସେ ତୀମଥିଙ୍କୁ ଏ ପ୍ରକାର କହିଥାନ୍ତେ, 'ପ୍ରଭୁଙ୍କର ଅଂଶୀ ହେବା ପାଇଁ ଯଦି ଗୋଟିଏ ସୁଯୋଗ ପାଉଛ, ତେବେ ସୁଯୋଗର ସଦ୍‌ବ୍ୟବହାର କର ।' ଯଦି ସୁଯୋଗ ପାଉ ନାହଁ, ତେବେ ସୁଯୋଗ ଖୋଜ । ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ଋତୁ ବା ସମୟ ନାହିଁ । ମୁଁ ନିଶ୍ଚିତ ଯେ, ପାଉଲ ଅସନ୍ତୁଷ୍ଟ ଭାବେ ଦେଖିଥାନ୍ତେ, କୌଣସି ପ୍ରକାରର ବାଇବଲ ଅଧ୍ୟୟନ ଯାହା ଦ୍ୱାରା ପିଲାମାନେ ଜ୍ଞାନ ଅର୍ଜନ କରିଥାନ୍ତେ ମାତ୍ର ପରେ ସେଥିରେ ବୃଦ୍ଧି ପାଇ ନ ଥାନ୍ତେ ମାତ୍ର ପ୍ରେମରେ ଓ ଉତ୍ସାହ ପ୍ରଦାନ ଉପାୟରେ ବାଇବଲ ଶିକ୍ଷା ପ୍ରଦାନ ସେହିମାନେ କେବେ ବି ଗୀର୍ଜାଘରର ଦ୍ୱାରଗୁଡ଼ିକ ଅନ୍ଧକାରରେ ରଖିବେ ନାହିଁ ବୋଲି ମୁଁ ବିଶ୍ୱାସ କରେ ।

ଯେତେବେଳେ ତୁମେ ଈଶ୍ୱରଙ୍କ ବାକ୍ୟକୁ ତୁମ ମସ୍ତିଷ୍କରୁ ତୁମ ହୃଦୟକୁ ପହଞ୍ଚାଇବାର ରହସ୍ୟ ଜାଣିପାରିବ । ତୁମେ ଆବିଷ୍କାର କରିବ ଯେ, ଈଶ୍ୱରଙ୍କ ବାକ୍ୟ 'ଯିରିମିୟଙ୍କ ବାକ୍ୟନୁସାରେ' ଅସ୍ଥି ମଧ୍ୟରେ ଅଗ୍ନି ପ୍ରଜ୍ୱଳିତ ହେବା ପାଇଁ ଅଧିକ ସମୟ ଲାଗିବ ନାହିଁ । ଦୁଃଖର ସହ କହେ ଯେ, ଯଦି ବାଇବଲ କେବଳ ତୁମ ମସ୍ତକରେ ରହେ ତୁମେ ତେବେ ତୁମେ କେବଳ **'ବାକ୍ୟଗତ ମନୁଷ୍ୟ'** ହୋଇ ରହିଯିବ ମାତ୍ର ଆତ୍ମାର ମନୁଷ୍ୟ ହୋଇ ପାରିବ ନାହିଁ । ମାତ୍ର ତୁମେ ଯଦି ପ୍ରତିଦିନ ତୁମର 'ଏକତ୍ର ସମୟ'ରେ ଈଶ୍ୱରଙ୍କୁ ଦର୍ଶନ କରୁ ନ ଥିବ, ତୁମେ ଅଧିକରୁ ଅଧିକ ଜାଣି ପାରିବ ଯେ, ତୁମ ପାଇଁ ଜଣେ ଆତ୍ମାର ମଣିଷ ହେବା ଅସମ୍ଭବ । ସେହି ସମାନ ସମୟରେ ତୁମେ ଏକ ବାକ୍ୟଗତ ମଣିଷ ହୋଇ ରହିଯିବ ।

ହଁ, ଈଶ୍ୱର ଆମକୁ କହନ୍ତି, ଯେତେବେଳେ ଆମେ ତାଙ୍କ ବାକ୍ୟ ପାଠ କରିଥାଉ । ସେ ଯାହା ଆମକୁ କହନ୍ତି, ତାହା ଅନ୍ୟମାନଙ୍କୁ ଅଂଶୀ କରାଇବା ବା ଅନ୍ୟମାନଙ୍କୁ ସେହି ବାକ୍ୟ ବିଷୟରେ କହିବା ସେ ଆମଠାରୁ ଆଶା କରନ୍ତି । ଈଶ୍ୱର ଯିହିଯିକଲଙ୍କୁ କହିଥିଲେ, - *''ଏହେତୁ ତୁମ୍ଭେ ଆମ୍ଭ ମୁଖ୍ୟରୁ ବାକ୍ୟ ଶୁଣି ଆମ ପକ୍ଷରୁ ସେମାନଙ୍କୁ ସଚେତନ କର''* (ଯିହିଜିକଲ ୩୩:୭) । କିନ୍ତୁ ଯେ ପର୍ଯ୍ୟନ୍ତ ଆମେ ପ୍ରଥମରେ ନ ଶୁଣିଛୁ ସେ ପର୍ଯ୍ୟନ୍ତ ଅନ୍ୟକୁ କହିବା ନାହିଁ କୌଣସି କାର୍ଯ୍ୟରେ ଆମେ ପ୍ରଥମରେ

ନ ଶୁଣିଛୁ ସେ ପର୍ଯ୍ୟନ୍ତ ଅନ୍ୟକୁ କହିବ ନାହିଁ । କୌଣସି କାର୍ଯ୍ୟରେ ଲାଗି ପାରିବ ନାହିଁ ଏବଂ ତା'ପରେ ତାଙ୍କୁ ଉତ୍ତର ଦେବାକୁ ହେବ । ଯେଉଁ ବାକ୍ୟ ଆମେ 'ତାଙ୍କ' ମୁଖରୁ ଶୁଣିଥାଉ, ସେହି ବାକ୍ୟର ବାଧ୍ୟ ହୋଇ ପାରିବ ।

ଖ୍ରୀଷ୍ଟିୟାନ ସମାଜରେ ଅନେକ ଓକିଲ ଅଛନ୍ତି, କିନ୍ତୁ ଦୁଃଖର ବିଷୟ ଏହି ଯେ, ସେମାନଙ୍କ ମଧ୍ୟରୁ ଖୁବ୍ ଅଳ୍ପଜଣ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ଜୀବିତ ଈଶ୍ୱରଙ୍କ ସହିତ ସହଭାଗିତାର ଉପଯୁକ୍ତ ସାକ୍ଷ୍ୟ ବହନ କରିଥାନ୍ତି ।

ତା'ପରେ, ନିଜର ଅନୁଭୂତିରୁ ପ୍ରେରିତ ଯୋହନ ଖ୍ରୀଷ୍ଟଙ୍କ ସହିତ ତାଙ୍କର ଜୀବନ୍ତ ସହଭାଗିତାର ବାସ୍ତବତାକୁ ଆନନ୍ଦିତ ଭାବରେ ସାକ୍ଷ୍ୟପ୍ରଦାନ କରିଥିଲେ । ସେଥିପାଇଁ ଯେପରି ଆମେ ଆଶା କରିଥାନ୍ତୁ ସେହିପରି ସେ ଅନ୍ୟମାନଙ୍କୁ ନିମନ୍ତ୍ରଣ କରିଥିଲେ ଏହିପ୍ରକାର ନିବିଡ଼ ସହଭାଗିତାରେ ତାଙ୍କ ସହିତ ଯୋଗ ଦେବା ପାଇଁ । ''*ଯାହା ଆମ୍ଭେମାନେ ଦେଖିଅଛୁ ଓ ଶୁଣିଅଛୁ, ତାହା ତୁମ୍ଭମାନଙ୍କୁ ମଧ୍ୟ ଜଣାଇ ଅଛୁ । ଯେପରି ତୁମ୍ଭମାନଙ୍କର ମଧ୍ୟ ଆମ୍ଭମାନଙ୍କ ସହିତ ସହଭାଗିତା ହୋଇପାରେ, ଆଉ ଆମ୍ଭମାନଙ୍କର ସହଭାଗିତା ପିତା ଓ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ସହିତ ଅଛି*'' (୧ମ ଯୋହନ ୧:୩) ।



## ଆତ୍ମିକ ଜୀବନର ସମୀକ୍ଷା

୧. ମୁଁ ସେହି ଉଭୟ ସ୍ଥାନ ବିଷୟ ଜାଣେ କି ? ମୋର ବ୍ୟକ୍ତିଗତ ସେବା କାର୍ଯ୍ୟର କ୍ଷେତ୍ର । ଯେଉଁଠାରେ ମୁଁ କାର୍ଯ୍ୟ କରେ ଏବଂ ଯେଉଁଠାରେ ମୁଁ ବାସ କରେ ?

୨. ମୁଁ ଲୋକମାନଙ୍କୁ କେବଳ ପରିବର୍ତ୍ତିତ ହେବା ପାଇଁ ଜଣେ ସଦସ୍ୟ ଭାବେ ଦେଖେ କି ? କିମ୍ବା ପ୍ରାର୍ଥନାର ସହିତ ସେମାନଙ୍କୁ ଅନ୍ୱେଷଣ କରେ ?

୩. କେତେବେଳେ ମୁଁ ଖ୍ରୀଷ୍ଟଙ୍କ ସାକ୍ଷୀ ହୋଇଥିଲି ? କୌଣସି ବ୍ୟକ୍ତିକୁ ତାର ବ୍ୟବହାରିକ ଜୀବନ ପଥରେ ସାହାଯ୍ୟ କରି କି ?

୪. ଯୀଶୁଙ୍କ ବିଷୟ କହିବା ପାଇଁ ମୋର ଓଷ୍ଠାଧର ମୁଦ୍ରିତ ହୋଇ ଯାଇଛି କି ? କାରଣ -

କ) ମୋର ଜୀବନ ବୁଝାମଣାର ଜୀବନ ହୋଇଥିବାରୁ ?

ଖ) ମୋର ଜୀବନର ଗତି ବିପଦପୂର୍ଣ୍ଣ ହୋଇଥିବାରୁ ?

ଗ) ମୋର ଲୌକିକ ଗର୍ବ ବିଦ୍ୱେଷ ସହିତ ଧାଡ଼ି ବାନ୍ଧି ଠିଆ ହେବାକୁ ଇଚ୍ଛା ପ୍ରକାଶ କରେ ନାହିଁ ଏବଂ ନାଜରୀତିୟ ଯୀଶୁଙ୍କୁ ଅଗ୍ରାହ୍ୟ କରେ କି ?

## ଅନନ୍ତ ଜ୍ୟୋତିଃ

ଅନନ୍ତ ଜ୍ୟୋତିଃ ! ଅନନ୍ତ ଜ୍ୟୋତିଃ !
କେତେ ପବିତ୍ର ସେହି ଆତ୍ମା ହୋଇପାରେ !
ତୁମର ଅର୍ନ୍ତଭେଦୀ ଦୃଷ୍ଟିରେ ସ୍ୱର୍ଶରେ ଆସିଲେ,
ହୁଏ ନାହିଁ ସଙ୍କୁଚିତ, ମାତ୍ର ପରମ ଆନନ୍ଦରେ,
ତୁମକୁ ଅନାଇ ସେ ଜୀବନ ପାଏ ରେ ।
ଆତ୍ମାଗୁଡ଼ିକ ଯାହା ତୁମ ସିଂହାସନକୁ ବେଷ୍ଟନ କରେ
ପ୍ରଜ୍ୱଳିତ ଆଶିର୍ବାଦ ବହନ କରିପାରେ
ମାତ୍ର ନିଶ୍ଚିତରେ ସେ ଗୁଡ଼ିକ ସେମାନଙ୍କର ନିର୍ଜନତାରେ
ଯାହା କେବେ ସେମାନେ କଦାପି ଜାଣନ୍ତି ନାହିଁ
ଏପରି ପତିତ ଜଗତ ବିଷୟରେ
ହାୟ କିପରି ମୁଁ ବଞ୍ôବି ! ଯାହାର ବାସସ୍ଥାନ ଅନ୍ଧକାର ମଧରେ,
ଯାହାର ମସ୍ତିଷ୍କ ନିଷ୍ପ୍ରଭ,
ଅଦୃଶ୍ୟ, ଅକଥନୀୟ, ସୃଷ୍ଟିକର୍ତ୍ତାଙ୍କ ସମ୍ମୁଖରେ,
ମୋର ନଗ୍ନ ଆତ୍ମା, କିପରି ବହିପାରେ ?
ସୃଷ୍ଟି ହୋଇ ନ ଥିବା କାଠଦଣ୍ଡ ?
ଅଛି ଏକ ପଥ, ମନୁଷ୍ୟ ପାଇଁରେ
ପହଞ୍ôବାକୁ ସେହି ଉନ୍ନତ ବାସସ୍ଥାନରେ,
ସ୍ୱାର୍ଥତ୍ୟାଗକୁ ଅର୍ପଣ କରିବାରେ
ପବିତ୍ରଆତ୍ମାଙ୍କ ଶକ୍ତିରେ
ଈଶ୍ୱରଙ୍କ ସେହି ପକ୍ଷ ସମର୍ଥନରେ ।
ଏସବୁଗୁଡ଼ିକ, ହଁ ଏସବୁଗୁଡ଼ିକ, ଆମକୁ ପ୍ରସ୍ତୁତ କରେ,
ପହଞ୍ôବାକୁ ସେହି ଉର୍ଦ୍ଧ୍ୱସ୍ଥ, ପବିତ୍ର ସ୍ଥାନରେ
ହୋଇପାରେ, ଆମେ ଅଟୁ ସେହି ଅନ୍ଧକାର ଓ ଅଜ୍ଞାନର ସନ୍ତାନ,
ତଥାପି, ଈଶ୍ୱରଙ୍କ, ଅନନ୍ତ ପ୍ରେମରେ
ବାସ କରୁ ସେହି ଅନନ୍ତ ଜ୍ୟୋତିଃରେ ।



# ଫଳ କିମ୍ବା ଅଗ୍ନି

ବେଙ୍ଗେଟ୍ ନାମକ ମୋର ଜଣେ ବନ୍ଧୁ ସ୍ୱଡେନ୍-ଆମେରିକୀୟ ଥିଲେ । ଯେ କି ସ୍ୱଡେନ୍ ଦେଶରୁ ଆସି ଆମେରିକାରେ ବାସ କରୁଥିଲେ । ସେଠାରେ ସେ ଏକ ସଫଳ ଖ୍ରୀଷ୍ଟିୟାନ ବ୍ୟବସାୟୀ ହୋଇ ପାରିଥିଲେ । ତାଙ୍କର ଅନେକ ସେବା କାର୍ଯ୍ୟଗୁଡ଼ିକ ମଧରୁ ମିଶ୍ନେରୀ ବିମାନଗୁଡ଼ିକୁ ତାର ସେବା କାର୍ଯ୍ୟର ଲକ୍ଷ୍ୟ ସ୍ଥଳକୁ ପହଞ୍ଚାଇବା କାର୍ଯ୍ୟ ଦ୍ୱାରା ବେଙ୍ଗେଟ୍ ଅଧିକ ଆନନ୍ଦିତ ଥିଲେ । ଗୋଟିଏ ବର୍ଷ ସେ ଏବଂ ତାଙ୍କର ଜଣେ ବନ୍ଧୁ ଆଲାସ୍କାରେ ଥିବା ''ମିଶନ୍ ଏଭିଏସନ୍ ଫେଲୋସିଫ (M.A.F) ପାଇଁ ଏକ ଛୋଟ ବିମାନ ନେବାକୁ ସ୍ଥିର କରିଥିଲେ । ବିମାନଯାତ୍ରା ପାଇଁ ଆବଶ୍ୟକ ପରିମାଣ ପ୍ରସ୍ତୁତି ସରିବା ପରେ ତାଙ୍କ ବନ୍ଧୁ ବେଙ୍ଗେଟଙ୍କୁ ''ଫେୟାର ବ୍ୟାଙ୍କସ୍'' ବିମାନ ବନ୍ଦରରେ ଛାଡ଼ି ଦେଇ ଚାଲି ଆସିଥିଲେ ଏବଂ ବେଙ୍ଗେଟ ଏହିଠାରୁ ଏକାକୀ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ।

ବିମାନଟି ବନ୍ଦର ଛାଡ଼ିବା ଠିକ୍ ପରେ ବେଙ୍ଗେଟ୍‌ଙ୍କର ଜଣେ ବନ୍ଧୁ ଏକ ଅତି ଦରକାରୀ ପ୍ୟାକେଟ ସେହି ବିମାନ ଉପରକୁ ପକାଇଥିଲେ । ସେହି ପ୍ୟାକେଟ୍‌ରେ ଗୋଟିଏ ଖଣ୍ଡ ଚକଲେଟ୍ ଓ ଗୋଟିଏ ଗରମ କମ୍ବଳ ଥିଲା । ବିମାନଟି ଭୂମିକୁ ଛାଡ଼ିବା ପରେ ପରେ ଏକ ଝଡ଼ ଅନପେକ୍ଷିତ ଭାବରେ ଉଠି ଆସିଥିଲା । ସେହି ବିଶ୍ୱାସଘାତକ ପବନରେ ଆଲାସ୍କାର ପାର୍ବତ୍ୟ ଅଞ୍ଚଳରେ ଛୋଟିଆ ବିମାନଟି ଏଠି, ସେଠି ବାଡ଼େଇ ହେଲା ପରେ ଖସିପଡ଼ି ଗୋଟିଏ ପର୍ବତର ଶୀର୍ଷ ସ୍ଥାନରେ ଥିବା ଗଡ଼ାଣିଆ ପଥର ଫାଙ୍କରେ ଅଟକି ରହିଯାଇଥିଲା । ତା'ପର ତିନି ଦିନ ଧରି ସେହି ଅଞ୍ଚଳରେ ପ୍ରଚୁର ବରଫ ପାତ ହୋଇଥିଲା ଏବଂ ଈଶ୍ୱରଙ୍କ ଦୟାରୁ ବହୁତ ଜୋର୍

ପବନ ପ୍ରବାହିତ ହୋଇଥିଲା । ସେହି ପବନ ଯୋଗୁଁ ବିମାନଟିର ତଳପେଟ ଅଞ୍ଚଳରେ ଥିବା ବରଫଗୁଡ଼ିକ ଭିଡି ଯାଇଥିଲା ଏବଂ ବିମାନଟିର ତଳପେଟ ଅଞ୍ଚଳରେ ଥିବା ବରଫଗୁଡ଼ିକ ଉଡି ଯାଇଥିଲା ମାତ୍ର ବିମାନଟିର ଉପର ଅଂଶ ବରଫରେ ଘୋଡ଼େଇ ରହିବାରୁ ରକ୍ଷା ପାଇଥିଲା । ଯାହା ବି ହେଉ, ବିମାନର ତଳପେଟ ଅଂଶରେ ବରଫ ଘେରି ରହିଥିବାରୁ ତାହା ଖସି ପଡ଼ି ନ ଥିଲା । ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ଉପକୂଳ ଉଦ୍ଧାରକାରୀ ଦଳ ଉପରେ ଉଡି ଖୋଜୁଥିବା ବେଳେ ବେଙ୍ଗେଟ୍‌ଙ୍କର ଛୋଟିଆ ବିମାନଟକୁ ଦୃଷ୍ଟିପାତ କରି ପାରି ନ ଥିଲେ ।

ସୈନ୍ୟ ବିଭାଗର ବିମାନ ଉଦ୍ଧାରକାରୀ ଦଳ ତାଙ୍କର ଉଦ୍ଧାର କାର୍ଯ୍ୟ ବନ୍ଦ କରିବା ପରେ, ବେଙ୍ଗେଟ୍‌ଙ୍କର ଯୁବକ ଓ ଅତି ଉତ୍ତମ ପୁଅ ବ୍ରୁଶ୍ ଓ M.A.F ସଂସ୍ଥାର ଏକ ବିମାନ ଚାଳକ ବେଙ୍ଗେଟଙ୍କୁ ଖୋଜିବା ପାଇଁ ବାହାରିଥିଲେ । ସେମାନେ ଏକ ଛୋଟ ବିମାନରେ ବସିବା ପରେ ଉଭୟେ କହିଥିଲେ, ଈଶ୍ୱର ସେମାନଙ୍କର ଓ ବେଙ୍ଗେଟ୍‌ଙ୍କର ସହାୟ ହୁଅନ୍ତୁ ।'' ଏହି ସମୟ ଭିତରେ ବେଙ୍ଗେଟ୍‌ଙ୍କ ଦୁର୍ବଳତା ଧୀରେ ଧୀରେ ବୃଦ୍ଧି ପାଉଥିଲା । ଏପରିକି ସେ ଫୋଟଗ୍ରାଫଟିଏ ମଧ୍ୟ ନେବା ପାଇଁ ସକ୍ଷମ ହୋଇ ପାରି ନ ଥିଲେ । ଯାହା ତାଙ୍କୁ ଦେଖାଇ ଥାନ୍ତା ବିଦାୟ କାଳୀନ ହାତ ହଲାଇବା ତାଙ୍କର ପ୍ରିୟ ଲୋକମାନଙ୍କ ପାଇଁ । ତାଙ୍କ ପାଟିରୁ ଯନ୍ତ୍ରଣାଦାୟକ ଶବ୍ଦ ବାହାରୁ ଥିଲା ମାତ୍ର ସେ ପର୍ଯ୍ୟନ୍ତ ତାଙ୍କର ମୁହଁ ହସ ହସ ଥିଲା । ଯାହାବି ହେଉ, ଈଶ୍ୱରଙ୍କର ଅନ୍ୟ ଯୋଜନା ଥିଲା । ଯେତେବେଳେ ବ୍ରୁଶ ଓ ତାଙ୍କର ବନ୍ଧୁ ସେହି ଅଞ୍ଚଳରେ ବିମାନରେ ଅଳ୍ପ ଉଚ୍ଚରେ ଉଡୁଥିବା ସମୟରେ ବେଙ୍ଗେଟଙ୍କର ବିମାନର ଧଳା ଧାତୁରେ ତିଆରି ହୋଇଥିବା ତଳପେଟ ଅଂଶରେ ସୂର୍ଯ୍ୟକିରଣ ପଡି ପ୍ରତିଫଳିତ ହୋଇ ଚକ୍ ଚକ୍ ଦେଖା ଯାଉଥିବାରୁ ଏହି ଦୁଇଜଣଙ୍କର ଅନ୍ୱେଷଣକାର ଆଖି ତାହା ଦେଖି ପାରିଥିଲା ଏବଂ ଶେଷରେ ବେଙ୍ଗେଟ୍ ଉଦ୍ଧାର ପାଇଥିଲେ ।

କାହିଁକି ଏ ଗଳ୍ପଟିକୁ ଲେଖିଲି ଜାଣନ୍ତି ? କାରଣ ତା'ପରେ ବେଙ୍ଗେଟ ମତେ କହିଥିଲେ କିପରି ସେ ସେହିଠାରେ ଦଶଦିନ ଧରି ଈଶ୍ୱରଙ୍କର ଦୟା ସିଂହାସନର ପ୍ରାନ୍ତଭାଗରେ ବାସ କରୁଥିଲେ । ତା'ପରେ ମୁଁ ଯେତେବେଳେ ତାଙ୍କୁ ପୁନର୍ବାର ଦେଖିଥିଲି, ସେ ମତେ କହିଥିଲେ ଯେ, ଯେତେବେଳେ ସେ ଈଶ୍ୱରଙ୍କ ସହିତ ଏକାକୀ ବରଫାବୃତ୍ତ ପର୍ବତର ତୀଖ ସ୍ଥାନରେ ଥିଲେ ପବିତ୍ର ଆତ୍ମା ତାଙ୍କୁ ଅନୁମତି ଦେଇଥିଲେ ଜଗତରେ ଥିବା ତାଙ୍କ ଜୀବନର ପୃଷ୍ଠାଗୁଡ଼ିକୁ ଓଲଟାଇ ଦେଖିବା ପାଇଁ ଯେପରି ସେ ଅତିଶୀଘ୍ର ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଡାକରା ଆସିବ । ସେ କହିଥିଲେ, ଏହା ଥିଲା ବିଶ୍ୱାସୀମାନଙ୍କର 'ଦୟାସିଂହାସନ' ଯାହାକି ସମୟକୁ ଆଗେଇବା ପାଇଁ ତାଙ୍କ ନିକଟକୁ ଆସିଥିଲା ସତେ ଯେପରି ତାଙ୍କ ଜୀବନ ତାଙ୍କ ସମ୍ମୁଖରେ କାଢ଼ି ନିଆଯିବ । ସେହି ସମୟରେ ବେଙ୍ଗେଟ୍ ତାଙ୍କର ଉତ୍ସର୍ଗୀକୃତ ଜୀବନର ଖ୍ରୀଷ୍ଟିୟ ସେବା କାର୍ଯ୍ୟଗୁଡ଼ିକ ଉପରେ ଆଲୋକ ପାତ କରିଥିଲେ ଏବଂ ଜାଣିବାକୁ ଚାହିଁଥିଲେ ତାଙ୍କର ଅନନ୍ତ ଜୀବନ ନିମନ୍ତେ ଏଗୁଡ଼ିକ ପ୍ରକୃତରେ କେତେ ପରିମାଣରେ ଗଣାଯିବ ?

ଅଧିକ ଗୁରୁତ୍ୱ ଦେଇ ବେଙ୍ଗେଟ ମତେ କହିଥିଲେ ଯେ, ସେ ଜାଣିବାକୁ ପାଇଥିଲେ ଯେ, ମଣ୍ଡଳୀର ବୋର୍ଡ ସଭା(ମିଟିଙ୍ଗ), ମିଶ୍‌ନେରୀମାନଙ୍କର କାଉନ୍‌ସିଲମିଟିଙ୍ଗ୍ ଏବଂ ତାଙ୍କର ଅନେକ ମଣ୍ଡଳୀ ସମ୍ବନ୍ଧୀୟ କାର୍ଯ୍ୟକ୍ରମଗୁଡ଼ିକୁ ଯଦିବା ଆନନ୍ଦର ସହିତ କରିବା ପାଇଁ ପ୍ରତିଶ୍ରୁତି ନିଆଯାଇଥିଲା । ସେ ସବୁ କାର୍ଯ୍ୟ ବାସ୍ତବରେ ତାଙ୍କର ଶାରୀରିକ ବଳ ଦ୍ୱାରା କରିଥିଲେ । ସେହି କାର୍ଯ୍ୟଗୁଡ଼ିକ ଦ୍ୱାରା ନିଜର ଦକ୍ଷତା ଓ ସକ୍ଷମତା ପ୍ରକାଶ କରିଥିଲେ । ମାତ୍ର ପବିତ୍ର ଆତ୍ମାଙ୍କର ଉଚ୍ଛୁଳି ଉଠୁଥିବା ପରିପୂର୍ଣ୍ଣତାର ଫଳ ସ୍ୱରୂପ କରି ନ ଥିଲେ ।

ବେଙ୍ଗେଟ୍ କହିଥିଲେ ଯେ, ସେହି ଦଶଟି ଦିନ ମଧ୍ୟରେ ଈଶ୍ୱର ତାଙ୍କୁ ଏପ୍ରକାର ପାର୍ଥିବ ଘର ବିଷୟରେ କହିଥିଲେ ଯାହାର କାର୍ଯ୍ୟକ୍ରମଗୁଡ଼ିକ କେବଳ କାଠ, ନଡା ଓ କୁଟାର ସଦୃଶ ଥିଲା । (ଏହି ସବୁ ବିଷୟଗୁଡ଼ିକ ଯାହା ବାଇବଲରେ ବର୍ଣ୍ଣନା କରାଯାଇଛି । ଆମ ଜୀବନଗୁଡ଼ିକର ଦିନ ସବୁକୁ ଓ କାର୍ଯ୍ୟ ସବୁକୁ ବୁଝାଏ ଯାହାକି ବିଶ୍ୱାସୀମାନଙ୍କର ପାଇଁ ''ଦୟା ସିଂସହାସନରେ'' ଦଳିଯିବ ଏବଂ ସେଥିପାଇଁ ତାହା ଅନନ୍ତ ଜୀବନ ନିମନ୍ତେ ଗଣାଯିବ ନାହିଁ ।)

ସେହି ଦୁଃଖ, କଷ୍ଟପୂର୍ଣ୍ଣ ଅନୁଭୂତିଗୁଡ଼ିକ ବେଙ୍ଗେଟ ପାଇଁ ପ୍ରକୃତରେ ଉଦ୍ଦୀପନାର ଅନୁଭୂତି ଥିଲା । ଆମ ଭିତରୁ ଯେଉଁମାନେ ତାଙ୍କୁ ପ୍ରେମ କରୁଥିଲୁ ଓ ଅନେକ ଦିନରୁ

ତାଙ୍କୁ ଜାଣିଥିଲୁ ଓ ଈଶ୍ୱରଙ୍କ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିବାର ଆଗ୍ରହକୁ ପ୍ରଶଂସା କରିଥିଲୁ ପରେ ବୁଝିପାରିଥିଲୁ ଯେ ସେ ଆମକୁ କ'ଣ ବୁଝାଇ ଥିଲେ । ଯାହା ତାଙ୍କର ଅବଶିଷ୍ଟ କିଛି ବର୍ଷଗୁଡ଼ିକର ବିଷୟ ବର୍ଣ୍ଣନା କରାଯାଇଥିଲା ମାତ୍ର ଏହା ତାଙ୍କର ନିଜର ସକ୍ଷମତା କିମ୍ବା ବଳର କାର୍ଯ୍ୟ ନ ଥିଲା ମାତ୍ର ଈଶ୍ୱରଙ୍କ ଉଚ୍ଛୁଳି ଉଠୁଥିବା ଆଶିର୍ବାଦ ଓ ଶକ୍ତି ଯାହା ତାଙ୍କର ଜୀବନ ମଧ୍ୟରେ ତରଙ୍ଗିତ ହେଉଥିଲା ବା ଲହରୀ ପରି ଉଠୁଥିଲା । ଯେଉଁଠି ସେ ସାକ୍ଷ୍ୟ ଦେଉଥିଲେ ସେଇଠି ସେ ଏହା କହୁଥିଲେ ।

ଖ୍ରୀଷ୍ଟିୟାନମାନଙ୍କ ପାଇଁ ଏହା ମନେରଖିବା ପାଇଁ ଏକ କୋମଳ ଚିନ୍ତାଧାରା ଯେ, ସମସ୍ତ ବିଶ୍ୱାସୀମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଦୟା ସିଂହାସନରେ ଆମେ ସମସ୍ତେ ଦିନେ ଠିଆ ହେବା । ଦୟାସିଂହାସନଠାରୁ ଏବଂ ସେହି ମହାନ ଶ୍ୱେତ ବିଚାର କରିବା ସିଂହାସନର ପ୍ରଭେଦ ହେଉଛି ସେହି ସ୍ଥାନ । ଯେଉଁଠି ସମସ୍ତ ଅବିଶ୍ୱାସୀମାନେ ବିଚାରିତ ହେବେ ଓ ଦୋଷୀ ସାବ୍ୟସ୍ତ ହୋଇ ଅନନ୍ତ ଜୀବନ ହରାଇବେ । ଯେଉଁଠାରେ ବିଶ୍ୱାସୀମାନଙ୍କ ପାଇଁ ''ବିଚାର ସିଂହାସନ'' ସ୍ଥାପନ କରାଯାଇଛି ସେଠାରେ ପ୍ରତ୍ୟେକ ବିଷୟ ଯାହାସବୁ ବିଶ୍ୱାସର ସହିତ ହୋଇ ନ ଥିଲା, ସେ ସବୁ ଜଳିଯିବ ଏବଂ ଯାହାସବୁ ବିଶ୍ୱାସର ହୋଇଥିବ ସେ ସବୁ ଈଶ୍ୱରଙ୍କ ଗୌରବ ପାଇଁ ସବୁଦିନ ପାଇଁ ଜୀବିତ ରହିବ । କାରଣ ସେ ନିଜେ ତାଙ୍କ କାର୍ଯ୍ୟ କରିବେ, ସେହି ଦିନରେ ଅନେକ ଖ୍ରୀଷ୍ଟିୟାନ ଦୁଃଖର ସହିତ ଆବିଷ୍କାର କରିବେ ଯେ, ଏପରିକି ମଣ୍ଡଳୀରେ ସେମାନଙ୍କ ବ୍ୟବସାୟ ଏବଂ ''ଧାର୍ମିକ ପରିବେଶ'' ମଧ୍ୟରେ ସେମାନଙ୍କର ''ଲୋକ ପ୍ରିୟତା'' ଯାହାସବୁ ତାଙ୍କ ଜୀବନ କାଳରେ ତାଙ୍କୁ ଅଧିକ ସନ୍ତୁଷ୍ଟ କରିପାରୁଥିଲା । ଈଶ୍ୱରଙ୍କଠାରେ ତାହା ତାଙ୍କର ଉପଯୁକ୍ତ ଆତ୍ମିକ ସେବାକାର୍ଯ୍ୟ ରୂପେ ଗଣନା କରାଯିବ ନାହିଁ ।

## ଧଳାପୃଷ୍ଠାଗୁଡ଼ିକ

ମୋ ସମ୍ମୁଖରେ ମୋର ଦୁଇଟି ଧଳା କାଗଜ ଥିଲା । ଦୁଇଟି ପରିଷ୍କାର ଥିଲା, ଦୁଇଟିଯାକ କାଗଜ ସମ୍ପୂର୍ଣ୍ଣ ଖାଲି ଥିଲା । କେହିବି ସେଥିରେ କିଛି ଲେଖି ନ ଥିଲେ



କିମ୍ବା କିଛି ଆଙ୍କି ନ ଥିଲେ । ତୁମେ ଯଦି ତାକୁ ଦେଖିଥାନ୍ତ ତୁମେ ସେଥିରେ କାହାର ଚିନ୍ତାଧାରା ଛପା ହେବାର ଦେଖି ନ ଥାନ୍ତ କିମ୍ବା କୌଣସି ସୁନ୍ଦର ଫୋଟ ଅଙ୍କା ଯାଇଥିବାର ଦେଖି ନ ଥାନ୍ତ କିନ୍ତୁ ସେଇ ସମାନ ସମୟରେ ତୁମେ କାହାର ଭୁଲ୍ ଦେଖି ପାରି ନ ଥାନ୍ତ । ଯେପରି ସେଠାରେ କୌଣସି ସୌନ୍ଦର୍ଯ୍ୟ ନ ଥିଲା, ଠିକ୍ ସେହିପରି ସେଠାରେ କୌଣସି ଦାଗ ବା ମଇଳା ଚିହ୍ନ ନ ଥିଲା । କେବଳ ଧଳା ପୃଷ୍ଠାଗୁଡ଼ିକ *''କିଛି ଲାଭ ନ ଥିଲା କି କିଛି କ୍ଷତି ନ ଥିଲା ।''*

ତୁମର ଓ ଜୀବନଗୁଡ଼ିକ ମଧ୍ୟ ସେହି ଧଳା କାଗଜଗୁଡ଼ିକ ପରି ଅନେକ ଦିନ ଧରି ଧଳା ଥିଲା । ଯଦିବା ଥରେ ତାହା ପାପ ଦ୍ୱାରା କଳଙ୍କିତ ହୋଇ ଥିଲା ବା ଦାଗ ଲାଗିଥିଲା କିନ୍ତୁ ବର୍ତ୍ତମାନ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ ଅନୁଗ୍ରହ ହେତୁରୁ ଏବଂ ଯୀଶୁଙ୍କର ପ୍ରାୟଶ୍ଚିତ୍ତ ରକ୍ତ ମଧ୍ୟ ଦେଇ ଜୀବନର ପ୍ରତ୍ୟେକ ପୃଷ୍ଠଗୁଡ଼ିକ ବିଶ୍ୱାସୀମାନଙ୍କ ପାଇଁ ପରିଷ୍କୃତ ହୋଇ ସାରିଛି । କିଛି ହିଁ ଅବଶିଷ୍ଟ ରଖାଯାଇ ନାହିଁ, ମାତ୍ର ସେହିସବୁ *''ହିମ ପରି ଶୁକ୍ଳବର୍ଣ୍ଣ ହୋଇଛି ।''* ଯେପରି ମୁଁ ମୋର ଜୀବନର ପୂର୍ବ ସମୟର କିଛି ପୃଷ୍ଠା ଉପରେ ଦୃଷ୍ଟି ପକାଉଥିଲି ଜଣେ ଖ୍ରୀଷ୍ଟିୟାନ ଭାବରେ ମୁଁ ଦୁଃଖର ସହ ମନେ ପକାଉ ଥିଲି କିପରି ଜାଣତରେ କିମ୍ବା ଅଜାଣତରେ ସବଳତା ମଧ୍ୟ ଦେଇ ବା ଦୁର୍ବଳତା ମଧ୍ୟ ଦେଇ ମୁଁ ପାପ କରିଥିଲି ଏବଂ ପବିତ୍ରଆତ୍ମାଙ୍କୁ ଦୁଃଖ ପ୍ରଦାନ କରିଥିଲି । ଯୀଶୁଙ୍କର ପବିତ୍ର ରକ୍ତ ବ୍ୟତୀତ ସେଇ ଧଳା ପୃଷ୍ଠାଗୁଡ଼ିକରେ ସବୁଦିନ ପାଇଁ ପାପର ଅସୁନ୍ଦର ଦାଗଗୁଡ଼ିକ ଦ୍ୱାରା ଏବଂ ମୋର ଆତ୍ମକୈନ୍ଦ୍ରିକତା ଦ୍ୱାରା କଳଙ୍କିତ ହୋଇ ରହିଯାଇଥାନ୍ତା । କେତେ ମହାନ ଦୟା ଓ ଅନୁଗ୍ରହ ଈଶ୍ୱର ମତେ ପ୍ରଦାନ କରିଅଛନ୍ତି । ତେଣୁ ଯଦିବା ସେହି ପୃଷ୍ଠଗୁଡ଼ିକ ଯାହା ଦିନେ ପାପର ଦାଗରେ ଦାଗଯୁକ୍ତ ହୋଇଥିଲା । ବର୍ତ୍ତମାନ ତାହା ହିମପରି ଶୁକ୍ଳ ହୋଇଛି । *ଧଳା ପୃଷ୍ଠାଗୁଡ଼ିକରେ କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ ସେଥିରେ ଆଉ ଦାଗ କିମ୍ବା ମଇଳା ଚିହ୍ନ ନାହିଁ ।*

ଯାହାବି ହେଉ, ଏହା ମୋ ପାଇଁ ଏକ ଚିନ୍ତାଧାରା ଅଟେ । ଏହା ମଧ୍ୟ ମୁଁ ଜାଣିଲି ଯେ, ପବିତ୍ରଆତ୍ମା ଯାହା ମୋ ମଧ୍ୟ ଦେଇ କରି ନାହାନ୍ତି । ତାହା ଅନନ୍ତଜୀବନ

ପାଇଁ ଗଣିତ ହେବ ନାହିଁ । ପ୍ରେରିତ ପାଉଲଙ୍କ ବାକ୍ୟରେ ସେହି ସମୟରେ ଜୀବନଶୈଳୀ ଏହିପରି ବର୍ଣ୍ଣନା କରାଯାଇଛି - *''ଯଦି କାହାରି କର୍ମ ପୋଡିଯିବ, ତାାର କ୍ଷତି ହେବ ତଥାପି ସେ ରକ୍ଷା ପାଇବ । କିନ୍ତୁ ତାହା ଅଗ୍ନିମଧ ଦେଇ ଗମନ କଲା ପରି ହେବ''* (୧ମ କରିନ୍ଥୀୟ ୩:୧୫) । ଯେତେବେଳେ ମୋ ଜୀବନରେ ପବିତ୍ରଆତ୍ମା ଉଚ୍ଛୁଳି ଉଠି ପାରନ୍ତି ନାହିଁ । ଯଦିବା କ୍ଷମାଦାନକାରୀ ପ୍ରଭୁଙ୍କ ଦ୍ୱାରା ମୋର ପାପଗୁଡ଼ିକ ସମ୍ପୂର୍ଣ୍ଣ ଦୂରେଇ ଦିଆଯାଇଥାଏ । ତଥାପି ମୋ ଜୀବନରେ ଏମିତି କୌଣସି କାର୍ଯ୍ୟ ସମ୍ପାଦିତ ହୋଇ ପାରେ ନାହିଁ ଯାହାକି ମୋର ଅନନ୍ତ ଜୀବନ ପାଇଁ ଗଣନା କରାଯାଇ ପାରିବ । ତେଣୁ - *ଧଳା ପୃଷ୍ଠଗୁଡ଼ିକ ଥାଏ, ମାତ୍ର ଦୁଃଖର ବିଷୟ ଏହି ଯେ ସେଥିରେ କିଛି ଲାଭ ନ ଥାଏ ।*

ଯଦିବା ଜୀବନର କିଛିଟା ପୃଷ୍ଠା ସବୁଦିନ ପାଇଁ ଧଳା ହୋଇ ରହିଥାଏ ଅନ୍ୟ ପୃଷ୍ଠାଗୁଡ଼ିକ ଉପରେ ପୋଷାକ ପତ୍ର ସୌନ୍ଦର୍ଯ୍ୟର ଅଲିଭା ଚିତ୍ର ତା ଉପରେ ଅଙ୍କିତ ହୋଇପାରେ । ଯେଉଁ ପୃଷ୍ଠାଗୁଡ଼ିକରେ ତାଙ୍କର ପ୍ରେମିକ କଣ୍ଟାବିନ୍ଧା ହାତରେ ଚିତ୍ରିତ ହୋଇଥାଏ ତାହା ତାଙ୍କ ପାଇଁ ଚିରସ୍ଥାୟୀ ଗୌରବ ଆଣି ଦେଇଥାଏ । ଏହି ଗୌରବମୟ ପୃଷ୍ଠାଗୁଡ଼ିକ ପ୍ରତ୍ୟେକ ବିଶ୍ୱାସୀ ପାଇଁ ସେହି ଲିପିବଦ୍ଧ କରି ରଖାଯାଇଥାଏ । ଯେଉଁ ଦିନଗୁଡ଼ିକରେ ଅମେ ତାଙ୍କର ଯୋଗ୍ୟ ପାତ୍ର ବା ପାତ୍ରୀ ହୋଇ ପାରିବୁ ଯାହା ମଧଦେଇ ଅନନ୍ତଈଶ୍ୱର ତାଙ୍କ ଅନନ୍ତ କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇପାରିବେ । *ହଁ, ଧଳା ପୃଷ୍ଠାଗୁଡ଼ିକ, କିନ୍ତୁ ଈଶ୍ୱରଙ୍କର ପ୍ରଶଂସା ଅତି ଅଧିକ ହୋଇଥାଏ* ।

## ନଷ୍ଟ ହୋଇଯାଇଥିବା ବର୍ଷଗୁଡ଼ିକ

ଏହା କିପରି ଦୁଃଖ ଦାୟକ, ଈଶ୍ୱର ଯେଉଁମାନଙ୍କୁ ପ୍ରତି ଦିନ ନିମନ୍ତ୍ରଣ ଜଣାନ୍ତି ''ଆସ ଏବଂ ଭୋଜନ କର ।'' ମାତ୍ର ସେମାନେ ତାହା ନ ଶୁଣି ତାଙ୍କର ବହୁମୂଲ୍ୟ ବର୍ଷଗୁଡ଼ିକ ନଷ୍ଟ କରି ଦେଇଥାଆନ୍ତି । ଯେପରି ସେମାନେ ସେମାନଙ୍କର ପ୍ରଭୁଙ୍କର ଆନନ୍ଦ ଓ ଗଭୀର ସହଭାଗିତାରେ ଜୀବନ କାଟିବା ପରିବର୍ତ୍ତେ ପୁଣି ପରିତ୍ରାଣକର୍ତ୍ତାଙ୍କୁ



ଆନନ୍ଦ ଆଣି ଦେବା ପରିବର୍ତ୍ତେ ନିଜର ଆନନ୍ଦକୁ ଅଧିକ ଉପଭୋଗ କରି ସେମାନଙ୍କର ବର୍ଷଗୁଡ଼ିକୁ ନଷ୍ଟ କରି ଦେଇଥାନ୍ତି ।

ଦୁଃଖ ଭରା ଆନନ୍ଦରେ ମୋର ହୃଦୟ ଭରିଯାଏ, ଯେତେବେଳେ ମୁଁ ସେହି ବୟସ୍କ ଭଦ୍ରବ୍ୟକ୍ତିଙ୍କ ବିଷୟ ସ୍ମରଣ କରେ । ଯେ କି ତାଙ୍କ ଜୀବନର ସୁଯୋଗଗୁଡ଼ିକ ହରେଇବାର ଆଘାତରେ ଓ ଆପ୍ରାକୃତିକ ଆନନ୍ଦଗୁଡ଼ିକ ଜୀବନରେ ଉପଭୋଗ କରିବା ଦ୍ୱାରା ତାଙ୍କର ବର୍ଷଗୁଡ଼ିକ ସେ ହରେଇଥିଲେ ଏବଂ ଏହା ଦ୍ୱାରା ତାଙ୍କର ପରିତ୍ରାଣ ପ୍ରାପ୍ତ ଜୀବନ ମଳିନ ପଡ଼ି ଯାଇଥିଲା । ମୋର ପରିବର୍ତ୍ତନ ହେବାର ଠିକ୍ ପରେ ପରେ ମୁଁ ଓ ଆଉ କିଛି ଜଣ ଯୁବକମାନେ, ଯେଉଁମାନେ କି ଅତିନିକଟରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ । ସେମାନେ ଓ ମୁଁ ମିଶି ଏକ ସ୍ଥାନୀୟ ଡାକ୍ତରଖାନାକୁ ଖ୍ରୀଷ୍ଟିୟ ସେବାକାର୍ଯ୍ୟ ପାଇଁ ଯାଉଥିଲୁ ପୁଣି ପ୍ରତ୍ୟେକ ଶନିବାର ରାତିରେ ସୁସମାଚାର ବାର୍ତ୍ତାର ଅଂଶୀ ହେଉଥିଲୁ ଓ କେତେକ ବୟସ୍କ ଲୋକ ଯେଉଁମାନେ ରୋଗର କଷ୍ଟ ଏତେଦୂର ଭୋଗ କରିଥିଲେ ଯେ, ସେମାନେ ଆଉ କେବେ ସୁସ୍ଥ ହୋଇ ପାରିବେ ନାହିଁ କି ଏହି ଡାକ୍ତରଖାନାର ୱାର୍ଡରୁ ଘରକୁ ଫେରି ପାରିବେ ନାହିଁ ଏପରି ଲୋକଙ୍କ ସହିତ ପ୍ରାର୍ଥନା କରୁଥିଲୁ । ଏକ ନିର୍ଦ୍ଦିଷ୍ଟ ସନ୍ଧ୍ୟାରେ ମୁଁ ଡାକ୍ତରଖାନାର ଏକ ବୃଦ୍ଧ ବ୍ୟକ୍ତିଙ୍କର ଖଟ କରରେ ବୁଲୁଥିବା ସମୟରେ ତାଙ୍କୁ ଦେଖିଲି । ମନେ ହେଉଥିଲା ସେ ଆଉ ଆଦୌ ସୁସ୍ଥ ହୋଇ ପାରିବେ ନାହିଁ । ଆମର ଆସନ୍ତା ଶନିବାର ପ୍ରାର୍ଥନାସଭା ପୂର୍ବରୁ ହୁଏତ ସେ ମୃତ୍ୟୁବରଣ କରି ସାରିଥିବେ ।

ଆମ ପାଖରୁ ଆମର ଏକ ସାରଗର୍ଭିକ ବାଇବଲ ବାର୍ତ୍ତା ଶୁଣିବା ପରେ ସେ ଠିକ୍ ଭାବରେ ହଲ୍‌ଚଲ୍ ହୋଇ ପାରିଥିଲେ ଏବଂ ତାଙ୍କ ଆଖିର ଲୁହ ତାଙ୍କ ଗାଲ ମଧ ଦେଇ ଗଡିଯାଉଥିବା ସମୟରେ ସେ ବିନା ଦ୍ୱିଧାରେ ପ୍ରକାଶ କରିଥିଲେ, ''ମୁଁ ଜାଣେ ମୁଁ ରକ୍ଷା ପାଇଅଛି ଏବଂ ମୁଁ ସ୍ୱର୍ଗୁ ଯାଉଅଛି ।'' ''ଅତି ଚମତ୍କାର ।'' ତାଙ୍କର କଥା ଶୁଣିବା ପରେ ମୁଁ ଏହା କହି ତାଙ୍କୁ ଉତ୍ତର ଦେଇଥିଲି ତାପରେ ମୁଁ କିଛି କହିବା ପୂର୍ବରୁ ସେ କଇଁ କଇଁ ହୋଇ କାନ୍ଦିବା ଆରମ୍ଭ କରି ଦେଇଥିଲେ । ଅବାରିତ ଆନନ୍ଦ ପାଇଁ ସେ କାନ୍ଦୁ ନ ଥିଲେ ମାତ୍ର ଅନ୍ତର ଭିତରେ ହୋଇଥିବା

ଆଘାତର ଯନ୍ତ୍ରଣା ପାଇଁ ସେ କାନ୍ଦୁଥିଲେ ଏବଂ ସେ ଏକ ଥର ଥର ଗଳାରେ ଧୀରେ ଧୀରେ କହିଥିଲେ, ହଁ - କିନ୍ତୁ ସମ୍ପୂର୍ଣ୍ଣ ଭାବରେ ନୁହେଁ - ତୁମେ ମତେ ଦେଖ । ବର୍ତ୍ତମାନ ମୁଁ ଏକସ୍ତରୀ ବୟସର ବୃଦ୍ଧ ଏବଂ ମୋର ଜୀବନର ସତୁରୀ ବର୍ଷ ମୁଁ ନଷ୍ଟ କରି ସାରିଛି ।

ଜଣେ ପରିବର୍ତ୍ତିତ ଯୁବକ ଭାବରେ, ମୁଁ ବା ତାଙ୍କୁ କ'ଣ ଉତ୍ତର ଦେଇଥାନ୍ତି ? ମୁଁ ମନେ ପକେଇ ପାରୁ ନାହିଁ ମୁଁ କିପରି ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ଚେଷ୍ଟା କରିଥିଲି । ମାତ୍ର ଏତିକି ମନେ ପକାଉଛି, ସେହି ରାତିରେ ଘରକୁ ଫେରିବା ସମୟରେ ମୁଁ ଆଣ୍ଠୋଇ ପଡ଼ି ପ୍ରଭୁଙ୍କୁ ଏପ୍ରକାର କିଛି କହିଥିଲି - ''ପ୍ରଭୋ, ଯଦିବା ମୁଁ ବର୍ତ୍ତମାନ ମୁଁ ଜୀବନର ଭବିଷ୍ୟତ ଭିତରକୁ ଦେଖି ପାରୁଛି ଯାହା ଦିନେ ମୁଁ ଜୀବନର ପଛକୁ ଫେରି ଦେଖିବି । ଯେତେବେଳେ ମୋର ସ୍ୱର୍ଗକୁ ଆସିବାର ସମୟ ହେବ । ମୁଁ ଚାହୁଁ ନାହିଁ କେବଳ ମୋର ଆତ୍ମା ରକ୍ଷା ପାଇଥିବ ମାତ୍ର ଜୀବନ ମଧ ନଷ୍ଟ ହୋଇ ନ ଥିବ । ଆଜି ରାତିରେ ମୁଁ ଆଉଥରେ ମୋର ଜୀବନକୁ ତୁମ ଠାରେ ସମର୍ପଣ କରୁଛି । ମୁଁ ପ୍ରାର୍ଥନା କରୁଛି ଯେପରି ଏହା ମୋର ଅନନ୍ତଜୀବନ ନିମନ୍ତେ ଗଣନା କରାଯିବ ।

ପୁରାତନ ନିୟମରେ ହବକ୍‌କୁକ୍ ଭବିଷ୍ୟତ ବକ୍ତା । ସତର୍କ କରିଦେଇଛନ୍ତି ଯେ, ''ଶକ୍ତିର ପ୍ରାଚୁର୍ଯ୍ୟତାକୁ କାମରେ ଲଗାଇବା ବଡ଼ ସହଜ ମାତ୍ର ତାପରେ ଆମେ ଯେତେବେଳେ ଦେଖିବା ଯେ ଯାହା ଆମେ କରିଯାଇଛୁ ତାର ପରିମାଣ କିଛି ନାହିଁ । ତାଙ୍କ ଭବିଷ୍ୟତ ବାକ୍ୟ ପ୍ରଚାର କରିବାର ଦିନରେ ସେ ଲୋକମାନଙ୍କୁ ଜଣାଇ ଦେଇଥିଲେ ଯେ, *''ମାତ୍ର ଧାର୍ମିକ ଲୋକ ଆପଣା ବିଶ୍ୱାସ ଦ୍ୱାରା ବଞ୍ଚିବେ''* (ହବକ୍‌କୁକ୍ ୨:୪) । ସେ ମଧ ସେମାନଙ୍କୁ ଆହୁରି ସତର୍କ କରାଇ ଦେଇଥିଲେ ଯେ, ଯେଉଁମାନେ ବିଶ୍ୱାସର ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଉପରେ ନିର୍ଭର ରଖନ୍ତି ନାହିଁ । *ସେମାନେ ଅଗ୍ନିର ନିମନ୍ତେ ପରିଶ୍ରମ କରନ୍ତି* (ହବକ୍‌କୁକ୍ ୨:୧୩) । କାରଣ ଯେଉଁ ଲୋକମାନେ ସେମାନଙ୍କର ନଗର ସ୍ଥାପନ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କର ଉପରେ ନିର୍ଭର ରଖନ୍ତି ନାହିଁ । ସେମାନଙ୍କର



ଗୃହ କିଛି ଅବଶିଷ୍ଟ ରହିବ ନାହିଁ, ମାତ୍ର କେବଳ 'ପାଉଁଶ' ରହିଯିବ । ଠିକ୍ ସମାନ ଭାବରେ ଆମେ ଯାହା ନିର୍ମାଣ କରୁ ସେଥିରେ ସମ୍ପୂର୍ଣ୍ଣ ରୂପେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରି ନ ଥିଲେ । ଗୋଟିଏ ଦିନ ଆସିବ ଯେଉଁ ଦିନ ସେହି ତେଜସ୍ୱୀ ଈଶ୍ୱରଙ୍କ ଉପସ୍ଥିତିକୁ କିଛି ଅଣା ଯାଇ ପାରିବ ନାହିଁ ।

ତାପରେ ନୂତନ ନିୟମରେ, ପାଉଲ ଏହିପରି ସତର୍କ କରିଛନ୍ତି । କିନ୍ତୁ *ଯଦି କେହି ସେହି ଭିତ୍ତିମୂଳ ଉପରେ ସୁନା, ରୂପା, ବହୁମୂଲ୍ୟ ପଥର, କାଠ, ଘାସ ବା ଛଣ ଦେଇ ନିର୍ମାଣ କରେ । ତାହା ହେଲେ ପ୍ରତ୍ୟେକ ଜଣର କର୍ମ କିପ୍ରକାର, ତାହା ପ୍ରକାଶ ପାଇବ । କାରଣ ସେହି ଦିନ ତାହା ପ୍ରକାଶ କରିବ । ଯେଁ ସେହି ଦିନ ଅଗ୍ନି ସହିତ ପ୍ରକାଶିତ ହେବ । ଆଉ ପ୍ରତ୍ୟେକ ଲୋକର କର୍ମ କି ପ୍ରକାର ସେହି ଅଗ୍ନି ପରୀକ୍ଷା କରିବ । ତେବେ ସେ ପୁରସ୍କାର ପାଇବ । ଯଦି କାହାର କର୍ମ ପୋଡ଼ି ଯିବ । ତାର କ୍ଷତି ହେବ । ତଥାପି ସେ ନିଜେ ରକ୍ଷା ପାଇବ । କିନ୍ତୁ ତାହା ଅଗ୍ନି ମଧ ଦେଇ ଗମନ କଲାପରି ହେବ* (୧ମ କରିନ୍ଥୀୟ ୩:୧୨-୧୫) ।

ସେହି ଏକସ୍ତରୀ ବର୍ଷ ବୟସ୍କ ବୃଦ୍ଧ ଭଦ୍ର ବ୍ୟକ୍ତି ହସପିଟାଲ୍‌ରେ ଆନନ୍ଦରେ ଥିଲେ । ସେ ରକ୍ଷା ପାଇଯାଇଥିଲେ କିନ୍ତୁ ସେ ମଧ ରକ୍ଷା ପାଇ ଯାଇଥିବାରୁ ଦୁଃଖିତ ଥିଲେ । - *ଯେପରି ଅଗ୍ନି ମଧଦେଇ* । ଅଗ୍ନି ତାଙ୍କ ଜୀବନର କାଠ, ନଡ଼ା, କୁଟାକୁ ଜଳାଇ ଦେଇ ଥାଆନ୍ତା । ସେହି ସମାନ ଅଗ୍ନି ଯାହା ସୁନା, ରୂପା ଓ ବହୁମୂଲ୍ୟ ପଥରକୁ ପରିଷ୍କୃତ କରି ଖାଣ୍ଟି କରି ଦେଇ ଥାଏ । ଏହିସବୁ ମଧ ଦେଇ ପବିତ୍ରଆତ୍ମା ଈଶ୍ୱରଙ୍କର ନିଜର ଚିରସ୍ଥାୟୀ ବାସସ୍ଥାନ ସ୍ୱାଧୀନ ଭାବରେ ଗଢ଼ି ପାରିବେ ।

## ଅନନ୍ତ ଜ୍ୟୋତିଃ

ଏକ ଅନନ୍ତ ଈଶ୍ୱର ତାଙ୍କର ଅନନ୍ତ କାର୍ଯ୍ୟ ପ୍ରତ୍ୟେକ ଖ୍ରୀଷ୍ଟିୟାନ ମଧ ଦେଇ କରିବେ । ଯେଉଁମାନେ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ରହିଥିବେ । ବିଶ୍ୱାସରେ ସିଦ୍ଧିଲାଭ କରିଥିବେ ଏବଂ ଈଶ୍ୱରଙ୍କ ବାକ୍ୟ ସେମାନଙ୍କ ଜୀବନର ପ୍ରୟୋଗ କରିଥିବେ । ଏ ପ୍ରକାର ବିଶ୍ୱାସୀମାନେ ପ୍ରତ୍ୟେକ ନୂତନ ଦିନକୁ ଆନନ୍ଦିତ ଏବଂ

ସମର୍ପିତ ହୃଦୟର ସହିତ ସମ୍ମୁଖୀନ ହୋଇ ପାରିବେ । ଯେପରି ସେମାନେ ଭରସା ପ୍ରାପ୍ତ ହୋଇ ସାକ୍ଷ୍ୟ ଦେଇ ପାରିବେ । ''*ଅତଏବ ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷ ଜନକ ଉପାସନା କରୁ*'' (ଏବ୍ରୀ ୧୨:୨୮) । ପ୍ରଭାବିତ କରି ପାରୁଥିବା ନିୟମିତ ''ଏକତ୍ର ସମୟ''ଗୁଡ଼ିକ ଆମକୁ ପବିତ୍ର ଆତ୍ମାଙ୍କର ଶକ୍ତିରେ ଚାଲିବା ପାଇଁ ଉତ୍ସାହିତ କରିବ । ଆମର ଶାରୀରିକ ଶକ୍ତି ବଳରେ ଏହା ହୋଇ ପାରିବ ନାହିଁ ।

ଦିନେ, ଈଶ୍ୱରଙ୍କର ପବିତ୍ର ଉପସ୍ଥିତି ଅନ୍ୱେଷଣ କରୁଥିବା ଆଲୋକ ଉପଭୋଗ କରିପାରିବେ । ସେହି ଲୋକମାନେ ଯେଉଁ ଜୀବିତ ଈଶ୍ୱରଙ୍କ କାର୍ଯ୍ୟ ପାଇଁ ଯୋଗ୍ୟ ପାତ୍ର ହୋଇ ସାରିଛନ୍ତି ସେମାନେ ଅତ୍ୟଧିକ ଆନନ୍ଦରେ ଆନନ୍ଦିତ ହେବେ । ହଁ, ଯେପରି ଆମେ ତାଙ୍କର ସଜ୍ଜିତ ମେଜ ପାଖକୁ ଦିନ-ପ୍ରତିଦିନ ଯାଇ ପାରୁଥିବା । ଈଶ୍ୱରଙ୍କ ଜ୍ୟୋତିଃ ଏବଂ ପ୍ରେମ ଆମକୁ ନିମନ୍ତ୍ରିତ କରିଥାଏ ଏବଂ ତାଙ୍କ ସହିତ ସ୍ୱଚ୍ଛ ସହଭାଗିତାକୁ ଉପଭୋଗ କରିବା । ଏପରି ଭାବରେ ଆମେ ଏକ ଅନ୍ଧକାର ଓ ସ୍ୱାର୍ଥପର ଜଗତରେ ଜ୍ୟୋତିଃ ଓ ପ୍ରେମର ମାଧ୍ୟମ ହୋଇ ପାରିବା ।



## ଆତ୍ମିକ ଜୀବନର ସମୀକ୍ଷା

୧) ବର୍ତ୍ତମାନ ମୁଁ ଯେପରି ଜୀବନ କାଟୁଛି, ଯଦି ସେହି ପ୍ରକାରେ ଜୀବନ କାଟି ଚାଲିଥାଏ, ତେବେ ଖ୍ରୀଷ୍ଟଙ୍କର ଦୟା ସିଂହାସନ ତଳେ ମୋର କିଛି ଫଳ ରହିବ କି ?

୨) ଯେତେବେଳେ ମୁଁ ପ୍ରାର୍ଥନା କରେ, ଈଶ୍ୱରଙ୍କୁ ମୋର ଅନନ୍ତ ଜ୍ୟୋତିଃ ରୂପେ ସମ୍ବୋଧନ କରିଥାଏ କିମ୍ବା କେବଳ ସ୍ୱର୍ଗରେ ମୋର ବ୍ୟକ୍ତିଗତ ଲାଭ ପ୍ରଦାନକାରୀ ରୂପେ ତାଙ୍କୁ ମାନି ଥାଏ କି ?

୩) ବର୍ତ୍ତମାନ ଦାଉଦଙ୍କ ପ୍ରାର୍ଥନା ପରି ମୋର ପ୍ରାର୍ଥନା କରିବା ଆବଶ୍ୟକ କି ? ତୁମ୍ଭେ ନିଜ ବାକ୍ୟାନୁସାରେ ମତେ ସଚେତନ କର । (ଗୀତ ସଂହିତା ୧୧୯:୨୫)

*ପ୍ରିୟ ପ୍ରଭୁ, ଜୀବନ୍ତ ଆହର ମତେ ପ୍ରଦାନ କର ।*
*ଯେପରି ତୁମେ ଯୋଗାଇ ଥିଲ ସେହି ସମୁଦ୍ର କୂଳରେ ।*
*ତୁମର ଏହି ପବିତ୍ର ପୁସ୍ତକ ମଧ୍ୟରେ*
*ତୁମକୁ ମୁଁ ଖୋଜି ଥାଏ, ଦିବା ନିଶିରେ,*
*ମୋ ପ୍ରାଣ ଆକୁଳ ହୁଏ, ତୁମର*
*ଜୀବନ୍ତ ବାକ୍ୟ ଗ୍ରହଣ କରିବାରେ ।*

*ତୁମେ ଅଟ ମୋର ଜୀବନ୍ତ ଆହାର,*
*ହେ ପ୍ରଭୁ, ତୁମର ପବିତ୍ର ବାକ୍ୟ,*
*ଓ ସତ୍ୟତାରେ ମୋତେ ଉଦ୍ଧାର କର*
*ତୁମେ ମୋତେ ଭୋଜନ କରାଅ,*
*ତୁମ ମଧ୍ୟରେ ବାସ କରାଅ,*
*ତୁମର ସତ୍ୟତାକୁ ପ୍ରେମ କରିବାକୁ,*
*ହେ ପ୍ରେମିକ ପିତା ମୋତେ ଶିଖାଅ ।*

*ହେ ପ୍ରଭୋ, ତୁମର ଆତ୍ମାକୁ ପଠାଇ ଦିଅ,*
*ମୋ ମଧ୍ୟରେ ତାଙ୍କୁ ବାସ କରାଅ,*
*ମୋର ଚକ୍ଷୁକୁ ଉନ୍ମୁକ୍ତ କର ।*
*ମୋତେ ଦେଖିବାକୁ ସମର୍ଥ କର ।*
*ତୁମ ବାକ୍ୟ ମଧ୍ୟରେ ଥିବା ଗୋପନ ସତ୍ୟତା,*
*ତୁମ ବାକ୍ୟ ମଧ୍ୟ ଦେଇ ମୋତେ ଦେଖାଅ,*
*ତୁମ ବାକ୍ୟରେ ତୁମେ ପ୍ରକାଶିତ ହୁଅ ।*
*ସେ ବାକ୍ୟ ଦ୍ୱାରା ନିଜକୁ ଦେଖିବାକୁ ଦିଅ ।*



# *ଆସ ଏବଂ ଭୋଜନ କର*

ଗାଲିଲୀ ବାଲୁକା ସମୁଦ୍ର କୂଳରେ ଈଶ୍ୱରଙ୍କ ପୁତ୍ର ପୁନରୁତ୍ଥିତ ପ୍ରଭୁଯୀଶୁ ଖ୍ରୀଷ୍ଟ ଏକାକୀ ଠିଆ ହୋଇଥିଲେ । ପାହାନ୍ତା ସମୟରେ କୁହୁଡି ଯୋଗୁ ସେହି ମହା ମହିମ ପ୍ରଭୁଙ୍କର ଉପସ୍ଥିତିକୁ କେହି ଲକ୍ଷ୍ୟ କରି ପାରି ନ ଥିଲେ । ଏପରିକି ଆବସନ୍ନ, କ୍ଳାନ୍ତ ଶ୍ରାନ୍ତ ଶିଷ୍ୟମାନେ ଯେଉଁମାନେ ତାଙ୍କ ସହିତ ଲାଗି ରହିଥିଲେ ସେମାନେ ମଧ୍ୟ ଲକ୍ଷ୍ୟ କରି ପାରି ନ ଥିଲେ । ବୋଧ ହୁଏ ଯୀଶୁଙ୍କର କ୍ରୁଶୀୟ ମୃତ୍ୟୁ ଭୋଗପରେ ଶିଷ୍ୟମାନଙ୍କର ଆତ୍ମିକ ଚକ୍ଷୁ ଧନ୍ଦଳା ହୋଇଯାଇଥିଲା, ତେଣୁ ସେମାନେ ତାଙ୍କର ଉପସ୍ଥିତିକୁ ଅନୁଭବ କରି ପାରି ନ ଥିଲେ ।

କୂଳଠାରୁ ଅଳ୍ପକିଛି ଦୂରରେ ନୈରାଶ୍ୟପୂର୍ଣ୍ଣ ଶିଷ୍ୟମାନେ ଏକ କ୍ଷୁଦ୍ର ଡଙ୍ଗାରେ ସମସ୍ତେ ଏକାଠି ଖୁନ୍ଦାଖୁନ୍ଦି ବସିଥିଲେ । ସେମାନଙ୍କ ମୁହଁରେ ସରସତା ନ ଥିଲା କାରଣ ଗତ ରାତିଟି ସେମାନେ ଚରମ ବିଫଳତାରେ କାଟିଥିଲେ । ଅର୍ଥାତ୍ ରାତିସାରା ମାଛ ଧରିବାକୁ ଚେଷ୍ଟା କରି ମଧ୍ୟ ଗୋଟିଏ ହେଲେ ମାଛ ଧରି ପାରି ନ ଥିଲେ । ତେଣୁ ତାଙ୍କର ମାଛ ଧରି ନ ପାରିବାର ଲଜ୍ଜା ଏବଂ ବିଫଳତାର ଆଘାତ ମିଶିଯାଇ ସେମାନଙ୍କୁ ଆହୁରି ଅଧିକ ଦୁଃଖିତ କରିଥିବା ସମୟରେ, ହଠାତ୍ କାହାର ସ୍ୱର ଶୁଣାଯାଇଥିଲା । ''*ପିଲାମାନେ ତୁମ ପାଖରେ କିଛି ଖାଦ୍ୟ ଅଛି କି ?*'' ଶିଷ୍ୟମାନେ ବୁଲିପଡ଼ି ଦେଖିଲେ କୂଳରେ ଠିଆ ହୋଇ ବ୍ୟକ୍ତି ଜଣକ ସତେ ଯେମିତି ଅତି ପରିଚିତ । ଆଉ କିଛି ଚିନ୍ତା କରିବା ପୂର୍ବରୁ ଆଉ ଏକ ଆଦେଶର ବାଣୀ ଶୁଣିବାକୁ ପାଇଲେ, ''*ନୌକାର ଡାହାଣ ପାଖରେ ଜାଲ ପକାଅ ।*'' ତେବେ ତୁମେ ପ୍ରଚୁର

ମାଛ ଧରିବ'' । ଏହି ଆଦେଶଟି ଶୁଣିବା ପରେ ସତେ ଯେମିତି ଶିଷ୍ୟମାନଙ୍କର ଆତ୍ମିକ ଚକ୍ଷୁ ଉନ୍ମୁକ୍ତ ହୋଇଯାଇଥିଲା । ନିଦ୍ରାରୁ ଜାଗ୍ରତ ହେଲା ପରି ଯୀଶୁଙ୍କର ପ୍ରିୟ ଶିଷ୍ୟ ଯୋହନ ତାଙ୍କର ସେହି ସ୍ୱାଭାବିକ ସ୍ୱରରେ ଆନନ୍ଦିତ ହୃଦୟରେ କେହି କହିଥିଲେ, ''ଏତ ପ୍ରଭୁ'' ! ସେମାନଙ୍କର ନୈରାଶ୍ୟତାରେ ଆଶାର ସଞ୍ଚାର ହେଲା । ଏକ ନୂତନ ଆଶା ନେଇ ଶିଷ୍ୟମାନେ ତାଙ୍କ ପ୍ରଭୁଙ୍କର ଆଦେଶକୁ କାର୍ଯ୍ୟକାରୀ କଲେ ବା ଆଦେଶର ବାଧ୍ୟ ହେଲେ, ବାଧ୍ୟ ହେବା ସଂଗେ ସଂଗେ ଅତିଶୀଘ୍ର ଜାଲଟି ବଡ଼ ବଡ଼ ମାଛରେ ପୂର୍ଣ୍ଣ ହୋଇଯାଇଥିଲା । ଏହା ପରେ ପିତର ଆନନ୍ଦ ଓ ଉତ୍ସାହରେ ନିଜ ପ୍ରଭୁଙ୍କ ଭେଟିବା ପାଇଁ ପୁଙ୍ଗୁଳା ଦେହରେ ସମୁଦ୍ରକୁ ଡେଇଁ ପଡି ପହଁରି ପହଁରି ଯାଇ ପ୍ରଭୁଙ୍କ ନିକଟରେ ପହଞ୍ଚି ଯାଇଥିଲେ ।

ସେହି କୂଳରେ, ସେହି ସମୟରେ ପୁନରୁତ୍ଥିତ ଖ୍ରୀଷ୍ଟ ଓ ଶିଷ୍ୟମାନଙ୍କ ବ୍ୟତୀତ କେହି ନ ଥିଲେ । ପୁନରୁତ୍ଥିତ ଖ୍ରୀଷ୍ଟ ନିଜକୁ ଗୌରବାନ୍ୱିତ କରିବା ପାଇଁ ଏବଂ ଶିଷ୍ୟମାନଙ୍କ ସହିତ ଭୋଜନ କରିବା ପାଇଁ ଅଗ୍ନି ପ୍ରଜ୍ୱଳିତ କରିଥିଲେ । କିଛି ମାଛ ଆଣିବାକୁ କହି ଶିଷ୍ୟମାନଙ୍କ ପାଇଁ ଏକ ଉତ୍ତମ ଭୋଜନ ପ୍ରସ୍ତୁତ କରିଥିଲେ'' ତା'ପରେ ସାଦରେ ନିମନ୍ତ୍ରଣ କରି କହିଥିଲେ, ''*ଆସ ଏବଂ ଭୋଜନ କର*'' (ଯୋହନ ୨୧:୧୨) ।

ଏହା ଥିଲା ତାଙ୍କର ଅନୁଗ୍ରହର ନିମନ୍ତ୍ରଣ । ଯାହା ଦୁଇ ହଜାର ବର୍ଷ ତଳେ କ୍ରୁଶରେ ମୃତ୍ୟୁ ଭୋଗ କରି, ବିଚ୍ଛେଦ ବସ୍ତ୍ରକୁ ଘୁଞ୍ଚାଇ ଦେଇଥିଲେ । ସକାଳ ପରେ ସକାଳ ସତେ ଯେମିତି ଯୀଶୁ ସେହି ସମୁଦ୍ର କୂଳରେ ଠିଆ ହେଲା ପରି ଆଜି ମଧ୍ୟ ଠିଆ ହୋଇଛନ୍ତି, ଅନନ୍ତ ଜୀବନରୂପ ଖାଦ୍ୟଧରି । ଆଦି ମଧ୍ୟ ସେ ଆମକୁ ନିମନ୍ତ୍ରଣ ଜଣାନ୍ତି । ସେହି ସ୍ୱର୍ଗୀୟ ଭୋଜନର ଅଂଶୀ ହେବା ପାଇଁ । ଯାହା ସେ ଅତି ଯତ୍ନର ସହିତ ଆମ ପାଇଁ ପ୍ରସ୍ତୁତ କରିଛନ୍ତି । ହଁ ସେହି ଈଶ୍ୱର, ସେ ଯୀଶୁ, ଆମର ପ୍ରଭୁ ଏବଂ ପରିତ୍ରାଣ କର୍ତ୍ତା । ପ୍ରତ୍ୟେକ ଦିନ ସେ ଅତି ଜାଗ୍ରତର ସହିତ ପ୍ରସ୍ତୁତ କରି ଆମକୁ ନିମନ୍ତ୍ରଣ ଜଣାନ୍ତି । ସେହି ଖାଦ୍ୟ ହେଉଛି ଆମର ''ବିଶ୍ୱାସ'' ପାଇଁ ଏହା ହେଉଛି ''ଈଶ୍ୱରଙ୍କ ବାକ୍ୟ'' । ସେହି ବାକ୍ୟ ହେଉଛି ''*ପବିତ୍ର ବାଇବଲ*'' ।



ଗୋଟିଏ କି ଦୁଇଟି ମୁହୂର୍ତ୍ତ ପରେ ମଁ ତୁମ୍ଭମାନଙ୍କୁ ନିମନ୍ତ୍ରଣ କରିବି । ''ଶୁଣିବା'' ପାଇଁ ନିମନ୍ତ୍ରଣ କରିବି । ଯେମିତି ମୁଁ ''ଏକତ୍ର ସମୟ''ରେ ଈଶ୍ୱରଙ୍କ ନିକଟକୁ ଯାଏ । ମୁଁ ମୋର ଏହି 'ବ୍ୟକ୍ତିଗତ ପ୍ରାର୍ଥନା'ର ସମୟକୁ ରେକର୍ଡ କରି ରଖେ । କାରଣ 'କେବଳ' ଏହି ମୋର ବ୍ୟକ୍ତିଗତ ପ୍ରାର୍ଥନା ମତେ ପରେ ଏକ ବ୍ୟବହାର କରି ପାରୁଥିବା ଉତ୍ସାହକୁ ପ୍ରମାଣ କରି ପାରିବ ଏବଂ ତୁମକୁ ଅଧିକ ସାହାଯ୍ୟ କରିପାରିବ, ଯେତେବେଳେ ତୁମେ ନିୟମିତ ଭାବରେ ତୁମର ପ୍ରଭୁଙ୍କର ଅନୁଗ୍ରହର ନିମନ୍ତ୍ରଣ ''ଆସ ଏବଂ ଭୋଜନ କର''କୁ ରକ୍ଷା କରି ପାରିବ ଏବଂ ତୁମ ପ୍ରଭୁଙ୍କୁ ଉତ୍ତର ଦେଇ ପାରିବ । ତୁମ ସହିତ ଗୋଟିଏ ପ୍ରକୃତ ଜୀବନର 'ଏକତ୍ର ସମୟ'ର ଅଂଶୀ ହେବାକୁ ମୁଁ ତୁମକୁ ଦୁଇଟି ଉପାୟ କହି ସାରିଛି ବା ସୂଚନା ଦେଇସାରିଛି । ପ୍ରଥମଟି ମୋର ଜଣେ ବନ୍ଧୁ । ଯେ କି ଦୟା ପରବଶ ହୋଇ ଏହି ପୁସ୍ତକର ପୂର୍ବ ଅଧ୍ୟାୟଗୁଡ଼ିକ ପଢ଼ିବା ପରେ ଏହି ପୁସ୍ତକଟିକୁ ଠିକ୍ ଭାବରେ ଶେଷ କରିବା ପାଇଁ ମତେ ଅନୁରୋଧ କରିଥିଲେ ।

**ଦ୍ୱିତୀୟ** - ସମୟ ପରେ ସମୟ ଏହିପରି ଅନେକ ବର୍ଷ ଅତିକ୍ରମ ହେବା ପରେ, ମୁଁ ସାକ୍ଷ୍ୟ ଦେବା ପାଇଁ ସୁଯୋଗ ପାଇଥିଲି କିପରି ଈଶ୍ୱର ଲୋକମାନଙ୍କୁ ଏକ ବିଶେଷ ଉପାୟରେ ଆଶିର୍ବାଦ କରିଥିଲେ । ଯେତେବେଳେ ମୁଁ ବିଭିନ୍ନ ଦଳକୁ ଓ ମଣ୍ଡଳୀଗୁଡ଼ିକରେ ଦଳଗତ ''ଏକତ୍ର ସମୟ'' କରିବାରେ ଆଗେଇ ନେଉଥିଲି । ସେହି ସମୟରେ ଲୋକମାନେ ବିଶେଷ ଭାବରେ ଆଶିର୍ବାଦ ପ୍ରାପ୍ତ ହୋଇଥିଲେ ।

ଏହି ପ୍ରକାର ଅବସରଗୁଡ଼ିକରେ ଯେ କୌଣସି ବ୍ୟକ୍ତି ମଧ୍ୟ ଉପସ୍ଥିତ ରହି ଭାଗ ନେଇ ପାରିବେ । କାରଣ ଏଠାରେ କୌଣସି ପ୍ରଶ୍ନ ପଚରାଯାଉ ନ ଥିଲା କିମ୍ବା କୌଣସି ଶିକ୍ଷା ଦିଆଯାଉ ନ ଥିଲା । କେବଳ ପବିତ୍ର ଆତ୍ମାଙ୍କ ନିକଟରେ ପ୍ରାର୍ଥନା କରାଯାଉଥିଲା । ଆମର ସେହି ଏକତ୍ରିତ ସହଭାଗିତାକୁ ପ୍ରତ୍ୟେକ ସମୟରେ ପ୍ରାର୍ଥନା ପୂର୍ବକ ଆରମ୍ଭ କରିଥିଲୁ ଯେପରି ''ପବିତ୍ର ଆତ୍ମା'' ଆମର ଶିକ୍ଷକ ହୋଇ ପାରିବେ । ତାପରେ ଆମେ ସମସ୍ତେ ସମ ସ୍ୱରରେ ସ୍ଥିର କରାଯାଇ ଥିବା ଅଂଶଟିକୁ

ପାଟି କରି ପାଠ କରୁଥିଲୁ । ତା'ପରେ ଆମେ ପୁନର୍ବାର ସେହି ଶାସ୍ତ୍ରର ଆରମ୍ଭକୁ ଫେରି ଆସିଥିଲୁ ଏବଂ ପୁଣି ଥରେ ଏକତ୍ର ଶାସ୍ତ୍ରାଂଶଟି ପ୍ରଥମ ପଦକୁ ଏକତ୍ର ପାଠ କରୁଥିଲୁ । ତାପରବର୍ତ୍ତୀ ପଦକୁ ପଢ଼ିବା ପୂର୍ବରୁ ଆମେ ତିରିଶ ସେକେଣ୍ଡର ଏକ ସମୟରେ ନୀରବରେ କାଟୁଥିଲୁ । ସେହି ନୀରବତାର ସମୟରେ ପ୍ରତ୍ୟେକ ବ୍ୟକ୍ତି ନୀରବରେ ପ୍ରାର୍ଥନାର ସହିତ ସେହି ପଦଟିକୁ ଧ୍ୟାନ କରୁଥିଲୁ । ଆମେ କେବଳ ପାଠ କରୁଥିଲୁ ଓ ତା ମଧ୍ୟରେ ଯଦି କୌଣସି ପ୍ରଶ୍ନ ଥାଏ ସେ ସବୁର ଏକ ତାଲିକା ପ୍ରସ୍ତୁତ କରାଯାଇଥାଏ । ଯେପରି ସେହି ପର୍ବର ଶେଷରେ ତାହାର ଉତ୍ତର ସେହି ପଦରୁ ବାହାର କରାଯାଇପାରିବ । ନୀରବ ପ୍ରାର୍ଥନା ଓ ଧ୍ୟାନ କରିବା ପରେ ପ୍ରତ୍ୟେକ ବ୍ୟକ୍ତି ଖୋଲା ଖୋଲି ଭାବରେ ପରସ୍ପରର ଅଂଶୀ ହେଉ ଥିଲୁ ଏବଂ ଦେଖୁ ଥିଲୁ କିପରି ପବିତ୍ର ଆତ୍ମା ସେହି ପଦଟି କୌଣସି ସ୍ତ୍ରୀ ବା ପୁରୁଷର ହୃଦୟରେ କିପରି ପ୍ରୟୋଗ କରାଯାଇଛି । ତାପରେ ପ୍ରାର୍ଥନାର ଉତ୍ତର ସ୍ୱରୂପେ ସେପରି କରାଯାଉଥିଲା । କୌଣସି ବ୍ୟକ୍ତିଙ୍କ ଦ୍ୱାରା କିମ୍ବା ଉପସ୍ଥିତ ଥିବା ସଭ୍ୟମାନଙ୍କ ଦ୍ୱାରା ଉତ୍ତର ପ୍ରଦାନ କରାଯାଉଥିଲା ।

ଘଟଣା କ୍ରମେ ମୁଁ ବିଶ୍ୱାସ କଲି ଯେ, ଏହି ପଦ୍ଧତିଟି ବା ଏହି ପ୍ରକାରେ ''ଦଳଗତ ଭାବେ'' ଏକତ୍ର ସମୟ ଆୟୋଜନ କଲେ ଏହା ଅଧିକ ଲାଭ ପ୍ରଦ ହୋଇପାରୁଛି । ସେହି ସମୟରେ ମୁଁ ମଧ୍ୟ ପାଠକ ପାଠିକାମାନଙ୍କୁ ଚାପ ପକାଉଥିଲି । ଯେଉଁମାନେ ଏହି ପୁସ୍ତକଟିକୁ ସେମାନଙ୍କର ''ଦଳଗତ ଅଧ୍ୟୟନ'' ନିମନ୍ତେ ବ୍ୟବହାର କରୁଥିଲେ । ସେମାନଙ୍କୁ ଉପରୋକ୍ତ ପ୍ରସ୍ତାବଗୁଡ଼ିକର ଉଦ୍ଦେଶ୍ୟ ସାଧନରେ ପ୍ରୟୋଗ କରିବା ପାଇଁ ଅନେକ ସଭାଗୁଡ଼ିକର ଆୟୋଜନ କରାଯାଇଥିଲା । (ଆହୁରି ସାହାଯ୍ୟ ପାଇଁ ପୁସ୍ତକରେ ଶେଷରେ ଆଉ ଥରେ ପ୍ରଶ୍ନଗୁଡ଼ିକ ଦିଆଯାଇଛି) ।

ଏହି ଦଳଗତ ''ଏକତ୍ର ସମୟର'' ପରିକଳ୍ପନା ପ୍ରଥମେ ମୁଁ ସ୍ୱର୍ଗୀୟ ଥୋମସ୍. ବି. ରିଜ୍ ଯେକି ଜଣେ ବ୍ରିଟିଶର ସୁସମାଚାର ପ୍ରଚାରକ ଥିଲେ ତାଙ୍କ ଦ୍ୱାରା ''ଯୁବକମାନଙ୍କ ଅବସର କାଳୀନ ସମ୍ମିଳନୀ କେନ୍ଦ୍ରରୁ ପାଇଥିଲି । ଯେଉଁଠାରେ କି ମୁଁ ଖ୍ରୀଷ୍ଟଙ୍କୁ ପାଇ ପରିବର୍ତ୍ତିତ ହୋଇ ଥିଲି । ଏହି ପ୍ରଶ୍ନଗୁଡ଼ିକ 'ଟମ୍'ଙ୍କ ଦ୍ୱାରା ଆମକୁ



ପଚରା ଯାଇଥିଲା । ଉତ୍ତରଗୁଡ଼ିକ ପ୍ରତ୍ୟେକଙ୍କଠାରୁ ପ୍ରତ୍ୟେକର ଭିନ୍ନ ଥିଲା, ଯାହା ସବୁ କି ଆମର ''ଏକତ୍ର ସମୟ'' ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

ତାପରେ ଅନେକ ବର୍ଷ ବିତି ଯାଇଛି । ଅନେକ ଗୁଡ଼ିଏ ସଭା ମୁଁ ଏହିପରି ପଦ୍ଧତିରେ ପରିଚାଳନା କରିଛି ଏବଂ ଈଶ୍ୱରଙ୍କ ଉପସ୍ଥିତିର ଜ୍ଞାନ ଅସାଧାରଣ ଭାବେ ଅନୁଭବ କରିଛି ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ଅନେକ ହୃଦୟଗୁଡ଼ିକୁ ଓ ଜୀବନଗୁଡ଼ିକୁ କଥା କହିଛି । କାନାଡା ଦେଶର ଭିକ୍ଟୋରିଆ ଡାଉନ୍‌ଟାଉନ୍ ବାପ୍‌ଟିଷ୍ଟ ମଣ୍ଡଳୀରେ ଏ ପ୍ରକାର ସେବାକାର୍ଯ୍ୟ କରିବା ପରେ ପାଳକ ମନ୍ତବ୍ୟ ଦେଇଥିଲେ, ''ମୋର ସମସ୍ତ ସେବା କାର୍ଯ୍ୟ ମଧ୍ୟରେ ଯେତେଗୁଡ଼ିଏ ସେବାରେ ଯୋଗ ଦେଇଛି । ସେ ସମସ୍ତଙ୍କୁ ମଧ୍ୟରୁ ଏହି ସଭାଟି ଥିଲା ଅଧିକ ଆଶିର୍ବାଦ ପୂର୍ଣ୍ଣ ଓ ଏକ ଅସାଧାରଣ ଉପାସନା ।

ସେହିପରି ଏକ ''ଖ୍ରୀଷ୍ଟିୟାନ୍ ମିଳିତ ମିଶ୍‌ନେରୀ ମଣ୍ଡଳୀ'' ଯାହାକି ଯିରୁଶାଲମର ପୁରୁଣା ନଗର ଅଞ୍ଚଳରେ ଆରବ ଲୋକମାନଙ୍କ ପାଇଁ ଥିଲା (ଯେଉଁ ସମୟରେ ମୁଁ କିଛି ଦିନ ଏଗୁଡ଼ିକର ଭୂମିକାଗୁଡ଼ିକ ଶିକ୍ଷାଦାନ କରିବାରେ ଆଉ କିଛିଦିନ ଦଳଗତ ''ଏକତ୍ର ସମୟ'' ପରିଚାଳନା କରିବାରେ କଟାଇ ଥିଲି) ସେଇଠି ଅନେକ ଦିନ ରହି ସେବାକାର୍ଯ୍ୟଗୁଡ଼ିକର କାର୍ଯ୍ୟ କରିଥିଲି । ''କାନାଡିଆନ୍ ବାଇବଲ କଲେଜର'' ଅବସରପ୍ରାପ୍ତ ଅଧ୍ୟକ୍ଷ, ଯେ କି ତାପରେ ସେହି ପ୍ରାଚୀନ ନଗରରେ ବାସ କରିଥିଲେ । ସେ ଏହି ପ୍ରକାର ମନ୍ତବ୍ୟ ଦେଇଥିଲେ, ''ଆମେ କେବେ ହେଲେ ଏତେ ଘନିଷ୍ଠତା ମଧ୍ୟରେ ଏକ ପ୍ରକୃତ ଆତ୍ମିକ ବାକ୍ୟ ଭାଙ୍ଗିବା ମଧ୍ୟ ଦେଇ ଯାଇ ନ ଥିଲୁ । ଯେପରି ଏବେ ଏହି ଯିରୁଶାଲମରେ କରୁଛୁ ।''

ମଣ୍ଡଳୀର ମିଟିଙ୍ଗଗୁଡ଼ିକରେ, ଗୃହର ସହଭାଗିତାଗୁଡ଼ିକରେ, ବାଇବଲ ସଭା ସମିତିଗୁଡ଼ିକରେ ଏବଂ ଯୁବ ସହଭାଗିତା ଗୁଡ଼ିକରେ, ଈଶ୍ୱର ବ୍ୟକ୍ତିଗତ ଭାବରେ ସମସ୍ତଙ୍କୁ ଆଶିର୍ବାଦ କରିଥିଲେ । ସେହି ସମାନ ସମୟରେ ବ୍ୟକ୍ତିଗତ ଭାବେ ଈଶ୍ୱରଙ୍କ ବାକ୍ୟର ନିକଟବର୍ତ୍ତୀ ହେବାରେ ମଧ୍ୟ ସମସ୍ତଙ୍କୁ ସାହାଯ୍ୟ କରିଥିଲେ ।

ମୁଁ ଏହା ଉଲ୍ଲେଖ କରିବାକୁ ଚାହେଁ, ଯେ, ଯେମିତି ମୁଁ ମୋର ବ୍ୟକ୍ତିଗତ ''ଏକତ୍ର ସମୟ''କୁ ଲେଖି ରଖିବା ପାଇଁ ଉଦ୍ୟମ କରିଥିଲି ମୁଁ ଆବିଷ୍କାର କରିଥିଲି ଯେ, ସତ୍ୟତାକୁ ଧରି ରଖିବା ଅଧିକ କଷ୍ଟକର । ପ୍ରଭୁଙ୍କ ସହିତ ମୋର ବ୍ୟକ୍ତିଗତ ସହଭାଗିତାରେ ଉଜ୍ଜ୍ୱଳ ଓ ଉତ୍ସାହପୂର୍ଣ୍ଣ ସମୟ ଛପେଇ ଦିଆଗଲା । ତାପରେ ଏହି ଆନନ୍ଦ ଗୁପ୍ତଭାବରେ ହେଉ ବା ଏକ ସାଧାରଣ ଜନତା ମଧ୍ୟରେ ହେଉ ଅନୁଭୂତି ଲାଭ କରୁଥିଲି ।

ତୁମ ପାଇଁ ତାହା ଲେଖିବା ସମୟରେ ଆଜିକାଲିର 'ଏକତ୍ର ସମୟ'ର ଆଲୋକପାତ ମତେ ସାହାଯ୍ୟ କରିଥିଲା । ମୁଁ ନିଜକୁ କେତେଗୁଡ଼ିଏ ମୂଳ ନିୟମ ମଧ୍ୟରେ ରଖିଥିଲି ।

***ପ୍ରଥମତଃ :*** ବାଇବଲରେ ମୋର ପ୍ରିୟ ଅଂଶ ଏବଂ ଅଧିକ ଜଣାଶୁଣା ବିଷୟଗୁଡ଼ିକୁ ମୁଁ ନିଜେ ବାଛି ପାରି ନ ଥିଲି । ମୋର ଦୈନନ୍ଦିନ 'ଏକତ୍ର ସମୟ'ରେ କରିନ୍ଥୀୟ ମଣ୍ଡଳୀକୁ ପାଉଲଙ୍କର ଦ୍ୱିତୀୟ ମିଶ୍ନେରୀ ଯାତ୍ରା ବିଷୟରେ ପାଠ କରୁଥିଲି ।

***ଦ୍ୱିତୀୟତଃ :*** ଶାସ୍ତ୍ରରୁ ଆଦିର ପାଠ କରାଯାଇଥିବ । ଅଂଶଟିର ନିମ୍ନରେ ଲେଖା ଯାଇଥିବା ବିଷୟବସ୍ତୁ ଗୁଡ଼ିକ ଗୋଟିଏ ପଦ ପରେ ଅନ୍ୟ ପଦଟିକୁ ବୁଝାଇବା ପାଇଁ ବାଖ୍ୟା କରାଯାଇ ନ ଥିଲା ।

***ତୃତୀୟତଃ :*** ମୋର ''ଏକତ୍ର ସମୟ''କୁ ଯେତେ ପ୍ରାକୃତିକ ହୋଇପାରେ ବା ଯେତେ ଅସାଧାରଣ ଭାବେ ପ୍ରକାଶ କରିବା ପାଇଁ ସେହି ପଦଗୁଡ଼ିକ ସହିତ ମୁଁ ତୁମ ସହିତ ଅଂଶୀ ହେବି ଯାହା ପବିତ୍ରଆତ୍ମା ଆଜି ସେ ସବୁକୁ ମୋ ହୃଦୟ ମଧ୍ୟରେ ଜୀବନ୍ତ କରିଦେଇଛନ୍ତି ।

***ଚତୁର୍ଥତଃ :*** ମୁଁ ତୁମ ସହିତ ଆହୁରି ଅଂଶୀ ହେବି କିପରି ''ଈଶ୍ୱରଙ୍କର ସ୍ୱର'' କିପରି ବ୍ୟକ୍ତିଗତ ଭାବେ ମୋ ଠାରେ ପ୍ରକାଶିତ ହୋଇଥିଲା ଯେତେବେଳେ ମୁଁ



ପ୍ରାର୍ଥନାର ସହିତ ଈଶ୍ୱରଙ୍କ ବାକ୍ୟକୁ କିଛିଗୁଡ଼ିଏ ପ୍ରଶ୍ନକୁ ବ୍ୟବହାର କରିବା ପାଇଁ ଧ୍ୟାନ କରୁଥିଲି । (ଯେଉଁ ପ୍ରଶ୍ନଗୁଡ଼ିକ ଆଗରୁ କୁହା ଯାଇଛି ।)

ଯେପରି ମୁଁ ଧ୍ୟାନ କରିଥିବା ବିଷୟଗୁଡ଼ିକ ତୁମକୁ ଅଂଶୀ କରାଇପାରେ ଏହା ଦ୍ୱାରା ତୁମେ ବୁଝି ପାରିବ ଯେ, ଯେକୌଣସି ଏକ ''ଏକତ୍ର ସମୟ'' ହେଉଛି ଏକ ''ଭଗ୍ନ ହୃଦୟର ବ୍ୟକ୍ତିଗତ ଅନୁଭୂତି'' । ମୁଁ ଜାଣେ ଯେ, ଆଜି ତୁମର ଯେ ପ୍ରକାର ପରିସ୍ଥିତି ଅଛି ତାହା ମୋର ପରିସ୍ଥିତିଗୁଡ଼ିକ ସହିତ ସମାନ ହୋଇ ନ ପାରେ । ଏହା ମଧ୍ୟ ମୁଁ ଜାଣେ ଯେ, ଆଜି ଯାହା ମୋର ପରିସ୍ଥିତି ବା ଅବସ୍ଥା ଅଛି, ଛଅ ମାସ ପରେ ସେପରି ଆଉ ନ ଥିବ । ତାଙ୍କ ମହାନ୍ ପ୍ରେମରେ ଆମେ ଯେଉଁଠି ଥାଉନା କାହିଁକି ଈଶ୍ୱର ଆମକୁ ଦେଖା ଦିଅନ୍ତି, ଆମ ସହିତ କଥା କହିଥାନ୍ତି । ଆମେ ଯେଉଁଠି ଥାଉ, କିମ୍ବା କେଉଁଠି ଆମର ରହିବା ଆବଶ୍ୟକ, କିମ୍ବା କେଉଁଠି ଆମେ ରହିବୁ । ପୁଣି କୌଣସି ବ୍ୟକ୍ତି କେଉଁଠି ଅଛି ସେ ସବୁ କିଛି ଯାଏ ଆସେ ନା ମାତ୍ର ଆମେ କେଉଁଠି ଅଛୁ ! ତୁମେ ଯେତେବେଳେ ଏହିସବୁ ବିଷୟ ପାଠ କରିବ ତୁମେ ସମ୍ପୂର୍ଣ୍ଣ ଭାବରେ ମୋ ପରିସ୍ଥିତିଠାରୁ ଅଲଗା ପରିସ୍ଥିତିର ସମ୍ମୁଖୀନ ହେବ । କାରଣ ଈଶ୍ୱର ତୁମ ନିଜର ଆବଶ୍ୟକତା ଓ ପରିସ୍ଥିତିଗୁଡ଼ିକର ସାମଞ୍ଜସ୍ୟତା ରଖି ତୁମ ସହିତ କଥା କହିବେ, ତୁମେ ବ୍ୟକ୍ତିଗତ ଭାବରେ ପୁଣି ପ୍ରତ୍ୟେକ ଦିନ ଈଶ୍ୱରଙ୍କ ଦ୍ୱାରା ସେହି ନିମନ୍ତ୍ରଣ ପାଇବ । ''ଆସ ଏବଂ ଭୋଜନ କର'' ।

ନିଶ୍ଚିତ ଭାବରେ ବାଇବଲ ଆମ ହୃଦୟ ପାଇଁ କେବଳ ଜୀବନ୍ତ ଓ ଶକ୍ତିପୂର୍ଣ୍ଣ ବାକ୍ୟ ନୁହେଁ ମାତ୍ର ଏହା ମଧ୍ୟ ଆମ ପ୍ରତ୍ୟେକଙ୍କ ପାଇଁ ବ୍ୟକ୍ତିଗତ ବାକ୍ୟ ଅଟେ । ଏବ୍ରୀ ପୁସ୍ତକରେ ଲେଖାଯାଏ - ''*କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ ପୁଣି ଦ୍ୱିଧାର ଖଡ୍ଗଠାରୁ ତୀକ୍ଷ୍ଣତର ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ*'' (ଏବ୍ରୀ ୪:୧୨) ।

ଆଜିର ମୋର ବାଇବଲ ଧ୍ୟାନ ନିମନ୍ତେ ''ମୁଁ ନିଉ କିଙ୍ଗ ଜେମସ୍ ଭରସନ୍'' ବାଇବଲରୁ ପାଠ କରୁଛି । ମୁଁ ତୁମମାନଙ୍କୁ ଶୁଣିବା ପାଇଁ ନିମନ୍ତ୍ରଣ କରୁଛି । ମୁଁ

ଯେତେବେଳେ ମୋର ବାଇବଲରେ ୨ୟ କରନ୍ଥୀୟ ପୁସ୍ତକର ପ୍ରଥମ ପର୍ବ ପାଠଡ କରୁଛି, ତୁମେ ମଧ୍ୟ ତୁମ ବାଇବଲର ସେହି ଅଂଶଟି ବାହାର କର ।

ବର୍ତ୍ତମାନ ସମୟ ସକାଳ ୫ ଘଣ୍ଟା ସମୟ - ମୁଁ ମୋର କୋଠରୀ କବାଟ ବନ୍ଦ କରି ମୋର ବାଇବଲ ଖୋଲି ବସିଛି, ଯେପରି ମୁଁ ଈଶ୍ୱରଙ୍କ ସହିତ ଏକାକୀ କିଛି ସମୟ କାଟି ପାରିବି ।

ଯେଉଁ ସବୁ ପରିସ୍ଥିତି ଓ ସମସ୍ୟା ମୋ ଜୀବନକୁ ଆଜି ଘେରି ରହିଛି । ଯେହେତୁ ଈଶ୍ୱରଙ୍କ ଉପସ୍ଥିତିକୁ ଏକ ଖୋଲା ବାଇବଲ ଓ ଖୋଲା ହୃଦୟ ନେଇ ଆସିଛି ।

- ମୁଁ ନିର୍ଦ୍ଦିଷ୍ଟ ଭାବରେ ଡରଥିଙ୍କ ପାଇଁ ଉଦ୍‌ବିଗ୍ନ କାରଣ ସେ ଯେଉଁ ଯନ୍ତ୍ରଣା ଭୋଗ କରି ଆସୁଥିଲେ ତାହା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଗତ ସପ୍ତାହରେ ସେ ଆହୁରି ଅଧିକ ଯନ୍ତ୍ରଣା ପାଇଥିଲେ ।

- ମୁଁ ଆହୁରି ଏଇଥି ପାଇଁ ବ୍ୟସ୍ତ ଯେ, ଅନ୍ୟ କୌଣସି ବିଷୟ କିମ୍ବା ଡରଥିଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଏକ ବଡ଼ କାରଣ ହୋଇପାରେ ଆମର ଶରତ ଋତୁରେ ଥିବା ଭ୍ରାମ୍ୟମାଣ ସେବାକାର୍ଯ୍ୟ ଯୋଜନାଗୁଡ଼ିକ ଚୂଡାନ୍ତ କରିବା ପାଇଁ । କାରଣ ମୁଁ ଅତୀତରେ ଦେଖିଛି କିପରି ଡରଥି ଅଧିକ କଷ୍ଟ ପାଇଛନ୍ତି ଆମର ଦୀର୍ଘକାଳୀନ ପୁଣି ଲୋକମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇଥିବା ସେବାକାର୍ଯ୍ୟର ଯାତ୍ରା ପଥରେ । ସେତେବେଳେ ମୁଁ ତାଙ୍କୁ କହିଥାଏ, ମୁଁ ଆଉ କେବେ ବି ତୁମକୁ ଏପ୍ରକାର ପରିସ୍ଥିତିରେ ଆଉଥରେ ବାହାରକୁ ଆଣିବ ନାହିଁ । କିନ୍ତୁ ତା'ପରେ ବାଟରେ କିମ୍ବା ଅନ୍ୟଠାରେ ଈଶ୍ୱର ତାଙ୍କର ଆଶିର୍ବାଦ ଆମର ମିଳିତ ସେବାକାର୍ଯ୍ୟରେ ପ୍ରଚୁର ଭାବରେ ଅଜାଡି ଦେଇଥିଲେ ଏବଂ ଏକାଠି ଆମେ ଦୁଇଜଣ କହୁଥିଲୁ ''ବର୍ତ୍ତମାନ ଏହି କାର୍ଯ୍ୟ ଏତେ ଗୌରବମୟ ହୋଇ ପାରିଛି ଧନ୍ୟବାଦ । ପ୍ରଭୁ ତା'ପରବର୍ତ୍ତୀ ସମୟରେ ଆମ ପାଇଁ କ'ଣ ରଖିଛ ? ତାହା ଆମକୁ ଜାଣିବାକୁ ଦିଅ ।''



- କେନିଆର ପରିସ୍ଥିତି ପାଇଁ ଆଜି ମୋର ହୃଦୟ ଅଧିକ ଭାରଗ୍ରସ୍ତ ହୋଇଛି । ଅତୀତରେ ଯେଉଁଠାରେ ଈଶ୍ୱର ଆମର ସେବା କାର୍ଯ୍ୟ ପାଇଁ ସନ୍ତୁଷ୍ଟ ହୋଇଥିଲେ, ସେହି ସ୍ଥାନର ସମସ୍ତ ପରିସ୍ଥିତି ଅତ୍ୟଧିକ ମାତ୍ରାରେ ଅସ୍ଥିର ହୋଇ ପଡ଼ିଛି ପୁଣି ନିୟନ୍ତ୍ରଣାଧୀନରେ ନାହିଁ । ତା'ସହିତ ସେଠି ରହିଛି ଉତ୍‌ଥାନ, ପତନର ପୁଣି ବାଧା ଲଙ୍ଘନର ଦୌଡ଼ ମୁଁ କାମନା କରୁଛି ସେମାନଙ୍କ ପାଇଁ ଯେଉଁମାନେ ବିଶ୍ୱସ୍ତ ଭାବରେ ସେଠାରେ ଖ୍ରୀଷ୍ଟଙ୍କର ସେବାକାର୍ଯ୍ୟ କରୁଛନ୍ତି । ଆମେ ମଧ୍ୟ ଅନେକ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ କାର୍ଯ୍ୟ କରିବା ପାଇଁ ।

- ଡରଥି ଓ ମୋ ତରଫରୁ ଆମର କେତେଜଣ ଆତ୍ମୀୟ ଲୋକ ଥିଲେ ଯେଉଁମାନେ କି ତାଙ୍କର ପ୍ରିୟଜନମାନଙ୍କର ଅକାଳ ବିୟୋଗର ଦୁଃଖରେ ଅଭିଭୂତ ଥିଲେ ନ ହେଲେ ମଝିରେ ମଝିରେ ଅସୁସ୍ଥ ହୋଇ ପଡୁଥିଲେ । ଆମର ଏ ପ୍ରକାର ଜଟିଳ ପୁଣି ଅନିଶ୍ଚିତତା କାର୍ଯ୍ୟ ନିର୍ଘଣ୍ଟର ସମୟ ଯୋଗୁଁ ଏବଂ ଡରଥିଙ୍କ ପୁରୁଣା ବ୍ୟାଧି ଯୋଗୁ ଏବଂ ଅତ୍ୟଧିକ ଶାରୀରିକ ଦୁର୍ବଳତା ଯୋଗୁ ଆମେ ଏତେ ଅକ୍ଷମ ଥିଲୁ ଯେ, ସେମାନଙ୍କୁ ମଧ୍ୟ କହିପାରୁ ନ ଥିଲୁ, ଆମେ ତୁମକୁ ପ୍ରେମ କରୁ ଓ ତୁମ ପାଇଁ ଚିନ୍ତା ମଧ୍ୟ କରୁଛୁ ।

*ପ୍ରାର୍ଥନା*

ପିତା, ଆଜି ସକାଳେ ମୁଁ ତୁମର ପ୍ରଶଂସା କରୁଛି, ଅନ୍ୟ ଦିନମାନଙ୍କ ପରି ଆଦି ମଧ୍ୟ ସକାଳେ ଉଠିବାକୁ ଦେଇଛ । ମୁଁ ବିଶ୍ୱାସ କରେ ଯେ, ତୁମର ଉଦ୍ଦେଶ୍ୟ କେବଳ ଏହା ନ ଥିଲା ଯେ, ତୁମେ ଚାହିଁଛ ମୋର ହୃଦୟରେ ଏକ ନିର୍ଦ୍ଦିଷ୍ଟ ଭାବରେ କିଛି କହିବା ପାଇଁ । ମାତ୍ର ତୁମେ ଆଶା କରିଛ ତୁମେ ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଶିର୍ବାଦ କରିବ ଯେଉଁମାନେ ପରେ ଏକତ୍ରିତ ହୋଇ ତୁମର ବାକ୍ୟ ଶୁଣିବେ ଯାହା ତୁମେ ତୁମର ବାକ୍ୟ ମୋ ମଧ୍ୟ ଦେଇ ସେମାନଙ୍କୁ କହିବାକୁ ଚାହିଁଛ । ପ୍ରିୟ ପ୍ରଭୋ, ତୁମେ ଜାଣିଛ ଯେ ମୁଁ ଏହାକୁ

କେବଳ ଶବ୍ଦ ବୋଲି ଭାବୁ ନାହିଁ ସେହି ଲୋକମାନଙ୍କ ପାଇଁ ରଖିବା ପାଇଁ, ଯେଉଁମାନେ ମୋର ମନର ବାହାରେ ଥିବା ବ୍ୟକ୍ତିମାନେ ପରେ ଯେତେବେଳେ ଏହା ପାଠ କରିବେ ଏଇଥି ପାଇଁ ଯେ, କେବଳ ମୁଁ ତୁମ ପାଇଁ ହୁଏତ ସଚେତନ ହୋଇ ଯାଇ ପାରେ । ସେଥିପାଇଁ ମୁଁ ବିଶେଷ ଭାବରେ ତୁମଠାରେ ପ୍ରାର୍ଥନା କରେ ଯେ, ମୋର ହୃଦୟକୁ ପବିତ୍ର କର, ଏବଂ ମୋର ମସ୍ତିଷ୍କକୁ ମୋର ଲେଖିବା ପେନ୍‌ସିଲ୍‌କୁ ସ୍ୱଚ୍ଛତାର ସହିତ, ବାସ୍ତବତାରେ ଏବଂ ଏକ ବାସ୍ତବଜ୍ଞାନରେ ତୁମ ସହିତ ମୋର ବ୍ୟକ୍ତିଗତ ନିବିଡ଼ତାକୁ ପବିତ୍ର କର ।

ତୁମର ଉପସ୍ଥିତି ମଧ୍ୟରେ ମୁଁ ଆଉ ଥରେ ଦୃଢ଼ ଭାବରେ କହୁଛି ଯେ, ମୋର ଜୀବନ ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହିତ ଲୁକ୍କାୟିତ ହୋଇ ରହିଛି । ତୁମର ଏପ୍ରକାର ଆଶ୍ଚର୍ଯ୍ୟ ଆଶ୍ୱାସନା ପାଇଁ ତୁମର ଧନ୍ୟବାଦ କରୁଛି । ପ୍ରିୟ ପ୍ରଭୋ, ମୁଁ ମଧ୍ୟ ତୁମର ପ୍ରଶଂସା କରୁଛି ଯେ, ଯଦିବା ଏହି ପୁସ୍ତକ ମୋର ନିଜ ହାତରେ ଏହି ପୃଥିବୀରେ ଥାଇ ଲେଖୁଛି ହୋଇପାରେ ମୋର ନିଜର ବ୍ୟକ୍ତିଗତ ଦୃଷ୍ଟିକୋଣ ଦ୍ୱାରା ମୋର ଜୀବନ ଦୁଃଖରେ ପର୍ଯ୍ୟବସିତ ହୋଇପାରେ । କିନ୍ତୁ ସ୍ୱର୍ଗରେ ତୁମେ ହେଉଛ ମୋର ମହା ଯାଜକ ଏବଂ ତୁମେ ମୋର ପ୍ରାର୍ଥନାଗୁଡ଼ିକର ପ୍ରଶଂସାକୁ ତୁମର ଦୃଷ୍ଟିକୋଣରୁ, ଜ୍ଞାନ ଏବଂ ଇଚ୍ଛା ଅନୁଯାୟୀ ପିତାଙ୍କ ସମ୍ମୁଖରେ ଉପସ୍ଥାପନ କରିବ । ତେଣୁ ଏକ ଆନନ୍ଦର ସମର୍ପଣର ସହିତ ଏହି ପ୍ରାତଃକାଳରେ ମୁଁ ତୁମ ବାକ୍ୟ ମଧ୍ୟକୁ ଫେରୁଛି । ଆଜି ଦିନରେ ମୋର ଆଖିକୁ ଉନ୍ମୁକ୍ତ କର ଯେପରି ମୁଁ ତୁମ ବାକ୍ୟରେ ଥିବା ଆଶ୍ଚର୍ଯ୍ୟ ବିଷୟମାନ ଦେଖି ପାରିବି ।

ପ୍ରିୟ ପାଠକ, ପାଠିକାମାନେ ଆଜି ମୁଁ ୨ୟ କରିନ୍ଥୀୟ ପୁସ୍ତକର ପ୍ରଥମ ପର୍ବକୁ ଆସୁଛି ଏବଂ ତା'ପରେ ରହି ରହି ସମସ୍ତ ପର୍ବଟିକୁ ପାଠ କରିବି । ଏହା ଏକ ସ୍ୱଷ୍ଟ ଓ ପ୍ରାଞ୍ଜଳ ସ୍ୱରରେ କରିବି କୌଣସି ବିରାମ ନ ରଖି ପାଠ କରିବି । ମୁଁ ତୁମକୁ ନିମନ୍ତ୍ରଣ କରୁଛି ମୁଁ ଯେପରି କରୁଛି ତୁମେ ମଧ୍ୟ ସେହିପରି କର ।



ଯେତେବେଳେ ଗୋଟିଏ କିମ୍ବା ଦୁଇଟି ମୂହୁର୍ତ୍ତ ପରେ । ମୁଁ ପର୍ବଟିକୁ ଏହିପରି ଭାବରେ ଆଉଥରେ ପାଠ କରୁଥିଲି । ଖ୍ରୀଷ୍ଟଙ୍କର ଜଣେ ସେବକ ହେବାରୁ ପାଉଲଙ୍କର ଅନୁକରଣୀୟ ଚରିତ୍ରକୁ ପାଠ କରି ମୁଁ ଅତ୍ୟଧିକ ସଚେତନ ହୋଇ ପଡିଥିଲି । ବର୍ତ୍ତମାନ ତାହା ମୋ ଉପରେ ପ୍ରତୀୟମାନ ହୋଇଛି ଯେପରି ମୋର ଅଧିକ ସମୟ ଖ୍ରୀଷ୍ଟଙ୍କ ସହିତ କଟୁ ଆଦିର ପ୍ରଶ୍ନ ପାଇଁ ଏହି ଉତ୍ତର ହେଉ ।

**ଏହି ପଦରେ ଏପରି କୌଣସି ଉଦାହରଣ ଅଛି କି,**
**ଯାହାକୁ ଅନୁକରଣ କରାଯାଇ ପାରେ ?**

ସମଗ୍ର ଅଧ୍ୟାୟଟି ପଢ଼ିବା ପ୍ରଥମଠାରୁ ମୋର ହୃଦୟ ପାଉଲଙ୍କର ଆଦର୍ଶ ଉଦାହରଣଗୁଡ଼ିକୁ ଅନୁକରଣ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପବିତ୍ର ହୋଇଥିଲା । ମୋର ପ୍ରଭୁଙ୍କର ଏକ ଉତ୍ତମ ସେବକ ହେବା ପାଇଁ ମୁଁ ଚାହିଁ ଥିଲି । ସମଗ୍ର ଅଧ୍ୟାୟଟିର ଗୋଟିଏ ପଦ ପରେ ଅନ୍ୟ ପଦକୁ ଧ୍ୟାନ କରିବା ପୂର୍ବରୁ ମୁଁ ଈଶ୍ୱରଙ୍କୁ ଏପ୍ରକାର କହିବି :-

*ପ୍ରାର୍ଥନା*

ପ୍ରଭୁଯୀଶୁ, ମୁଁ ଏକାନ୍ତ ଭାବରେ ଚାହେଁ ଯେ, ତୁମ ପାଇଁ କରୁଥିବା ସେବାକାର୍ଯ୍ୟ ଯେପରି ମୋ ଜୀବନରେ ପ୍ରତିଫଳିତ ହେବା ପାଇଁ ସମର୍ଥ ହୋଇ ପାରିବ । ସମଭାବରେ ତାହା ସନ୍ତୋଷ ଜନକ ହେଉ ବୋଲି ପ୍ରାର୍ଥନା କରୁଛି । ଯେପରି ପାଉଲଙ୍କ ସାକ୍ଷ୍ୟ ଯାହା ମୁଁ ବର୍ତ୍ତମାନ ପାଠ କଲି ତାହା ଉତ୍ତମ ରୂପେ ଜାଣିପାରିବି । ତୁମେ ହଜାର ହଜାର ଉପାୟରେ ମୋ ଜୀବନରେ ତୁମର ଆଶିର୍ବାଦ ଢ଼ାଳି ଦେଇଛ । ଦୁଃଖର ସହ ଜଣାଉଛି ଯେ, ସମସ୍ତ ଆଶିର୍ବାଦ ବେଳେବେଳେ ଏକପାଖିଆ ରାସ୍ତାରେ ଆସିଥିଲା ପରି ହୋଇଥିଲା । ତୁମ ସହିତ ସହଭାଗିତାରେ ଥିଲାବେଳେ ବିଶ୍ୱସ୍ତ ମତେ ମୋର ଆକାଂକ୍ଷାଗୁଡ଼ିକ ପ୍ରକାଶ କରିବାରେ ମୋର ହୃଦୟ କ୍ଲାନ୍ତ ହୋଇ ନ ଥାଏ, ମାତ୍ର ତୁମେ

ଯେତେବେଳେ ତୁମର ଦୁଃଖ ଭୋଗକୁ ଅଂଶୀ କରାଇବା ପାଇଁ ସୁଯୋଗ ଦେଇଥାଅ ମୁଁ ଭୀରୁ, କାପୁରୁଷ ପରି ପଛଘୁଞ୍ଚା ଦେଇଥାଏ । ଯେପରି ମୁଁ ଆଉ ଥରେ ଏହି ପଦଗୁଡ଼ିକୁ ଆଉ ଥରେ ଧ୍ୟାନ କରିବି ଦୟା କରି ମୋତେ ତୁମର ଉପସ୍ଥିତିରେ ଆଚ୍ଛାଦିତ କରି ରଖ । ମୋର ଶକ୍ତି ଓ ସ୍ପର୍ଶ ପ୍ରଦାନ କରି ମୋର ଜୀବନକୁ ପରିବର୍ତ୍ତନ କରି ତୁମ ଶୈଳୀରେ ମତେ ସତେଜ କରିଦିଅ ଯେପରି ମୋର ସ୍ୱାର୍ଥପର ଅଭ୍ୟାସଗୁଡ଼ିକ ସ୍ଥାୟୀ ଭାବରେ ପୁଣି ସମ୍ପୂର୍ଣ୍ଣ ଭାବରେ ତୁମ ପ୍ରିୟ ନାମ ହେତୁରୁ ବଦଳି ଯିବ ।

ବର୍ତ୍ତମାନ ମୁଁ ଫେରି ଆଉ ଥରେ ସେହି ସମାନ ଅଧ୍ୟାୟର ପଦପରେ ପଦ ପାଠ କରିବି ଏବଂ ସେଥିରେ ଥିବା ଚିନ୍ତାଧାରାଗୁଡ଼ିକୁ ହୃଦୟଙ୍ଗମ କରିବି । ମୁଁ ଯେତେବେଳେ ସେପରି କରେ ସେତେବେଳେ ମୁଁ ନିରବଚ୍ଛିନ୍ନଭାବେ ପ୍ରାର୍ଥନା କରିବି ଯେପରି ପବିତ୍ର ଆତ୍ମା ସେହି ବାକ୍ୟକୁ ମୋର ହୃଦୟ ମଧ୍ୟକୁ ଆସିବା ପାଇଁ ସାହାଯ୍ୟ କରିବେ ଏବଂ ଯେପରି ଈଶ୍ୱର ଚାହାନ୍ତି ମୋର ପ୍ରାର୍ଥନାର ଉତ୍ତରକୁ ହୃଦୟକୁ ଜଣାଇ ଦେବ । ଏହି କାର୍ଯ୍ୟ ଦ୍ୱାରା ଉଭୟ ପକ୍ଷରୁ ଈଶ୍ୱରଙ୍କ ସହିତ ମୋର କଥୋପ କଥନ ଆରମ୍ଭ ହେବ । ମୁଁ ମଧ୍ୟ ନିଜକୁ ମନେ ପକାଇ ଦିଏ ଯେ, ଯେପରି ମୁଁ ପ୍ରତ୍ୟେକ ପଦ ଉପରେ ଧ୍ୟାନ କଲା ସମୟରେ ଜାଗ୍ରତ ହେବି ଯେପରି ଗୋଟିଏ ପଦରୁ ଅନ୍ୟ ପଦକୁ ଯିବା ପାଇଁ ତରତର ହେବି ନାହିଁ । ଯେପରି ତା ସହିତ ମୁଁ ଅଧିକ ଆତ୍ମୀୟ ହୋଇ ପାରିବି ଈଶ୍ୱର ହୁଏତ ସେହି ପଦଟିକୁ ମୋ ପାଇଁ, ମୋ ହୃଦୟ ପାଇଁ ଜୀବନ୍ତ କରିଦେବେ ଏବଂ ତାହା ମୋ ପାଇଁ ଏକ ନୂତନ ଓ ଏକ ବିଶେଷ ପଥ ହୋଇପାରିବ ।

**ଏଇ ଅଂଶଟିରେ ପିତା ଈଶ୍ୱରଙ୍କ ବିଷୟରେ କିଛି ନୂତନ ଚିନ୍ତାଧାରା ଅଛି କି ?**

*ପଠନ*

**୩ୟ ପଦ** - ତୁମ୍ଭମାନଙ୍କ ପ୍ରତି ଆମ୍ଭମାନଙ୍କ ପିତା ଈଶ୍ୱର ଓ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ହେଉ ।



ଆଜି ମୁଁ ନିର୍ଦ୍ଦିଷ୍ଟଭାବରେ ଲକ୍ଷ୍ୟ କରିଥିଲି ଯେ, ଏହି ଉକ୍ତିଟି ପିତା ଈଶ୍ୱରଙ୍କ ବିଷୟରେ ଯେ କି ଅଗ୍ରବର୍ତ୍ତୀ ହେବେ । ଅନ୍ୟ ସୂଚନାରେ ସୂଚିତ କରାଯାଏ, ଯାହା ୨ୟ ପଦରେ ଦେଖାଯାଏ, ଯେମିତି ମୁଁ ମୋର ବାଇବଲ କରରେ ଥିବା ସୂଚନାଗୁଡ଼ିକୁ ଦେଖିଥିଲି । ମୁଁ ସେହି ଦ୍ୱିତୀୟ ପଦଟିକୁ ପଢ଼ିଲି ତାହା ଏପ୍ରକାର ଅନୁବାଦ କରାଯାଏ - *ଈଶ୍ୱର ଏବଂ ପିତା ଈଶ୍ୱର, ଯୀଶୁଖ୍ରୀଷ୍ଟ* । ଏହା ବିଷୟରେ ଟିକେ ଚିନ୍ତା କରି ଦେଖ ଈଶ୍ୱର ଏବଂ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ପିତା ମଧ୍ୟ ମୋହାର ପିତା ଦୟା ଓ ଅନୁଗ୍ରହଦାତା । ମୋର ସାନ୍ତ୍ୱନା ପାଇଁ ମୋର ପିତା ସ୍ୱର୍ଗରେ ତାଙ୍କର ଅନୁଗ୍ରହ ଓ ଶାନ୍ତି ମତେ ପ୍ରଦାନ କରିବେ ।

*ପ୍ରାର୍ଥନା*

ପିତା, ମୁଁ ତୁମ ସମ୍ମୁଖରେ ନମ୍ରତାର ସହିତ ତୁମର ଧନ୍ୟବାଦ ଓ ପ୍ରଶଂସା କରୁଛି । ତୁମର ଅନୁଗ୍ରହ ପାଇଁ ତୁମର ଧନ୍ୟବାଦ କରୁଛି । ତୁମର ଅନନ୍ତକାଳୀନ ଶାନ୍ତି ମୋ ହୃଦୟରେ ପ୍ରଦାନ କର । ତୁମର ଅନୁଗ୍ରହ ଶାନ୍ତି, ତୁମର ନିସ୍ତବ୍ଧତା, ତୁମର ସଂଗତି ମୋ ପାଇଁ ଚିରସ୍ଥାୟୀ ହେଉ ଯାହା ତୁମର ଏବଂ ମୋର । ହାଲ୍ଲେଲୁୟା ! ତୁମର ପବିତ୍ର ଆତ୍ମାଙ୍କ ଦ୍ୱାରା ମୋର ନିଷ୍ଠୁର ହୃଦୟକୁ ଶାସନ କର । ମୁଁ ପ୍ରାର୍ଥନା କରୁଛି । ମୁଁ ଯେପରି ତୁମର ପବିତ୍ର ଉପସ୍ଥିତିରେ ନିଜକୁ ନତ କରିବି ସେଥିପାଇଁ ଦୟା କର । ସ୍ଥିରତା ଓ ଶାନ୍ତି ମୋ ଜୀବନକୁ ଭରିଦିଅ । ମୋ ମଧ୍ୟରେ ବାସ କର ବୋଲି ପ୍ରାର୍ଥନା କରୁଛି ।

*ପଠନ*

***ଚତୁର୍ଥ ପଦ :*** - ଖ୍ରୀଷ୍ଟ ଯୀଶୁଙ୍କଠାରେ ତୁମ୍ଭମାନଙ୍କୁ ଦତ୍ତ ଈଶ୍ୱରଙ୍କ ଯେଉଁ ଅନୁଗ୍ରହ । ସେଥି ନିମନ୍ତେ ମୁଁ ସର୍ବଦା ତୁମ୍ଭମାନଙ୍କ ବିଷୟରେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଛି ।

ପାଉଲଙ୍କର ଏହି ସାକ୍ଷ୍ୟ ଉପରେ ଧ୍ୟାନ କରୁଥିବା ସମୟରେ ମୁଁ ଅନ୍ୟ କିଛି ବାକ୍ୟ ଉପରେ ଦୃଷ୍ଟି ପକାଇ ଥିଲି ଯାହା ସେ ଏହିପରି ବ୍ୟବହାର କରିଛନ୍ତି । ଯେଉଁ

ଅନୁଗ୍ରହ ସେ ସ୍ୱର୍ଗୀୟ ପିତାଙ୍କଠାରୁ ଗ୍ରହଣ କରିଥିଲେ । ସେଗୁଡ଼ିକ ହେଲା କର ବା ଦେୟ, ପୀଡ଼ା, ସମସ୍ୟା ଏବଂ ମୃତ୍ୟୁର ବାକ୍ୟ । ପବିତ୍ର ଆତ୍ମା ମୋର ଧ୍ୟାନକୁ ସତ୍ୟ ଆଡକୁ ଟାଣି ନେଇଥାନ୍ତି, ଯାହା ଏହି ଅନୁଭୂତିଗୁଡ଼ିକୁ 'ଅନୁଗ୍ରହ' ଦ୍ୱାରା ସାଧାରଣ ଧାରଣା ଠାରୁ ଦୂରକୁ ନେଇ ଯାଇଥାଏ ।

ଯେମିତି ମୁଁ  ପଢ଼ି ଚାଲିଥିଲି । ମୁଁ ଲକ୍ଷ୍ୟ କରିଥିଲି ଯେ, ପାଉଲ ମଧ୍ୟ ସାକ୍ଷ୍ୟ ଦେଇଥିଲେ ଯେ, ଜୀବନର ପ୍ରତ୍ୟେକ ସମସ୍ୟା, ଦୁଃଖ କଷ୍ଟଗୁଡ଼ିକ ଈଶ୍ୱରଙ୍କ ଅନୁମତି ଦ୍ୱାରା ହୋଇଥାଏ । ତାହା ପ୍ରତ୍ୟେକ ମନୁଷ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଥାଏ । ''*ଆମେ ନିଜ ଉପରେ ଭରସା କରିବା ଉଚିତ ନୁହେଁ, ମାତ୍ର ଯେଉଁ ଈଶ୍ୱର ମୃତ୍ୟୁରୁ ଉଠି ଥିଲେ ତାଙ୍କ ଉପରେ ନିର୍ଭର କରିବା ।*'' ମୁଁ ମଧ୍ୟ ଚତୁର୍ଥ ପଦକୁ ନିରୀକ୍ଷଣ କରିଥିଲି ପୁନରୁତ୍ଥିତ ଈଶ୍ୱର ତାଙ୍କର'ଅନୁଗ୍ରହ' ପାଉଲଙ୍କୁ ମଧ୍ୟ ପ୍ରଦାନ କରିଥିଲେ । ଯାହା ସେ ଅନୁଗ୍ରହ ପାଇବାର ଯୋଗ୍ୟ ନ ଥିଲେ କିନ୍ତୁ ତାହା ଏପରି ଥିଲା ଯେ, ସେ ଅନ୍ୟମାନଙ୍କର ଅନୁଗ୍ରହ ଦାତା ହୋଇ ପାରିଥିଲେ । ମୁଁ ନିଶ୍ଚିତ ଏହି ଚିନ୍ତାଧାରା ପାଇଁ ପ୍ରାର୍ଥନା କରିବି ।

*ପ୍ରାର୍ଥନା*

ହଁ ପ୍ରଭୁ, ତୁମେ ମୋର ଜୀବନର ସମୟଗୁଡ଼ିକ ଜାଣିଛ ଯେତେବେଳେ ମୁଁ ବିଶ୍ୱସ୍ତ ଭାବରେ ଅନୁଗ୍ରହ ଆଣିବା ପାଇଁ ଚାହିଁଥିଲି ଏବଂ ଆଘାତ ପ୍ରାପ୍ତ ଲୋକମାନଙ୍କ ପାଇଁ ସାନ୍ତ୍ୱନାର କାରଣ ହେବାକୁ ଚାହିଁଥିଲି । ତେଣୁ ମୁଁ ଏପରି ତୁମର ଅନୁଗ୍ରହର ସେବାକାର୍ଯ୍ୟ ଡରଥି ପାଇଁ କରିବା ପାଇଁ ଚାହିଁଥିଲି । ଯେହେତୁ ସେ ଲଗାତାର ଭାବରେ ଯନ୍ତ୍ରଣା ଭୋଗ କରି ଆସୁଥିଲେ ଏବଂ ଅତିଶୟ କଷ୍ଟ ପାଇ ଆସୁଥିଲେ ।

ଏହି ସମସ୍ତ ମଧ୍ୟ ମୁଁ ବେଳେ ବେଳେ ଦେଖିଥିଲି । ଯେ ତାଙ୍କଠାରୁ ଅଧିକ କାର୍ଯ୍ୟ ନେଉଥିଲି ମାତ୍ର ତାଙ୍କର ଆରାମ ଓ ସାନ୍ତ୍ୱନା ପାଇଁ କଦାଚିତ୍ କେତେ



ବେଳେ ତୁମର ଅନୁଗ୍ରହ ଓ ଶାନ୍ତିର କାର୍ଯ୍ୟ ଖୁବ୍ କମ କରୁଥିଲି ଦୟାକରି ମୋର ସ୍ୱାର୍ଥପର ମନୋଭାବ ପାଇଁ ମତେ କ୍ଷମା କର ଏବଂ ମତେ ନୂତନ ଇଚ୍ଛାରେ ପରିପୂର୍ଣ୍ଣ କରି ସତେଜ କର ବା ନୂତନ ମନ ଦିଅ ଯେପରି ସେବା କରିପାରିବି ମାତ୍ର ସେବା ପାଇବା ପାଇଁ ଆଶା କରିବି ନାହିଁ ଏବଂ ଯେପରି ମୁଁ ମଧ୍ୟ ଅନେକ ଆଘାତ ପ୍ରାପ୍ତ ଲୋକମାନଙ୍କ ବିଷୟ ଚିନ୍ତା କରି ପାରିବି । ଯେଉଁମାନେ କି ବିଭିନ୍ନ ସମସ୍ୟା ଓ ବିନଷ୍ଟର ପଥ ମଧ୍ୟରେ ବାସ କରୁଛନ୍ତି, ଯେଉଁଠାରେ କ୍ଷୁଧା, ରୋଗ, ମୃତ୍ୟୁ ସେମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର ଲାଭ କରିଛନ୍ତି । ମୁଁ ପ୍ରାର୍ଥନା କରେ ଯେ, ତୁମର ଅନୁଗ୍ରହ ଏବଂ ଶାନ୍ତି ମୋ ହୃଦୟରେ ପ୍ରଚୁର ଭାବେ ଭରିଦିଅ ଯେପରି ତୁମର ଉପସ୍ଥିତି ମୋ ଜୀବନରେ ସ୍ପଷ୍ଟ ରୂପେ ପ୍ରତୀୟମାନ ହେଉ । ଯେପରି ତାହା ଅନ୍ୟମାନଙ୍କର ଭାର ବହିବାରେ ବ୍ୟବହୃତ ହୋଇ ପାରିବ ଏବଂ ଏହା ସେହି ଲୋକମାନଙ୍କର ସାନ୍ତ୍ୱନାର କାରଣ ହୋଇପାରିବ । ଯେଉଁ ଲୋକମାନେ ଏକ ମରଣାନ୍ତକ ଅବସ୍ଥାରେ ବାସ କରୁଛନ୍ତି ।

କିନ୍ତୁ ଯେତେବେଳେ ମୁଁ ଏପରି ପ୍ରାର୍ଥନା କରେ, ପ୍ରଭୁଯୀଶୁ ମୁଁ ସ୍ପଷ୍ଟ ଭାବରେ ବୁଝି ପାରୁଛି କିପରି ତୁମର ସାନ୍ତ୍ୱନା ପ୍ରତ୍ୟେକ ଅସୁବିଧାରେ ପଡିଥିବା ବ୍ୟକ୍ତିଙ୍କର ଜୀବନ ପାଖକୁ ପହଞ୍ଚିଥାଏ । ସମସ୍ୟା କିମ୍ବା ଦୁଃଖ ଯେତେ ବଡ଼ ହୋଇଥାଉ ନା କାହିଁକି ଏବଂ ଏହା ତୁମର ପ୍ରେମମୟ ହୃଦୟ ଦ୍ୱାରା ଅନୁମତି ପାଇଥାଏ । ଏଥିପାଇଁ ମୁଁ ନିଶ୍ଚିତ ଭାବରେ ମୁଁ ନିଜ ଉପରେ ନିର୍ଭର ନ କରି ତୁମ ଉପରେ ଭରସା କରିବି ।

ବର୍ତ୍ତମାନ ସେହି ସମାନ ବିଷୟ ଈଶ୍ୱରଙ୍କ ବାକ୍ୟ ମୋ ମଧ୍ୟରେ ପ୍ରବେଶ କରି ମୋ ପାଇଁ ଶକ୍ତିଶାଳୀ ହୋଇ ଉଠୁଛି । ମୁଁ ଜାଣେ ଯେ, ଏପରି କି ପାଉଲ ମଧ୍ୟ ଅସୁବିଧାଗୁଡ଼ିକର ଏକ ଲମ୍ବା ତାଲିକା କରି ତାକୁ ଆତ୍ମବିଶ୍ୱାସରେ ଯୋଡି ଦେଇ ତାଙ୍କର ସେବା କାର୍ଯ୍ୟ କରିଥିଲେ । ତେବେ

ମୁଁ କାହିଁକି ଅଭିଯୋଗ କରିବି ? ଯଦି ତାଙ୍କ ପ୍ରେମରେ, ମୋର ପ୍ରାର୍ଥନାର ଉତ୍ତର ଦେବା ପାଇଁ ଈଶ୍ୱର ମନୋନୀତ କରିବେ ମୋର କର୍ତ୍ତବ୍ୟ ମୁଁ ତାହାକୁ ଅହଙ୍କାର ସହିତ କାର୍ଯ୍ୟକରିବା ପୁଣି ହତବୁଦ୍ଧିତାକୁ, ଏପରିକି ବିପଦ ଆପଦକୁ ଜୀବନ ମଧ୍ୟକୁ ଅନୁମତି ଦେଇ ତାହା କରିବେ, ହଁ ପ୍ରଭୁ ମୁଁ ତୁମକୁ ଧନ୍ୟବାଦ ଦେବାକୁ ଚାହେଁ ଯେ, ମୋ ଜୀବନରେ ତୁମ ପ୍ରେମର ସେବା କାର୍ଯ୍ୟ କରିଛ । ଯଦିବା ପ୍ରାର୍ଥନା ଅନ୍ୟ ଲୋକମାନଙ୍କର ପଢ଼ିବା ପାଇଁ ଲିପିବଦ୍ଧ କରି ରଖିବା କଷ୍ଟକର । ମୁଁ ଏହା ଦ୍ୱାରା ଉତ୍ସାହିତ ହୋଇଥିଲି ଯେ ପାଉଲ ମଧ୍ୟ ଯେଉଁମାନଙ୍କୁ ପ୍ରେମ କରୁଥିଲେ ତାଙ୍କ ଦ୍ୱାରା ତାଙ୍କ ସମ୍ମୁଖରେ ଭୟଙ୍କର ଭାବରେ ନିର୍ଯ୍ୟାତିତ ହୋଇଥିଲେ ମଧ୍ୟ ସେମାନଙ୍କ ସମ୍ମୁଖରେ ନିଜକୁ ସିଦ୍ଧ ବା ନିର୍ମଳ ରୂପେ ପ୍ରମାଣିତ କରି ପାରିଥିଲେ । ସେ ତାଙ୍କର ସାକ୍ଷ୍ୟକୁ ଜୀବନର ଭଲ ବିଷୟଗୁଡ଼ିକରେ ଆବଦ୍ଧ କରି ରଖି ନ ଥିଲେ । ତେଣୁ ମୁଁ ମଧ୍ୟ ମୋର ହୃଦୟର ଅନ୍ତରତଳୁ ତୁମକୁ ଧନ୍ୟବାଦ ଦିଏ, ପ୍ରତ୍ୟେକ ମୁହୂର୍ତ୍ତର ସେବା କାର୍ଯ୍ୟ ଯାହା ତୁମ ପାଇଁ କରିବି । ଧନ୍ୟବାଦ ଦେଉଛି ମୋର ପ୍ରତ୍ୟେକ ହୃଦୟ ବେଦନା ଯାହା ତୁମେ ମୋ ଜୀବନ ପଥରେ ଆସିବା ପାଇଁ ଅନୁମତି ଦେଇଛ । ପ୍ରତ୍ୟେକ ମୂର୍ଖତା ପାଇଁ ଏବଂ ପ୍ରତ୍ୟେକ ବିଭ୍ରାଟ ପାଇଁ ଯାହା ମୁଁ ଜୀବନରେ କରି ଆସିଛି । ପ୍ରତ୍ୟେକ ଅପରିମିତ ପରିସ୍ଥିତିଗୁଡ଼ିକ ପାଇଁ ଯେତେବେଳେ ମୁଁ ବିଫଳ ହୋଇଛି କାରଣ ସେତେବେଳେ ମୁଁ ନିଜ ଉପରେ ନିର୍ଭର କରିଛି କିନ୍ତୁ ତୁମ ଉପରେ ନିର୍ଭର କରି ନାହିଁ । ବର୍ତ୍ତମାନ ପ୍ରଭୁଯୀଶୁ ତୁମର ପବିତ୍ର ଉପସ୍ଥିତିରେ ମୁଁ ପାଉଲଙ୍କ ସହିତ ଦୃଢ଼ ଭାବରେ କହେ ଯେ, ମୁଁ ଆଉ ନିଜ ଉପରେ ଭରସା କରିବି ନାହିଁ ମାତ୍ର ତୁମ ଉପରେ ଭରସା ରଖିବି ।

ପ୍ରଭୁ, କେବଳ ତା ପରଦିନ ମୁଁ ପାଉଲଙ୍କର ସେହି ବାକ୍ୟଗୁଡ଼ିକ ପାଠ କଲି ''ଈଶ୍ୱରଙ୍କ ଠାରେ ଆମର ପ୍ରାଚୁର୍ଯ୍ୟତା'' । ଆଜି ସକାଳେ ମୁଁ ବିଶ୍ୱାସ



ଦ୍ୱାରା ସବଳ ହୋଇଛି, ତୁମେ କେବଳ ତୁମେ ହେଉଛ ମୋର ପ୍ରାଚୁର୍ଯ୍ୟତା । ପ୍ରିୟ ପ୍ରଭୋ, ଶାସ୍ତ୍ରର ଏହି ବାକ୍ୟଗୁଡ଼ିକ ଯାହା ମୋ ସମ୍ମୁଖରେ ତୁମେ ଖୋଲି ରଖିଛ । ମୁଁ ତୁମର ପ୍ରଶଂସା କରେ ଯେ ତୁମେ ମୋତେ ମୁକ୍ତ କରିଛ ଏବଂ ଏହା ଯେ ମୋତେ ମୁକ୍ତ କରିବ ଏବଂ ତୁମେ ସେ ପର୍ଯ୍ୟନ୍ତ ମତେ ମୁକ୍ତ କରିବ - ମୋଠାରୁ ! ଧନ୍ୟବାଦ ପ୍ରଭୁ ଯୀଶୁ ତୁମର ଏ ମହାନ ପରିତ୍ରାଣ କାର୍ଯ୍ୟ ପାଇଁ ।

ବର୍ତ୍ତମାନ ପ୍ରଭୁ, ଯେପରି ପବିତ୍ରଆତ୍ମା ତୁମର ସାନ୍ତ୍ୱନାରେ ମତେ ଶକ୍ତିଯୁକ୍ତ କରିବେ । ଆଶନ୍ୱିତ ହୋଇ ମୁଁ ତୁମକୁ କହୁଛି ମତେ ତୁମର କାର୍ଯ୍ୟକାରୀ ଭାବେ ବ୍ୟବହାର କର ଆଜି ଏଇ ପ୍ରେମିକ ପଥ ଗୁଡ଼ିକରେ ତୁମର ସାନ୍ତ୍ୱନା ଆଶ୍ୱାସନା ଆଣିଦିଅ ଯେପରି ମୁଁ ସେହି ବ୍ୟକ୍ତିକୁ ଭେଟି ସାହାଯ୍ୟ କରି ପାରିବି, ଯେଉଁ ବ୍ୟକ୍ତି ତୁମର ପ୍ରେମକୁ ଆବଶ୍ୟକ କରୁଛି ।

*ପଠନ*

**ଏଗାର ପଦ** - ତୁମ୍ଭେମାନେ ତ ମଧ୍ୟ ଯୋଗ ଦେଇ ପ୍ରାର୍ଥନାରେ ଆମ୍ଭମାନଙ୍କର ଉପକାର କରୁଅଛ, ଯେପରି ଆମ୍ଭେମାନଙ୍କୁ ଯେଉଁ ଅନୁଗ୍ରହ ଦାନ ଦତ୍ତ ହୋଇଅଛି, ସେଥି ନିମନ୍ତେ ଅନେକଙ୍କ ମୁଖରୁ ଆମ୍ଭମାନଙ୍କ ସକାଶେ ବହୁତ ଧନ୍ୟବାଦ ଦିଆଯାଏ ।

ମୁଁ ଜାଣେ ଯଦି ଅନେକଙ୍କ ମୁଖ ତାଙ୍କ ତରଫରୁ ଈଶ୍ୱରଙ୍କ ଆଡ଼କୁ ଉଠି ନ ଥାନ୍ତା ତେବେ ପାଉଲଙ୍କର ସେବା କାର୍ଯ୍ୟ ଏପ୍ରକାର ହୋଇ ନ ଥାନ୍ତା । ଠିକ୍ ସେହିପରି ମୁଁ ଜାଣେ, ଯେଉଁଠି ମୁଁ ଆଜି ଏ ପ୍ରଶ୍ନର ସ୍ଥାନରେ ରହିଥା'ନ୍ତି ଯଦି ଏହି ସବୁ ମୋର ଅନେକ ବନ୍ଧୁମାନଙ୍କ ପାଇଁ ଯେଉଁମାନେ ଏକତ୍ର ପ୍ରାର୍ଥନା କରି ମୋତେ ସାହାଯ୍ୟ କରି ନ ଥା'ନ୍ତେ ।

*ପ୍ରାର୍ଥନା*

ପିତଃ, ମୁଁ ତୁମର ମହାନ ପ୍ରେମକୁ ତୁଳନା କରି ପାରୁ ନାହିଁ, ଯାହା ତୁମେ ଅନେକଙ୍କ ହୃଦୟ ମଧ୍ୟରେ ଦେଇଛ, ଯେଉଁ ତୁମର ପ୍ରିୟ ପିଲାମାନେ

ଡରଥିଙ୍କ ପାଇଁ ଏବଂ ମୋ ପାଇଁ ପ୍ରାର୍ଥନା କରିଥିଲେ ମୁଁ କିପରି ମୋର ଧନ୍ୟବାଦକୁ ତୁମ ପାଇଁ ପ୍ରକାଶ କରି ପାରିବି ପୁଣି ତୁମର ଏପ୍ରକାର ବହୁମୂଲ୍ୟ ପ୍ରେମ ପାଇଁ ମୋର ହୃଦୟକୁ ତୁମଠାରେ ସମର୍ପଣ କରିବି ?

ବର୍ତ୍ତମାନ ନିର୍ଦ୍ଦିଷ୍ଟ ଭାବରେ ମୋର କେତେ ଜଣବନ୍ଧୁଙ୍କୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରେ ମୋର ପ୍ରାର୍ଥନାର ସମୟରେ । ଯଦି ମୁଁ ସେପରି କରେ, ତେବେ ମୁଁ ଶାସ୍ତ୍ରର ଆଲୋକ ମଧ୍ୟରେ ସେମାନଙ୍କ ପାଇଁ ପ୍ରାର୍ଥନା କରିବା ପାଇଁ ଚେଷ୍ଟା କରେ, ଯେପରି କି ମୋର ନିଜର ହୃଦୟ ଓ ଜୀବନରେ ପବିତ୍ରଆତ୍ମା ପ୍ରଜ୍ଜ୍ୱଳିତ ହେବେ ଏବଂ ପଚାରିବେ ଯେ, ଈଶ୍ୱର ତାଙ୍କର ନିଜର ଶକ୍ତି ସେମାନଙ୍କ ହୃଦୟ ଓ ଜୀବନଗୁଡ଼ିକରେ ଆଣି ଦେବେ ଯେପରି ସେମାନେ ସମ୍ପୂର୍ଣ୍ଣ ରୂପେ ସେମାନଙ୍କର ଭରସା ଈଶ୍ୱରଙ୍କ ଉପରେ ରଖିବେ ।

*ପଠନ*

**୧୫, ୧୭ ଓ ୧୮ ପଦ** : - ୧୫ ପଦ - ଆଉ ତୁମ୍ଭେମାନେ ଯେପରି ଦ୍ୱିତୀୟଥର ଅନୁଗ୍ରହ ଲାଭ କରିପାର ।

୧୭ ପଦ - ତେବେ ଏହି ପ୍ରକାର ଇଚ୍ଛା କରିବାରେ ମୁଁ କଅଣ ଲଘୁ ଭାବରେ ଆଚରଣ କରିଥିଲି ? ଅବା ମୁଁ ଯାହା ସଂକଳ୍ପ କରିଥାଏ । ତାହା କ'ଣ ସାଂସାରିକ ଭାବରେ କରିଥାଏ ଯେ, ମୋହର କଥା ହଁ ଓ ନାଁ ଉଭୟ ହୋଇଥାଏ ।

କିନ୍ତୁ ଈଶ୍ୱର ବିଶ୍ୱାସୀ । ଏହି ଚିନ୍ତାଧାରା ଉପରେ ପର୍ଯ୍ୟାୟ କ୍ରମେ ଧ୍ୟାନ କରିଥିଲି, ଯାହା ତାଙ୍କର ଏକମାତ୍ର ଆକାଂକ୍ଷା ଥିଲା ସେ ଦ୍ୱିତୀୟଥର ପାଇଁ କରିନ୍ଥୀୟ ଯାଇ ସାନ୍ତ୍ୱନା (ବଳ) ଏବଂ ଆଶ୍ୱାସନା ଦେବା ପାଇଁ ଯେଉଁ ସାଧୁମାନଙ୍କୁ ସେ ପ୍ରେମ କରୁଥିଲେ ତାଙ୍କ ପାଖକୁ ଯାଇ ସେବାକାର୍ଯ୍ୟ କରିବେ । ତାଙ୍କର ଆକାଂକ୍ଷା ଥିଲା ଯେ ସେ କରିନ୍ଥୀକୁ ଯାଇ ସେମାନଙ୍କ ଠାରୁ କିଛି ଗ୍ରହଣ କରିବେ ନାହିଁ ମାତ୍ର ସେ ସେମାନଙ୍କୁ କିଛି ଦେବା ପାଇଁ ଚାହୁଁଥିଲେ । ସେ ମଧ୍ୟ ପରୀକ୍ଷା କରି ଦେଖିଥିଲେ ଯେ, ସେ ତାଙ୍କର ଯାତ୍ରାର ଯୋଜନା ହାଲୁକା ଭାବରେ କରି ନ ଥିଲେ । (ମୁଁ



ଲକ୍ଷ୍ୟ କରିଛି, ସେଇଠି କୁହା ଯାଇ ନାହିଁ ଯେ, ତାଙ୍କର ଯାତ୍ରାର ଖର୍ଚ୍ଚ ବହନ କରିବ ଏବଂ ଅର୍ଥ ତାଙ୍କ ପାଇଁ ମୁଖ୍ୟ ବିଷୟ ନ ଥିଲା । ନିଶ୍ଚିତ ଭାବରେ କରୀନ୍ଥକୁ ଯିବା ପାଇଁ ତାଙ୍କର ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ସୁବିଧା ସୁଯୋଗର ସ୍ଥାନ ନ ଥିଲା ।

*ପ୍ରାର୍ଥନା*

ତୁମର ଆତ୍ମାଙ୍କ ଦ୍ୱାରା ଏବଂ ତୁମର ବାକ୍ୟ ମଧ୍ୟ ଦେଇ ପ୍ରିୟ ପ୍ରଭୁ ମୋ ହୃଦୟରେ ଥିବା ଭୁଲ୍ ଧାରଣାକୁ ମତେ ଦେଖାଇ ଦିଅ । ଯେପରି ତାହା ପବିତ୍ର ଆତ୍ମା ସେହି କାର୍ଯ୍ୟକୁ ଦୂର କରି ଦେବେ । ଯେତେବେଳେ ମୁଁ ସ୍ଥିର କରେ, ତୁମର ଇଚ୍ଛା କଅଣ, ଆଗାମୀ ଶରତ ଋତୁରେ ମୁଁ କେଉଁଠାରେ ତୁମର ସେବା କାର୍ଯ୍ୟ କରିବି । ଏହା ମତେ ଦେଖାଅ ପ୍ରଭୋ ଯଦିବା କରିନ୍ଥୀୟ ଖ୍ରୀଷ୍ଟିୟାନମାନେ ପାଉଲଙ୍କର ଉଦ୍ଦେଶ୍ୟକୁ ଭୁଲ୍ ବୁଝି ଥିଲେ ଯେତେବେଳେ ସେ ତାଙ୍କର ଅସାଧାରଣ ନିଷ୍ପତ୍ତିକୁ ତାଙ୍କର ଯାତ୍ରାର ଯୋଜନାରେ ପରିବର୍ତ୍ତନ କରିଥିଲେ । ସେତେବେଳେ ସେ କେବଳ ତୁମର ପବିତ୍ର ଆତ୍ମାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲେ ମାତ୍ର ତୁମକୁ ଧନ୍ୟବାଦ ଦିଏ ପ୍ରଭୋ, ଯଦିବା ପାଉଲ ତାଙ୍କର ପ୍ରଚାର କାର୍ଯ୍ୟ ପାଇଁ ପ୍ରଥମେ ହିଁ କହିଥିଲେ ଏବଂ ତାପରେ ତାଙ୍କର ଉତ୍ତରକୁ ନାହିଁରେ ପରିବର୍ତ୍ତନ କରିଥିଲେ । ସେ ପ୍ରଚାର କରିଥିବା ବାକ୍ୟ କେବେବି ପ୍ରଥମେ 'ହଁ' ଓ ତାପରେ ନାହିଁ  ହୋଇ ନ ଥିଲା । ଖ୍ରୀଷ୍ଟଙ୍କ ପାଇଁ ପାଉଲଙ୍କର ଉତ୍ତର ସବୁବେଳେ 'ହଁ' ଅପରିବର୍ତ୍ତିତ ଏବଂ ଚିରସ୍ଥାୟୀ ଥିଲା । କିନ୍ତୁ ତୁମ ହୃଦୟର କିଛି ପରିବର୍ତ୍ତନ ହୋଇ ନ ଥାଏ ପ୍ରଭୋ, ପ୍ରଭୁଙ୍କ ବାକ୍ୟ ଯାହା ପାଉଲ ପ୍ରଚାର କରିଥିଲେ । ଏହି ଜଗତରେ ତୁମେ ଦୃଢ଼ଶୈଳ ହୋଇଥିବାରୁ । ମୋର ଏହି ଜଗତରେ ଯେଉଁଠାରେ ପରିସ୍ଥିତିଗୁଡ଼ିକ ଅତିଶୀଘ୍ର ବଦଳି ଯାଇଥାଏ । ଯେଉଁଠାରେ ଯୋଜନା ପ୍ରସ୍ତୁତ କରାଯାଏ ପୁଣି ବେଳେ ବେଳେ ତାହା ପରିବର୍ତ୍ତନ କରାଯାଇଥାଏ । ପ୍ରଭୁ, ମୁଁ ତୁମର ଯୋଜନା

ଜାଣିବାକୁ ଚାହେଁ । ନିଜର ସ୍ୱାର୍ଥସାଧନ ଓ ସୁବିଧାବାଦ ନିଷ୍ପତ୍ତି ନେବାରୁ ମୋତେ ଉଦ୍ଧାର କର । ପ୍ରାର୍ଥନା କରୁଛି ପ୍ରଭୋ, ତୁମ ସହଭାଗିତାରେ ପ୍ରତିଦିନ ଚାଲିବା ପାଇଁ ମତେ ସାହାଯ୍ୟ କର ।

**ଏହି ଅଂଶରେ କିଛି ପ୍ରତିଜ୍ଞା ଅଛି କି, ଯାହକୁ ଦାବୀ କରାଯିବ ?**
**ଏହି ଅଂଶରେ ଦାବୀ କରିବାକୁ ଏକ ପ୍ରତିଜ୍ଞା ଅଛି କି ?**

*ପଠନ*

**୨୦ ପଦ** - ଯେଣୁ ଈଶ୍ୱରଙ୍କର ଯେତେ ପ୍ରତିଜ୍ଞା, ସେ ସମସ୍ତଙ୍କର ହଁ ତାହାଙ୍କ ଠାରେ ଅଛି । ଏଥି ସକାଶେ ମଧ୍ୟ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ ଗୌରବ ଉଦ୍ଦେଶ୍ୟରେ ଆମ୍ଭେମାନେ ''ଆମେନ୍'' କହିଥାଉ ।

*ପ୍ରାର୍ଥନା*

ପ୍ରଭୁ ଆମ ମଧ୍ୟଦେଇ ! ଈଶ୍ୱରଙ୍କ ପ୍ରତିଜ୍ଞା ସମୂହ ଆମ ମଧ୍ୟ ଦେଇ ! ଈଶ୍ୱରଙ୍କର ପ୍ରତିଜ୍ଞା ସମୂହ ଖ୍ରୀଷ୍ଟଙ୍କଠାରେ । ଈଶ୍ୱରଙ୍କର ସମସ୍ତ ପ୍ରତିଜ୍ଞା ଖ୍ରୀଷ୍ଟଙ୍କଠାରେ ପ୍ରଭୋ ? ହଁ ପ୍ରଭୋ, ତୁମକୁ ଧନ୍ୟବାଦ ଦେଉଛି । ଆଜି ସକାଳେ ତୁମର ପବିତ୍ର ଉପସ୍ଥିତିରେ ମୁଁ ମୋର ପ୍ରତିଜ୍ଞାର 'ହଁ'କୁ ପୁଣି ତାହା ସଫଳ କରିବା ପାଇଁ ନିଷ୍ପତ୍ତି ଜଣାଇବାକୁ ଚାହେଁ । ପ୍ରଭୋ, ହେ ଈଶ୍ୱର । ଖ୍ରୀଷ୍ଟଙ୍କ ସକାଶେ ଯେଉଁ ସମସ୍ତ ମତେ ଦେଇଛ ତାକୁ କୋଳଧରି ରଖିବାକୁ ଚାହେଁ ନାହିଁ । ବାସ୍ତବରେ ମୁଁ କଳ୍ପନା କରିପାରୁନାହିଁ । ତୁମ ବିନା ମୋର ଜୀବନ କେତେ ଶୂନ୍ୟ ହୋଇଯିବ ପ୍ରିୟ ପ୍ରଭୋ, ଆଜି ପ୍ରଭୁଯୀଶୁ ମୁଁ ଦୃଢ଼ତାର ସହ କହେ ଯେ, ଆଜି ଦିନରେ ଯେଉଁ ସବୁ ଦାବୀଗୁଡ଼ିକର ସମ୍ମୁଖୀନ ହେବି ତାର ସମସ୍ତ ବିଷୟ ତୁମେ ସମାଧାନ କର ବୋଲି ମୁଁ ଚାହୁଁଛି । ଏହାର ପ୍ରତ୍ୟେକ ସୁଯୋଗଗୁଡ଼ିକ ଏହାର ପ୍ରତ୍ୟେକ ନିଷ୍ପତ୍ତି ଏବଂ ପରଖ କରି ଦେଖିବା ବିଷୟ ତୁମ ଦ୍ୱାରା ହେଉ ।



**ତେଣୁ ଆମର ସବୁଠାରୁ ଶ୍ରେଷ୍ଠ ଓ ମୌଳିକ କର୍ତ୍ତବ୍ୟ ସବୁବେଳେ ସ୍ମରଣ କରୁଥିବା ଯେପରି ଆମେ ପ୍ରତ୍ୟେକେ ପ୍ରତ୍ୟେକ ସକାଳେ ନିର୍ଣ୍ଣିତ ଭାବରେ ଉପସ୍ଥିତ ରହିବ । ଯେପରି ଈଶ୍ୱରଙ୍କର ସମ୍ମୁଖରେ ଆତ୍ମାକୁ ଆନନ୍ଦିତ ଭାବରେ ଉପସ୍ଥାପିତ କରିପାରିବ ।**

**ଏହା ଜାଣିବା କେତେ ଆଶ୍ଚର୍ଯ୍ୟ ଯେ, ପ୍ରତ୍ୟେକ ଦିନ ପ୍ରଭୁଯୀଶୁ ନିଜେ ବ୍ୟକ୍ତିଗତ ଭାବରେ ତୁମକୁ ନିମନ୍ତ୍ରଣ ଜଣାଇଥାନ୍ତି । ତୁମର ନାମ ଧରି ଡାକିଥାନ୍ତି ଅନୁଗ୍ରହ ପରିପୂର୍ଣ୍ଣତାରେ ସେ ତୁମକୁ ନିମନ୍ତ୍ରଣ କରିଥାନ୍ତି । 'ଆସ ଏବଂ ଭୋଜନକର' ।**

**ତୁମର ଅପରିବର୍ତ୍ତନୀୟ ସତ୍ୟତା ଅଟେ ଚିରସ୍ଥାୟୀ,**
**ଯେଉଁମାନେ ତୁମକୁ ଡାକ ପକାନ୍ତି**
**ତୁମ ଦ୍ୱାରା ସେମାନେ ଉଦ୍ଧାର ପାଆନ୍ତି ।**
**ଯେଉଁମାନେ ଜୀବନରେ ତୁମକୁ ଖୋଜନ୍ତି**
**ମଙ୍ଗଳମୟ ଅଟ ତୁମେ, ସେମାନଙ୍କ ପ୍ରତି,**
**ଯେ ତୁମର ସନ୍ଧାନ ପାଇଛି,**
**ତୁମ୍ଭେ ତା ପାଇଁ ଅଟ ସବୁକିଛି ।**

**ହେ, ଜୀବନ୍ତ ଆହାର ! ଆମେ ତାହା କରିଛୁ ଆସ୍ୱାଦନ,**
**ତୁମର ସେ ଅନନ୍ତ ଭୋଜନ, କରୁଛି ସମସ୍ତଙ୍କୁ ଆହ୍ୱାନ**
**ହେ ଅନନ୍ତ ଜଳର ନିର୍ଝର, ତୁମେ ମୋ ଜୀବନ ଆକର,**
**ପାନ କରି ତୁମର ସେ ଜଳ, ତୃଷିତ ଆତ୍ମାକୁ ପରିତୃପ୍ତ କର ।**

## 'ଏକତ୍ର ସମୟ'

ଏଠାରେ ତୁମ ପାଇଁ କିଛି ପ୍ରଶ୍ନ ଅଛି । ଯେତେବେଳେ ତୁମେ ପ୍ରତିଦିନ ଶାସ୍ତ୍ର ପାଠକରି ଧ୍ୟାନ କରିବ । ସେତେବେଳେ ଏ ସବୁ ନିଜକୁ ପଚାରି ପାରିବ ।

ଏସବୁ ଭିତରୁ ଏ ପଦରେ କିଛି ଅଛି କି ?

ଏପରି ପାପ ଯାହାକୁ ଆଡ଼େଇ ଯିବାକୁ ହେବ ?

ସତର୍କବାଣୀ ଧ୍ୟାନ ଦେବାକୁ ?

ଆଦେଶ ମାନିବାକୁ ?

ଉତ୍ତମ ଉଦାହରଣ ପରିତ୍ୟାଗ କରିବାକୁ ?

ପିତା ଈଶ୍ୱରଙ୍କ ବିଷୟରେ କିଛି ନୂତନ ଚିନ୍ତାଧାରା ?

ପୁତ୍ର ଈଶ୍ୱରଙ୍କ ବିଷୟରେ କିଛି ନୂତନ ଚିନ୍ତାଧାରା ?

ପବିତ୍ରଆତ୍ମା ଈଶ୍ୱରଙ୍କ ବିଷୟରେ କିଛି ନୂତନ ଚିନ୍ତାଧାରା ?

ଶୟତାନର ବ୍ୟକ୍ତି ବିଷୟରେ କିଛି ସଦ୍ୟ ଚିନ୍ତାଧାରା ।

ଶୟତାନର ରହସ୍ୟମୟ କୌଶଳ ବିଷୟରେ କିଛି ସଦ୍ୟ ଚିନ୍ତାଧାରା ।

''*କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ*'' (ଯାକୁବ ୧:୨୨) ।

''*କିନ୍ତୁ ସିଦ୍ଧ, ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତାମାତ୍ର ନ ହୋଇ ବରଂ କାର୍ଯ୍ୟକାରୀ ହୁଏ, ସେ ଆପଣା କାର୍ଯ୍ୟରେ ଧନ୍ୟ*'' (ଯାକୁବ ୧:୨୫) ।



## ବାଇବଲ ଅଧ୍ୟୟନ

ଏଠାରେ ତୁମ ପାଇଁ ଆହୁରି କେତେ ଗୁଡ଼ିଏ ପ୍ରଶ୍ନ ଅଛି, ବାଇବଲ ଯେତେବେଳେ ପଢ଼ିବ ତୁମେ ତା ସହିତ ସମ୍ପର୍କ ରଖି ଏହି ପ୍ରଶ୍ନଗୁଡ଼ିକ ପଚାରିବ ଯେପରି ତୁମେ ଏକ ପୁରସ୍କାର ପ୍ରାପ୍ତ ନିୟମିତ ବାଇବଲ ଅଧ୍ୟୟନ କରି ପାରିବ ।

ଏହି ଅଂଶଟିରେ କାହା ବିଷୟରେ କୁହାଯାଉଛି ?

କାହାକୁ ଏହି ଅଂଶଟି ନିର୍ଦ୍ଦେଶ କରୁଛି ?

କେଉଁ ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକ ଲେଖକ ବ୍ୟବହାର କରିଅଛନ୍ତି ?

କେଉଁ ସମୟରେ ଏ ଅଂଶଟି ଲେଖା ଯାଇଥିଲା ?

କେଉଁ ସ୍ଥାନରୁ ଏହି ଅଂଶଟି ଲେଖା ଯାଇଥିଲା ?

କେଉଁ ଉଦ୍ଦେଶ୍ୟ ପାଇଁ ଏହି ଅଂଶଟି ଲେଖା ଯାଇଥିଲା ?

କେଉଁ ପରିସ୍ଥିତିରେ ଏହି ଅଂଶଟି ଲେଖା ଯାଇଥିଲା ?

ଏହି ଅଂଶଟି କିପରି ପୂର୍ବର ସମୟ ସହିତ ଉପଯୋଗୀ ହୋଇ ପାରିଥିଲା, ପୁଣି ପରବର୍ତ୍ତୀ ସମୟ ପାଇଁ ଉପଯୋଗୀ ହୋଇ ପାରିବ ?

*ସତ୍ୟବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ; ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର ।*

***ଦୃଷ୍ଟିରଖ :*** ଏକ ନିୟମିତ ବାଇବଲ ଅଧ୍ୟୟନ ପ୍ରତ୍ୟେକ ଦିନ ସମ୍ପୂର୍ଣ୍ଣ ରୂପେ ପର୍ଯ୍ୟାପ୍ତ ହୋଇ ନ ଥାଏ, ମାତ୍ର ପ୍ରତିଦିନର ''ଏକତ୍ର ସମୟ''ର ପାଳନ କରିବା ଦ୍ୱାରା ତୁମର ଆତ୍ମିକ ଜୀବନର ଅଭିବୃଦ୍ଧି ଘଟିଥାଏ ।

## ପ୍ରତିଦିନର ପ୍ରାର୍ଥନା ନିର୍ଦ୍ଦେଶକ ବା ଉପଦେଷ୍ଟା

ପ୍ରତିଦିନର ଆମର ନିରନ୍ତର ପ୍ରାର୍ଥନା ମୋର ସ୍ତ୍ରୀ ଡରଥି ଏବଂ ମୋର ସାହାଯ୍ୟ ପାଇଁ ଆମେ ପୂର୍ବରୁ କରାଯାଇଥିବା ପ୍ରଶ୍ନଗୁଡ଼ିକୁ ପର୍ଯ୍ୟାୟକ୍ରମେ ଅନୁସରଣ କରୁଥିଲୁ । ଯେଉଁସବୁ ମୋର ପରିବର୍ତ୍ତିତ ହେବାର ୫୦ ବର୍ଷ ପୂର୍ବରୁ ପ୍ରଚାରକ ଥୋମାସ୍ ବି. ରିଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିଲା । ଏମ୍. ପାଇଁ ମନ୍‌ଡେ ବା ସୋମବାର ଏମ୍ ପାଇଁ ମିଶ୍‌ନେରୀ ଏବଂ ଏହିପରି ଅନେକ କିଛି ।

ଈଶ୍ୱରଙ୍କ ବାକ୍ୟରୂପ ଖାଦ୍ୟ ଭୋଜନ କରି ସାରିବା ପରେ ଏହାକୁ ମସ୍ତକରୁ ହୃଦୟକୁ ନେବା ପାଇଁ ପ୍ରାର୍ଥନାରେ ଆମର ବିନୀତ ପ୍ରାର୍ଥନା ଆମର ଜୀବନ ହୋଇଯାଏ । ପ୍ରତିଦିନର କାର୍ଯ୍ୟକ୍ରମକୁ ଯଥୋଚିତ କରିବା ପରିବର୍ତ୍ତେ, ଅନ୍ୟମାନଙ୍କ ପାଇଁ କରିବା ବିନୀତ ପ୍ରାର୍ଥନା ଏକ ଦୀର୍ଘସ୍ଥାୟୀ ଏବଂ ଧନ୍ୟବାଦ ଅର୍ପଣର ଉପଯୁକ୍ତ ସମୟ ଏବଂ ସେମାନଙ୍କ ପାଇଁ ମନୋଯୋଗୀ ହେବା । ଯଦିବା ଏହିପରି ଭାବେ ପ୍ରାର୍ଥନାରେ ମନୋଯୋଗୀ ହେବା ପାଇଁ ଆମ ପାଖରେ ପ୍ରାର୍ଥନାର ଲିଖିତ ତାଲିକା ନାହିଁ । ଆମେ ପବିତ୍ରଆତ୍ମାଙ୍କ ଉପରେ ଭରସା କରୁ ସେ ଆମ ପ୍ରାର୍ଥନାକୁ ବିସ୍ତାରିତ କରି ଆମର ଅତି ଜରୁରୀ ପ୍ରାର୍ଥନା ଆବଶ୍ୟକତାକୁ କୋଳେଇ ନେବେ ।

*ସେଗୁଡ଼ିକ ଯାହାବି ହୋଇ ଥାଉ ନା କାହିଁକି କୌଣସି ବିଷୟରେ ଚିନ୍ତିତ ହୁଅନାହିଁ । କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ* (ଫିଲିପ୍ପୀୟ ୪:୬) ।

**ଦୃଷ୍ଟିରଖ :** ଏହିସବୁ '**ପ୍ରାର୍ଥନା ଉପଦେଷ୍ଟା**'ରେ ପ୍ରାର୍ଥନାଗୁଡ଼ିକ ସଂପୃକ୍ତ କରାଯାଇ ନାହିଁ । ଏକ ବ୍ୟକ୍ତିଗତ ପ୍ରକୃତି ମନୋଯୋଗୀତାକୁ ଏବଂ ଦୈନନ୍ଦିତ ଦେଖାଯାଉଥିବା ବିଷୟଗୁଡ଼ିକ ପାଇଁ

ସୋମବାର — ମିଶ୍‌ନେରୀମାନଙ୍କ ପାଇଁ, ସେହି ମିଶ୍‌ନେରୀମାନଙ୍କ ସେବାକାର୍ଯ୍ୟ ପାଇଁ ଯେଉଁମାନଙ୍କର ସେବା କାର୍ଯ୍ୟରେ ଈଶ୍ୱର ମଧ୍ୟ ଆମକୁ ଆଗ୍ରହୀ କରନ୍ତି ଓ ସେହି କାମରେ ମଧ୍ୟ ଆମକୁ ସାମିଲ କରନ୍ତି ।



ମଙ୍ଗଳବାର — ଧନ୍ୟବାଦ ଅର୍ପଣ, ନିର୍ଦ୍ଦିଷ୍ଟ ଭାବରେ ଧନ୍ୟବାଦ ଦେବା ପାଇଁ ସମୟ ଏବଂ ତାଙ୍କର ସମସ୍ତ ପାଇଁ ଉପାସନା, ଯାହା ସମସ୍ତ ସେ କରିଛନ୍ତି । ଯାହା ସେ କରିବେ ସେ ସମସ୍ତ ପାଇଁ ଏବଂ ସେ ଯେଉଁସବୁ ବିଷୟ ଦେଇଛନ୍ତି ସେ ସମସ୍ତ ପାଇଁ ଧନ୍ୟବାଦ ଦେବା ।


ବୁଧବାର — କାର୍ଯ୍ୟକାରୀମାନଙ୍କ ପାଇଁ, ପାଳକମାନଙ୍କ ପାଇଁ, ପ୍ରଚାରକମାନଙ୍କ ପାଇଁ, ବାଇବଲ ଶିକ୍ଷକମାନଙ୍କ ପାଇଁ ଏବଂ ଖ୍ରୀଷ୍ଟିୟାନ କର୍ମଚାରୀମାନଙ୍କ ପାଇଁ ।

ଗୁରୁବାର — କାର୍ଯ୍ୟଗୁଡ଼ିକ ପାଇଁ, ଗୃହର ଦାୟିତ୍ୱଗୁଡ଼ିକ ପାଇଁ, ସେବାକାର୍ଯ୍ୟର କର୍ତ୍ତବ୍ୟ ସବୁ ପାଇଁ, ଆର୍ଥିକ ସାହାଯ୍ୟ ପାଇଁ କୃତଜ୍ଞତା ଜ୍ଞାପନ ।

ଶୁକ୍ରବାର — ପରିବାର : ଆମର ଛୋଟ ପରିବାର ଏବଂ ଆମର ଆତ୍ମୀୟ ସ୍ୱଜନ ସମସ୍ତ ପରିବାର ସହିତ ଯେଉଁମାନେ ଡରଥି ଏବଂ ମୋ ପାଇଁ ଏବଂ ଆମର ସନ୍ତାନ ଓ ନାତି ନାତୁଣୀମାନଙ୍କ ପାଇଁ ।

ଶନିବାର — ପାପୀମାନଙ୍କ ପାଇଁ - ''ସାରା ପୃଥିବୀରେ ଥିବା'' ଈଶ୍ୱରଙ୍କ ପାଇଁ ତୁମର ଅନ୍ୱେଷଣ ସେବା କାର୍ଯ୍ୟ ପାଇଁ । ଯେଉଁମାନଙ୍କୁ ଆମେ ରାସ୍ତାରେ ଭେଟିଥିଲୁ ଏବଂ ସାକ୍ଷ୍ୟ ମଧ୍ୟ ପ୍ରଦାନ କରିଥିଲେ ଏବଂ ଖ୍ରୀଷ୍ଟଙ୍କଠାରୁ ବାହାରେ ଥିବା ପରିବାରର ସଦସ୍ୟମାନଙ୍କ ପାଇଁ ।

ରବିବାର — ସାଧୁମାନଙ୍କ ପାଇଁ - ଯେଉଁଲୋକମାନଙ୍କୁ ଆମେ ଜାଣିଛୁ । ଯେଉଁମାନେ ଏଇ ନିକଟରେ ପରିତ୍ରାଣ କର୍ତ୍ତାଙ୍କୁ ପାଇଛନ୍ତି । ପ୍ରାର୍ଥନା ସଂଗୀ ଯେଉଁମାନଙ୍କ ଦ୍ୱାରା ଈଶ୍ୱର ଆମ ଜୀବନଗୁଡ଼ିକୁ ଖ୍ରୀଷ୍ଟରେ ଧନଶାଳୀ କରିଛନ୍ତି । ତାଡ଼ନା ପ୍ରାପ୍ତ ମଣ୍ଡଳୀ ଗୁଡ଼ିକ ପାଇଁ ଯେଉଁସବୁ ବିଷୟ ଆମେ କଠିନ ପରିଶ୍ରମ ବଳରେ ଖୋଜିଛୁ ଏବଂ ବିସ୍ତାର ସୂଚନା ପାଇଛୁ ଏବଂ ଆଜି ମଣ୍ଡଳୀଗୁଡ଼ିକରେ ଉଦ୍ଦୀପନା ପାଇଁ ।



# ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ

ଡ଼କ୍ଟର ରିଚାର୍ଡ ଏ. ବର୍ଣ୍ଣେଟ୍ ଜଣେ ନଗର ଯୋଜନାକାରୀ ଭାବରେ କାର୍ଯ୍ୟାରମ୍ଭ କରିଥିଲେ । ଏଥି ନିମନ୍ତେ ତାଲିମ ନେଉଥିବା ସମୟରେ ରିଚାର୍ଡ଼ ଈଶ୍ୱରଙ୍କର ମହା ପରାକ୍ରମୀ ଶକ୍ତିର ପ୍ରତ୍ୟକ୍ଷ ଅନୁଭୂତି ଲାଭ କଲେ । ଏହା ତାଙ୍କର ଜୀବନକୁ ସଂପୂର୍ଣ୍ଣ ପରିବର୍ତ୍ତିତ କଲା । ଏହାପରେ ସେ ଇଂଲିଶ୍ କାଉନ୍‌ସିଲ୍‌ରୁ ଇସ୍ତଫା ଦେଇ ବାଇବଲ ଶିକ୍ଷା ଲାଭ କରିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାତ୍ରା କଲେ ।

ଜଣେ ସାଧାରଣ ଉତ୍ସାହୀ ବ୍ୟକ୍ତି ଭାବରେ ରିଚାର୍ଡ଼ ପ୍ରଭୁଙ୍କ ସେବା କାର୍ଯ୍ୟ ଆରମ୍ଭ କଲେ ଓ ୧୯୪୬ଠାରୁ ଆଜି ପର୍ଯ୍ୟନ୍ତ ଆଗ୍ରହୀ ଶ୍ରୋତାମାନଙ୍କ ନିକଟରେ ସେ ବାଇବଲ ଶିକ୍ଷା ଓ ଉପଦେଶମାନ ପ୍ରଦାନ କରି ଚାଲିଛନ୍ତି । ଏହା ମଧ୍ୟରୁ ଦୀର୍ଘ ୨୦ ବର୍ଷ ତାଙ୍କର ସ୍ୱର ଟ୍ରାନ୍‌ସ୍‌ୱର୍ଲ୍ଡ ରେଡ଼ିଓ ଓ ଫାର୍ ଇଷ୍ଟ ବ୍ରଡ୍ କାଷ୍ଟିଙ୍ଗ୍ କର୍ପୋରେସନ ମାଧ୍ୟମରେ ଇଉରୋପ, ଆଫ୍ରିକା, ଏସିଆ ଓ କେନ୍ଦ୍ର ତଥା ଦକ୍ଷିଣ ଆମେରିକାର ପ୍ରତ୍ୟେକ ଗୃହରେ ଝଙ୍କୃତ ହେଉଥିଲା ।

୧୯୫୮ ମସିହାରେ ରିଚାର୍ଡ ଓ ଡରୋଥିଙ୍କର ବିବାହ ହେଲା ଓ ସେହି ସମୟଠାରୁ ସେମାନେ ମିଳିତ ଭାବରେ ଈଶ୍ୱରଙ୍କର ସେବାକାର୍ଯ୍ୟ କରି ଆସୁଛନ୍ତି । ମହିଳାମାନଙ୍କ ମଧ୍ୟରେ ଡରୋଥିଙ୍କ ସୁସମାଚାର ପ୍ରଚାରର ସେବାକାର୍ଯ୍ୟ ଅତ୍ୟନ୍ତ ଶକ୍ତିଯୁକ୍ତ ଓ ପ୍ରଭାବଶାଳୀ ଅଟେ ।

ଯେଉଁ ଦେଶ ଓ ଲୋକମାନଙ୍କ ନିକଟରେ ପରିତ୍ରାଣର ବାର୍ତ୍ତା ପ୍ରଚାରିତ ହୋଇ ନ ଥିଲା, ରିଚାର୍ଡ ଓ ଡରୋଥି ବିଗତ କିଛି ବର୍ଷ ହେବ ସେହି ସ୍ଥାନମାନଙ୍କର ସୁସମାଚାର ମହାସଭାମାନ ଅନୁଷ୍ଠିତ କରି ଚାଲିଛନ୍ତି । ବିକାଶୋନ୍ମୁଖୀ ରାଷ୍ଟ୍ରର ଅଧିବାସୀମାନଙ୍କଠାରେ ଅତିଶୟ ଆତ୍ମିକ କ୍ଷୁଧା ରହିଥିବାର ଦେଖି ସେମାନେ ଆନନ୍ଦରେ ଆତ୍ମହରା ହୋଇ ପଡ଼ିଥିଲେ । କିନ୍ତୁ ସେହି ଲୋକମାନେ ଦାରିଦ୍ର୍ୟତା, କ୍ଷୁଧା ଓ ଉପେକ୍ଷାରେ ଜର୍ଜ୍ଜରିତ ହେଉଥିବାର ଦେଖି ସେମାନେ ଏତେ ଦୁଃଖିତ ହୋଇଥିଲେ ଯେ ସେହି ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ପ୍ରକାଶ କରି ସେମାନଙ୍କୁ ଆତ୍ମିକ ସହାୟତା ଯୋଗାଇବାକୁ ଏବଂ ସେମାନଙ୍କର ସମସ୍ତ ଶାରୀରିକ ଆବଶ୍ୟକତା ପୂରଣ କରିବାକୁ ରିଚାର୍ଡ ଓ ଡରୋଥି ପରିଚାଳିତ ହେଲେ ।

ସେମାନେ ଦେଖିବାକୁ ପାଇଲେ ଯେ, କେବଳ ବିକାଶୋନ୍ମୁଖୀ ରାଷ୍ଟ୍ର ନୁହେଁ, ମାତ୍ର ଶିଳ୍ପାୟତ୍ତ ରାଷ୍ଟ୍ରର ଲୋକମାନେ ମଧ୍ୟ ଈଶ୍ୱରଙ୍କ ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରିବା ନିମନ୍ତେ ବ୍ୟାକୁଳ ଅଟନ୍ତି । ଏହା ଦେଖି ସେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସେହି ଲୋକମାନଙ୍କର ମନରେ ଅନେକ ପ୍ରଶ୍ନ ରହିଥିଲା ।

ଏହି ପୁସ୍ତକରେ ପ୍ରଦତ୍ତ ଉତ୍ତରଗୁଡ଼ିକ କ'ଣ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ନିର୍ଭରଯୋଗ୍ୟ ଉତ୍ତର ଅଟେ ? ରିଚାର୍ଡ ବର୍ଣ୍ଣେଟ୍ ଦୃଢ଼ ରୂପେ ପ୍ରତିପାଦିତ କରନ୍ତି ଯେ, ସ୍ୱୟଂ ଈଶ୍ୱର ଏହି ଉତ୍ତରଗୁଡ଼ିକ ପ୍ରଦାନ କରିଛନ୍ତି । ସେଥିନିମନ୍ତେ ସେ ଏହି ପୁସ୍ତକର ନାମକରଣ କରିଛନ୍ତି, ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ ।

"ମୁଁ ଯେଉଁ ପୁସ୍ତକ ନିମନ୍ତେ ଦୀର୍ଘ ୨୦ ବର୍ଷ ବ୍ୟାପି ପ୍ରାର୍ଥନା, କରୁଥିଲି, ତାହା ଏହା ହିଁ ଅଟେ"

– ଜର୍ଜ ଭର୍‌ୱେର୍

*ପ୍ରତିଷ୍ଠାତା, ନିର୍ଦ୍ଦେଶକ : ଅପରେସନ ମୋବିଲାଇଜେସନ*

Authentic



ISBN : 978-81-7362-866-5

Your Quest for God *(Oriya)*

www.ccim-media.com

ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ

ରିଚାର୍ଡ଼ ଏ. ବେନେଟ୍

# ଈଶ୍ୱରଙ୍କ ନିମନ୍ତେ ଆପଣଙ୍କର ଅନ୍ୱେଷଣ



ରିଚାର୍ଡ଼. ଏ.ବେନେଟ୍